# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୭/୨୦୨୧ (୧୨ ପୃଷ୍ଠା) | Sambalpur, Friday, September 17/2021 | ★★

୧୭ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରାଗିଗଲେ ମଲ୍ଲିକା ଶେରାୱତ୍**

‘ରୋଜି ଦ ସାଫର୍ନ ଚାପ୍ଟର’ରେ ବଲିଉଡ୍ ଅଭିନେତ୍ରୀ ମଲ୍ଲିକା ଶେରାୱତ୍ ନଜର ଆସିବା ଖବର ପ୍ରକାଶକୁ ନେଇ ସେ ରାଗିଯାଇଛନ୍ତି।

୧୦

୧୨


**ଅନୁପମାଙ୍କୁ ରୌପ୍ୟ**

ଆବୁଧାବିରେ ଚାଲିଥିବା ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାର ମହିଳା ୫୨ କେଜି ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ଅନୁପମା ସ୍ୱାଇଁ ।



## ଟି୨୦ ଅଧିନାୟକ ପଦ ଛାଡ଼ିବେ କୋହଲି

ଦୁବାଇ, ୧୬।୯: ଭାରତର ଅନ୍ୟତମ ସଫଳ କ୍ରିକେଟର ବିରାଟ କୋହଲି ଟି୨୦ ଅଧିନାୟକ ପଦ ଛାଡ଼ିବେ। ୟୁନାଇଟେଡ ଆରବ ଏମିରେଟ୍ସରେ ଅକ୍ଟୋବରରେ ହେବାକୁଥିବା ଟି୨୦ ବିଶ୍ୱକପ ପରେ ସେ ଏହି ଫର୍ମାଟରେ ଆଉ ଦଳର ନେତୃତ୍ୱ ନେବେନାହିଁ। ସମ୍ପ୍ରତି ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଖେଳିବାକୁ ପ୍ରସ୍ତୁତ ହେଉଥିବା କୋହଲି ନିଜେ ଗୁରୁବାର ଏହି ଘୋଷଣା କରିଛନ୍ତି। ତେବେ ସେ ଟେଷ୍ଟ ଓ ଏକଦିବସୀୟ କ୍ରିକେଟରେ ଦଳର ନେତୃତ୍ୱ ନେବା ବଜାୟ ରଖିବେ। କାର୍ଯ୍ୟଭାର ବୃଦ୍ଧି ଏବଂ ଅନ୍ୟ କେତେକ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସେ ଏପରି ନିଷ୍ପତ୍ତି ନେଇଥିବା କୋହଲି ତାଙ୍କ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି।






‘ଇନ୍ସିରେଶନ-୪’ର କ୍ରିଉ ମେମ୍ବର ବାମରୁ କ୍ରିସ୍ ସେମ୍ବ୍ରୋସ୍କି, ସିଆନ ପ୍ରୋକ୍ଟର, ଜାରେଡ୍ ଆଇଜାକ୍‌ମ୍ୟାନ ଏବଂ ହାଲେ ଆର୍କେନ୍ୟୁଅକ୍ସ ମହାକାଶରେ ଶୂନ ମାଧ୍ୟାକର୍ଷଣ ଶକ୍ତିର ଅନୁଭୂତି ନେଉଛନ୍ତି।

# ମହାକାଶ ଗଲେ ୪ ସାଧାରଣ ନାଗରିକ

## ଇତିହାସ ରଚିଲା ସ୍ପେସ୍‌ଏକ୍ସ

ୱାଶିଂଟନ୍, ୧୬।୯

**ସ୍ପେସ୍ ଟୁରିଜମ୍**

- ମିଶନ ଇନ୍‌ସ୍ପିରେଶନ-୪
- ୫୭୫ କି.ମି. ଉପରେ ଘୂରିବେ
- ୩ ଦିନ ରହି ପୃଥିବୀକୁ ଫେରିବେ

ସ୍ପେସ୍ ଟୁରିଜମ୍ ବା ମହାକାଶ ପର୍ଯ୍ୟଟନ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ଆମେରିକାର ବିଶିଷ୍ଟ ବ୍ୟବସାୟୀ ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ। ବୁଧବାର ପ୍ରଥମ ଥର ପାଇଁ କୌଣସି ବୃତ୍ତିଗତ ମହାକାଶଚାରୀଙ୍କ ବଦଳରେ ୪ ସାଧାରଣ ନାଗରିକ ବା ଅଲ୍-ସିଭିଲିଆନ୍ କ୍ରିଉଙ୍କୁ ସ୍ପେସ୍‌ଏକ୍ସ ମହାକାଶ ଯାତ୍ରା ନିମନ୍ତେ ପୃଥିବୀ କକ୍ଷକୁ ପଠାଇଛି। ଇନସ୍ପିରେଶନ-୪ ନାମରେ ନାମିତ ହୋଇଥିବା ଏହି ମିଶନରେ ସ୍ପେସ୍ ପର୍ଯ୍ୟଟକଙ୍କ ମଧ୍ୟରେ ଜଣେ ଇ-କମର୍ସ ଏକ୍‌ଜିକ୍ୟୁଟିଭ୍ ବିଲିଅନେୟର ରହିଥିବାବେଳେ ଅନ୍ୟ ୩ ଜଣ ହେଉଛନ୍ତି ସାଧାରଣ ନାଗରିକ।

ସ୍ଥାନୀୟ ସମୟ ବୁଧବାର ରାତି ୮ଟା ୦୨ରେ ସ୍ପେସ୍‌ଏକ୍ସର ଫାଲ୍‌କନ୍-୯ ରକେଟ୍ ୪ ମହାକାଶ ଯାତ୍ରୀଙ୍କୁ ନେଇ ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ପ୍ରଥମ ମିଶନରେ ବାହାରିଥିଲା। ଆମେରିକୀୟ ବିଲିଅନେୟର ଜାରେଡ୍ ଆଇଜାକ୍‌ମ୍ୟାନ(୩୮)ଙ୍କ ସହ ଏହି ଯାତ୍ରାରେ ସାମିଲ ହୋଇଥିବା ଅନ୍ୟମାନେ ହେଲେ ସିଆନ୍ ପ୍ରୋକ୍ଟର (୫୧), ହାଲେ ଆର୍କେନ୍ୟୁଅକ୍ସ (୨୯) ଏବଂ କ୍ରିସ୍ ସେମ୍ବ୍ରୋସ୍କି (୪୨)। ୪ ସିଟ୍‌ର ମୂଲ୍ୟ ୨୦୦ ମିଲିୟନ ଡଲାର ଥିବା ନେଇ ଟାଇମ୍ ମାଗାଜିନ୍‌ରେ ପ୍ରକାଶ ପାଇଥିଲା। ଏହି ଯାତ୍ରାକୁ ଶିଫ୍ଟ-୪ ପେମେଣ୍ଟ ଇଙ୍କ୍ କମ୍ପାନୀ ଚିଫ୍ ଏକଜିକ୍ୟୁଟିଭ ଆଇଜାକ୍‌ମ୍ୟାନ ଫଣ୍ଡିଂ କରିଛନ୍ତି। ତେବେ ଆଇଜାକ୍‌ମ୍ୟାନ୍ ମୋଟ କେତେ ଅର୍ଥ ଦେଇଛନ୍ତି ☞ପୃଷ୍ଠା-୪


USHA TRAVELS
www.flyusha.in
For Cheapest Flight Tickets
CALL US! 1800 890 3566
OFFICE:
102, BHARATI TOWER
FOREST PARK,
BHUBANESWAR - 751-009
Tel.: 0674-2595523, Mob.: 9937438896
NEAR BHUBANESWAR AIRPORT
T&C Apply


# ଚାଇନାକୁ ଘେରିବା ପାଇଁ ‘ଅକସ୍’

## ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆର ମିଳିତ ରଣନୀତି

ସେପ୍ଟେମ୍ବର ୧୦ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଫୋନ୍‌ରେ ଆଫଗାନିସ୍ତାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ୭ ମାସ ପରେ କଥାବାର୍ତ୍ତା। ଦୁଇ ଦେଶ ପରସ୍ପର ସହ ଆଲୋଚନା ଜାରି ରଖିବା ଉଚିତ ବୋଲି ବାଇଡେନ୍ ସେତେବେଳେ କହିଥିଲେ। ଆମେରିକା ରାଷ୍ଟ୍ରପତିଙ୍କ ଏହି ପଦକ୍ଷେପକୁ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ବିଗୁଡ଼ୁଥିବା ସମ୍ପର୍କକୁ ଟ୍ରାକ୍‌କୁ ଆଣିବା ପାଇଁ ଉଦ୍ୟମ ବୋଲି ବିବେଚନା କରାଯାଇଥିଲା। ଏହି ଆଲୋଚନାର ସପ୍ତାହେ ନ ପୂରୁଣୁ ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକ ତ୍ରିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ହୋଇଛି। ଉକ୍ତ ରାଜିନାମା ଅନୁସାରେ ରୟାଲ ଅଷ୍ଟ୍ରେଲିଆ ନୌସେନା ପାଇଁ ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜ ନିର୍ମାଣ କରାଯିବ। ତେବେ ଭାରତ-ପ୍ରଶାନ୍ତ ମହାସାଗରରେ ଚାଇନାର ବଢ଼ୁଥିବା ବଳ ଓ ସାମରିକ ଉପସ୍ଥିତିକୁ ନେଇ ଆମେରିକା ଚିନ୍ତିତ ଥିବାରୁ ବ୍ରିଟେନ ଓ ଅଷ୍ଟ୍ରେଲିଆ ସହ ହାତ ମିଳାଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।



ୱାଶିଂଟନ/ଲଣ୍ଡନ, ୧୬।୯

ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ମିଳିତ ଭାବେ ଏକ ତ୍ରିପାକ୍ଷିକ ସୁରକ୍ଷା ମେଣ୍ଟ ଗଠନ କରିଛନ୍ତି। ଏକବିଂଶ ଶତାବ୍ଦୀରେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନର ମୁକାବିଲା କରିବା, ପ୍ରତିରକ୍ଷା ସାମର୍ଥ୍ୟ ସହଯୋଗିତା ବୃଦ୍ଧି ଏବଂ ଅଷ୍ଟ୍ରେଲିଆକୁ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ଦେବା ପାଇଁ ଏହା ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ତେବେ ଏହି ସାମରିକ ମେଣ୍ଟ ଗଠନ ପଛର ଅସଲ ଉଦ୍ଦେଶ୍ୟ ହେଉଛି ସମ୍ପୃକ୍ତ ଅଞ୍ଚଳରେ ଶକ୍ତିଶାଳୀ ଚାଇନାର କ୍ରମବର୍ଦ୍ଧିଷ୍ଣୁ ବଳକୁ ଚେକ୍ ଦେବା। ଏହା ଉପରେ ଚାଇନାର ପ୍ରତିକ୍ରିୟା ମଧ୍ୟ ଆସିଛି। ୱାଶିଂଟନରେ ଚାଇନା ଦୂତାବାସର ମୁଖପାତ୍ର କହିଛନ୍ତି, ତୃତୀୟ ପକ୍ଷଙ୍କ ହିତକୁ ☞ପୃଷ୍ଠା-୪

### ଚାଇନା କହିଲା ‘ଦାୟିତ୍ୱହୀନ’

ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆ ଦ୍ୱାରା ନବଗଠିତ ‘ଅକସ୍’ ମେଣ୍ଟକୁ ନେଇ ଚାଇନା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବେଜିଂରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଏହି ମେଣ୍ଟକୁ ଅତ୍ୟନ୍ତ ଦାୟିତ୍ୱହୀନ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏହି ମେଣ୍ଟ କ୍ଷେତ୍ରୀୟ ନିରାପତ୍ତା ପାଇଁ ବିପଜ୍ଜନକ। ଏହି ୩ ଦେଶ ଆଞ୍ଚଳିକ ସୁରକ୍ଷା ଓ ଶାନ୍ତିକୁ ନଷ୍ଟ କରୁଛନ୍ତି। ଏମାନେ ଅସ୍ତ୍ରଶସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରି ଅନ୍ତର୍ଜାତୀୟ ଅଣୁଅପ୍ରସାର ଉଦ୍ୟମକୁ ଭଣ୍ଡୁର କରୁଛନ୍ତି ବୋଲି ଲିଜିଆନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ପଛପଟୁ ଛୁରାମାଡ଼: ଫ୍ରାନ୍ସ

**୫୦ ବିଲିୟନ୍ ଡଲାର ଚୁକ୍ତି ବାତିଲ କଲା ଅଷ୍ଟ୍ରେଲିଆ**

ଆମେରିକା ସହ ଅଷ୍ଟ୍ରେଲିଆର ଏହି ଚୁକ୍ତି ଯୋଗୁ କେବଳ ଚାଇନା ନୁହେଁ, ଫ୍ରାନ୍ସ ମଧ୍ୟ ପ୍ରଭାବିତ ହୋଇଛି। ୨୦୧୬ରେ ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ମଧ୍ୟରେ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଚୁକ୍ତି ଅନୁସାରେ ଅଷ୍ଟ୍ରେଲିଆ ନୌସେନା ପାଇଁ ୧୨ଟି ବୁଡ଼ାଜାହାଜ ନିର୍ମାଣ ଲାଗି ଫ୍ରାନ୍ସକୁ କଣ୍ଟ୍ରାକ୍ଟ ମିଳିଥିଲା। ଏହା ପ୍ରାୟ ୫୦ ବିଲିୟନ ଅଷ୍ଟ୍ରେଲୀୟ ଡଲାରର ଡିଲ୍ ଥିଲା। ଅଷ୍ଟ୍ରେଲିଆ ଇତିହାସରେ ଏହା ଅଦ୍ୟାବଧି ସବୁଠୁ ବଡ଼ ପ୍ରତିରକ୍ଷା ଚୁକ୍ତି ଥିଲା। ସଦ୍ୟ ରାଜିନାମା ପରେ ଫ୍ରାନ୍ସ ସହ ହୋଇଥିବା ଡିଲ୍‌କୁ ଅଷ୍ଟ୍ରେଲିଆ ବାତିଲ କରିଦେଇଛି। ଅଷ୍ଟ୍ରେଲିଆର ଏହି ନିଷ୍ପତ୍ତି ଫ୍ରାନ୍ସକୁ ଚକିତ କରିଦେଇଛି। ଏନେଇ ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ୟଭେସ୍ ଲେ ଡ୍ରିଆନ୍ ଗୁରୁବାର କହିଛନ୍ତି, ଆମେ ଅଷ୍ଟ୍ରେଲିଆକୁ ବିଶ୍ୱାସକୁ ନେଇ ଏହି ଡିଲ୍ କରିଥିଲୁ। ଅଷ୍ଟ୍ରେଲିଆ ଏକତରଫା ଭାବେ ଆମ ସହ ସମ୍ପର୍କ ଛିନ୍ନ କରି ବିଶ୍ୱାସଘାତ କରିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ ଆମ ସହ କରିଥିବା ବ୍ୟବହାରକୁ ଏହା ମନେପକାଇଦେଇଛି।

## ବର୍ଷା ବିପ୍ରାତ: ୯ ମୃତ

- ହୀରାକୁଦର ୨୮ ଗେଟ୍ ଖୋଲା
- ଶନିବାର ମୁଣ୍ଡଳୀରେ ୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ
- ମହାନଦୀରେ ଛୋଟ ଧରଣର ବନ୍ୟା ଆଶଙ୍କା: ଏସ୍‌ଆର୍‌ସି

ଭୁବନେଶ୍ୱର, ୧୬।୯(ବ୍ୟୁରୋ): ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମ୍‌ର ୨୮ଟି ଗେଟ୍ ଖୋଲାଯାଇଥିବାରୁ ଜଳ ନିଷ୍କାସନ ପ୍ରବାହ ଅଧିକ ରହିଛି। ତେଣୁ ମହାନଦୀ ସଂଲଗ୍ନ ତଳିଆ ଅଞ୍ଚଳଗୁଡ଼ିକରେ ଛୋଟ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ ଜେନା କହିଛନ୍ତି। ସମ୍ଭାବ୍ୟ ବନ୍ୟା ସମ୍ପର୍କରେ ସୂଚନା ଦେଇ ଏସ୍‌ଆରସି କହିଛନ୍ତି ଯେ,ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଉଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୨୦ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪ ଲକ୍ଷ ୮୦ ହଜାର କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ହୀରାକୁଦରୁ ଆସୁଥିବା ଜଳ ଶନିବାର ସକାଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗୃହଯୁଦ୍ଧରେ ଶିକ୍ଷାର ଭବିଷ୍ୟତ

## ବାଲେଶ୍ୱରରେ ଏନ୍‌ଆଇଏ ଟିମ୍

*ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ୪ଅଭିଯୁକ୍ତ ଡିଆର୍‌ଡିଓରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାବେଳେ ଗୁରୁବାର ଗିରଫ ହୋଇଥିବା ୫ମ ଅଭିଯୁକ୍ତ ସଚିନ କୁମାର ଛତ୍ରା ପେସାରେ ଡ୍ରାଇଭର। ସେ ଡିଆର୍‌ଡିଓର ଜଣେ ସ୍ଥାୟୀ କର୍ମଚାରୀ। କ୍ରାଇମ୍‌ବ୍ରାଞ୍ଚର ଏକ ୪ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଏହି ଘଟଣା ଜାତୀୟ ସୁରକ୍ଷା ସମ୍ବନ୍ଧିତ ହୋଇଥିବାରୁ ଏହାର ତଦନ୍ତ ନିମନ୍ତେ ଅପରାହ୍ନରେ କୋଲକାତାରୁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)ର ୨ଜଣ ଅଧିକାରୀ ପହଞ୍ଚି ଏସ୍‌ପିଙ୍କ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ଆଲୋଚନା କରିଛନ୍ତି।*

ବାଲେଶ୍ୱର ଅଫିସ୍, ୧୬।୯

**ଡ୍ରାଇଭର ଗିରଫ**

**ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣା**

- କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଆରମ୍ଭ
- ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଆସୁଥିଲା ବିଦେଶୀ ଟଙ୍କା

ଡିଆର୍‌ଡିଓ ତଥ୍ୟ ଲିକ୍ ଘଟଣାରେ ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆସିବାରେ ଲାଗିଛି। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୪ ଅଭିଯୁକ୍ତ ଜଣେ ପାକିସ୍ତାନୀ ଯୁବତୀଙ୍କ ସହ ସମ୍ପର୍କ ରଖିବା ସହ ତାଙ୍କୁ ଗୁପ୍ତ ତଥ୍ୟ ପ୍ରଦାନ କରୁଥିଲେ। ଏପରି କି ଏଥିପାଇଁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ବହୁ ଟଙ୍କା ଆସିଥିବା ଜଣାପଡ଼ିଛି। ଏହି ଘଟଣା ଜାତୀୟ ସୁରକ୍ଷା ସମ୍ବନ୍ଧିତ ହୋଇଥିବାରୁ ଗୁରୁବାର ଅପରାହ୍ନରେ କୋଲ୍‌କାତାସ୍ଥିତ ଏନ୍‌ଆଇଏର ୨ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ଏନ୍‌ଆଇଏର ୨ ଅଧିକାରୀ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ଡିଆର୍‌ଡିଓରେ ଠିକା କର୍ମଚାରୀଭାବେ କାର୍ଯ୍ୟକରୁଥିବା ୪ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇ ଜେଲ ପଠାଯାଇଥିବାବେଳେ ଗୁରୁବାର ଡ୍ରାଇଭର ସଚିନ୍‌ଙ୍କୁ ଗିରଫ କରାଯାଇଛି। ସଚିନ୍‌ଙ୍କ ଘର ଉତ୍ତରପ୍ରଦେଶରେ ହୋଇଥିବାବେଳେ ସେ ଗତ ବର୍ଷ ଡିଆର୍‌ଡିଓରେ ଭେହିକିଲ୍ ଅପରେଟର ଭାବେ ସ୍ଥାୟୀ ନିଯୁକ୍ତି ପାଇଥିଲେ। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଯେଉଁ ସବୁ ଦଫା ଲାଗିଥିଲା ସମାନ ଅଭିଯୋଗରେ ସଚିନ୍‌ଙ୍କୁ ଗିରଫ କରାଯିବା ପରେ ☞ପୃଷ୍ଠା-୪

# ଭିତରକନିକା ଲୋଗୋରୁ ‘ଓଲି’ ବାଦ୍

କେନ୍ଦ୍ରାପଡ଼ା ଅଫିସ, ୧୬।୯




BHITARKANIKA ODISHA

- ଡିଏଫ୍‌ଓଙ୍କ ନୂଆ ଲୋଗୋକୁ ନେଇ ବିବାଦ
- ଅସନ୍ତୋଷ ପ୍ରକାଶ କଲେ ପରିବେଶବିତ୍
- ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ

ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନସ୍ଥଳ ପାଇଁ ଜାତୀୟ ଉଦ୍ୟାନ ଭିତରକନିକାର ଗହୀରମଥା ବିଶ୍ୱ ପ୍ରସିଦ୍ଧ। ଅଜଣା ସ୍ଥାନରୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ଲକ୍ଷାଧିକ ଅଲିଭ ରିଡଲେ ଆସନ୍ତି। ଏହି କଇଁଛଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ କ୍ରୀଡ଼ାର ମାସ୍କଟ ଭାବେ ‘ଓଲି’କୁ ବ୍ୟବହାର କରି ଜନସଚେତନତା ସୃଷ୍ଟି କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଇଁଛର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ ଖେଳରେ ଓଲିର ବ୍ୟବହାରକୁ ଗୁରୁତ୍ୱ ଦେଇଆସିଛନ୍ତି। ହେଲେ ଭିତରକନିକା ଜାତୀୟ ଉଦ୍ୟାନ ନୂଆ ଲୋଗୋରେ ଓଲିକୁ ବାଦ୍ ଦିଆଯାଇଛି। ଡିଏଫ୍‌ଓଙ୍କ ଟୁଇଟ୍‌ରେ ଆସିଥିବା ଏହି ଲୋଗୋକୁ ନେଇ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଭିତରକନିକା ଇକୋ ସେନ୍ସିଟିଭ ଜୋନ୍ ମନିଟରିଂ କମିଟିର ସଦସ୍ୟ ଶ୍ରୀକାନ୍ତ ନାୟକ କହିଛନ୍ତି, ଭିତରକନିକା ବନାଞ୍ଚଳକୁ ୧୯୯୮ ସେପ୍ଟେମ୍ବର ୧୬ରେ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଥିଲା। ଗୁରୁବାର ଏହି ମାନ୍ୟତାକୁ ୨୩ ବର୍ଷ ☞ପୃଷ୍ଠା-୪



**ଚାଇନାରେ ଭୂକମ୍ପ: ୩ ମୃତ**

ଚାଇନାର ସିଚୁଆନ୍ ପ୍ରଦେଶରେ ଗୁରୁବାର ଭୋର ସମୟରେ ମଧ୍ୟମ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଚୋଙ୍ଗକିଙ୍ଗ ସହରଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୧୨୦ କିଲୋମିଟର ଦୂର ଓ ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ। ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ଭୂକମ୍ପର ତୀବ୍ରତା ୫.୪ ଥିବାବେଳେ ଚାଇନା ଆର୍ଥକ୍ୱେକ୍ ନେଟ୍ୱର୍କସ ସେଣ୍ଟର ଆକଳନରେ ଏହା ୬.୦ ବୋଲି କୁହାଯାଉଛି।

## ସଂକ୍ଷେପରେ

### ତୈଳ ବିଶୋଧନାଗାରରେ ବିସ୍ଫୋରଣ: ୧୯ ଆହତ

**ପାଟନା, ୧୬।୯(ଆଇଏଏନ୍ଏସ୍):** ବିହାର ବେଗୁସରାଇ ଜିଲା ଅନ୍ତର୍ଗତ ବାରାଉଣୀ ତୈଳ ବିଶୋଧନାଗାରରେ ଗୁରୁବାର ବିସ୍ଫୋରଣ ଘଟି ୧୯ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣେ ଅଧିକାରୀ କହିଛନ୍ତି। ଆହତମାନଙ୍କୁ ବାରାଉଣୀ ବିଶୋଧନାଗାର ହସ୍ପିଟାଲ ଏବଂ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିଫାଇନେରିର ଗୋଟିଏ ସେକ୍ସନ ମାସେ ହେଲା ବନ୍ଦ ଥିଲା। ମଙ୍ଗଳବାର ତାହା କାର୍ଯ୍ୟକ୍ଷମ ହୋଇ ଦୁଇଦିନ ଠିକ୍‌ଠାକ୍ ଚାଲିବା ପରେ ଗୁରୁବାର ବିସ୍ଫୋରଣ ଘଟିଥିଲା।

### ହର୍ଷ ମନ୍ଦରଙ୍କ ଘରେ ଇଡି ଚଢ଼ାଉ

**ବିଭିନ୍ନ ମହଲରେ ନିନ୍ଦା**



**ନୂଆଦିଲ୍ଲୀ, ୧୬।୯:** ଏକ ମନି ଲଣ୍ଡରିଂ ତଦନ୍ତ ସହ ସମ୍ପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ମାନବାଧିକାର କର୍ମୀ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ହର୍ଷ ମନ୍ଦରଙ୍କ ଘରେ ଚଢ଼ାଉ କରିଛି। ମନ୍ଦରଙ୍କ ବାସଭବନ, ଦକ୍ଷିଣ ଦିଲ୍ଲୀରେ ଥିବା ୩ଟି ଏନ୍‌ଜିଓ କାର୍ଯ୍ୟାଳୟ ଉପରେ ଏକସଙ୍ଗେ ଚଢ଼ାଉ କରାଯାଇଛି। ସେ ସମ୍ପୃକ୍ତ ଥିବା ଦୁଇଟି ଏନ୍‌ଜିଓର ଅର୍ଥ କାରବାର ଓ ବ୍ୟାଙ୍କ କାଗଜପତ୍ର ନେଇ ଇଡି ଟିମ୍ ଖୋଲତାଡ଼ କରିଥିଲା। ଚଢ଼ାଉର କିଛି ସମୟ ପୂର୍ବରୁ ଗୁରୁବାର ସକାଳେ ମନ୍ଦର ଓ ତାଙ୍କ ସ୍ତ୍ରୀ ଜର୍ମାନୀ ପଳାଇଛନ୍ତି। ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଫେବୃୟାରୀ ମାସର ଏତଲା ଆଧାରରେ ଦୁଇଟି ଏନ୍‌ଜିଓ ଚଳାଉଥିବା ସେଣ୍ଟର ଫର୍ ଇକ୍ୟୁଟି ଷ୍ଟଡିଜ୍ (ସିଏସ୍‌ଇ) ବିରୋଧରେ ଇଡି ମାମଲା ରୁଜୁ କରିଥିଲା। ମନ୍ଦର ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ଅଛନ୍ତି। ତେବେ ଇଡି ଚଢ଼ାଉକୁ ଅନେକ କର୍ମୀ ଓ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ସମାଲୋଚକମାନଙ୍କ ମୁହଁ ବନ୍ଦ କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି ସେମାନେ କହିଛନ୍ତି। ସାମାଜିକ କର୍ମୀ ଅରୁଣା ରାୟ, ପୂର୍ବତନ ଯୋଜନା କମିଶନ ସଦସ୍ୟ ସୟେଦ ହମିଦ୍ ପ୍ରମୁଖ ୨୯ ଜଣଙ୍କ ସ୍ୱାକ୍ଷରରେ ମିଳିତ ବିବୃତି ପ୍ରକାଶ ପାଇଛି।

### ୨୦ ଯାଏ ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ରହିବେ ଜଷ୍ଟିସ୍ ଚିମା

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)ର ଅଧ୍ୟକ୍ଷ ଥିବା ଜଷ୍ଟିସ୍ ଅଶୋକ ଇକ୍‌ବାଲ ସିଂ ଚିମାଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅବସର ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ



ଗୁରୁବାର କେନ୍ଦ୍ର ସରକାର ଭୁଲ୍ ସ୍ୱୀକାର କରିବା ସହ ଜଷ୍ଟିସ୍ ଚିମାଙ୍କୁ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ପଦବୀରେ ରହିବା ଲାଗି ଅନୁମତି ଦେଇଛନ୍ତି। ନୂଆ ଟ୍ରିବ୍ୟୁନାଲ ଆଇନକୁ ସ୍ଥଗିତ ରଖାଯିବ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଚେତାବନୀ ଦେବା ପରେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଜଷ୍ଟିସ୍ ଚିମାଙ୍କ ଅବସର ଗ୍ରହଣ ସମୟସୀମା ସେପ୍ଟେମ୍ବର ୨୦ ଥିବାବେଳେ ୧୧ ତାରିଖରେ ତାଙ୍କୁ ଅବସର ଦିଆଯାଇ ଜଷ୍ଟିସ୍ ଏମ୍. ବେଣୁଗୋପାଳଙ୍କୁ ଟ୍ରିବ୍ୟୁନାଲ ମୁଖ୍ୟ ନିଯୁକ୍ତ କରାଯାଇଥିଲା। ଏହା ବିରୋଧରେ ଜଷ୍ଟିସ୍ ଚିମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଦିଲ୍ଲୀ ଦଙ୍ଗା: ୫ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ଗତବର୍ଷ ଦିଲ୍ଲୀ ଦଙ୍ଗା ବେଳେ ରାମଲୀଳା ମଇଦାନରେ ଜଣେ ଲୋକଙ୍କୁ ଜାଳିଦେବା ଘଟଣାରେ ୫ ଅଭିଯୁକ୍ତଙ୍କ ବିରୋଧରେ ଦିଲ୍ଲୀର ଏକ ଅଦାଲତ ଗୁରୁବାର ଚାର୍ଜଫ୍ରେମ୍ କରିଛି। ମହମ୍ମଦ ଅନୱାର ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଅଭିଯୁକ୍ତମାନେ ତାଙ୍କୁ ଗୁଳି କରିବା ପରେ ଜାଳିଦେଇଥିଲେ। ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତ ଲଖପତ୍ ରାଜୋରା, ଯୋଗେଶ, ଲଳିତ ଓ କୁଲଦୀପ ନାମଧାରୀ ଦୁଇଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଯଥେଷ୍ଟ ପ୍ରମାଣ ରହିଥିବା ଅତିରିକ୍ତ ସେସନ୍ସ ଜଜ୍ କହିଛନ୍ତି।



ଆମେରିକାର ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ମିଶନରେ ବାହାରିଛି ସ୍ପେସ୍‌ଏକ୍ସ ମହାକାଶ ଯାନ।

## ଇନ୍‌ସ୍ପିରେଶନ-୪ର ଯାତ୍ରୀ

**ୱାଶିଂଟନ୍, ୧୬।୯**

ସ୍ପେସ୍‌ଏକ୍ସ ଇନ୍‌ସ୍ପିରେଶନ-୪ ମିଶନରେ ମହାକାଶକୁ ଯାତ୍ରା କରିଥିବା ୪ ଜଣଙ୍କ ମଧ୍ୟରୁ ଜାରେଡ୍ ଆଇଜାକ୍‌ମ୍ୟାନ କମାଣ୍ଡର ଦାୟିତ୍ୱରେ ଅଛନ୍ତି। ଆମେରିକାର ଏହି ଅରବପତି ବିଜ୍‌ନେସ୍‌ମ୍ୟାନ ମାତ୍ର ୨୦ ବର୍ଷ ବୟସରେ ବ୍ଲାକ୍ ଡାଇମଣ୍ଡ ଜେଟ୍ ଟିମ୍ ସହ ଏୟାରଶୋ'ରେ ଭାଗ ନେଇଥିଲେ। ୨୦୦୮ରେ ଏକ ଲାଇଟ୍ ଜେଟ୍ ଦ୍ୱାରା ମାତ୍ର ୮୩ ଘଣ୍ଟାରେ ବିଶ୍ୱ ଭ୍ରମଣ କରିଥିଲେ। ୨୦୨୧ ଫେବୃୟାରୀରେ ସେ ସ୍ପେସ୍‌ଏକ୍ସର ଇନ୍‌ସ୍ପିରେଶନ-୪ ଫ୍ଲାଇଟ୍‌ର କମାଣ୍ଡର ରହିବା ନେଇ ଘୋଷଣା କରିଥିଲେ। ଏପରି କି ଏହି ମିଶନ ପାଇଁ ଆଇଜାକମ୍ୟାନ ଫଣ୍ଡିଂ କରିଛନ୍ତି।

ମିଶନ ପାଇଲଟ ସିଆନ୍ ପ୍ରୋକ୍ଟର ଜଣେ ଭୂବିଜ୍ଞାନୀ ପ୍ରଫେସର। ବିଜ୍ଞାନ ପାଠ୍ୟକ୍ରମରେ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ଆରିଜୋନା ସିଭିଲ ଏୟାର ପାଟ୍ରୋଲ ମେଜର ରହିଥିବା ପ୍ରୋକ୍ଟର ୨୦୦୯ରେ ନାସା ପକ୍ଷରୁ ଆୟୋଜିତ 'ଆଷ୍ଟ୍ରୋନଟ୍ କ୍ୟାଣ୍ଡିଡେଟ୍ ପ୍ରୋଗ୍ରାମ୍'ର ଶ୍ରେଷ୍ଠ ପାଇଲଟ୍ ହୋଇଥିଲେ। ଏବେ ମହାକାଶକୁ ଯିବାରେ ପ୍ରୋକ୍ଟର ହେଉଛନ୍ତି ଚତୁର୍ଥ ଆଫ୍ରିକୀୟ-ଆମେରିକୀୟ ମହିଳା।

ପିଲାବେଳୁ ବୋନ୍ କ୍ୟାନ୍‌ସରରେ ପୀଡ଼ିତ ହୋଇ ସୁସ୍ଥ ହୋଇଥିବା ହାଲେ ଆର୍ସେନୋଅକ୍ସ ମହାକାଶକୁ ଯିବାରେ ସର୍ବକନିଷ୍ଠ ଆମେରିକୀୟ। କ୍ୟାନ୍‌ସର ଯୋଗୁ ସେ ମାତ୍ର ୧୦ ବର୍ଷ ବୟସରେ ତାଙ୍କ ବାମ ଜଙ୍ଘ ଏବଂ ଆଣ୍ଠୁ ହରାଇଛନ୍ତି। କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସହାୟତାରେ ସ୍ପେସ୍ ଯିବାରେ ସେ ହେଉଛନ୍ତି ପ୍ରଥମ।

ୱାଶିଂଟନ୍‌ସ୍ଥିତ ଏରୋସ୍ପେସ୍ ଜିଆଣ୍ଟ ଲକ୍‌ହିଡ୍ ମାର୍ଟିନ କର୍ପରେ ଡାଟା ଇଞ୍ଜିନିୟର ଥିବା କ୍ରିସ୍ ସେମ୍ବ୍ରୋସ୍କି କଲେଜରେ ପଢୁଥିବାବେଳେ ଶକ୍ତିଶାଳୀ ରକେଟ ମଡେଲ ଲଞ୍ଚ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଆମେରିକା ବାୟୁସେନାରେ ଜଣେ ଇଲେକ୍ଟ୍ରୋ-ମେକାନିକାଲ ଟେକ୍ନିସିଆନ ଭାବେ କାମ କରିଛନ୍ତି। ଇରାକ୍ ସହ ଯୁଦ୍ଧବେଳେ ମଧ୍ୟ ସେ ସେନାରେ ନିୟୋଜିତ ହୋଇଥିଲେ। ସମସ୍ତ ମହାକାଶଚାରୀ ସ୍ପେସ୍‌କୁ ଯିବା ପୂର୍ବରୁ ୫ ମାସ ଟ୍ରେନିଂ ନେଇଥିଲେ।

## ଆଇଟି ଧାରା ଉପରେ ସ୍ଥଗିତାଦେଶ

**କେନ୍ଦ୍ରକୁ ହାଇକୋର୍ଟ ଝଟ୍‌କା**

**ଚେନ୍ନାଇ, ୧୬।୯**

କେନ୍ଦ୍ର ସରକାରଙ୍କ ନୂଆ ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀର କେତେକ ଉପଧାରାର କାର୍ଯ୍ୟକାରିତା ଉପରେ ମାଡ୍ରାସ ହାଇକୋର୍ଟ ଗୁରୁବାର ସ୍ଥଗିତାଦେଶ ଜାରି କରିଛନ୍ତି। ଗତ ମାସରେ ବମ୍ବେ ହାଇକୋର୍ଟ ଅନୁରୂପ ରାୟ ଦେଇଥିଲେ। ନିୟମ ୯ର ଉପଧାରା ୧ ଏବଂ ୩ ଉପରେ ମାଡ୍ରାସ ହାଇକୋର୍ଟ ସ୍ଥଗିତାଦେଶ ଲଗାଇଛନ୍ତି। କୋଡ୍ ଅଫ୍ ଏଥିକ୍ସ ଅନୁପାଳନ ଲାଗି ଗତ ଫେବୃୟାରୀରେ ମୂଳ ଆଇଟି ନିୟମାବଳୀରେ ଉକ୍ତ ଉପଧାରା ଯୋଡ଼ାଯାଇଥିଲା। ନୂଆ ନିୟମାବଳୀର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସଙ୍ଗୀତକାର ଟି.ଏମ୍. କ୍ରିଷ୍ଣନ ଏବଂ ଡିଜିଟାଲ ନ୍ୟୁଜ୍ ପବ୍ଲିସର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଏବଂ ଜଷ୍ଟିସ୍ ପି.ଡି.ଅଡିକେସାଭଲୁଙ୍କ ଖଣ୍ଡପୀଠ



ଉପରୋକ୍ତ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଲାଗି ସରକାର କରୁଥିବା ବ୍ୟବସ୍ଥା ଉଭୟ ଛାପା ଏବଂ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ସ୍ୱାଧୀନତା ଓ ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ନଷ୍ଟ କରିବ ବୋଲି ଖଣ୍ଡପୀଠ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ଶେଷ ସପ୍ତାହକୁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ଡିଜିଟାଲ ମିଡିଆ ପାଇଁ ଉଦ୍ଦିଷ୍ଟ ନୂଆ ସୂଚନା ପ୍ରଯୁକ୍ତିବିଦ୍ୟା(ଆଇଟି) ନିୟମ, ୨୦୨୧ର ଧାରା ୯ (୧) ଏବଂ ୯ (୩) ଉପରେ ବମ୍ବେ ହାଇକୋର୍ଟ ଅଗଷ୍ଟ ୧୪ରେ ରୋକ ଲଗାଇଥିଲେ। ଆଚରଣ ସଂହିତା ସମ୍ବନ୍ଧିତ ଖବର ପ୍ରକାଶ ନିମନ୍ତେ ପ୍ରକାଶକଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଧାରାକୁ ସ୍ଥଗିତ ରଖାଯାଇଛି। ଦେଶରେ ୨୦୦୯ରୁ ପ୍ରଚଳିତ ଆଇଟି ନିୟମ ଥାଇ ନୂଆ ଆଇନ ଆଣିବାର କ'ଣ ଆବଶ୍ୟକତା ଥିଲା ବୋଲି କେନ୍ଦ୍ର ସରକାରଙ୍କୁ ବମ୍ବେ ହାଇକୋର୍ଟ ପ୍ରଶ୍ନ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୯(୨) ନାଗରିକଙ୍କୁ ପ୍ରଦତ୍ତ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଏହି ନୂଆ ନିୟମ ବହୁଳ ଭାବେ ପ୍ରଭାବ ପକାଇବ। ଏପରି କି ଏହା ମୂଳ ଆଇନର ପରିସର ବାହାରେ ଥିବା ନେଇ ଡିଜିଟାଲ ନ୍ୟୁଜ୍ ପୋର୍ଟାଲ ଲିଫ୍‌ଲେଟ୍ ଏବଂ ଖବରଦାତା ନିଖିଲ ୱାଗ୍‌ଲେ ପିଟିଶନ ଦାଖଲ କରି ଆପତ୍ତି ଉଠାଇଥିଲେ। ଏହି ଉପଧାରାଗୁଡ଼ିକ ଆବେଦନକାରୀଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି। ଧାରା ୯ର ବ୍ୟବସ୍ଥା ମଧ୍ୟ ମୁଖ୍ୟ ନିୟମ (ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମ ୨୦୦୦) ପରିସର ବାହାରେ ଥିବା ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ଜି. ଏସ୍ କୁଲକର୍ଣ୍ଣିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

## ଗୁଜରାଟରେ ଶପଥ ନେଲେ ୨୪ ମନ୍ତ୍ରୀ

**ରୂପାନୀ କ୍ୟାବିନେଟ୍‌ର ସମସ୍ତେ ବାଦ୍**

**ଗାନ୍ଧୀନଗର, ୧୬।୯**

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନବଗଠିତ କ୍ୟାବିନେଟର ୨୪ ମନ୍ତ୍ରୀ ଗୁରୁବାର ଅପରାହ୍ଣରେ ରାଜଭବନରେ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନୂଆ ମୁହଁ। ତେବେ ବିଜୟ ରୂପାନୀ କ୍ୟାବିନେଟର ଜଣେ ହେଲେ ମନ୍ତ୍ରୀଙ୍କୁ ନୂଆ କ୍ୟାବିନେଟରେ ନିଆଯାଇନାହିଁ। ମନ୍ତ୍ରିମଣ୍ଡଳରେ କାହାକୁ ପୁନର୍ବାର ନ ନେବାକୁ ଭାଜପା ହାଇକମାଣ୍ଡ ନିଷ୍ପତ୍ତି ନେଇଥିଲେ। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନୂଆ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ, ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ, ଭାଜପା ରାଜ୍ୟ ସଭାପତି ସି.ଆର୍. ପାଟିଲ, ରାଜ୍ୟ ପ୍ରଭାରୀ ଭୂପେନ୍ଦ୍ର ଯାଦବ ଏବଂ ପର୍ଯ୍ୟବେକ୍ଷକ ବି.ଏଲ୍. ସନ୍ତୋଷ ଉପସ୍ଥିତ ଥିଲେ। କ୍ୟାବିନେଟ ପାହ୍ୟା ପାଇଥିବା ୧୦ ମନ୍ତ୍ରୀ ହେଲେ ରାଜେନ୍ଦ୍ର ତ୍ରିବେଦୀ, ଜିତୁ ଭଗାନି, ଋଷିକେଶ ପଟେଲ, ରାଘବଜୀ ପଟେଲ, ପୂର୍ଣ୍ଣେଶ ମୋଦି, ମନୁଭାଇ ଦେଶାଇ, କିରିଟ୍‌ସିଂ ରାଣା, ନରେଶ ପଟେଲ, ପ୍ରଦୀପସିଂ ପାର୍ମାର, ଅର୍ଜୁନସିଂ ଚୌହାନ। ସନ୍ଧ୍ୟାରେ ବୈଠକ ବସି ନୂଆ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜ ପାଖରେ ସାଧାରଣ ପ୍ରଶାସନ ସହ ଗୃହ ବିଭାଗ ରଖିଥିବାବେଳେ କନୁଭାଇଙ୍କୁ ଅର୍ଥ, ଶକ୍ତି ଓ ପେଟ୍ରୋକେମିକାଲ୍ସ ବିଭାଗ ମିଳିଛି। ଏଥର କାହାକୁ ଉପମୁଖ୍ୟମନ୍ତ୍ରୀ କରାଯାଇନାହିଁ। ରାଜେନ୍ଦ୍ର ତ୍ରିବେଦୀଙ୍କ ଇସ୍ତଫା ଯୋଗୁ ନିମାବେନ୍ ଆଚାର୍ଯ୍ୟଙ୍କୁ ଅସ୍ଥାୟୀ ବାଚସ୍ପତି କରାଯାଇଛି।

## ଡ୍ୟାନ୍ସିଂ ଗର୍ଲଙ୍କ ନାଁରେ ମାମଲା

**ରେଡ୍ ସିଗ୍‌ନାଲରେ ନାଚିଲେ**

**ଇନ୍ଦୋର, ୧୬।୯**

ମଧ୍ୟପ୍ରଦେଶର ଇନ୍ଦୋରଠାରେ ଥିବା ଏକ ଜେବ୍ରା କ୍ରସିଂଠାରେ ଟ୍ରାଫିକ୍ ସିଗ୍‌ନାଲ ରେଡ୍ ହେବାପରେ ଜଣେ ଯୁବତୀ ନାଚୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଜନସାଧାରଣଙ୍କ ପାଇଁ ସମସ୍ୟା ଉପୁଜାଇଥିବା ଅଭିଯୋଗରେ ଇନ୍ଦୋର ପୋଲିସ ତାଙ୍କ ନାଁରେ ଗୁରୁବାର ମାମଲା ରୁଜୁ କରିଛି। ୩୦ ସେକେଣ୍ଡର ଏହି ଭିଡିଓରେ ଦେଖିବାକୁ ମିଳିଛି, ଯାନବାହନ ଅଟକିବା ପାଇଁ ଟ୍ରାଫିକ୍ ସିଗ୍‌ନାଲ ରେଡ୍ ହେବା ପରେ କଳା ରଙ୍ଗର ପୋଷାକ, ମାସ୍କ ଏବଂ ଏକ ଟୋପି ପିନ୍ଧି ଶ୍ରେୟା କାଲ୍‌ରା ଇନ୍ଦୋରର ରାସୋମା ଛକକୁ ଚାଲିଆସିଥିଲେ। ଇଂଲିଶ ଗୀତ 'ଲେଟ୍ ମି ବି ୟୋର ଓମ୍ୟାନ'ରେ ସେ ସେଠାରେ ନାଚିବାରେ ଲାଗିଥିଲେ। ଭିଡିଓ ଭାଇରାଲ ହେବା ପରେ ବୁଧବାର ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ଶ୍ରେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ବିବାଦକୁ ଆସିବା ପରେ ଶ୍ରେୟା ଆଉ



ଶ୍ରେୟା କାଲ୍‌ରା

ଏକ ଭିଡିଓ କରି ସେଥିରେ ସଫେଇ ଦେଇଛନ୍ତି। ସେ କହିଛନ୍ତି, ଟ୍ରାଫିକ୍ ନିୟମ ବିଷୟରେ ଲୋକଙ୍କୁ ସଚେତନ କରାଇବା ତାଙ୍କ ଉଦ୍ଦେଶ୍ୟ ଥିଲା। ରେଡ୍ ସିଗ୍‌ନାଲରେ ଗାଡ଼ି ଅଟକାଇବା ଜରୁରୀ। ଏହା ଦ୍ୱାରା ଜେବ୍ରା କ୍ରସିଂରେ ଲୋକେ ସହଜରେ ଯାତାୟାତ କରିପାରିବେ। ତାଙ୍କର ଏପରି ଆକ୍ଟକୁ ଅନେକ ଲୋକ ପସନ୍ଦ ମଧ୍ୟ କରିଥିବା ସେ କହିଛନ୍ତି। କିନ୍ତୁ କିଛି ଲୋକ ଏହାକୁ ନକାରାତ୍ମକ ଢଙ୍ଗରେ ନେଇଥିବା ଶ୍ରେୟା ଭିଡିଓରେ କହିଛନ୍ତି।

## ରେଳଲାଇନରୁ ମିଳିଲା ଅଭିଯୁକ୍ତଙ୍କ ମୃତଦେହ

**ହାଇଦ୍ରାବାଦ ନାବାଳିକା ବଳାତ୍କାର ହତ୍ୟା ମାମଲା**

**ହାଇଦ୍ରାବାଦ, ୧୬।୯**

ହାଇଦ୍ରାବାଦରେ ୬ ବର୍ଷର ବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତଙ୍କ ମୃତଦେହ ଗୁରୁବାର ସକାଳେ ରେଳଲାଇନରୁ ମିଳିଛି। ଗତ ରବିବାର ଶିଶୁଟିର ମୃତଦେହ ତାଙ୍କ ଘର ଭିତରୁ ମିଳିବା ପରେ ଅଭିଯୁକ୍ତ ପାଲାକୋଣ୍ଡା ରାଜୁ(୩୦) ନିଖୋଜ ହୋଇଯାଇଥିଲେ। ହାଇଦ୍ରାବାଦଠାରୁ ୧୩୦ କିଲୋମିଟର ଦୂରରେ ତାଙ୍କ ମୃତଦେହ ମିଳିଛି।



ମୃତକ ପାଲାକୋଣ୍ଡା ରାଜୁ

ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ହାଇଦ୍ରାବାଦ ପୋଲିସ କମିଶନର ଅଞ୍ଜନି କୁମାର କହିଛନ୍ତି। ମୃତଦେହ ହାତରେ ଟାଟୁ ଥିବାରୁ ଏହା ବଳାତ୍କାର ହତ୍ୟା ଅଭିଯୁକ୍ତଙ୍କର ବୋଲି ବିଶ୍ୱାସ କରାଯାଉଛି। ତେବେ ଅଙ୍ଗୁଳି ଛାପ ବିଶ୍ଳେଷଣ ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କମିଶନର କହିଛନ୍ତି। ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ମାରିଦିଆଯିବ ବୋଲି ଦୁଇଦିନ ପୂର୍ବରୁ ତେଲଙ୍ଗାନା ମନ୍ତ୍ରୀ ମାଲ୍ଲା ରେଡ୍ଡି ଗଣମାଧ୍ୟମକୁ କହିଥିଲେ। ଅଭିଯୁକ୍ତ କୁହାଯାଉଥିବା ରାଜୁ ମୃତା ନାବାଳିକାଙ୍କ ପଡୋଶୀ। ସେ ଅପରାଧରେ ସମ୍ପୃକ୍ତ କି ନୁହେଁ, ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ। ତାଙ୍କର ଅପରାଧର ପୂର୍ବ ରେକର୍ଡ ନାହିଁ।

## ନୂଆ ପ୍ରତିରକ୍ଷା କାର୍ଯ୍ୟାଳୟ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରଣାଳୟର ନୂଆ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ସେଣ୍ଟ୍ରାଲ ଭିଷ୍ଟାକୁ ବିରୋଧ କରୁଥିବା ନେତାମାନଙ୍କୁ ସମାଲୋଚନା କରିଥିଲେ। ଏହି ପ୍ରକଳ୍ପରେ ନୂଆ ପାର୍ଲାମେଣ୍ଟ ସହ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିବ। ଏଭଳି ଏକ ପ୍ରକଳ୍ପକୁ ଅଟକାଇବାକୁ ଉଦ୍ୟମ ଚଳାଇଥିବା ଲୋକେ ବିଭ୍ରାନ୍ତ କରୁଛନ୍ତି। ତେବେ ସଂସଦ ଭବନ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡ଼ିକର ସ୍ଥିତି ସମ୍ପର୍କରେ ସେମାନେ ଲୋକଙ୍କୁ ଜଣାଉନାହାନ୍ତି ବୋଲି ମୋଦି କହିଥିଲେ।

## ବାଇଡେନ୍ ବ୍ୟସ୍ତ ମଣିଷ





**କଟାକ୍ଷ କଲେ ଇମ୍ରାନ୍ ଖାନ୍**

**ଇସ୍‌ଲାମାବାଦ, ୧୬।୯**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜଣେ ବିଜି ମ୍ୟାନ୍ (ବ୍ୟସ୍ତ ମଣିଷ) ବୋଲି କଟାକ୍ଷ କରିଛନ୍ତି। ବାଇଡେନ୍ ଗତ ଜାନୁୟାରୀରେ ରାଷ୍ଟ୍ରପତି ନିର୍ବାଚିତ ହେବା ପରଠାରୁ ଇମ୍ରାନ୍‌ଙ୍କୁ ଥରୁଟିଏ ହେଲେ ଫୋନ୍ କରିନାହାନ୍ତି। ଏନେଇ ଇସ୍‌ଲାମାବାଦସ୍ଥିତ ନିଜ ଗାଲା ବାସଭବନରେ ସିଏନ୍‌ଏନ୍‌କୁ ସାକ୍ଷାତ୍‌କାର ଦେଇ ଇମ୍ରାନ୍ କହିଛନ୍ତି, ବାଇଡେନ୍ ଜଣେ ବିଜି ମ୍ୟାନ୍। ସେ ଏତେ ବ୍ୟସ୍ତ ଯେ ତାଙ୍କୁ ଫୋନ୍ ବି କରିପାରୁ ନାହାନ୍ତି। ସେ କାହିଁକି ଏତେ ବ୍ୟସ୍ତ ତାହା ବାଇଡେନ୍‌ଙ୍କୁ ପଚରାଯାଉ। ସେହିପରି ଆଫଗାନିସ୍ତାନରେ ଅଶ୍ରଫ୍ ଗନି ସରକାରଙ୍କ ପତନ ପରେ ଇମ୍ରାନ୍ ବାଇଡେନ୍‌ଙ୍କ ସହ ଆଲୋଚନା କରି ନ ଥିବା ଇମ୍ରନ୍ ପ୍ରକାଶ କରିଛନ୍ତି। ଦୁର୍ଦ୍ଧର୍ଷ ହକ୍କାନି ନେଟ୍‌ୱର୍କ ସମେତ ତାଲିବାନ ଭଳି ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ପାକିସ୍ତାନ ପ୍ରଶ୍ରୟ ଦେଉଛି ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ମନ୍ତବ୍ୟ ଦେବା ପରେ ଇମ୍ରାନ୍ ଏପରି କହିଛନ୍ତି।

## ବିସ୍ଥାପିତ ହେଲେଣି ୬.୩୪ ଲକ୍ଷ ଆଫଗାନ୍

**କାବୁଲ, ୧୬।୯(ଆଇଏଏନ୍ଏସ୍)**


ଆଫଗାନିସ୍ତାନରେ ସଂଘର୍ଷ ଯୋଗୁ ଚଳିତ ବର୍ଷ ସେପ୍ଟେମ୍ବର ୧୨ ସୁଦ୍ଧା ୬,୩୪,୦୦୦ରୁ ଊର୍ଦ୍ଧ୍ୱ ନାଗରିକ ବିସ୍ଥାପିତ ହେଲେଣି। ଜାତିସଂଘର ମାନବୀୟ ସହଯୋଗ ବ୍ୟାପାର କାର୍ଯ୍ୟାଳୟ (ଓସିଏଲଏଚ୍‌ଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୋଟ ବିସ୍ଥାପିତଙ୍କ ମଧ୍ୟରୁ ୨,୮୨,୨୪୬ ଜଣଙ୍କୁ ସହାୟତା ମିଳିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଅଗଷ୍ଟ ମଧ୍ୟଭାଗରେ ତାଲିବାନ ଆଫଗାନିସ୍ତାନକୁ ଦଖଲ କରିବା ପରେ ସେଠାର ସୁରକ୍ଷା ସ୍ଥିତି ସ୍ଥିର ରହିଛି। ତେବେ ଘରଦ୍ୱାର ଛାଡ଼ି ପଳାଇଯାଇଥିବା ପରିବାରଗୁଡ଼ିକର ଦୁରବସ୍ଥାକୁ ନେଇ ଆଫଗାନ୍ ଅଧିକାରୀ ଏବଂ ମାନବୀୟ ସଂସ୍ଥାଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସୁବିଧା ନ ପାଇଁ ମହିଳା ଓ ଶିଶୁମାନେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏହା ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଦେଶର ୨୮,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ଓସିଏଚ୍‌ଏ ରିପୋର୍ଟରେ କୁହାଯାଇଛି। ଆଫଗାନିସ୍ତାନ ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିପାରେ ବୋଲି ଜାତିସଂଘ




ଆଫଗାନିସ୍ତାନରେ ପାକିସ୍ତାନର ହସ୍ତକ୍ଷେପ ବୃଦ୍ଧି ପ୍ରତିବାଦରେ ନୂଆଦିଲ୍ଲୀରେ ଆଫଗାନ୍ ଶରଣାର୍ଥୀମାନେ ଗୁରୁବାର ବିକ୍ଷୋଭ କରୁଛନ୍ତି।

ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ଆଶଙ୍କା ବ୍ୟକ୍ତ କରିଥିଲେ। ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ସେ ଜେନେଭାରେ ଉଚ୍ଚସ୍ତରୀୟ ଜରୁରୀ ବୈଠକ ଡାକିଥିଲେ। ତୁରନ୍ତ ସହାୟତା ସ୍ୱରୂପ ଆଫଗାନିସ୍ତାନକୁ ୧.୨ ବିଲିୟନ ଡଲାର ଯୋଗାଇଦେବା ଲାଗି ବିଭିନ୍ନ ଦେଶକୁ ଜାତିସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୭୪,୭୮,୨୪୦ | ୪୬,୭୭,୧୨୯ | ୨୦,୪୧,୭୧,୩୧୭ |
| ଭାରତ | ୩,୩୩,୪୯,୭୧୦ | ୪,୪୩,୯୯୩ | ୩,୨୫,୬୦,୪୭୪ |
| ଓଡ଼ିଶା | ୧୦,୧୮,୨୯୮ | ୮୧୧୮(+୫୩) | ୧୦,୦୪,୮୪୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# 'ବିପଦ ଯାଇନି, ସତର୍କ ରୁହ'

## ରାଜ୍ୟରୁ ଆଉ ୫୮୦ ପଜିଟିଭ୍ ଚିହ୍ନଟ, ୪ ମୃତ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଏବେ ନିୟନ୍ତ୍ରଣାଧୀନ ରହିଥିଲେ ବି ଆମକୁ ସତର୍କ ରହିବାକୁ ପଡିବ। ବିପଦ ଯାଇନାହିଁ। ରାଜ୍ୟରେ କେବେ ବି ସଂକ୍ରମଣ ବଢ଼ିପାରେ। ତେଣୁ ଆମକୁ ନିଜ ଦାୟିତ୍ୱ ନିଜେ ନେବାକୁ ପଡିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିବା ସହ ସତର୍କ କରାଇଛନ୍ତି। ସେ କହିଛନ୍ତି, ଭାରତରେ ମହାମାରୀ ଏଣ୍ଡେମିକ୍ ଆଡକୁ ଯାଉଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ୧୦ ଦିନ ପୂର୍ବରୁ ରିପୋର୍ଟ ଦେଇଛି। ଉକ୍ତ ରିପୋର୍ଟକୁ ଆମକୁ ଗ୍ରହଣ କରିବାକୁ ହେବ। ମାତ୍ର ଆମେ ଶତ ପ୍ରତିଶତ ନିଶ୍ଚିତ ନୁହେଁ। ପ୍ରତି ମଡେଲର ଅପ୍ ଡାଉନ୍ ଅଛି। ଏହି କ୍ଷେତ୍ରରେ ବି ହୋଇପାରେ। ଆମେ ଆଶ୍ୱସ୍ତ ହେବା ନାହିଁ। ଲକ୍ଷଣ ଜଣାପଡିଲେ ତୁରନ୍ତ ଡାକ୍ତରଖାନା ଆସିବା। କେରଳରେ ସଂକ୍ରମଣ ବଢି ଚାଲିଥିଲା, ଏବେ କମୁଛି। ସେହିପରି ବର୍ତ୍ତମାନ ମହାରାଷ୍ଟ୍ରରେ ବଢୁଛି, ପରେ କମିବ। ସେହି କ୍ରମକୁ ଦେଖିଲେ ଆମର ମଧ୍ୟ ସଂକ୍ରମଣ ବଢିବା ଆଶଙ୍କା ରହିଛି। ଏବେ ଆମେ ଭଲ ସ୍ଥିତିରେ ଅଛୁ। ଆମର ପଜିଟିଭ୍ ହାର କମିବା ସହ ହସ୍ପିଟାଲାଇଜେଶନ ହାର ମଧ୍ୟ କମ୍ ଅଛି। କିନ୍ତୁ ବିପଦ ଏବେ ବି ରହିଛି। ରାଜ୍ୟରେ କଟକଣା ମଧ୍ୟ ଜାରି ରହିବ। ତେଣୁ ଆମେ ଢିଲା ହେବା ଉଚିତ୍ ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୫୮୦ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୭୭ଜଣ ଶିଶୁ ଓ କିଶୋର ରହିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୬୧ଜଣ ଥିବାବେଳେ କଟକରୁ ୮୭, ଯାଜପୁର ୨୯, ପୁରୀ ୧୮, ବାଲେଶ୍ୱର ୧୭, ଜଗତ୍ସିଂହପୁର ୧୩, ଝାରସୁଗୁଡା ୧୧, କେନ୍ଦ୍ରାପଡା ଓ ସୁନ୍ଦରଗଡରୁ ୧୦ଜଣ ଲେଖାଏ, ଢେଙ୍କାନାଳ ୯, ବରଗଡ ୮, ଭଦ୍ରକ, ମୟୂରଭଞ୍ଜ ଓ ନୟାଗଡରୁ ୭ଜଣ ଲେଖାଏ, ଅନୁଗୋଳ, ରାୟଗଡା ଓ ସମ୍ବଲପୁରରୁ ୬ଜଣ ଲେଖାଏ, କୋରାପୁଟ ୪, ଦେବଗଡ ୨, କେଉଁଝର, ମାଲକାନଗିରି ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲରୁ ୫୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ରାଜ୍ୟରୁ ଆଉ ୪ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ କଟକ ଜିଲାରୁ ୨ଜଣ ଓ ଜଗତ୍ସିଂହପୁର ଓ ଯାଜପୁରରୁ ଜଣେ ଲେଖାଏ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ଶୁଣାଣି ଶେଷ, ଆଜି ରାୟ ପ୍ରକାଶ ପାଇବ

## ହାଇକୋର୍ଟରେ ମୂର୍ତ୍ତି ଉଚ୍ଚତା ବିବାଦ ମାମଲା

କଟକ ଅଫିସ,୧୬।୯

ହାଇକୋର୍ଟରେ ମୂର୍ତ୍ତି ଉଚ୍ଚତା ବିବାଦ ସମ୍ପର୍କିତ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇବ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ମାମଲାର ବିବରଣୀରୁ ପ୍ରକାଶ, ଚଳିତବର୍ଷ ୪ ଫୁଟ ଭିତରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ୮ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରିବାକୁ କଟକ ବାଲୁବଜାର ପୂଜା କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଗତ ମଙ୍ଗଳବାର ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତଥା ପୂଜା କମିଟି ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିଆ ଓ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ନିଖୋଜ ବାପ, ପୁଅଙ୍କ ମୃତଦେହ ଠାବ

ବରୀ,୧୬।୯(ଡି.ଏନ.ଏ.)

ବନ୍ୟା ସ୍ରୋତରେ ଭାସି ଯାଇଥିବା ବାପ,ପୁଅଙ୍କ ମୃତଦେହ ଠାବ କରାଯାଇଛି। ମୃତକ ବରୀ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର କିଶୋର ସିଂ(୫୫) ଓ ତାଙ୍କ ପୁଅ କୈଳାସ ସିଂ (୨୭) ବୁଧବାର ଘର ନିକଟ ଗୁହାଳରୁ ତାଙ୍କର ଏକ ବାଛୁରି ଛୁଆକୁ ଆଣିବାକୁ ଯାଉଥିବାବେଳେ ଭାସି ଯାଇଥିଲେ। ବରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳେ ଉଭୟଙ୍କ ମୃତଦେହ ଗଙ୍ଗାଧରପୁର ବିଦ୍ୟାଳୟ ନିକଟରେ ଭାସୁଥିବା ଲୋକେ ଦେଖିଥିଲେ। ସରପଞ୍ଚ ପ୍ରବୋଧ ଜେନା, ସାମାଜିକ କର୍ମୀ ବିଜୟ ଜେନା ଓ ସ୍ଥାନୀୟ ଯୁବକମାନେ ମୃତଦେହ ୨ଟିକୁ ଉଦ୍ଧାର କରି ବରୀ ରାମଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ଏହାପରେ ବରୀ ତହସିଲଦାର ମାନସ ରଞ୍ଜନ ଭୋଇ, ଥାନା କର୍ମଚାରୀମାନେ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅନ୍ୟପକ୍ଷରେ ବାପ,ପୁଅଙ୍କ ଅକାଳ ବିୟୋଗକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଉଭୟଙ୍କ ମୃତ୍ୟୁ ଖବର ପାଇ ବିଧାୟିକା ସୁନନ୍ଦା ଦାସ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ବ୍ଲକ୍ ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ୨୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବାଲିଆ ସମିତିସଭ୍ୟ ପ୍ରଦୀପ ଘଡ଼ାଇ, ଅଭିନ୍ନ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତହସିଲଦାର ମୃତକଙ୍କ ପରିବାରକୁ ଭେଟି ଉକ୍ତ ସହାୟତା ରାଶି ପ୍ରଦାନ କରିଛନ୍ତି।

# ରେଙ୍ଗାଳି ଡ୍ୟାମ୍‌ର ୨ ଗେଟ୍ ଖୋଲିଲା



ରେଙ୍ଗାଳିରୁ ବନ୍ୟା ଜଳ ନିଷ୍କାସନ କରାଯାଉଛି।

କଣିହାଁ,୧୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଳି ଡ୍ୟାମ୍‌ର ୨ଟି ଗେଟ୍ ଗୁରୁବାର ଖୋଲାଯାଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅଧୀକ୍ଷଣ ଯନ୍ତ୍ରୀ ଅଜିତ ଜେନା କହିଛନ୍ତି, ଡ୍ୟାମ୍‌ର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ପୂର୍ବାହ୍ନ ୧୧ଟା ସୁଦ୍ଧା ଜଳସ୍ତର ୧୨୩.୨୪ ମିଟରରେ ପହଞ୍ଚିଥିଲା। ଫଳରେ ପୂର୍ବାହ୍ନ ୧୧ଟା ୧୮ରେ ଗେଟ୍ ନଂ. ୭ ଓ ସନ୍ଧ୍ୟା ୬ଟା ବେଳେ ୮ ନମ୍ବର ଗେଟ୍ ଖୋଲାଯାଇ ଚଳିତ ବର୍ଷର ଦ୍ୱିତୀୟ ବନ୍ୟା ଜଳ ନିଷ୍କାସନ ଆରମ୍ଭ କରାଯାଇଥିଲା। ଅପରାହ୍ନ ୬ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୩.୬୦ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୭୨୧୬.୨୫ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ ଓ ଖୋଲାଯାଇଥିବା ୨ଟି ଗେଟ୍ ଦେଇ ୨୨୧୫. ୮୫ ଘନମିଟର ଜଳ ନିଷ୍କାସିତ ହେଉଛି। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ଜେନା, ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ ପ୍ରମୁଖ ଗେଟ୍ ଖୋଲାଯିବା ବେଳେ ଉପସ୍ଥିତ ଥିଲେ। ବୃଦ୍ଧି ପାଉଥିବା ଜଳସ୍ତରକୁ ଲକ୍ଷ୍ୟରେ ରଖି ଅଧିକ ଗେଟ୍ ଖୋଲାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ବିଚାରବିମର୍ଶ ଜାରି ରହିଥିବା ଅଧୀକ୍ଷଣ ଯନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ସେହିପରି ତଳମୁଣ୍ଡରେ ଥିବା ସମଲ ବ୍ୟାରେଜର ୩ଟି ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସନ କରାଯାଉଛି।

# ହାଇକୋର୍ଟରେ ମାମଲା ଦାଏର

## ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା

କଟକ ଅଫିସ,୧୬।୯

ଜଗତ୍ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣାକୁ ନେଇ ଗୁରୁବାର ହାଇକୋର୍ଟରେ ମାମଲା ଦାଏର ହୋଇଛି। ଏହି ଘଟଣାରେ ହାଇକୋର୍ଟ ହସ୍ତକ୍ଷେପ କରି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍ଆଇଟି) କିମ୍ବା କୌଣସି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଦ୍ୱାରା ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଆଇନଜୀବୀ ପଦ୍ମାଳୟା ମହାପାତ୍ର ନିବେଦନ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଧୀକ୍ଷକ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ, ପୋଲିସ କମିଶନର, କ୍ୟାପିଟାଲ ଓ ମଙ୍ଗଳାବାଗ ଥାନା ପୋଲିସକୁ ପକ୍ଷଭୁକ୍ତ କରାଯାଇଛି।

ମାମଲା ବିବରଣୀରୁ ପ୍ରକାଶ, ଦୁଷ୍ମନ୍ତ ୨୦୨୦ ମାର୍ଚ୍ଚ ୨୨ରେ ସଡକ ଦୁର୍ଘଟଣାର ଶିକାର ହେବାରୁ ଗୋଡରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସାଲାଗି ତାଙ୍କୁ ୨୩ ତାରିଖରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେ ଜୁଲାଇ ୧୫ରେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବାବେଳେ ତାଙ୍କର ୨ଥର ଅସ୍ତ୍ରୋପଚାର କରାଯାଇଥିଲା। ବାରମ୍ବାର ସେ ଏସ୍‌ସିବି ମେଡିକାଲ ଯାଇଥିବାବେଳେ ତାଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଫିଜିଓଥେରାପି ସହ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଉଚ୍ଚସ୍ତରୀୟ ହସ୍ପିଟାଲକୁ ରେଫର କରାଯାଇ ନ ଥିଲା। ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଯାଇ ନିରାଶ ହୋଇଥିଲେ। ତାଙ୍କ ବାମ ଗୋଡର ଚିକିତ୍ସା ଭୁଲବଶତଃ କରାଯାଇଥିବାନେଇ ସେ ଗତ ଜୁଲାଇ ୨୦ରେ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖିଥିଲେ। ଏହି ପତ୍ର ଜଗତ୍ସିଂହପୁର ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟକୁ ପଠାଇଥିଲେ। ଅନ୍ୟପକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨ଟି ହସ୍ପିଟାଲ ମାଗଣା ଚିକିତ୍ସା ଯୋଗାଇଦେବାକୁ ମନା କରିଥିଲେ। ସେ ପୁଣି ଗତ ଅଗଷ୍ଟ ୧୬ରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବା ସେ ଅଭିଯୋଗ କରିଥିଲେ। ଅଗଷ୍ଟ ୩୧ରେ ସେ ଟ୍ୱିଟ୍ ଯୋଗେ ଅଭିଯୋଗ କରିଥିଲେ। ଗତ ୬ରେ ଦୁଷ୍ମନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉ ନ ଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲ ପକ୍ଷରୁ ଏମ୍ସକୁ ରେଫର କରାଯାଇଥିଲା। ଗତ ୮ ତାରିଖରେ ସେ ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜିଲାପାଳଙ୍କୁ ଭେଟିଲେ ଟ୍ରକ୍ ମାଲିକ

## ଆଜି ସୁନ୍ଦରଗଡ଼ ବନ୍ଦ

ସୁନ୍ଦରଗଡ଼,୧୬।୯(ଡି.ଏନ୍.ଏ.): ଏମ୍‌ସିଏଲ୍‌ର କୋଇଲା ଖଣିରୁ କୋଇଲା ପରିବହନରେ ନିୟୋଜିତ ଟ୍ରକ୍ ଭଡା ବୃଦ୍ଧି ସମେତ ୪ଦଫା ଦାବିନେଇ ସୁନ୍ଦରଗଡ଼ ଟ୍ରକମାଲିକ ସଂଘ ପକ୍ଷରୁ ଶୁକ୍ରବାର ସୁନ୍ଦରଗଡ଼ ବନ୍ଦ ଡାକରା ଦିଆଯାଇଛି। ଗୁରୁବାର ସକାଳେ ସୁନ୍ଦରଗଡ଼ ଟ୍ରକ୍ ମାଲିକ ସଂଘର ଶହଶହ ଗାଡିମାଲିକ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମଧ୍ୟ ଜିଲାପାଳଙ୍କୁ ଭେଟି ମାଲିକମାନଙ୍କ ଦାବିରେ ଯଥାର୍ଥତା ରହିଛି ବୋଲି କହିବା ସହ ଟ୍ରକ ମାଲିକମାନେ ବିଭିନ୍ନ ଦୁର୍ଦ୍ଦଶା ଦେଇ ଗତିକରୁଛନ୍ତି ବୋଲି ଜଣାଇଥିଲେ। ଜିଲାପାଳ ସନ୍ଧ୍ୟାରେ ଏସମ୍ପର୍କରେ ନିଷ୍ପତ୍ତି ଜଣାଇବେ ବୋଲି କହିଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଶତାଧିକ ଟ୍ରକ ମାଲିକ ସହର ସାରା ଚାଲିଚାଲି ଶୁକ୍ରବାର ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। କିଛି ଦିନ ପୂର୍ବରୁ ସୁନ୍ଦରଗଡ ଟ୍ରକ ମାଲିକମାନେ ରାଜ୍ୟ ପରିବହନମନ୍ତ୍ରୀଙ୍କୁ ଭେଟି ସେମାନେ ପରିବହନ କରୁଥିବା କୋଇଲା ଟ୍ରକରେ ବେଆଇନ ଭାବେ ୨୨ଶହ ଲେଖାଏଁ ଟଙ୍କା କଟା ଯାଉଥିବା ସମ୍ପର୍କରେ ଜଣାଇଥିଲେ। ଏଣୁ କୋଇଲା ପରିବହନ ପାଇଁ ସରକାରୀ ଭଡା ସ୍ଥିର କରାଯିବା ସହ ଖଣିକୁ ଲୋଡିଂ ପାଇଁ ଯାଉଥିବା ଟ୍ରକଗୁଡିକୁ ଫାଷ୍ଟ କମ୍ ଫାଷ୍ଟ ଲୋଡ ଭାବେ ଲୋଡିଂ ଦେବାକୁ ଦାବି କରିଥିଲେ। ଏହି ସମାନ ଦାବି ନେଇ ଟ୍ରକ ମାଲିକମାନେ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ।

# ହୀରାକୁଦ ଡ୍ୟାମ୍: ୨୮ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୧୬।୯(ବ୍ୟୁରୋ)

ଉପରମୁଣ୍ଡ ଛତିଶଗଡ଼ରେ ଲଘୁଚାପ ଜନିତ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଏହା ୬୨୮.୮୧ ଫୁଟ୍‌ରେ ପହଞ୍ଚିଛି। ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ବାମପାର୍ଶ୍ୱରେ ୧୯ ଓ ଡାହଣପାର୍ଶ୍ୱରେ ୯ ମୋଟ ୨୮ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ୫ଲକ୍ଷ ୧୨ହଜାର ୨୪୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଗେଟ୍ ଦେଇ ୪ ଲକ୍ଷ ୫୭ ହଜାର ୬୬୦ କ୍ୟୁସେକ, ପାୱାର ଚାନେଲରେ ୨୫ ହଜାର ୮୬୩, ଶିଳ୍ପକୁ ୨୮୨କ୍ୟୁସେକ ଓ ଚାଷ ପାଇଁ ବିଭିନ୍ନ କେନାଲରେ ୩ ହଜାର ୨୧ ଏପରି ମୋଟ ୪ ଲକ୍ଷ ୮୬ ହଜାର ୮୨୬ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୩୨ହଜାର ୨ଶହ, ପର୍ଥଲାରେ ୯୯ ହଜାର ୯୩୭, ଖଇରମାଳରେ ୬ ଲକ୍ଷ ୨୨ ହଜାର, ବରମୁଲାରେ ୬ ଲକ୍ଷ ୨ ହଜାର, ମୁଣ୍ଡଳୀରେ ୫ ଲକ୍ଷ ୫୪ ହଜାର ୬୯୫ କ୍ୟୁସେକ ଜଳ ପ୍ରବାହିତ ହେଉଛି। ହୀରାକୁଦରୁ ନିଷ୍କାସିତ ଜଳ ତଳ ମୁଣ୍ଡରେ ପହଞ୍ଚିଲେ ବିପଦ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି।




# ବ୍ୟାଡ୍ ବ୍ୟାଙ୍କ ପାଇଁ ୩୦ ହଜାର କୋଟିର ଗ୍ୟାରେଣ୍ଟି

ନୂଆଦିଲ୍ଲୀ,୧୬।୯

ଦେଶ ମଧ୍ୟରେ ଅନାଦାୟ ସମ୍ପତ୍ତି (ଏନ୍‌ପିଏ) ସମାଧାନ ଲାଗି ବ୍ୟାଡ୍ ବ୍ୟାଙ୍କ ସ୍ଥାପନା ପ୍ରକ୍ରିୟା ଆଉ ପାଦେ ଆଗେଇଛି। ଏଭଳି ଏକ ବ୍ୟାଙ୍କ ପାଇଁ ସରକାର ୩୦,୬୦୦ କୋଟି ଟଙ୍କାର ସୋଭରେନ ଗ୍ୟାରେଣ୍ଟି ଯୋଗାଇଦେବେ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଖବରଦାତା କାର୍ଯ୍ୟକ୍ରମରେ ଏ ନେଇ ସ୍ପଷ୍ଟ କରିଛନ୍ତି।

ସୀତାରାମନ କହିଛନ୍ତି, ପ୍ରସ୍ତାବିତ ବ୍ୟାଡ୍ ବ୍ୟାଙ୍କ ବିଭିନ୍ନ ବ୍ୟାଙ୍କର ଏନ୍‌ପିଏ ଅଧିଗ୍ରହଣ କ୍ଷେତ୍ରରେ ସିକ୍ୟୁରିଟି ରିସିପ୍ଟ ପ୍ରଦାନ କରିବ। ସେ କ୍ଷେତ୍ରରେ ଏଭଳି ଗ୍ୟାରେଣ୍ଟି ଅର୍ଥ ବ୍ୟବହାର କରାଯିବ। ଏନ୍‌ପିଏ ରିଜୋଲ୍ୟୁଶନ ପାଇଁ ସରକାର ନ୍ୟାଶନାଲ ଆସେଟ ରିକନଷ୍ଟ୍ରକଶନ କମ୍ପାନୀ(ଏନ୍‌ଏଆର୍‌ସିଏଲ୍) ସ୍ଥାପନ କରିବାକୁ ଯୋଜନା ରଖିଛନ୍ତି। ରିଜର୍ଭ ବ୍ୟାଙ୍କ ଏଥିଲାଗି ନିୟମାବଳୀ ଧାର୍ଯ୍ୟ କରିଛି। ପର୍ଯ୍ୟାୟ ଭିତ୍ତିରେ ଏହା ବ୍ୟାଙ୍କଗୁଡିକର ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅଧିଗ୍ରହଣ କରିବା ସହ ଏହାର ସମାଧାନ ଏବଂ ଲିକ୍ୟୁଡେଶନ କରିବ। ଏନ୍‌ଏଆର୍‌ସିଏଲ୍ ବ୍ୟାଙ୍କଗୁଡ଼ିକୁ ଋଣ ଭାଲ୍ୟୁର ୧୫% କ୍ୟାଶ ଏବଂ ବଳକା ୮୫% ସରକାରଙ୍କ ଦ୍ୱାରା ଗ୍ୟାରେଣ୍ଟି ସିକ୍ୟୁରିଟି ରିସିପ୍ଟରୁ ପ୍ରଦାନ କରିବ। ସରକାର ଦେଉଥିବା ଗ୍ୟାରେଣ୍ଟି ୫ ବର୍ଷ ଯାଏ ବୈଧ ରହିବ। ଏନ୍‌ଏଆର୍‌ସିଏଲ୍ ଅଧୀନକୁ ଆସୁଥିବା ଏନ୍‌ପିଏ ସମ୍ପତ୍ତି ୫ ବର୍ଷ ମଧ୍ୟରେ ସମାଧାନ କରାଯିବ। ବ୍ୟାଡ୍ ଲୋନ୍‌ର ରିଜୋଲ୍ୟୁଶନ କିମ୍ବା ଲିକ୍ୟୁଡେଶନ ହେଲା ପରେ ବ୍ୟାଡ୍ ବ୍ୟାଙ୍କ କିମ୍ବା ଏଏଆର୍‌ସି ଗ୍ୟାରେଣ୍ଟି ଅର୍ଥ ପାଇପାରିବେ ବୋଲି ନିୟମ ରହିଛି। ଏନ୍‌ଏଆର୍‌ସିଏଲ୍‌ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ନିକଟରେ ୫୧% ମାଲିକାନା ରହିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୯୦ ହଜାର କୋଟି ଟଙ୍କାର ଚାପଗ୍ରସ୍ତ ସମ୍ପତ୍ତି ଏନ୍‌ଏଆର୍‌ସିଏଲ୍ ପରିସରକୁ ଆସିବା ନେଇ ଆକଳନ କରାଯାଇଛି। ବଳକା ଏନ୍‌ପିଏ ଦ୍ୱିତୀୟ ପର୍ଯ୍ୟାୟରେ ଏହି କମ୍ପାନୀ ପରିସରକୁ ଆସିବ। ସେହିଭଳି ଆସିବାକୁ ଥିବା ଇଣ୍ଡିଆ ଡେଟ୍ ରିଜୋଲ୍ୟୁଶନ କମ୍ପାନୀ ଲିମିଟେଡ୍ (ଆଇଡିଆର୍‌ସିଏଲ୍) ସର୍ଭିସ କମ୍ପାନୀ ଏବଂ ପରିଚାଳନା ସଂସ୍ଥା ଭାବେ ସମ୍ପତ୍ତି ପରିଚାଳନା ଏବଂ ମାର୍କେଟ ପ୍ରଫେସନାଲଙ୍କୁ ନିୟୋଜିତ କରି ଏନ୍‌ପିଏ ସମାଧାନ ଦିଗରେ କାମ କରିବ। ଏଥିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଙ୍କର ସର୍ବାଧିକ ୪୯% ଅଂଶଧନ ରହିବ। ବର୍ତ୍ତମାନ ଘରୋଇ କ୍ଷେତ୍ରରେ ଅନେକ ଆସେଟ୍ କନଷ୍ଟ୍ରକଶନ କମ୍ପାନୀ ରହିଛନ୍ତି। ମାତ୍ର ବଡ ଧରଣର ଏନ୍‌ପିଏ ଲାଗି ସେମାନେ ରିସ୍କ ନେବାକୁ ଚାହୁଁନାହାନ୍ତି। ବର୍ତ୍ତମାନ ଘୋଷଣା ହୋଇଥିବା ସରକାରଙ୍କ ସିକ୍ୟୁରିଟି ରିସିପ୍ଟ ବ୍ୟାଡ୍ ବ୍ୟାଙ୍କକୁ ଏଭଳି ଚ୍ୟାଲେଞ୍ଜ ନେବାକୁ ଉତ୍ସାହିତ କରିବ। ସମାଧାନ ପ୍ରକ୍ରିୟା ୫ ବର୍ଷରୁ ଅଧିକ ହେଲେ ଗ୍ୟାରେଣ୍ଟି ବ୍ୟବହାର କରାଯାଇପାରିବ ନାହିଁ। ଦେଶର ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଉଠାଇବାରେ ଏହା ସହାୟକ ହେବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

### ବ୍ୟାଡ୍ ବ୍ୟାଙ୍କ କ'ଣ

ବ୍ୟାଡ୍ ବ୍ୟାଙ୍କ ଏଭଳି ଏକ ସଂସ୍ଥା ଯାହା ବ୍ୟାଙ୍କଗୁଡ଼ିକ ନିକଟରୁ ଏନ୍‌ପିଏ କ୍ରୟ କରିଥାଏ। ଏହାର ସମାଧାନ ଦ୍ୱାରା ଅଧିକ ଅର୍ଥ ଅସୁଲ କରିବାକୁ ଏହା ପ୍ରୟାସ କରିଥାଏ। ଏଭଳି ପ୍ରୟାସ ଆଧାରରେ ୨୦୨୧-୨୨ ସାଧାରଣ ବଜେଟରେ ଅର୍ଥମନ୍ତ୍ରୀ ସୀତାରାମନ ଆସେଟ ରିକନଷ୍ଟ୍ରକଶନ (ଏଆର୍‌ସି) ଏବଂ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ(ଏଏମ୍‌ସି) ସ୍ଥାପନା ସମ୍ପର୍କରେ ଘୋଷଣା କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ)ର ପ୍ରସ୍ତାବ ଆଧାରରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ଖାତା ସ୍ୱଚ୍ଛ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାପଗ୍ରସ୍ତ ସମ୍ପତ୍ତିର ପରିଚାଳନା, ସମାଧାନ, ବିକ୍ରି ଏବଂ ସମ୍ପତ୍ତି କ୍ରୟ ଲାଗି ଠିକ୍ ବ୍ୟକ୍ତି ବିଶେଷଙ୍କୁ ବାଛିବା ଭଳି କାମ ଏହି କମ୍ପାନୀ କରିବ।



**ଆଜିର ମନ୍ତବ୍ୟ**

"ନନ୍ଦିଗ୍ରାମକୁ ଆସି ଭାଜପା ପାକିସ୍ତାନ କଥା କହୁଛି। ଆମେ ଭାରତକୁ ପାକିସ୍ତାନ କିମ୍ବା ତାଲିବାନ୍ ହେବାକୁ ଦେବୁ ନାହିଁ।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ସୁଟୁନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ଚାଇନାକୁ ଘେରିବା...

ଟାର୍ଗେଟ କରି ଭିନ୍ନ ବ୍ଲକ୍ ଗଠନ କରିବା ଅନୁଚିତ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ବୁଧବାର ଏହି ମହତ୍ତ୍ୱାକାଂକ୍ଷୀ ନିରାପତ୍ତା ପଦକ୍ଷେପ ନେଇ ଏକ ମିଳିତ ବିବୃତିରେ ଘୋଷଣା କରିଛନ୍ତି। ଏହି ଅବସରରେ ବାଇଡେନ୍ ହ୍ୱାଇଟ୍ ହାଉସ୍‌ର ଇଷ୍ଟ୍ ରୁମ୍‌ରେ ଭିଡିଓ କନ୍‌ଫରେନ୍ସ ଜରିଆରେ ନୂଆ ତ୍ରିପାକ୍ଷିକ ମେଣ୍ଟ 'ଅକସ୍' ଗଠନର ଶୁଭାରମ୍ଭ କରିଛନ୍ତି। ଏହି ଐତିହାସିକ ପଦକ୍ଷେପ ଇଣ୍ଡୋ-ପାସିଫିକ୍ କ୍ଷେତ୍ରରେ ସ୍ଥିରତାକୁ ଦୀର୍ଘକାଳୀନ ପ୍ରୋତ୍ସାହନ ଦେବା ସହ ୩ ରାଷ୍ଟ୍ରର ସ୍ୱାର୍ଥରକ୍ଷାରେ ସହାୟକ ହେବ। ଆମେରିକା, ଅଷ୍ଟ୍ରେଲିଆ ଓ ବ୍ରିଟେନ ଦୀର୍ଘ ସମୟ ଧରି ବିଶ୍ୱସ୍ତ ଓ ସମର୍ଥ ସହଯୋଗୀ ରହିଆସିଥିବାବେଳେ ପାରସ୍ପରିକ ସହଯୋଗିତାକୁ ଆହୁରି ମଜଭୁତ କରିବା ପାଇଁ ଆମେ ଆଗେଇ ଆସିଛୁ ବୋଲି ବାଇଡେନ୍ କହିଛନ୍ତି। ସେପ୍ଟେମ୍ବର ୨୪ରେ ୱାଶିଂଟନରେ ବାଇଡେନ୍ କ୍ୱାଡ୍ ନେତାମାନଙ୍କ ସହ ବୈଠକ କରିବାର ସପ୍ତାହେ ପୂର୍ବରୁ ଅକସ୍ ଗଠନ କରାଯାଇଛି। କ୍ୱାଡ୍ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଯୋଗଦେବେ।

ଅକସ୍ ମେଣ୍ଟ ଅଧୀନରେ ୩ ରାଷ୍ଟ୍ର ମିଳିତ ସାମର୍ଥ୍ୟ ଓ ଟେକ୍ନୋଲୋଜି ଆଦାନପ୍ରଦାନକୁ ତ୍ୱରାନ୍ୱିତ କରିବେ। ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ଚୁକ୍ତି ଅନୁସାରେ ଅଷ୍ଟ୍ରେଲିଆ ପାଖରେ ପ୍ରଥମ ଥର ପାଇଁ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ରହିବ। ଅଷ୍ଟ୍ରେଲିଆ ପରମାଣୁ ଅପ୍ରସାର ଚୁକ୍ତି ସପକ୍ଷବାଦୀ। ଉକ୍ତ ରାଜିନାମା ପରେ ମଧ୍ୟ ଅଷ୍ଟ୍ରେଲିଆ ଏକ ଅଣଆଣବିକ ରାଷ୍ଟ୍ର ଭାବେ ନିଜ ଦାୟିତ୍ୱ ତୁଲାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏପରି ବୁଡ଼ାଜାହାଜ ପାଇବା ପରେ ଅଷ୍ଟ୍ରେଲିଆ ବିଶ୍ୱର ସେହି ୭ ଦେଶର ତାଲିକାରେ ସାମିଲ ହୋଇଯିବ, ଯାହାଙ୍କ ପାଖରେ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ରହିବ। ଏହା ପୂର୍ବରୁ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଚାଇନା, ଭାରତ ଓ ରୁଷିଆ ପାଖରେ ଏହି ଟେକ୍ନିକ ରହିଛି। ଏହି ବୁଡ଼ାଜାହାଜର ତୀବ୍ରତା ପାରମ୍ପରିକ ଭାବେ ଚାଳିତ ସବ୍-ମରିନ୍ ତୁଳନାରେ ଅଧିକ। ସମୁଦ୍ର ଭିତରେ ଏହାକୁ ଠାବ କରିବା କଠିନ। ଅତଳ ଗଭୀର ପାଣିରେ ଏହା ମାସ ମାସ ଧରି ରହିପାରିବ। ବହୁ ଦୂରରୁ ମିଶାଇଲକୁ ଲକ୍ଷ୍ୟଭେଦ କରିପାରିବ। ବିଗତ ୫୦ ବର୍ଷ ମଧ୍ୟରେ ଆମେରିକା ନିଜ ସବ୍-ମରିନ୍ ଟେକ୍ନୋଲୋଜି ବ୍ରିଟେନ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରକୁ ଦେଇ ନାହିଁ। ତେଣୁ ଏହାକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ମହାକାଶ ଗଲେ ୪...

ତାହା ସ୍ପେସ୍‌ଏକ୍ସ ପକ୍ଷରୁ ସାର୍ବଜନୀନ କରାଯାଇନାହିଁ। ରକେଟ୍ ଲଞ୍ଚ ହେବା ପରେ ପ୍ରଥମ ପର୍ଯ୍ୟାୟରେ ପୁନଃବ୍ୟବହାରଯୋଗ୍ୟ ବୁଷ୍ଟର ସ୍ପେସ୍‌କ୍ରାଫ୍ଟରୁ ଅଲଗା ହୋଇ ପୃଥିବୀ ପୃଷ୍ଠକୁ ଫେରିଆସିଥିଲା। ପରେ ସ୍ପେସ୍‌କ୍ରାଫ୍ଟ ପୃଥିବୀ ପୃଷ୍ଠରୁ ୧୨୫ ମାଇଲ (୨୦୦ କି.ମି.) ଦୂରକୁ ଯାତ୍ରା କରିଥିଲା। ପ୍ରାୟ ୩ ଘଣ୍ଟା ମଧ୍ୟରେ କ୍ୟାପ୍‌ସୁଲ୍‌ଟି ୫୭୫ କିଲୋମିଟର ଉପରେ ପୃଥିବୀର କକ୍ଷପଥରେ ପହଞ୍ଚିଯାଇଥିଲା। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍) ଠାରୁ ମଧ୍ୟ ଅଧିକ ଉଚ୍ଚକୁ ଏହି ସ୍ପେସ୍‌କ୍ରାଫ୍ଟ ଛୁଇଁଛି। ଏପରି କି ହବଲ ଟେଲିସ୍କୋପ୍ ଏବଂ ୧୯୭୨ରେ ନାସାର ଆପୋଲୋ ଚନ୍ଦ୍ର ମିଶନ ପରଠାରୁ ଏତେ ଉଚ୍ଚତାକୁ ଯାତ୍ରା କରିବାରେ ଏହା ପ୍ରଥମ ବୋଲି ସ୍ପେସ୍‌ଏକ୍ସ ପକ୍ଷରୁ ଦାବି କରାଯାଇଛି। ୩ ଦିନ ଧରି ପୃଥିବୀ ଚାରିପଟେ ବୁଲିବା ପରେ ୪ ମହାକାଶଯାତ୍ରୀ ଫ୍ଲୋରିଡାରେ ଅବତରଣ କରିବେ। ପୂର୍ବରୁ ଅଳ୍ପ କେତେଜଣ ଯାଇଛନ୍ତି ଏବଂ ଆଗକୁ ଅନେକେ ମହାକାଶ ଯାତ୍ରାର ଅନୁଭୂତି ପାଇଁ ଏହାକୁ ଅନୁସରଣ କରିବେ ବୋଲି ଆଇଜାକ୍‌ମ୍ୟାନ କହିଛନ୍ତି।

ପ୍ରକାଶ ଯେ, ପାଶ୍ଚାତ୍ୟର ଅରବପତିଙ୍କ ମଧ୍ୟରେ ମହାକାଶ ପର୍ଯ୍ୟଟନକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବାରେ ଲାଗିଛି। ଏହା ପୂର୍ବରୁ ଜୁଲାଇ ୧୧ରେ ଏଲନ ମସ୍କଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବ୍ରିଟିଶ ବିଲିଅନେୟର ରିଚାର୍ଡସନ୍‌ଙ୍କ ଭର୍ଜିନ ଗାଲାକ୍ଟିକ୍ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ଯାଇଥିଲା। ଜୁଲାଇ ୨୦ରେ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍ କମ୍ପାନୀର ପ୍ରାଇଭେଟ୍ ସ୍ପେସ୍‌କ୍ରାଫ୍ଟ ମହାକାଶ ପର୍ଯ୍ୟଟନ ଆରମ୍ଭ କରିସାରିଛି। ତେବେ ସାଧାରଣ ନାଗରିକଙ୍କୁ ସ୍ପେସ୍ ବୁଲାଇ ନେବାରେ ସ୍ପେସ୍‌ଏକ୍ସ ପ୍ରଥମ। ଏହା ବ୍ୟତୀତ ଭର୍ଜିନ ଗାଲାକ୍ଟିକ୍ ଏବଂ ବ୍ଲୁ ଅରିଜନ୍ ସ୍ପେସ୍‌କ୍ରାଫ୍ଟ ମାତ୍ର କିଛି ମିନିଟ୍ ମହାକାଶରେ ରହିଥିବାବେଳେ ସ୍ପେସ୍‌ଏକ୍ସ ପ୍ରଥମ ଥର ପାଇଁ ୩ ଦିନିଆ ମିଶନ ପୂରଣ କରିବାକୁ ଯାଉଛି।

## ବାଲେଶ୍ୱରରେ ଏନ୍‌ଆଇଏ...

କୋର୍ଟଚାଲାଣ କରାଯାଇଥିଲା। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଛି। କ୍ରାଇମ୍‌ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ବିଶୋୟୀଙ୍କ ନେତୃତ୍ୱରେ ଏକ ୪ ଜଣିଆ ଏସ୍‌ଆଇଟି ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କୁ ତଦନ୍ତରେ ସହଯୋଗ କରିବା ପାଇଁ କ୍ରାଇମବ୍ରାଞ୍ଚ ସାଇବର ସେଲ୍‌ର ଜଣେ ଇନ୍ସପେକ୍ଟର ଓ ଜଣେ ସବଇନ୍ସପେକ୍ଟର ଥିବା ବେଳେ ଅନ୍ୟଜଣେ ଅଫିସର ମଧ୍ୟ ସାମିଲ ଅଛନ୍ତି। ଚାନ୍ଦିପୁର ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା(ନଂ.୭୬/୨୦୨୧)କୁ ଏସ୍‌ପି ମିଶ୍ର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ ଭାର ନେବା ପରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ କି ନାହିଁ ତାହା ପରେ ନିଷ୍ପତ୍ତି ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ କାମ କରୁଥିବା ୪ଜଣ ଠିକା କର୍ମଚାରୀ ଓ ଡ୍ରାଇଭର ସଚିନ୍ ପାକିସ୍ତାନର ଜଣେ ଯୁବତୀଙ୍କ ସହ ନିୟମିତ ଯୋଗାଯୋଗରେ ରହିବା ସହ ଟଙ୍କା କାରବାର କରୁଥିଲେ। ଆନ୍ତର୍ଜାତିକ କଲ୍ ମାଧ୍ୟମରେ ତଥ୍ୟ ଆଦାନ ପ୍ରଦାନ ହେଉଥିଲା। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ପରେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ବହୁ ଟଙ୍କା ଆସୁଥିଲା। ବର୍ଷେ ହେବ ଏହି ଟଙ୍କା କାରବାର ଚାଲିଥିଲା। ଅନ୍‌ଲାଇନ ମାଧ୍ୟମରେ ଟଙ୍କା କାରବାର ହେଉଥିବାରୁ କେତେ ଟଙ୍କା ଆକାଉଣ୍ଟକୁ ଆସିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଗିରଫ ଅଭିଯୁକ୍ତମାନେ କ୍ଷେପଣାସ୍ତ୍ର ଘାଟିର କ୍ୟାମ୍ପସ ଭିତରେ ଥିବା ବ୍ୟାଙ୍କରୁ ବିଦେଶୀ ମୁଦ୍ରା କାରବାର କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପାକିସ୍ତାନୀ ଯୁବତୀଙ୍କ ସହ ବସନ୍ତ ବେହେରାଙ୍କ ଅଧିକ ସମ୍ପର୍କ ଥିଲା। ଯୁବତୀଙ୍କ ସହ ହ୍ୱାଟ୍ସଆପ ଭିଡିଓରେ ଭିଡିଓ କଲିଂ ଓ ଚାଟିଂ କରିବା ସହ ଅଶ୍ଳୀଳ ଭିଡିଓ ଚାଟ୍ ହୋଇଥିବା ମଧ୍ୟ ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି।

## ଭିତରକନିକା ଲୋଗୋରୁ...

ପୂରିଛି। ଏହାର ଅବ୍ୟବହିତ ପୂର୍ବରୁ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ବୁଧବାର ଏକ ଟ୍ୱିଟ୍ ଯୋଗେ ନୂଆ ଲୋଗୋ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଲୋଗୋରେ ଭିତରକନିକା ଓ ଓଡ଼ିଶା ଲେଖା ଥିବାବେଳେ ଏଥିରେ ହେନ୍ତାଳ ବଣ, ଡଲ୍‌ଫିନ, ହରିଣ, ମାଛରଙ୍କା, ଅହିରାଜ, କୁମ୍ଭୀର ଆଦିଙ୍କୁ ସ୍ଥାନ ଦିଆଯାଇଛି। ଏପରିକି ଭିତରକନିକାରେ ବାଘ ନ ଥିଲେ ମଧ୍ୟ ବାଘ ପାଦ ଚିହ୍ନ ରହିଛି। ତେବେ ବିଶ୍ୱସ୍ତରରେ ବିରଳ ଅଲିଭ ରିଡ୍‌ଲେଙ୍କୁ ସ୍ଥାନିତ କରାଯାଇ ନାହିଁ। ରାଜ୍ୟ ସରକାର ବିରଳ ପ୍ରଜାତିର ଏହି କଇଁଛଙ୍କ ସୁରକ୍ଷା ପାଇଁ ଉଦ୍ୟମ କରୁଥିବା ବେଳେ ଲୋଗୋରେ ସ୍ଥାନ ନ ପାଇବା ଆଗାମୀଦିନରେ ଏହାର ସଂରକ୍ଷଣ ପ୍ରତି ଆଶଙ୍କା ସୃଷ୍ଟି କରିଛି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ, ସାମାଜିକ କର୍ମୀ ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଜୀବନଚକ୍ର ରହସ୍ୟମୟ। ବିଶ୍ୱରେ ଏହାର ସଂଖ୍ୟା କମ୍। ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଟର ଅଫ୍ ନେଚର(ଆଇୟୁସିଏନ୍)ପକ୍ଷରୁ ଏହାର ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ସୁଖର କଥା କେନ୍ଦ୍ରାପଡ଼ା ଜିଲା ଭିତରକନିକାସ୍ଥିତ ଗହୀରମଥା ଏହି ପ୍ରଜାତିର କଇଁଛଙ୍କ ଅନୁଡିଶାଳ ହୋଇଥିବାରୁ ଗବେଷକ ଓ ପ୍ରକୃତିପ୍ରେମୀଙ୍କ ଆକର୍ଷଣ ସାଜିଛି। ଗହୀରମଥାରେ ଏମାନଙ୍କ ସମ୍ମେଳନକୁ ଲକ୍ଷ୍ୟ କରାଯାଇ ରାଜ୍ୟ ସରକାର ୧୯୯୭ରେ ଗହୀରମଥା ସାମୁଦ୍ରିକ ଅଭୟାଞ୍ଚଳ ଭାବେ ସଂରକ୍ଷିତ କରିଛନ୍ତି। ସେହିପରି ଏହି କଇଁଛଙ୍କ ସୁରକ୍ଷା ପାଇଁ ୨୦୧୭ ଓ ୨୦୧୮ରେ ମାସ୍କଟ ଭାବେ ବ୍ୟବହାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ ଖେଳରେ ଓଲିର ବ୍ୟବହାରକୁ ଗୁରୁତ୍ୱ ଦେଇଛନ୍ତି। ଭିତରକନିକାର ଧଳା କୁମ୍ଭୀର ଗୋରୀକୁ ୨୦୧୦ରେ ଜାତୀୟ ଯୁବ ଉତ୍ସବରେ ଓଡ଼ିଶା ସରକାର ମାସ୍କଟ ଭାବେ ବ୍ୟବହାର କରିଥଲେ। ୨୨ତମ ଏସିଆନ ଆଥେଲେଟିକ୍ସ ଓ ୨୦୧୮ରେ ହକି ଅଲିମ୍ପିକରେ ଓଲିକୁ ମାସ୍କଟ୍ ଭାବେ ବ୍ୟବହାର କରାଯାଇଛି। ସମୁଦ୍ର ତଟକ୍ଷୟ, ଚିଙ୍ଗୁଡି ଘେରି, ଶିଳ୍ପ ପ୍ରଦୂଷଣ, ଶିକାରୀଙ୍କ ନଜର, ସାମୁଦ୍ରିକ ବୋଟ୍ ଆଦି ସମସ୍ୟାକୁ ଜୁଝୁଥିବା ଏହି ବିରଳ ପ୍ରଜାତିକୁ ଲୋଗୋରେ ନ ରଖିବା କ୍ଷୋଭର ବିଷୟ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଡ. ପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମୋବାଇଲ ନଂ.୯୪୩୭୦୩୭୩୭୦ ଉଠାଇ ନ ଥିଲେ। ଏ ସମ୍ପର୍କରେ ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟସ୍ (ଆରସିସିଏଫ୍) ମନୋଜ ମହାପାତ୍ର କହିଛନ୍ତି, ଯେକୌଣସି ଲୋଗୋ ସରକାରୀ ସ୍ୱୀକୃତି ପାଇବା ପାଇଁ ପଞ୍ଜୀକରଣ କରାଯାଇଥାଏ। ଏପରି ଲୋଗୋ କେଉଁ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି ଜଣା ନ ଥିବା ସେ କହିଛନ୍ତି।

## ବର୍ଷା ବିଘ୍ନିତ...

ସୁଦ୍ଧା ମୁଣ୍ଡଳୀରେ ପହଞ୍ଚିବ। ଶନିବାର ସକାଳୁ ମଧ୍ୟାହ୍ନ ଭିତରେ ୮ ଲକ୍ଷ କ୍ୟୁସେକ୍ ଜଳ ମୁଣ୍ଡଳୀ ଦେଇ ପ୍ରବାହିତ ହେବ। ମୁଣ୍ଡଳୀରେ ମଧ୍ୟାହ୍ନରେ ପହଞ୍ଚିଲେ ରାତି ସୁଦ୍ଧା ତଳିଆ ଅଞ୍ଚଳରେ ପହଞ୍ଚିବ। କେନ୍ଦ୍ରାପଡ଼ା, ପୁରୀ ଆଦି ଜିଲାରେ ଶନିବାର ରାତିରେ ବନ୍ୟାଜଳ ପ୍ରବାହିତ ହେବ। ଶନିବାର ରାତିରେ ଏକ ଛୋଟ କିମ୍ବା ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ତେବେ ଏଯାଏ ସେମିତି ଉଦ୍‌ବେଗଜନକ ସ୍ଥିତି ନାହିଁ ବୋଲି କହିଛନ୍ତି ଏସ୍‌ଆରସି। ବୁଧବାର ସୁଦ୍ଧା ହୀରାକୁଦ ଡ୍ୟାମ୍‌ର ୨୪ଟି ଗେଟ୍ ଖୋଲା ଯାଇଥିବା ବେଳେ ଗୁରୁବାର ଆଉ ୪ଟି ଗେଟ୍ ଖୋଲାଯାଇଛି। ଏଥିସହ ଏ ପର୍ଯ୍ୟନ୍ତ ହୀରାକୁଦ ଡ୍ୟାମ୍‌ର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ହୀରାକୁଦରେ ୨୮ଟି ଗେଟ୍ ଖୋଲା ଯାଇଥିଲେ ବି ମୁଣ୍ଡଳୀରେ ସ୍ଥିତି ନିରାପଦ ରହିଛି। ମୁଣ୍ଡଳୀ ବ୍ୟାରେଜର ସମସ୍ତ ଗେଟ୍ ଖୋଲାଯାଇଛି। ଫଳରେ ମୁଣ୍ଡଳୀ ଦେଇ ଏବେ ସାଢ଼େ ୫ ଲକ୍ଷରୁ ୬ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି।

ଅନ୍ୟପକ୍ଷରେ କଟକ ଜିଲା ମୁଣ୍ଡଳୀଠାରେ ଗୁରୁବାର ସକାଳେ ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ହୀରାକୁଦରେ ଅଧିକ ଗେଟ୍ ଖୋଲାଯାଇଥିଲେ ବି ସେ ପାଣି ଆସି ଏଠାରେ ପହଞ୍ଚୁ ପହଞ୍ଚୁ ୧୮ ତାରିଖ ସକାଳ ହୋଇଯିବ। ସେତେବେଳକୁ ଏଠାରୁ ଜଳ ନିଷ୍କାସନ ହୋଇ ସାରିଥିବ। ଏଣୁ ୧୮ ତାରିଖ ସକାଳ ବେଳକୁ ମୁଣ୍ଡଳୀ ବ୍ୟାରେଜ ଦେଇ ୭ ଲକ୍ଷରୁ ସାଢ଼େ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ ସାମଲ କହିଛନ୍ତି।

ସମ୍ଭାବ୍ୟ ବନ୍ୟା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ୬ ଜିଲାରେ ୩୦ ଓଡ୍ରାଫ୍ ଟିମ୍, ୧୨ ଏନ୍‌ଡିଆରଏଫ୍ ଟିମ୍ ମୁତୟନ କରାଯାଇଛି। ଯବାନମାନେ ରିଲିଫ୍, ଉଦ୍ଧାର ଓ ଥଇଥାନ କାମରେ ନିୟୋଜିତ ହେବେ। ଗତ ୧୪ ତାରିଖରେ ଗୋଟିଏ ଏନ୍‌ଡିଆରଏଫ୍ ଟିମ୍ ଭଦ୍ରକ ଯାଇଥିବା ବେଳେ ଗୁରୁବାର ସକାଳୁ ୩ଟି ଟିମ୍ କେନ୍ଦ୍ରାପଡ଼ା, କଟକ ଓ ପୁରୀ ଯାଇଛନ୍ତି। ପ୍ରତି ଟିମ୍‌ରେ ୨୫ ଜଣ ଲେଖାଏ ଯବାନ ଅଛନ୍ତି। ଏଥିସହିତ ବାଲେଶ୍ୱର ଜିଲାରେ ଥିବା ଏନ୍‌ଡିଆରଏଫ୍ ରାପିଡ୍ ରେସ୍ପନ୍ସ ସେଣ୍ଟରରେ ଥିବା ଗୋଟିଏ ଟିମ୍ ବାଲେଶ୍ୱରରେ ମୁତୟନ କରାଯାଇଛି। ମୁଣ୍ଡଳୀରେ ଆହୁରି ଅଧିକ ଟିମ୍ ମଧ୍ୟ ପ୍ରସ୍ତୁତ ହୋଇ ଅଛନ୍ତି। ଦରକାର ହେଲେ ସେମାନଙ୍କୁ ମଧ୍ୟ ମୁତୟନ କରାଯିବ ବୋଲି ଏନ୍‌ଡିଆରଏଫ୍ ପକ୍ଷରୁ କୁହାଯାଇଛି।

କେନ୍ଦୁଝରରେ ହୋଇଥିବା ବର୍ଷା ଫଳରେ ବୈତରଣୀର ଜଳ ସ୍ତର ବୃଦ୍ଧି ପାଇଛି। ବ୍ରାହ୍ମଣୀ ନଦୀର ଉପରମୁଣ୍ଡରେ ବର୍ଷା ହେବା ଯୋଗୁ ଜଳସ୍ତର ବଢ଼ିଛି। ଫଳରେ ରେଙ୍ଗାଲି ଡ୍ୟାମ୍‌ର ୨ ଗେଟ୍ ଖୋଲାଯାଇଥିବା ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଦ୍ଧାର କାର୍ଯ୍ୟ ପାଇଁ ଉପକୂଳ ଜିଲାରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ୩୦ଟି ଓଡ୍ରାଫ୍ ଟିମ୍, ୧୨ଟି ଏନ୍‌ଡିଆରଏଫ୍ ଟିମ୍ ସହ ଅଗ୍ନିଶମ ବାହିନୀ ମୁତୟନ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ ଓ ପୁରୀ ଜିଲାରେ ଏହି ସବୁ ଟିମ୍ ମୁତୟନ ହୋଇଛି।

ଲଗାଣ ବର୍ଷା ଯୋଗୁ ରାଜ୍ୟରେ ମୋଟ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ନିଖୋଜ ଅଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଯାଜପୁରରେ ୨ ଏବଂ ଗଞ୍ଜାମ, ଖୋର୍ଦ୍ଧା, କେନ୍ଦୁଝର ଓ ସୁବର୍ଣ୍ଣପୁର ଜିଲାରେ ଜଣେ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଏସ୍‌ଆର୍‌ସି ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଧର୍ମଭାବରେ ଚନ୍ଦ୍ର ନୂତନ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁ ମିଳନ ପାଇଁ ଶୁଭ ହେବ। କିନ୍ତୁ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ରହିଛି। ତୃତୀୟାଧିପ ଶତ୍ରୁ ସ୍ଥାନସ୍ଥ ହେତୁ ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ ପାରିବେ ନାହିଁ।

**ବୃଷ**
ରାହୁଙ୍କ ପ୍ରଭାବରେ ପର କଥାକୁ ସତ ମନେକରି ଘରୋଇ କଳହ ଲାଗିରହିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ନୂତନ ଯାନବାହନ, ଜମିଜମା, କ୍ରୟ, ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ**
ଆଜି କେନ୍ଦ୍ରସ୍ଥ ବୁଧ ଓ ମଙ୍ଗଳ ପାରିବାରିକ ସ୍ଥିତିକୁ ସନ୍ତୁଳିତ ରଖିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ କିନ୍ତୁ ହୁଏତ ତାହାକୁ ଅସ୍ୱୀକାର କରି ଦେଇପାରନ୍ତି। ସଭାସମିତି, ଜମିଜମା, ଆନୁଷ୍ଠାନିକ କାମ, ପୂଜାପାର୍ବଣ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**କର୍କଟ**
ବ୍ୟୟାଧିପ ତୃତୀୟସ୍ଥ ହେତୁ ସାମାଜିକ କଲ୍ୟାଣ ଦିଗରେ ଅର୍ଥ ବିନିଯୋଗ କରିବେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଲାଭପୂର୍ବକ ଖୁସୀ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ରବି ଓ ଶନି ପରସ୍ପର ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ପରୋକ୍ଷ ଶତ୍ରୁତାର ସମ୍ମୁଖୀନ ହେବାକୁ ପଡିବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିପାରେ। କର୍ମ କ୍ଷେତ୍ରରେ ବାଧା ଉପୁଜିପାରେ, ଏଣୁ ସାବଧାନ ରହିବା ଭଲ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା**
କର୍ମାଧିପ ଅଷ୍ଟମାଧିପ ସଂଯୁକ୍ତ ଯୋଗୁ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହୋଇ ପାରିବ ନାହିଁ। ଗଠନମୂଳକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। କଠିନଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା**
ରାଶ୍ୟାଧିପତି ପ୍ରତି ଶନିଙ୍କ ଦୃଷ୍ଟି ହେତୁ ନିଜ ଲୋକ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ। ସତର୍କତା ଅଭାବରୁ ଜିନିଷପତ୍ର ହଜିବା ସମ୍ଭାବନା ରହୁଛି। ବାଣିଜ୍ୟ, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା**
ଷଷ୍ଠାଧିପ ଯୁକ୍ତ ରାଶ୍ୟାଧିପ ହେତୁ ସାଧାରଣ କଥାକୁ ନେଇ ପ୍ରିୟଜନଙ୍କ ସହ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିପାରନ୍ତି।

**ଧନୁ**
ରାଶିରେ ଅଷ୍ଟମାଧିପତି ଥିବାରୁ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ। କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ମୂଳା ନକ୍ଷତ୍ର କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର**
କର୍ମାଧିପ ରାହୁ ନକ୍ଷତ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ। ଶିଳ୍ପ, ବାଣିଜ୍ୟ, ଯୋଗାଯୋଗ, ବନ୍ଧୁସମ୍ପର୍କ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ତଥାପି ଶ୍ରବଣା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ଧନାଧିପତିଙ୍କ ଦୁର୍ବଳତାରୁ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢି ବଢି ଯିବ। ପୂଜାପାର୍ବଣ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। ପ୍ରଥମେ କାମଟି କରିସାରିବା ପରେ ମନସ୍ତାପ କରିବାକୁ ପଡିପାରେ ।

**ମୀନ**
ବଳବାନ୍ ବୁଧଙ୍କ ସୁପ୍ରଭାବରୁ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।


# classifieds Everyday
0674-2580101, 2549302




### SALE

Maruti Swift Petrol Car, 2006, 70000 kms, Excellet Condition. 9861112208. D-70735

Vehicle for sale where as it is basis Deal No-Registration No-Model OCA01019D-OD35C2971-EICHER PRO 6037S, OCA01307D-OD19M2288-TATA LPT3118 TC52, OCL00153E-OD01W6665-JCB 3DX ECO-EX BHL, OCL01276D-OD01AG3211-TATA SIGNA5523 BS4, OCR00313D-UNR-TATA LPK1618/36 CAB, OLR00250D-OD09B8394-TATA LPK3118TC/56, OSS00994D-OD16D6751-TATA LPT3118 COWL, OSS01193D-OD16E5101-AL U3718IL, OST01007D-OD35C0697-TATA LPT3118/56, OCA00234L-OD19N7259-FORCE KARGO KING, OCA00286L-OD19P9947-TATA ULTRA 1014/33, OCB01109L-OD02BM0107-BOLERO BIG PICKUP, OCL00376L-OD01AA9967-FORCE KARGO KING, OCL00409L-OD01AD4322-AL DOST LX BS-IV, OSS00546L-OD03R5251-BOLERO PICK UP1.7, OSS00464C-OD17N4111-BOLERO+ 2WD9STR AC, OSJ00282T-UNR-SWARAJ 735FE LX, OSJ00140T-UNR-NEW H 4010 39HP TRAC. Contact - IndusInd Bank CFD Tel: 0674-2548977, Mob: 7752000194. D-21658




### SALE

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି commercial ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ- 8917413036. D-71160

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

1500sqft. plot for sale, before CV Raman College, near NH, Bhubaneswar ready for construction. Price 28,00,000/-, 7205645385. D-71161

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456.** D-71701

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




Swarna SPA newly open positively health benefits with expert therapist. 9556978408. D-71156

Life is great, massage makes it better. Book appointment. 7852986810. D-71416

Newly Open Saikrupa Panchakarma Spa positively health benefits with Expert. 8984068077. D-21568

Monalisa massage Club: All types Body massage with hiprofile smart lady rooms service available. 9708545108. D-21660

**Refreshing your mind, your body with tha best therapy at Lotus Spa. 8018891951.** D-70484

### LOST

ମୁଁ ଶ୍ରୀ ଗୋପୀନାଥ ଦାଶ, ପିତା- ସ୍ୱର୍ଗତ ମହାଦେବ ଦାଶ, ଗ୍ରାମ- ବିକ୍ରମପୁର, ଥାନା/ଜିଲ୍ଲା- ନବରଙ୍ଗପୁର, ତହସିଲ କାର୍ଯ୍ୟରେ ନବରଙ୍ଗପୁର ଆସୁଥିବା ବେଳେ ଜମି ପଟ୍ଟା ହଜି ଯାଇଛି। ଖାତା ନଂ.- ୫୬, ପ୍ଲଟ୍ ନଂ.-୬୧୧, ୬୧୫, ୮୦୩, ୮୨୫ ଓ ୮୪୯ ଓ ଜମିର ପରିମାପ ଏରିଆ ୧୦ ଏକର ୨୦ ଡିସିମିଲ ହେବ। କୌଣସି ସହୃଦୟ ବ୍ୟକ୍ତି ଏହି ଜମିପଟ୍ଟା ପାଇଛନ୍ତି ତେବେ ଗୋପୀନାଥ ଦାଶଙ୍କ 9777791725କୁ ଯୋଗାଯୋଗ କରିବେ। ଧ-୨୧୬୬୧

ମୁଁ ଅଗସ୍ତି ପାଣ୍ଡେ, ପିତା- ଦିନବନ୍ଧୁ ପାଣ୍ଡେ, ନିବାସି- ଗଏନ୍ଦିମାଲ, ପୋଷ୍ଟ- ମହୁଲପାଟି, ଥାନା- ତୁରେକେଲା, ଜିଲ୍ଲା- ବଲାଙ୍ଗିର, ଓଡ଼ିଶା ଘୋଷଣା କରୁଛି ଯେ ମୌଜା- ଗଏନ୍ଦିମାଲ ଖାତା ନଂ.- ୬୫/୧୦ ଥାନା- ତୁରେକେଲାର କିଛି ଜମି ଖିରସାଗର ପାଣ୍ଡେଙ୍କଠାରୁ କ୍ରୟ କରିଅଛି ଯାହାର ଅସଲ ଜମି କବଲା ଆମ୍ଭ ଘରେ ଥିବା ବେଳେ କେଉଁଆଡେ ହଜିଯାଇଥିବାରୁ ମିଳି ପାରିନାହିଁ। ଏ ବାବଦରେ ତୁରେକେଲା ଥାନା କେସ ନଂ.- ୦୧୦/୭.୯.୨୦୨୧ରେ ଦର୍ଜ କରିଅଛି। ଉକ୍ତ ଖାତାର ଜମି କବଲା ଆମ୍ଭେ କୌଣସି ଠାରେ ବିକ୍ରି କିମ୍ବା ବନ୍ଧକ କରି ନାହୁଁ। ଧ-୨୧୬୬୨


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ପାଣିରେ ବୁଡ଼ି ନାବାଳକ ମୃତ

ରାଉରକେଲା ଅଫିସ୍: ରାଉରକେଲାର ଜଲଦା ମୁଣ୍ଡା ବସ୍ତି ପଛ ପାର୍ଶ୍ୱ ନାଳରେ ଗାଧୋଉଥିବା ବେଳେ ବନ୍ୟାପାଣି ମାଡି ଆସିବାରୁ ୩ ଜଣ ଛାତ୍ର ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ଭିତରୁ ଦୁଇଜଣଙ୍କୁ ଉଦ୍ଧାର କରିଥିବା ବେଳେ ଗୁରୁବାର ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସାରନଗରୀର ଛୋଟୁ ଓରଫ ଆକାଶ ଯାଦବ (୧୨)। ଜଲଦା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ଛୋଟୁ ନିଜ ସାଙ୍ଗ ରୋଶନ ଚୌଧୁରୀ ଓ ଅନ୍ୟ ଜଣଙ୍କ ସହ ମିଶି ନାଳରେ ଗାଧୋଉଥିବା ବେଳେ ହଠାତ ବନ୍ୟା ପାଣି ମାଡି ଆସିଥିଲା।

**ସଂକ୍ଷେପରେ**

## ଯୁକ୍ତ ୩ ନାମଲେଖା ୧୮ ଯାଏ ବଢ଼ିଲା

■ ୨୩ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ): ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧି ଦୁଇଦିନ ବୃଦ୍ଧି କରାଯାଇଛି। ଗତ ୧୩ ତାରିଖରୁ ୧୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବାନେଇ ପୂର୍ବରୁ ଘୋଷଣା ହୋଇଥିଲା। ମାତ୍ର ଏହି ସମୟ ଭିତରେ ଲଘୁଚାପଜନିତ ଲଗାଣ ବର୍ଷା ହେବାରୁ ନାମଲେଖା ବାଧାପ୍ରାପ୍ତ ହୋଇଥିଲା। ତେଣୁ ନାମଲେଖା ଅବଧିକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦ୍ୱିତୀୟ ମେଧା ତାଲିକା ୨୧ ବଦଳରେ ୨୩ ତାରିଖରେ ପ୍ରକାଶ ପାଇବ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୨ ତାରିଖ ପରିବର୍ତ୍ତେ ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ କହିଛି। କୋଭିଡ୍ କଟକଣା ମଧ୍ୟରେ ଆଡମିଶନ କରାଯିବ। ଛାତ୍ରଛାତ୍ରୀ ମାସ୍କ, ସାନିଟାଇଜର ଏବଂ ସାମାଜିକ ଦୂରତା ରକ୍ଷା କରିବେ। ଚଳିତବର୍ଷ ନାମଲେଖା ପାଇଁ ୨ ଲକ୍ଷ ୪୪ ହଜାର ୨୫୨ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୧ ଲକ୍ଷ ୬୮ ହଜାର ୫୩୭ଜଣ ଛାତ୍ରୀଛାତ୍ର ନାମଲେଖା ଲାଗି ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଳାରେ ୧ ଲକ୍ଷ ୨ ହଜାର ୨୯୨ ଜଣ, ଫିଜିକାଲ ସାଇନ୍ସରେ ୨୫ ହଜାର ୩୫୦ ଜଣ, ବାୟୋଲୋଜିକାଲ ସାଇନ୍ସରେ ୧୮ ହଜାର ୩୩୮ ଏବଂ ବାଣିଜ୍ୟରେ ୧୭ ହଜାର ୬୩୪ଜଣ ରହିଛନ୍ତି।

## ପୁଣି ଓଏଚ୍‌ଆର୍‌ସିରେ ଅଭିଯୋଗ କଲେ ମା'

■ ଇଞ୍ଜିନିୟର ଅମୃତ ଦାଶ ହତ୍ୟା ମାମଲା

ଭୁବନେଶ୍ୱର, ୧୬।୯ (ବ୍ୟୁରୋ): ଜଗତ୍‌ସିଂପୁର ଜିଲ୍ଲା କୁଜଙ୍ଗ ଥାନା ଅଞ୍ଚଳର ଇଞ୍ଜିନିୟର ଅମୃତ ଦାଶ ହତ୍ୟା ମାମଲାରେ ମା' ସୁଲୋଚନା ଗୁରୁବାର ପୁଣି ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହତ୍ୟା ଘଟଣାକୁ ୨ ବର୍ଷ ବିତିଥିଲେ ବି ଜିଲ୍ଲା ପୋଲିସ ହତ୍ୟାକାରୀଙ୍କୁ ଧରିବାରେ ବିଫଳ ହୋଇଛି। ଏହି ମାମଲାରେ ଓଚ୍‌ଆର୍‌ସିଙ୍କ ଟିମ୍ ଠିକ୍ ଭାବେ ତଦନ୍ତ କରି ନାହିଁ। ତେଣୁ ଉକ୍ତ ଟିମ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ


ଅଭିଯୋଗ କରିବାକୁ ଆସିଥିବା ସୁଲୋଚନା ଦାଶ।

କରାଯାଉ। ଏଥିସହ ତଦନ୍ତ ପାଇଁ ନୂତନ ଟିମ୍ ପଠାଯାଉ ନଚେତ୍ ସେ ଦାଖଲ କରିଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଅନୁମତି ଦିଆଯାଉ ବୋଲି ସୁଲୋଚନା ତାଙ୍କ ଅଭିଯୋଗପତ୍ରରେ କମିଶନଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଜୁଲାଇ ୨୦ରେ ଅମୃତଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି ଫୋପାଡି ଦେଇଥିଲେ। ଅଭିଯୋଗକ୍ରମେ କୁଜଙ୍ଗ ଥାନା ପୋଲିସ ମାମଲା (ନଂ.୫୦/୨୦)ରୁଜୁ କରି ତଦନ୍ତ କରିଥିଲେ ବି ହତ୍ୟାକାରୀଙ୍କୁ ଗିରଫ କରିପାରି ନ ଥିଲେ। ଶେଷରେ ନ୍ୟାୟ ପାଇଁ ଅମୃତଙ୍କ ମା' ସୁଲୋଚନା ୨୦୨୦ ମାର୍ଚ୍ଚ ୧୭ରେ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଏଚ୍‌ଆର୍‌ସି ତତ୍କାଳୀନ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଥିଲେ। ସେହିବର୍ଷ ଡିସେମ୍ବର ୪ରେ ଏସ୍‌ପି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ନିମନ୍ତେ ଓଚ୍‌ଆର୍‌ସି ଏକ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ତଦନ୍ତକାରୀ ଟିମ୍ ମୃତକଙ୍କ ପରିବାର ଲୋକଙ୍କଠାରୁ ବୟାନ ରେକର୍ଡ କରିଥିଲେ ବି ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରି ନ ଥିବା ମୃତକଙ୍କ ମା' ଅଭିଯୋଗ ଆଣିବା ସହ ଉକ୍ତ ତଦନ୍ତକାରୀ ଟିମ୍ ବିରୋଧରେ କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ବେଦାନ୍ତ ଖଣିରୁ ଜଳ ନମୁନା ସଂଗ୍ରହ କଲା ସିପିସିବି

**ଯାଜପୁର ଅଫିସ,୧୬।୯**




**ଡମଶାଳା ନାଳାରେ ବର୍ଜ୍ୟଜଳ ଛାଡ଼ିବା ମାମଲା**

■ ଲୁଚାଛପା ତଦନ୍ତକୁ ନେଇ ସନ୍ଦେହ

ବେଦାନ୍ତ ଫାକର ଓସ୍ତପାଳ କ୍ରୋମାଇଟ ଖଣିରୁ ପ୍ରାୟ ୧୫ ଲକ୍ଷ ଘନମିଟର ବର୍ଜ୍ୟଜଳ ଡମଶାଳା ନାଳାକୁ ବିନା ଟ୍ରିଟମେଣ୍ଟରେ ଛାଡ଼ିବା ମାମଲାରେ ସିପିସିବି(ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ) ତଦନ୍ତ ଆରମ୍ଭ କରିଛି। ଗୁରୁବାର ଅପରାହ୍ନ ପ୍ରାୟ ୧୧ଟାରେ ସିପିସିବିର ବୈଜ୍ଞାନିକ(ବି) ଜ୍ଞାନପ୍ରସାଦ ସିଂଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଓସ୍ତପାଳ ଖଣି ପରିସରରୁ ପାଣି ଓ ମାଟି ନମୁନା ସଂଗ୍ରହ କରିଛନ୍ତି। ଏହାସହ ବେଦାନ୍ତର ବିବାଦୀୟ ଅସୁରକ୍ଷିତ ଡମ୍ପିଂୟାର୍ଡ ପରିସରକୁ ଯାଇ ସ୍ଥିତି ନିରୀକ୍ଷଣ କରିଥିବା ସୂଚନା ମିଳିଛି। ଏହି ଅବସରରେ ସୁକିନ୍ଦାସ୍ଥିତ ରାମ୍‌କି ଏନ୍‌ଭାଏରୋ ଇଞ୍ଜିନିୟର୍ସ ଲିମିଟେଡର ଓଡ଼ିଶା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ବାୟୁ ଓ ଜଳ ପ୍ରଦୂଷଣ ଅଭିଯୋଗ ଉପରେ ମଧ୍ୟ ସେମାନେ ତଦନ୍ତ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏଥିରେ ସାମିଲ ହୋଇଥିଲେ। ତେବେ ଏସ୍‌ପିସିବି ପକ୍ଷରୁ ବିଭିନ୍ନ ଛୋଟବଡ଼ ଶିଳ୍ପ, କାରଖାନା, ଖାଦାନ ଇତ୍ୟାଦିକୁ କନ୍‌ସେଣ୍ଟ ଟୁ ଅପରେଟ ସଂକ୍ରାନ୍ତରେ ଇ-ଡେସ୍‌ପାଚରେ ଜିଲାପାଳଙ୍କୁ ନିୟମିତ ଭାବେ ସୂଚିତ କରୁଥିବାବେଳେ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଲୁଚାଇ ରଖାଯାଇଥିବା ଚର୍ଚ୍ଚା ହେଉଛି।

ଓସ୍ତପାଳ କ୍ରୋମାଇଟ ଖଣିକୁ ବେଦାନ୍ତ ଲିଃ କମ୍ପାନୀ ଲିଜ୍ ନେଇ ଗତ ଅକ୍ଟୋବର ୨୦୨୦ରୁ ଖଣିଜ ପଦାର୍ଥ ଉତ୍ତୋଳନ କାମ ଆରମ୍ଭ କରିଥିଲା। ତେବେ ଦୀର୍ଘଦିନ ଧରି ଉତ୍ତୋଳନ କାମ ବନ୍ଦ ରହିଥିବାରୁ ଖଣି ଭିତରେ ବିପୁଳ ପରିମାଣର ବିଷାକ୍ତ ବର୍ଜ୍ୟଜଳ ଜମି ରହିଥିଲା। ଏହି କ୍ରମରେ ପ୍ରାୟ ୧୫ ଲକ୍ଷ ଘନମିଟର ବିଷାକ୍ତ ପାଣିକୁ ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ) ଜରିଆରେ ବିଶୋଧନ ନ କରି ଡମଶାଳା ନାଳାରେ ଛଡାଯାଇଥିଲା। ସେଣ୍ଟ୍ରାଲାଇଜଡ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ୍‌ରେ ଆର୍.କେ. ସିଂ ଏନେଇ ଅଭିଯୋଗ କରିଥିଲେ। ଏହାପରେ ଏସ୍‌ପିସିବି ଜରିଆରେ ଏହି ଅଭିଯୋଗର ତଦନ୍ତ ହୋଇଥିଲେ ହେଁ ବେଦାନ୍ତକୁ ସୁହାଇଲା ଭଳି ରିପୋର୍ଟ ସିପିସିବିଠାରେ ଦାଖଲ ହୋଇଥିଲା। ସେତେବେଳେ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ହ୍ୱାଟ୍ସଆପ୍‌ରେ ଇଟିପି ବାହାରେ ବର୍ଜ୍ୟଜଳ ଛଡାଯିବାକୁ ନେଇ ଆଲୋଚନା ହୋଇଥିଲା। ଏହାପରେ ଅଭିଯୋଗକାରୀ ସିଂ ପୁଣି ଥରେ ୬।୭।୨୦୨୧ରେ ଅନୁରୂପ ଭାବେ ସିପିସିବିରେ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ, ବେଦାନ୍ତ ଖଣିର ବର୍ଜ୍ୟଜଳ ସିଧାସଳଖ ଡମଶାଳା ନାଳାରେ ଛଡାଯାଇଥିବା ପ୍ରମାଣିତ ହୋଇ ସାରିଛି। ଏହି ବେଦାନ୍ତ ଖଣିର କର୍ମଚାରୀ ଓ ଅଧିକାରୀଙ୍କ ହ୍ୱାଟ୍ସଆପ୍ ଗ୍ରୁପରୁ ଜଳଜଳ ହୋଇ ଦିଶୁଛି। ସ୍ପଷ୍ଟ ପ୍ରମାଣ ରହିଥିଲେ ହେଁ ତଦନ୍ତ ଅଧିକାରୀ ଜାଣିଶୁଣି ସେଥିରୁ ଦୂରେଇ ରହିଥିଲେ। ତେଣୁ ଏହାର ଉପଯୁକ୍ତ ଭାବେ ନିରପେକ୍ଷ ତଦନ୍ତ କରିବାକୁ ସେ ସିପିସିବିକୁ ଅନୁରୋଧ କରିଥିଲେ। ଏହି ଅଭିଯୋଗକୁ ରେଜିଷ୍ଟ୍ରିଭୁକ୍ତ କରାଯାଇ ସିପିସିବିର ଡିଏଚ୍-ପିଆର୍-ଡିଭିଜନ ପକ୍ଷରୁ ଏମ୍.କେ. ଚୌଧୁରୀ ତାଙ୍କ ପତ୍ରସଂଖ୍ୟା ସିବି/ପିଆର/ପିଜି/୨୦୨୧-୨୨/୧୩।୭।୨୦୨୧ରେ ଏସ୍‌ପିସିବିର ସଦସ୍ୟ ସଚିବଙ୍କୁ ଉକ୍ତ ମାମଲା ସଂକ୍ରାନ୍ତରେ ଜବାବ ତଲବ କରିଥିଲେ। ତେବେ ସିପିସିବିର ଏହି ଜବାବ ତଲବ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କୁ କୌଣସି ପ୍ରଭାବ ପକାଇ ନ ଥିଲା। ଦୀର୍ଘ ୨ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ସିପିସିବିର ପତ୍ର ଅନୁସାରେ କୌଣସି ଉତ୍ତର ଏଯାଏ ମିଳିନାହିଁ ବୋଲି ଅଭିଯୋଗକାରୀ ସିଂ ଅଭିଯୋଗ କରିଥିଲେ। ଏଥିରୁ କେବଳ ରାଜ୍ୟ ନୁହେଁ, କେନ୍ଦ୍ରସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ବେଦାନ୍ତ ଖଣି କମ୍ପାନୀ ମାସିକିଆ ଚାନ୍ଦା ଦେଇ ମୁହଁ ବନ୍ଦ କରୁଛନ୍ତି ଏବଂ ଏହା ଗଣତନ୍ତ୍ର ପ୍ରତି ସାଂଘାତିକ ବିପଦ; ଯାହାକି ବେଦାନ୍ତର ତତ୍କାଳୀନ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ) ପି.ଜି. ସୁରେଶ କୁମାରଙ୍କୁ ଓସ୍ତପାଳ ଖଣିର ସିନିୟର ମ୍ୟାନେଜର ଦେଇଥିବା ଇ-ମେଲରୁ ସ୍ପଷ୍ଟ ହୋଇସାରିଛି ବୋଲି ଅଭିଯୋଗକାରୀ ସିଂ ପ୍ରକାଶ କରିଛନ୍ତି। ଏବେ ମଧ୍ୟ ଅଭିଯୋଗକାରୀଙ୍କୁ କୌଣସି ସୂଚନା ନ ଦେଇ ସିପିସିବିର ତଦନ୍ତ ମୂଲ୍ୟହୀନ ହୋଇପାରେ ବୋଲି ସିଂ ସନ୍ଦେହ ପ୍ରକଟ କରିଛନ୍ତି। ପ୍ରଦୂଷିତ ଡମଶାଳା ଜଳର ପ୍ରଭାବରେ ଜୀବଜନ୍ତୁ ଓ ମାଛ ମରୁଥିବାର ଗୁରୁତର ଅଭିଯୋଗ ରହିଥିବାରୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଅଞ୍ଚଳବାସୀ ଏକ ବଡ଼ ବିପଦର ସମ୍ମୁଖୀନ ହେବେ ଏଥିରେ ସନ୍ଦେହ ନାହିଁ। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## 'ଆଶୀର୍ବାଦ' ଯୋଜନା ବନ୍ଦ ହେବା ନେଇ ବର୍ଷିଲେ ବିରୋଧୀ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

କରୋନା ସଂକ୍ରମଣ କାରଣରୁ ମା, ବାପା ହରାଇଥିବା ଶିଶୁଙ୍କ ଲାଳନପାଳନ ପାଇଁ ମୁଖ୍ୟମନ୍ତ୍ରୀ 'ଆଶୀର୍ବାଦ' ନାମରେ ଏକ ଆର୍ଥିକ ସହାୟତା ଯୋଜନା ୨୦୨୧ ଜୁନ ୨୦ ରେ ଘୋଷଣା କରିଥିଲେ। ୨୦୨୦ ଏପ୍ରିଲ ୧ ପରଠାରୁ ଯେଉଁ ଶିଶୁମାନେ ନିଜର ପରିବାରର ମୁଖ୍ୟ ରୋଜଗାର ବ୍ୟକ୍ତିଙ୍କୁ ହରାଇଛନ୍ତି ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ କୁହାଯାଇଥିଲା। ହେଲେ ମାତ୍ର ୩ ମାସ ଭିତରେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ବନ୍ଦ କରିବା ଲାଗି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ପଲଟା ଟାର୍ଗେଟ କରିଛନ୍ତି। କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ମୁଖମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ଭୂଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ। କରୋନାର ତୃତୀୟ ଲହର ଆସୁଥିବାବେଳେ କାହିଁକି ଯୋଜନା ବନ୍ଦ ହୋଇଗଲା। ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟ ସରକାର ପ୍ରତ୍ୟେକ ଦିନ ନୂଆ ମିଛ କହୁଛନ୍ତି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁଙ୍କ ପାଇଁ ସହାୟତା ଘୋଷଣା କଲେ। କେନ୍ଦ୍ରର ଏହି ଯୋଜନା ପରେ ରାଜ୍ୟ ସରକାର ଏହାକୁ କପି କରିବା ଆରମ୍ଭ କରିଦେଲେ। ଏବେ ହଠାତ୍ ରାଜ୍ୟ କାହିଁକି ବନ୍ଦ କଲା ତା'ର ଉତ୍ତର ପାଇଁ ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

**TPWODL**

**ବିଶେଷ ସୂଚନା**

ଏତଦ୍ୱାରା TPWODL (ପୂର୍ବରୁ WESCO UTILITY)ର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆମ୍ଭ ବିଦ୍ୟୁତ୍ ଖଣ୍ଡର ଅବ୍ୟବହୃତ Money Receipt କ୍ରମିକ ନମ୍ବର B4/7982017ଠାରୁ B4/7982200 ପର୍ଯ୍ୟନ୍ତ ଦୁର୍ଭାଗ୍ୟ ବଶତଃ ହଜିଯାଇଛି। ଯଦି ଉକ୍ତ ରସିଦଗୁଡ଼ିକ କାହାର ହସ୍ତଗତ ହୋଇଥାଏ ତେବେ ନିମ୍ନଲିଖିତ ଠିକଣାରେ ଫେରାଇବା ପାଇଁ ଅନୁରୋଧ। ଏହି ରସିଦ୍‌ର ଅପବ୍ୟବହାର ହୋଇପାରେ। ଏଣୁ ବିନମ୍ର ଅନୁରୋଧ ଯେ ଉପରୋକ୍ତ କ୍ରମିକ ନମ୍ବରର ରସିଦ୍‌ର ବ୍ୟବହାର କରି ଯଦି କେହି ବିଦ୍ୟୁତ୍ ବିଲ୍ ନେଇଯାଇଥାନ୍ତି ବା ଅନ୍ୟ କୌଣସି ଅଭିଯୋଗ ଥାଏ ତେବେ, ଆମ କାର୍ଯ୍ୟାଳୟରେ ଏହି ବିଜ୍ଞାପନ ବାହାରିବାର ୬୦ଦିନ ମଧ୍ୟରେ ଦାଖଲ କରନ୍ତୁ। ୬୦ଦିନ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ Money Receipt ଗୁଡ଼ିକ ରଦ୍ଦ କରାଯାଇଛି ଏବଂ ଏହାର ବ୍ୟବହାର ବେଆଇନ ଅଟେ। କ୍ରମାଗତ କୋଭିଡ୍ ସ୍ଥିତି ବାଧତାରୁ ଘଟଣା ଘଟିବାର ବିଳମ୍ବରେ ଏହି ବିଜ୍ଞାପନ ପ୍ରକାଶ କରାଗଲା।

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ବରଗଡ଼ ପଶ୍ଚିମ ବିଦ୍ୟୁତ୍ ଖଣ୍ଡ
TPWODL, ବରଗଡ଼

# ସର୍ବଭାରତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୬।୯**

କଲିକତାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ ରାଉରକେଲା ସ୍ପନ୍ଦନର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ସର୍ବଭାରତୀୟ ଆଦିବାସୀ ଥିଏଟର ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହା ସେକ୍ଟର-୨ସ୍ଥିତ ସେହେନାଇ ମଣ୍ଡପରେ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଆୟୋଜିତ ହୋଇଥିଲା। ଏଥିରେ ପ୍ରତିଦିନ ଆଦିବାସୀ ଭାଷାର ନାଟକ ପ୍ରଦର୍ଶିତ ହେଉଥିଲା। ଦେଶର ମଣିପୁର, ପଶ୍ଚିମବଙ୍ଗ, ରାଉରକେଲା, କେନ୍ଦୁଝର ପ୍ରମୁଖ ସ୍ଥାନରେ ବିଭିନ୍ନ ନାଟ୍ୟଦଳ ଅନ୍‌ଲାଇନ ମାଧ୍ୟମରେ ମାହାଲି, ସାଦ୍ରି, ନାଗପୁରୀ, ସାନ୍ତାଳୀ, ମୁଣ୍ଡାରୀ, ମଣିପୁରୀ ଭାଷାରେ ନାଟକ ପ୍ରସ୍ତୁତ କରି ପଠାଇଥିଲେ ଏବଂ ସେଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଏଥିସହ ବିଭିନ୍ନ


କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ପ୍ରାନ୍ତରୁ ଆସିଥିବା ଲୋକନୃତ୍ୟ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୬ଟି ଆଦିବାସୀ ନାଟକ ଓ ୭ଟି ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏହାକୁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବେହେଲା ବାଦକ ଶରତ କୁମାର ଧଳଙ୍କୁ 'ସାରନା ସଂସ୍କୃତି ରତି' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ନାଟ୍ୟକାର ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ସ୍ପନ୍ଦନର ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିର ରୋଶନି କର୍ମଶାଳା

**ରାଉରକେଲା ଅଫିସ,୧୬।୯**

ରାଉରକେଲା ଇସ୍ପାତ କାରଖାନାର ଅବସର ଗ୍ରହଣ କରିବାକୁ ଯାଉଥିବା କର୍ମଚାରୀ ମାନଙ୍କ ପାଇଁ ଦିନିକିଆ ରୋଶନି କର୍ମଶାଳା ଏଚଆରଡ଼ି କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ କାର୍ମିକ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଧୀରେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। କାର୍ମିକ କଲ୍ୟାଣ ବିଭାଗର ମହାପ୍ରବନ୍ଧକ ଜି. ଆର ଦାଶ ଉପସ୍ଥିତ ଥିଲେ। ଗତବର୍ଷ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ଅବସର ନେଇଥିବା ୨୬ଜଣ କର୍ମଚାରୀ ଓ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅବସର ପରେ ଜୀବନର ନୂତନ ପର୍ଯ୍ୟାୟକୁ ସୁଗମ ପ୍ରବେଶ ପାଇଁ ମନୋଭାବ, ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ସୁନିଶ୍ଚିତ କରିବା ସହ ଫାଇନାଲ ସେଟେଲମେଣ୍ଟ ପ୍ରକ୍ରିୟା, ସେଲ୍ ମେଡିକ୍ଲେମ ଯୋଜନା ସହ ଆର୍ଥିକ ନିରାପତ୍ତା ଯୋଜନା ଭଳି ବିଭିନ୍ନ ଦିଗ ଉପରେ କର୍ମଚାରୀଙ୍କୁ ଅବଗତ କରାଯାଇଥିଲା।

## ସେବା, ସମର୍ପଣ ଅଭିଯାନ କରିବ ଭାଜପା

ରାଉରକେଲା ଅଫିସ,୧୬।୯: ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ହୋଇଥିବାରୁ ଏହି ଦିନ ଠାରୁ ସେବା ଓ ସମର୍ପଣ ଅଭିଯାନ ପାଳନ କରାଯିବ ବୋଲି ଭାଜପା ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଗୁରୁବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେବା ଓ ସମର୍ପଣ ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୭ ତାରିଖ ୨୦ ଦିନ ଧରି ପାଳନ କରାଯିବ। ଏଥିରେ ରାଜ୍ୟ, ଜିଲ୍ଲା, ମଣ୍ଡଳ ଓ ବୁଥ ଭାଗ ନେବେ ବୋଲି ରାଜ୍ୟ ମୁଖପାତ୍ର ଧୀରେନ ସେନାପତି କହିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସେନାପତିଙ୍କ ସହ ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ROURKELA DEVELOPMENT AUTHORITY**
UDITNAGAR, ROURKELA - 769012
Mail: secretaryrda@gmail.com, GSTIN: 21AAALR0294B1ZK
No. 1793/RDA Dated: 15.09.2021

**PROCLAMATION**

It is hereby informed to the General Public that **Neera Rani Logani and Visal Logani, W/o. and S/o. Late Vijay Kumar Logani** has applied for mutation of **House No. HD/41, under Chhend Housing Project, Phase-II**, in her favour consequent upon death of her **Late Vijay Kumar Logani**. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority

# ଏମାର ମଠରେ ପୁଣି ଗୁପ୍ତଧନ ସନ୍ଧାନ

**ପୁରୀ ଅଫିସ,୧୬।୯**


ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

**୪ ଜଣିଆ ଟିମ୍ ଦ୍ୱାରା ଯାଞ୍ଚ ଆରମ୍ଭ**

■ ସ୍କାନରରେ ଆସିଥିବା ୪ ସ୍ଥାନ ବୃତ୍ତ ଚିହ୍ନଟ

■ ଖନନ ପାଇଁ ଦେବୋତ୍ତର କମିଶନରଙ୍କୁ ଚିଠି ଲେଖାଯିବ

ବହୁଚର୍ଚ୍ଚିତ ଏମାର ମଠରେ ଗୁପ୍ତଧନ (ବିଭିନ୍ନ ମୂଲ୍ୟବାନ ସମ୍ପତ୍ତି) ଓ ରୁପାଇଟା ଥିବା ସନ୍ଧାନରେ ପୁଣି ଯାଞ୍ଚ ଆରମ୍ଭ ହୋଇଛି। ଗୁରୁବାର ଏମାର ମଠର ପାଠଶାଳା, ବାଟ ଅଗଣା, ସିନ୍ଦୁକ, ଗାଦିଘର ସମେତ ଅନେକ ଗୁପ୍ତ କୋଠରିକୁ ମେଟାଲ ଡିଟେକ୍ଟର ଦ୍ୱାରା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୪ଜଣିଆ ଟିମ୍ ଯାଞ୍ଚ କରିଛନ୍ତି। ମଠ ମହନ୍ତ, ଦେବୋତ୍ତର କମିଶନଙ୍କ ପ୍ରତିନିଧି, ଟ୍ରଷ୍ଟ ବୋର୍ଡ ସଦସ୍ୟ, ପୋଲିସ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତିରେ ଏହି ଯାଞ୍ଚ କରାଯାଇଛି। ତନ୍ନତନ୍ନ ଭାବେ ଯାଞ୍ଚ ପରେ ପାଠଶାଳା ଓ ବାଟ ଅଗଣାର ୪ଟି ସ୍ଥାନ ସ୍କାନରରେ ଆସିଥିବାରୁ ଗୋଲାକାର ଚିହ୍ନ ଦିଆଯାଇଛି। ସମ୍ପୃକ୍ତ ସ୍ଥାନଗୁଡ଼ିକରେ କୌଣସି ଧାତବ ପଦାର୍ଥ ଥିବା ଅନୁମାନ କରାଯାଉଛି। ପରବର୍ତ୍ତୀ ସମୟରେ ଦେବୋତ୍ତର କମିଶନରଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ବୋର୍ଡ ବୈଠକ ବସି ଖନନ ଲାଗି ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ କହିଛନ୍ତି, ୨୦୧୧ରେ ଏମାର ମଠର ଗୁପ୍ତ ସୁଡ଼ଙ୍ଗରୁ ୫୨୨ ଖଣ୍ଡ ରୁପାଇଟା ମିଳିଥିଲା। ଏହାପରେ ଗତ ଏପ୍ରିଲ ୧୦ ତାରିଖରେ ଆଉ ୪୫ ଖଣ୍ଡ ରୁପାଇଟା ବାହାରିଥିଲା। ଏସବୁକୁ ଏବେ ପୁରୀ ଟ୍ରେଜେରିରେ ରଖାଯାଇଛି। ତେଣୁ ଏହି ମଠରେ ଆହୁରି ମୂଲ୍ୟବାନ ଧନସମ୍ପତ୍ତି ଓ ରୁପାଇଟା ଥିବା ସନ୍ଦେହ କରି ନୂଆ ଟ୍ରଷ୍ଟ ବୋର୍ଡ ଯାଞ୍ଚ ଲାଗି ଅନୁରୋଧ କରିଥିଲେ। ଏହି କ୍ରମରେ ଗୁରୁବାର ଏମାର ମଠର ପାଠଶାଳା, ବାଟ ଅଗଣା ଓ ଅନେକ ଗୁପ୍ତ କୋଠରିକୁ ଏକ ଟିମ୍ ଯାଞ୍ଚ କରିଛନ୍ତି। ଏଥିରେ ବ୍ୟବହୃତ ହୋଇଥିବା ମେଟାଲ ଡିଟେକ୍ଟର ଚଟାଣରୁ ମାତ୍ର ୨ଫୁଟ୍ ତଳେ ଥିବା ଧାତବ ପଦାର୍ଥକୁ ଚିହ୍ନଟ କରିବାରେ ସମର୍ଥ ହୋଇଥାଏ। ତେଣୁ ଆହୁରି ଗଭୀରରେ ଧାତବ ପଦାର୍ଥ ରହିଥିବା ଅନୁମାନ କରାଯାଉଛି। ଏଥିଲାଗି ଆବଶ୍ୟକ ପଡ଼ିଲେ ଅଧିକ କ୍ଷମତାସମ୍ପନ୍ନ ମେଟାଲ ଡିଟେକ୍ଟର ଆଣି ପୁନଶ୍ଚ ଯାଞ୍ଚ କରାଯିବ। ଆଗାମୀ ଦିନରେ ମଧ୍ୟ ଟ୍ରଷ୍ଟ ବୋର୍ଡ ଓ ଦେବୋତ୍ତର ବିଭାଗକୁ ସମସ୍ତ କାର୍ଯ୍ୟରେ ପ୍ରଶାସନ ଏଭଳି ଭାବେ ସହଯୋଗ କରିବ।

ସେହିପରି ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ରାମାନୁଜ ନାରାୟଣ ଦାସ କହିଛନ୍ତି, ଟ୍ରଷ୍ଟ ପକ୍ଷରୁ ଚିଠି ଲେଖାଯିବା ପରେ ଏହି ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଛି। ଆଗାମୀ ଦିନରେ ଦେବୋତ୍ତର କମିଶନରଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ବୋର୍ଡର ବୈଠକ ପରେ କିଭଳି ସମ୍ପୃକ୍ତ ସ୍ଥାନ ଖନନ କରାଯିବ ଓ ଆଗକୁ କି ପଦକ୍ଷେପ ନିଆଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଟ୍ରଷ୍ଟ ସଦସ୍ୟ ଗବେଷକ ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଏମାର ମଠ ହେଉଛି ଏକ ପୁରାତନ ତଥା ବିତ୍ତଶାଳୀ ମଠ। ନଅଙ୍କ ଦୁର୍ଭିକ୍ଷ ସମୟରେ ଏଠାରୁ ହଜାର ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିବାର ଇତିହାସ ରହିଛି। ସେହିପରି ଏହି ମଠକୁ ଦାନ ସୂତ୍ରରେ ଅନେକ ଧନସମ୍ପତ୍ତି ମିଳିଥିଲା। ତେଣୁ ଏଠାକାର ମାଟିତଳେ ଅନେକ ମୂଲ୍ୟବାନ ସାମଗ୍ରୀ ପୋତା ରହିଥାଇପାରେ। ଯାଞ୍ଚ ଟିମ୍ ଦ୍ୱାରା ଚିହ୍ନଟ ଗୋଲାକାର ସ୍ଥାନର ଖନନ ପାଇଁ ଦେବୋତ୍ତର ବିଭାଗ କମିଶନରଙ୍କୁ ଟ୍ରଷ୍ଟ ବୋର୍ଡ ଚିଠି ଲେଖିବ। କମିଶନରଙ୍କଠାରୁ ଯାହା ନିର୍ଦ୍ଦେଶ ଆସିବ, ସେହି ଅନୁଯାୟୀ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।

GOVERNMENT OF ODISHA
OFFICE OF THE EXECUTIVE ENGINEER,
RURAL WORKS DIVISION, DEOGARH
E-mail Id – eerw_deogarh@yahoo.co.in

No.O-686:- **E-Procurement Notice**

**BID IDENTIFICATION NO. EEDGH-online- 07/2021-22**

1. Name of work Road work :- ( 01 No )
2. Estimated cost:- Rs. 28.94 lakh
3. Mode of submission of tender:- Tender shall be submitted online in www.tendersodisha.gov.in
4. Availability of tender for online bidding:– 21.09.2021, 11.00 A.M. to 30.09.2021 up to 5.00 P.M.
5. Date and time of opening of tender: – 01.10.2021, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd./- Executive Engineer, R.W. Division, Deogarh
OIPR-25087/11/0005/2122

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
No.4498/ BMWM/ Bhawanipatna Dt.15.9.2021

**TENDER CALL NOTICE**

No.E-447:- The Chief District Medical & Public Health Officer, Kalahandi invites sealed proposal along with quotation from registered private organization / Company / NGOs/ Farms for managing the Bio-medical waste of all Govt. HCFs of Kalahandi district and to handle the COVID 19 waste from different Gvot. COVID 19 facilities of this district. The details of the terms and conditions can be downloaded from the website www.kalahandi.nic.in. Interested Parties / Organization / Agencies / NGOs / Farms should submit their technical bids and financial bid in separate envelopes along with the tender documents and application form enclosing all supporting documents in sealed envelope with superscribing **"QUOTATION FOR OUTSOURCING OF BIOMEDICAL WASTE MANAGEMENT, KALAHANDI"** to the Office of the Chief District Medical & Public Health Officer, Kalahandi on or before **Dt.29.09.2021 by 4 P.M.** positively through Speed Post/ Regd. Post / Courier only. The tender paper will be opened on **Dt.30.09.2021 at 11 A.M.** in the office chamber of the undersigned in the presence of committee members & all the bidders. The undersigned has reserves all the right to reject any or all the tenders without assigning any reason thereof.

Sd./- Chief District Medical & Public Health Officer, Kalahandi
OIPR-10076/11/0009/2122

ସବୁ ଅଭ୍ୟାସ ଭିତରେ– ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ । .. କିନ୍ତୁ ଭୟ କରନା । ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି । ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ୍ୟ କରନା । –ଶ୍ରୀମା

# ଗୃହଯୁଦ୍ଧରେ ଶିକ୍ଷାର ଭବିଷ୍ୟତ



ବିନିୟାମ ବେଡାସୋ

୧୦ ମାସ ଧରି ଉତ୍ତର ଇଥିଓପିଆରେ ଗୃହଯୁଦ୍ଧ ଲାଗି ରହିଛି। ଏହା ଟିଗ୍ରେ ଅଞ୍ଚଳରୁ ଆରମ୍ଭ ହୋଇ ଏହାର ପାଖାପାଖି ଅଞ୍ଚଳ ଅମ୍ହାରା ଏବଂ ଅଫାର୍‌କୁ ବ୍ୟାପିଛି। ଏହାଯୋଗୁ ୨୦ ଲକ୍ଷରୁ ଅଧିକ ଲୋକ ସ୍ଥାନାନ୍ତର ହୋଇଛନ୍ତି ଓ ବ୍ୟାପକ ଧନ ଜୀବନ ହାନି ହୋଇଛି। ଲକ୍ଷ ଲକ୍ଷ ଲୋକ ଅନାହାର ଭିତରକୁ ଠେଲି ହୋଇଯାଇପାରନ୍ତି ବୋଲି ମାନବୀୟ ସଂସ୍ଥାଗୁଡ଼ିକ ସତର୍କ କରିଦେଇଛନ୍ତି। ବ୍ୟାପକ ଗଣ ଅତ୍ୟାଚାର ଅଭିଯୋଗ ମଧ୍ୟ ଆସୁଛି। ଅଧିକାଂଶ ଗୃହଯୁଦ୍ଧ ଭଳି ଏଥିରେ ବି ମହିଳା ଓ ପିଲାମାନେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ନିର୍ଦ୍ଦିଷ୍ଟ ଭାବେ ସଂଘର୍ଷର ସୂତ୍ରପାତ ହେଉଥିବା ସ୍ଥାନ ଓ ଏହାର ଚାରିପାଖ ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ସ୍କୁଲପିଲାମାନଙ୍କର ଅତ୍ୟଧିକ କ୍ଷତି ହେଉଛି। କୋଭିଡ୍–୧୯ କଟକଣା ଯୋଗୁ ଶିକ୍ଷା ପ୍ରଭାବିତ ହୋଇଥିବାବେଳେ ସଂଘର୍ଷରେ ତାହା ଆହୁରି ସଙ୍କଟ ଭିତରକୁ ଚାଲିଯାଇଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ଗୃହ ଯୁଦ୍ଧ ଯୋଗୁ ୭,୦୦୦ରୁ ଅଧିକ ସ୍କୁଲ ନଷ୍ଟ କିମ୍ବା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାଦ୍ୱାରା ଆଗାମୀ ଶିକ୍ଷା ବର୍ଷରେ ୧୪ ଲକ୍ଷରୁ ଅଧିକ ପିଲା ସ୍କୁଲ ବାହାରେ ରହିବାର ଆଶଙ୍କା ଦେଖାଦେଇଛି। ଜାତିସଂଘ ରିପୋର୍ଟ ଅନୁଯାୟୀ, ଶିକ୍ଷା କ୍ଷେତ୍ରରେ ଥିବା ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହାୟତା ଯୋଗାଇ ଦେଉଥିବା ଏଜେନ୍ସିଗୁଡ଼ିକ କେବଳ ୪% ବାଳିକା ବାଳକଙ୍କୁ ସାହାଯ୍ୟ କରିପାରିଛନ୍ତି। ବହୁ ସମୟରେ ଦେଶ ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କ ଉପରେ ନିର୍ଭର କରିଥାଏ। ଏଣୁ ଯୁଦ୍ଧ ପରିସ୍ଥିତିରେ ବିଭିନ୍ନ କାର୍ଯ୍ୟ ସଞ୍ଚାଳନ ପାଇଁ ଶିକ୍ଷକଙ୍କ ଆବଶ୍ୟକତା ରହିବା ସ୍ୱାଭାବିକ। ଫଳରେ ଯୁଦ୍ଧ ସଂଘଟିତ ହେଉଥିବା ଅଞ୍ଚଳ ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକରେ ଶିକ୍ଷା ପ୍ରଭାବିତ ହେବା ସୁନିଶ୍ଚିତ, ଯାହା ଘଟିଛି ସମଗ୍ର ଇଥିଓପିଆରେ।

ଯୁଦ୍ଧ ବା ସଂଘର୍ଷ ଯୋଗୁ ପ୍ରତିରକ୍ଷା ବାବଦ ଖର୍ଚ୍ଚ ବୃଦ୍ଧିର ଆବଶ୍ୟକତା ପଡେ। ଏଥିପାଇଁ ବାର୍ଷିକ ବଜେଟରେ ବିଭିନ୍ନ କ୍ଷେତ୍ରର ବ୍ୟୟ ହ୍ରାସ କରାଯାଇ ପ୍ରତିରକ୍ଷା କ୍ଷେତ୍ରକୁ ଅଣାଯାଏ। ଇଥିଓପିଆରେ ଏଭଳି ମଧ୍ୟ ଘଟିଛି। ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ବ୍ୟୟ ବରାଦକୁ କାଟଛାଣ୍ଟ କରି ତାହାକୁ ପ୍ରତିରକ୍ଷାରେ ସାମିଲ କରାଯାଇଛି। ୨୦୨୧–୨୨ ବିତ୍ତୀୟ ବର୍ଷର ବଜେଟରେ ପ୍ରତିରକ୍ଷା ବ୍ୟୟକୁ ୦.୫% ପଏଣ୍ଟ ବୃଦ୍ଧି କରାଯାଇଛି। ବଜେଟରେ ଶିକ୍ଷା ବ୍ୟୟର ଶେୟାର ୦.୨% ହ୍ରାସ କରାଯାଇଥିବାବେଳେ ପ୍ରତିରକ୍ଷା ବ୍ୟୟର ଶେୟାରରେ ବୃଦ୍ଧି ହୋଇଛି। ଯଦି ସରକାର ଶିକ୍ଷା ବ୍ୟୟକୁ ସୀମିତ ରଖିବାକୁ ଚେଷ୍ଟା କରିବେ, ତେବେ କମ୍ ଦରମା ପାଉଥିବା ଶିକ୍ଷକମାନେ ବର୍ଦ୍ଧିତ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ ସହିବେ । ନିଅଣ୍ଟିଆ ଆର୍ଥିକ ଅବସ୍ଥା ଏବଂ ଉତ୍ପାଦନ ଓ ଯୋଗାଣ ସମସ୍ୟା ଯୋଗୁ ସେଠାରେ ମୁଦ୍ରାସ୍ଫୀତି ଏବେ ୩୦%ରେ ପହଞ୍ଚିଛି। ସରକାରଙ୍କ ଏଭଳି ପଦକ୍ଷେପ ଓ ଆର୍ଥିକ ସମସ୍ୟା ଦେଶର ଶିକ୍ଷକମାନଙ୍କ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ହତୋତ୍ସାହିତ କରିବ।

ପୂର୍ବରୁ ବିଶ୍ୱର ବହୁ ଦେଶରେ ସଂଘର୍ଷ ବା ଗୃହଯୁଦ୍ଧ ସଂଘଟିତ ହୋଇଛି। ଏଥିରେ ଲିପ୍ତହେବା ବା ଯୁଦ୍ଧଖୋର ମନୋଭାବ ପ୍ରଦର୍ଶନ କରିବା ଯୋଗୁ ସେଠାରେ ଶିକ୍ଷା ଓ ସାକ୍ଷରତା ଉପରେ ଅତ୍ୟଧିକ ନକାରାତ୍ମକ ପ୍ରଭାବ ପଡ଼ିଥିବାର ପ୍ରମାଣ ରହିଛି। ଏଭଳି ସଂଘର୍ଷ ଦ୍ୱାରା ଏବେ ସାମାଜିକ ପକ୍ଷପାତ, ଯଥା ଶୈକ୍ଷିକ ଅସମାନତାରେ ରହିଥିବା ଲିଙ୍ଗଗତ ପ୍ରଭେଦ ଗମ୍ଭୀର ହେବାର ଆଶଙ୍କା ରହିଛି। ମୋଟ ଉପରେ ସଂଘର୍ଷ କାରଣରୁ ଏକ ଅତ୍ୟନ୍ତ ଖରାପ ବଳୟ ସୃଷ୍ଟି ହେବ, ଯେଉଁଠି ଶିକ୍ଷା ଓ ଆର୍ଥିକ ସୁଯୋଗର ଅଭାବ ଦେଖାଦେବ । ପିଢ଼ି ପିଢ଼ି ଧରି ଶତ୍ରୁତା, ଯୁଦ୍ଧ ଲାଗି ରହିବ। ଏବେ ଇଥିଓପିଆର ଯେଉଁ ସବୁ ଅଞ୍ଚଳ ସଂଘର୍ଷରେ ଲିପ୍ତ ସେଗୁଡ଼ିକ ଦଶନ୍ଧି ଦଶନ୍ଧି ଧରି ଗୃହଯୁଦ୍ଧ ଓ ଅନ୍ତର୍ଦ୍ଦେଶୀୟ ଯୁଦ୍ଧର ପ୍ରଭାବ ମଧ୍ୟ ଭୋଗିଛନ୍ତି। ଶୈଶବ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଇଥିଓପିଆନ– ଇରିଟ୍ରିଆନ ଯୁଦ୍ଧର ପ୍ରଭାବକୁ ନେଇ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ସ୍କୁଲ ଶିକ୍ଷାରେ ବାଧା ଏବଂ ପୋଷଣ ଅଭାବ ଉଭୟେ ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ପିଲାଙ୍କ ଶୈକ୍ଷିକ ପରିଣାମକୁ ଭୀଷଣ କ୍ଷତି ପହଞ୍ଚାଇଛି। ଦୁଃଖର କଥା, ୧୯୮୦ ଦଶକରେ ଯେଉଁମାନଙ୍କ ଶୈଶବ ଓ ଶିକ୍ଷା ଗୃହଯୁଦ୍ଧ ଦ୍ୱାରା ଧୂଳିସାତ ଯାଇଯାଇଥିଲା, ସେମାନେ ଏବେ ବୟସ୍କ। ସେମାନଙ୍କ ପିଲାମାନେ ତିନି ଦଶନ୍ଧି ପରେ ସେହି ରାସ୍ତାରେ ଯାଉଥିବା ସେମାନେ ଦେଖୁଛନ୍ତି।

ବିକାଶରେ ବାଧା ବା ସମସ୍ୟାକୁ ସାମ୍ନା କରିବା ସହ ଇଥିଓପିଆ ପ୍ରାଥମିକ ଶିକ୍ଷାର ଉପଲବ୍ଧତା ବୃଦ୍ଧି କରିପାରିବା ପାଇଁ ଚଳାଇଥିବା ଉଦ୍ୟମକୁ ପ୍ରଶଂସା କରାଯାଇପାରେ। ଅତୀତର ଗୃହଯୁଦ୍ଧ ହେତୁ ଶିକ୍ଷାରେ ଘଟିଥିବା ଅନେକ କ୍ଷତିକୁ ଭରଣା କରି ଆଗକୁ ବଢ଼ିଛି। ଦୁର୍ଭାଗ୍ୟବଶତଃ, କୋଭିଡ୍ ମହାମାରୀ ସଙ୍କଟରେ କ୍ଷତିଗ୍ରସ୍ତ ପିଲାମାନଙ୍କ ଶିକ୍ଷାର ସାମଗ୍ରିକ ମାନ ବୃଦ୍ଧି ସକାଶେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକୁ ସାମ୍ନା କରି ପୂର୍ବାବସ୍ଥାକୁ ଫେରାଇ ଆଣିବା ଲାଗି ଇଥିଓପିଆ ପ୍ରୟାସ କରୁଥିବା ସମୟରେ ଗୃହଯୁଦ୍ଧ ପୁଣି ସ୍କୁଲ୍‌ଗୁଡ଼ିକ ପାଇଁ ଖରାପ ସମୟ ଆଣିଛି। ଶିକ୍ଷା ଉପରେ ସଂଘର୍ଷର ଦୀର୍ଘମିଆଦୀ ପରିଣାମକୁ ସୀମିତ ରଖିବା ପାଇଁ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ଲୋଡ଼ା। ଏଥିପାଇଁ ଯୁଦ୍ଧରେ ପ୍ରଭାବିତ ହୋଇଥିବା ଏବଂ ସଙ୍କଟକୁ ସାମ୍ନା କରିବାକୁ ଥିବା ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାରେ ନିବେଶ କରିବାକୁ ପଡ଼ିବ। ଏହି କାର୍ଯ୍ୟ ସଂଘର୍ଷ ପରବର୍ତ୍ତୀ ସମୟରେ ଏବଂ ପୁନଃ ନିର୍ମାଣ ସମୟରେ ଜାରି ରଖିବା ଆବଶ୍ୟକ। ଇଥିଓପିଆରେ ଗୃହଯୁଦ୍ଧରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଅନ୍ତର୍ଜାତୀୟ ସମୁଦାୟ ଜୀବନରକ୍ଷାକାରୀ ଖାଦ୍ୟ ସହାୟତା ଯୋଗାଇ ଦେବା ନିମନ୍ତେ ଏକାଠି କାର୍ଯ୍ୟ କରିବା ଉଚିତ। ଏହା ସହ ସଂଘର୍ଷ ଲାଗିଥିବା ଅଞ୍ଚଳରେ ପିଲାମାନଙ୍କ ଶିକ୍ଷା ସୁଯୋଗ ସୁରକ୍ଷିତ ରଖିବା ଲାଗି ସବୁ ବାଧା ଦୂର କରିବାକୁ ବିଶ୍ୱ ସମୁଦାୟ ପଦକ୍ଷେପ ନେବା ଆବଶ୍ୟକ।

ବିକାଶଭିତ୍ତିକ ସଂଗଠନଗୁଡ଼ିକ ପ୍ରୋତ୍ସାହନ ସ୍ୱରୂପ ବିଦେଶୀ ସହାୟତା ଯୋଗାଇ ଦେଇ ସଂଘର୍ଷ ଶେଷ କରିବାକୁ ବୁଝାମଣା କରିବା ଦରକାର। ଶିକ୍ଷାରେ ସୃଷ୍ଟି ହୋଇଥିବା ବାଧା ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ତେବେ ଏହି କାର୍ଯ୍ୟରେ ସେମାନେ ଅନେକ ଆହ୍ୱାନର ସମ୍ମୁଖୀନ ହେବାର ସମ୍ଭାବନା ଥିଲେ ବି ସାମ୍ପ୍ରତିକ ସମୟରେ ଏହାକୁ ପ୍ରାଥମିକତା ଦେବା ଜରୁରୀ। ଏଭଳି କାର୍ଯ୍ୟ କରି ସେମାନେ ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ପକାଇବା ସକାଶେ ଦୁଇପକ୍ଷ ମଧ୍ୟରେ ବୁଝାମଣା କରିପାରିବେ। ୨୦୦୫ରେ ବିବାଦୀୟ ନିର୍ବାଚନ ପରେ ହିଂସକ କାର୍ଯ୍ୟାନୁଷ୍ଠାନ ଯୋଗୁ ସୃଷ୍ଟି ହୋଇଥିବା ଅସ୍ୱାଭାବିକ ପରିସ୍ଥିତିରେ ଡୋନୋର ଅନୁଷ୍ଠାନଗୁଡ଼ିକ ବିଭିନ୍ନ ମାଧ୍ୟମରେ ଅତ୍ୟାବଶ୍ୟକ ସେବା ପାଇଁ ପାଣ୍ଠି ଯୋଗାଇ ଦେଇଥିଲେ। ଏବେ ବି ଏହା କରିପାରିବେ। ଏହି ଗୃହଯୁଦ୍ଧକୁ ଶେଷ କରାଯିବାର ସମସ୍ତ ଉଦ୍ୟମ ଇଥିଓପିଆକୁ ଅନେକ ଲାଭ ପହଞ୍ଚାଇବ। ଏହାଦ୍ୱାରା ବହୁ ଜୀବନ ରକ୍ଷା ହେବ ଏବଂ ପିଲାମାନଙ୍କ ପାଇଁ ଶିକ୍ଷା ସୁଯୋଗ ପୁଣି ଫେରାଇ ଅଣାଯାଇପାରିବ। ଏଭଳି ପଦକ୍ଷେପ ଗ୍ରହଣ କରାଯିବାବେଳେ ଯଦି ସ୍କୁଲ ସଂସାଧନଗୁଡ଼ିକର ପରିବର୍ତ୍ତନ ଆଣିବାକୁ ଗୁରୁତ୍ୱ ଦିଆ ନଯାଏ କିମ୍ବା ମୁଦ୍ରାସ୍ଫୀତି ବଢିବା ସମୟରେ ଶିକ୍ଷକଙ୍କ ବାସ୍ତବ ଆୟ ହ୍ରାସ ହୁଏ, ତେବେ ଆର୍ଥିକ ଅନୁଦାନଗୁଡ଼ିକ ଲାଭଦାୟକ ହେବା ପରିବର୍ତ୍ତେ କ୍ଷତି ଘଟାଇବ। ଏଣୁ ଆର୍ଥିକ ଅନୁଦାନର ଠିକ୍ ଉପଯୋଗ ଉପରେ ଅନୁଷ୍ଠାନଗୁଡ଼ିକ ଗୁରୁତ୍ୱ ଦେବା ଦରକାର।

ମୂଳତଃ, ଏହି ଯୁଦ୍ଧରେ ସବୁ ପକ୍ଷ ମନେରଖିବା ଉଚିତ ଯେ, ସଂଘର୍ଷରେ ମାନବ ଜୀବନର କେତେ କ୍ଷତି ଘଟୁଛି ତାହା ବାସ୍ତବ ମୃତଦେହ ଗଣନା କିମ୍ବା ଅନାହାର ଭିତରକୁ ଠେଲି ହୋଇଯାଉଥିବା ଲୋକଙ୍କ ସଂଖ୍ୟାରେ ସୀମିତ ନୁହେଁ। ଇଥିଓପିଆରେ ଲାଗି ରହିଥିବା ସଂଘର୍ଷର ସାମଗ୍ରିକ ପ୍ରଭାବ ପରପିଢ଼ିକୁ ସମ୍ପ୍ରସାରିତ ହୋଇପାରେ। ଲକ୍ଷ ଲକ୍ଷ ପିଲାଙ୍କୁ ସେମାନଙ୍କ ଶିକ୍ଷା ଅଧିକାରରୁ ବଞ୍ଚିତ କରିବା ଏଭଳି ଆଶଙ୍କା ଦେଖାଦେଇଛି। ରାଜନୈତିକ ନେତାଗଣ ମଧ୍ୟ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ।

**ସିନିୟର ରିସର୍ଚ୍ଚ ଆସୋସିଏଟ୍, ସେଣ୍ଟର ଫର୍ ଗ୍ଲୋବାଲ ଡେଭଲପମେଣ୍ଟ, ଲଣ୍ଡନ**

# ପ୍ରକୃତିର ଶ୍ୱେତପତ୍ର



ଡ. ବାଇଧର ସାହୁ

ବ୍ରିଟିଶ ସରକାର ୧୭।୩।୧୯୩୩ରେ ଏକ ଶ୍ୱେତପତ୍ର ପ୍ରକାଶ କରିଥିଲେ। ସେଥିରେ ଉଲ୍ଲେଖ ଥିଲା ସମସ୍ତ ବ୍ରିଟିଶ ଶାସିତ ଭାରତ ସିନ୍ଧୁ ଓ ଓଡ଼ିଶା ସହିତ ଏଗାର ଗୋଟି ବିଭିନ୍ନ ପ୍ରଦେଶରେ ବିଭକ୍ତ ହେବ। ଏହା ସେ ସମୟର ଭବିଷ୍ୟତ କାର୍ଯ୍ୟପନ୍ଥା; ଯାହାକୁ କହନ୍ତି ଶ୍ୱେତପତ୍ର। ଠିକ୍ ଏହି ସମୟରେ କାଠଯୋଡ଼ି ନଦୀରେ ଆରମ୍ଭ ହେଲା ଭୟଙ୍କର ବନ୍ୟା, ଯଦ୍ଦ୍ୱାରା ଲକ୍ଷ ଲକ୍ଷ ଏକର ଉର୍ବର ଚାଷଜମି ବାଲିଚର ହୋଇଗଲା। ଧୋଇଆ ଅଞ୍ଚଳର ଜନସାଧାରଣ ଅକଥନୀୟ ଯନ୍ତ୍ରଣା ଭୋଗକଲେ। ଇଂରେଜ ସରକାର କେଡ଼ାଟନ ହ୍ୟାରିସ ଓ ମିଃ. ମୋଫାଟ ମିଲସନଙ୍କ ପ୍ରଦତ୍ତ ୧୯ଶ ଶତାବ୍ଦୀର ବନ୍ୟା ବିବରଣୀରୁ ଜାଣିଲେ ୧୮୩୧, ୧୮୫୬, ୧୮୫୭, ୧୮୬୬, ୧୮୮୫, ୧୮୯୫ ଓ ୧୯୨୭ ମସିହାରେ ପ୍ରଚୁର ବୃଷ୍ଟି ସହ ସମୁଦ୍ରରୁ ଝଡ଼ତୋଫାନ ଆସିବା ଦ୍ୱାରା ପ୍ରକୃତିର ତାଣ୍ଡବ ଲୀଳା ସୃଷ୍ଟି ହୋଇଛି। ବନ୍ୟା ହୋଇଛି ଓଡ଼ିଶାର ଚିର ସହଚର। ବିଶ୍ୱ ସ୍ରଷ୍ଟାଙ୍କର ସମସ୍ତ ଜଗତର ପ୍ରାକୃତିକ ବ୍ୟବସ୍ଥା ନିୟମ ଅଚଳ ଓ ଅଟଳ। ଜଳ, ସ୍ଥଳ, ଆକାଶ, ସୂର୍ଯ୍ୟ ଓ ବାୟୁର ବିଚିତ୍ର କ୍ରିୟା ଧାରାବାହିକ ଭାବେ ଏକ ନିୟମରେ ବାନ୍ଧି ହୋଇ ଅବିରୋଧ ଭାବରେ ପରସ୍ପର ସହିତ ସାମଞ୍ଜସ୍ୟ ରଖି ତାଙ୍କ କାର୍ଯ୍ୟରେ ଲିପ୍ତ ହୋଇଥାଆନ୍ତି; ଯାହା ପ୍ରକୃତି ଗତିର ଲୀଳା। ଏହା ହେଉଛି ପ୍ରକୃତିର ଶ୍ୱେତପତ୍ର। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟକୁ ଗବେଷଣା କରି ଦେଖିଲେ ତାହାର ଭୌଗୋଳିକ ଅବସ୍ଥିତି ଆଲୋଚନା ପରିସରକୁ ଆସିଥାଏ। ଯେପରି କି ଓଡ଼ିଶାର ନଦୀଗୁଡ଼ିକ ପାହାଡ଼ ପର୍ବତରୁ ସୃଷ୍ଟି ହୋଇ ସମୁଦ୍ରରେ ମିଶିଯାଇଛନ୍ତି। ଭାରତବର୍ଷର ପଶ୍ଚିମ ଉପକୂଳରେ ଆରବସାଗର ଓ ପୂର୍ବ ଉପକୂଳରେ ବଙ୍ଗୋପସାଗର, ଓଡ଼ିଶାର ସମୁଦ୍ରକୂଳର ବେଳାଭୂମି ଖୁବ୍ ପ୍ରଶସ୍ତ ଓ ସେହି ବେଳାଭୂମିଠାରୁ ସମୁଦ୍ର ମଧ୍ୟକୁ ଜଳର ଗଭୀରତା ସେତେ ବେଶି ନୁହେଁ। ଭୌଗୋଳିକ କାରଣରୁ ଅଗଭୀର ସମୁଦ୍ର ଓ ତାହାର ବେଳାଭୂମି ବାତ୍ୟା ଓ ବନ୍ୟାକୁ ନିୟନ୍ତ୍ରଣ କରେ।

ପ୍ରକୃତି ସର୍ବଦା କର୍ମଶୀଳ। ସେହି ପ୍ରକୃତିର ପ୍ରବୃତ୍ତି ଓ କାର୍ଯ୍ୟମାନ ଜଗତର କଲ୍ୟାଣକାରୀ; ତେଣୁ ସେମାନେ ପ୍ରାଣୀ ଜଗତର ଆଦରଣୀୟ, ପୂଜନୀୟ ଓ ଆଦର୍ଶ। ସ୍ଥାନୀୟ ପ୍ରକୃତିର ପ୍ରଚଣ୍ଡ ଶକ୍ତି ନିକଟରେ ମୁଣ୍ଡ ନୂଆଇଁ ମଣିଷ ପଞ୍ଚ ମହାଭୂତ କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମକୁ ଦେବତା ସହ ସଂଯୋଗ କରାଇ ସେମାନଙ୍କ ଅଧିପତି ଦେବତା ଭାବେ ନାମିତ କରିଥାନ୍ତି। ଆଗମ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି– କ୍ଷିତି(ପୃଥିବୀ) ତାହାର ଅଧିପତି ହେଲେ ସ୍ୱୟଂ ଶିବ। ଆପ (ଜଳ) ତାହାର ଅଧିପତି ହେଲେ ଶ୍ରୀ ଗଣେଶ। ତେଜ (ଅଗ୍ନି) ତାହାର ଅଧିପତି ହେଲେ ଦେବେଶ୍ୱରୀ ଦୁର୍ଗା। ମରୁତ (ବାୟୁ) ତାଙ୍କର ଅଧିପତି ହେଲେ ସୂର୍ଯ୍ୟ। ବ୍ୟୋମ (ଆକାଶ) ତାଙ୍କର ଅଧିପତି ହେଲେ ସ୍ୱୟଂ ଶ୍ରୀ କୃଷ୍ଣ। ଦେବତାମାନେ ମହାନ୍, ପ୍ରକାଣ୍ଡ ଓ ଅବିଚଳିତ। ସଂସାରର ରକ୍ଷା ନିମିତ୍ତ ମନୁଷ୍ୟର ଜୀବନକୁ ପ୍ରକୃତି ଓ ସ୍ୱାଭାବିକତା ନିକଟକୁ ଆଣିବା ପାଇଁ କାର୍ଯ୍ୟମାନ କରାଯାଉଛି। ଜଗତର ଯନ୍ତ୍ର ଓ ବୈଜ୍ଞାନିକ ଆବିଷ୍କାରର ପ୍ରଭାବ ହେତୁ ପ୍ରକୃତି ସ୍ୱାଭାବିକତାଠାରୁ ବହୁ ଦୂରବର୍ତ୍ତୀ ହୋଇଯାଉଛି।

ପ୍ରକୃତି ସର୍ବଦା ତା' ନିୟମରେ ବାନ୍ଧି ହୋଇ ରହିଛି। ମଣିଷର ଶାରୀରିକ, ବୁଦ୍ଧି ବଳ, ବିଦ୍ୟା, ଧନ, ଆତ୍ମ ଓ ସଙ୍ଗଠନ ବଳ ମାନବ ଜୀବନକୁ ସୁସ୍ଥିର କରିବା ପାଇଁ ଆବଶ୍ୟକ ହେଲେ ମଧ୍ୟ ପ୍ରକୃତି ତା' ନିୟମରୁ ତିଳେ ମାତ୍ର ଘୁଞ୍ଚିବ ନାହିଁ। ଭାରତର ଜ୍ୟୋତିର୍ବିଦମାନେ ପ୍ରକୃତିର ନିୟମ ଉପରେ ଗବେଷଣା କରି ଆମକୁ ଯେଉଁ ପନ୍ଥା ଦେଖାଇଛନ୍ତି ତାହା ଆମ ପାଇଁ ବହୁ ଉପଯୋଗୀ। ୪୭୬ ମସିହାର ଆର୍ଯ୍ୟଭଟ୍ଟ, ୫୦୫ ମସିହାର ରାଜା ବିକ୍ରମାଦିତ୍ୟଙ୍କ ନବରତ୍ନ ପଣ୍ଡିତମାନେ ଅନ୍ୟତମ। ପୃଥିବୀର ଗ୍ରୀନଲାଣ୍ଡ ଦେଶରେ ବାୟୁମଣ୍ଡଳ ଅତି ଅର୍ଦ୍ରତା ହୀନ ଓ ଶୀତଳ ହେତୁ କୌଣସି ପ୍ରକାର ବ୍ୟାଧି ଏଠାରେ ଦେଖାଯାଏ ନାହିଁ। ଏହା ପ୍ରକୃତିର କାର୍ଯ୍ୟ। ଏଠାରେ ସହସ୍ର ସହସ୍ର ବ୍ୟକ୍ତି ତୁଷାର ଗୃହ ନିର୍ମାଣ କରି ତୁଷାର ଗ୍ରାମରେ ସ୍ତ୍ରୀ ପୁତ୍ରକୁ ନେଇ ବାସ କରନ୍ତି।

ପ୍ରକୃତି ମଧ୍ୟ ବେଳକାଳକୁ ଲକ୍ଷ୍ୟ କରି ପରିବର୍ତ୍ତନର ବାଟ ଖୋଜିଥାଏ। ଆଫ୍ରିକାର ପଶ୍ଚିମରେ ଆଟଲାଣ୍ଟିକ ମହାସାଗରରେ କେତେକ ଦ୍ୱୀପ ରହିଛି। ସେଠାକାର ଫେରୋ ଦ୍ୱୀପରେ ଏକ ପ୍ରକାର ବୃକ୍ଷ ରହିଥିଲା, ଯାହା ରାତିସାରା ବିନ୍ଦୁ ବିନ୍ଦୁ ଜଳ ଯୋଗାଇ ଥାଏ। ପ୍ରତି ବୃକ୍ଷରୁ ପ୍ରାୟ ୨୦ହଜାର ଟନ ସୁସ୍ୱାଦୁ ଜଳ ବିଗଳିତ ହେଉଥିଲା। ଏହାଦ୍ୱାରା ସେଠାକାର ଲୋକଙ୍କର ଜଳର ଅଭାବ ନ ଥିଲା, ମାତ୍ର ସେଠାରେ ଜଳ ଯୋଗାଣର ଉପାୟ ଆରମ୍ଭ ହେବାରୁ ପ୍ରକୃତି ଦତ୍ତ ସେହି ନିର୍ଝର ବୃକ୍ଷରୁ ଜଳ ବର୍ଷଣ ବନ୍ଦ ହୋଇଗଲା। କବିଙ୍କ ଭାଷାରେ– 'ଜାଣିଥାଅ ଧାତା ବାମ ହୋଇଲେ, ବିପଦ ବାରଣ ନୁହଁଇ ଭଲେ।' ଉଦ୍ୟମ ବିନା କାର୍ଯ୍ୟ ସିଦ୍ଧି ହେବ ନାହିଁ। ଦେଶ କାଳ ପାତ୍ର ଅନୁସାରେ କର୍ତ୍ତବ୍ୟ କର୍ମର ବିଭିନ୍ନତା ଦେଖାଯାଏ। ପ୍ରକୃତି ସବୁ ସମୟରେ ସବୁ ପରିସ୍ଥିତିରେ ସମାନ ଥିଲେ ମଧ୍ୟ ଓଡ଼ିଶାର ମାଟିପାଣିପବନର ମାଳିକ ସ୍ୱୟଂ ଶ୍ରୀ ଜଗନ୍ନାଥ ମହାପ୍ରଭୁ।

ମୋ: ୯୨୩୮୮୬୯୦୦୬

## ଏଇ ଭାରତରେ

ବାନାନା ଶାଢ଼ି, ଲୋଟସ୍ ଶାଲ୍ ଏବଂ ବାମ୍ବୋ ଜିନ୍ସ କହୁଛି ଆମ ଦେଶୀ ଫ୍ୟାଶନ ଏବେ କେଉଁଠି ପହଞ୍ଚିଲାଣି। ବାନାନା ଶାଢ଼ି ପାଇଁ ସମ୍ପୂର୍ଣ୍ଣ କଦଳୀ ଗଛକୁ ଉପଯୋଗ କରାଯାଉଛି। ସେହିଭଳି ବାମ୍ବୋ ଜିନ୍ସରେ ବାଉଁଶ ସହ ଅନ୍ୟ ଗଛର ଫାଇବର ବା ତନ୍ତୁ ଉପଯୋଗ ହେଉଛି। ଲୋଟସ୍ ଶାଲ୍ ପ୍ରସ୍ତୁତିରେ ପଦ୍ମନାଡ଼ର ତନ୍ତୁ ଲାଗୁଛି। ଏଭଳି ଡିଜାଇନର କପଡ଼ା ତିଆରି କରୁଛନ୍ତି ତାମିଲନାଡୁର ସି. ଶେକର। ସେ ଅନାକାପୁଥୁର ୱିଭର୍ସ ଆସୋସିଏଶନର ସଭାପତି ରହିଛନ୍ତି। ପ୍ରାକୃତିକ ଫାଇବରରୁ କପଡ଼ା ପ୍ରସ୍ତୁତ କରିବାରେ ଏଭଳି ସଫଳତା ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ସବୁଠୁ ବଡ଼ କଥା ହେଉଛି, ବର୍ଜ୍ୟ ଭାବେ ଫିଙ୍ଗି ଦିଆଯାଉଥିବା କଦଳୀ ଗଛକୁ ଉପଯୋଗ କରି କପଡ଼ା ତିଆରିରେ ଲଗାଉଛି ଅନାକାପୁଥୁର ୱିଭର୍ସ ଆସୋସିଏଶନ। ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ କେରଳର ମନ୍ଦିରଗୁଡ଼ିକରେ କଦଳୀ ଗଛକୁ ଶୋଭା ବଢ଼ାଇବା ଲାଗି ବ୍ୟବହାର କରାଯାଇଥାଏ। ଶେକର ସେଗୁଡ଼ିକୁ ସେଠାରୁ ସଂଗ୍ରହ କରୁଛନ୍ତି। ଅନାକାପୁଥୁର ୱିଭର୍ସ ଆସୋସିଏଶନର ବୁଣାକାରମାନଙ୍କର ଆହୁରି ଅନେକ ଗଛରୁ କପଡ଼ା ତିଆରି କରିବାର କ୍ଷମତା ରହିଛି , କିନ୍ତୁ ସେମାନଙ୍କୁ ବୈଷୟିକ ସହାୟତା ମିଳିପାରୁନାହିଁ ବୋଲି କହନ୍ତି ଶେକର। ସେହିଭଳି ମୁମ୍ବାଇର ହେମ୍ପ କମ୍ପାନୀ ଦ୍ୱାରା ସପୁରି ପତ୍ରର ଫାଇବରରୁ କପଡ଼ା ତିଆରି ହେଉଛି। କମ୍ପାନୀର ମୁଖ୍ୟ ତଥା ଡିଜାଇନର ନେହା ରାଓଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ଏହି କପଡ଼ା ନରମ ଓ ଆରାମଦାୟକ ହେଉଛି। ଭାରତରେ ୧୬ ଲକ୍ଷ ଟନ୍ ସପୁରି ଉତ୍ପାଦନ ହେଉଥିବାବେଳେ ଏହି ଗଛର ପତ୍ରକୁ ଉପଯୋଗ କରି ଅଧିକ କପଡ଼ା ପ୍ରସ୍ତୁତ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହନ୍ତି ନେହା ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | 1 | | | |
| 3 | 8 | | | 9 | 2 | | | |
| 5 | | | | | | 8 | 3 | |
| | | | | | 9 | | 5 | |
| | | | | | | | | 6 |
| | | 4 | 1 | | | | 9 | |
| 6 | 2 | | | 4 | | 5 | | |
| | | | | | | | | |
| 9 | 5 | | 7 | | 8 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 2 | 8 | 9 | 3 | 1 | 5 |
| 2 | 8 | 9 | 5 | 1 | 3 | 4 | 6 | 7 |
| 1 | 3 | 5 | 6 | 7 | 4 | 8 | 9 | 2 |
| 9 | 7 | 4 | 3 | 5 | 8 | 6 | 2 | 1 |
| 3 | 2 | 6 | 1 | 9 | 7 | 5 | 8 | 4 |
| 8 | 5 | 1 | 4 | 6 | 2 | 7 | 3 | 9 |
| 5 | 9 | 8 | 7 | 3 | 1 | 2 | 4 | 6 |
| 6 | 1 | 2 | 8 | 4 | 5 | 9 | 7 | 3 |
| 7 | 4 | 3 | 9 | 2 | 6 | 1 | 5 | 8 |

ଗତକାଲିର ଉତ୍ତର

# ବିକଶିତ ପର୍ଯ୍ୟଟନ ଆବଶ୍ୟକ



ଇପ୍ସିତା ମହାନ୍ତି

ପର୍ଯ୍ୟଟନ ଶିଳ୍ପ ସାରାଦୁନିଆ ପାଇଁ କେବଳ ଅର୍ଥନୈତିକ ପ୍ରଗତି ଆଣେ ନାହିଁ ବରଂ ରୋଜଗାରର ଅଜସ୍ର ସୁଯୋଗ ସୃଷ୍ଟି କରେ। କେତେକ ରାଷ୍ଟ୍ରର ଅର୍ଥନୀତି ଓ ଘରୋଇ ଉତ୍ପାଦରେ ଏହାର ଯୋଗଦାନ ସର୍ବାଧିକ। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ୩୨ଲକ୍ଷ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଭାରତର ସ୍ଥିତି କିନ୍ତୁ ଅତିବ ନୈରାଶ୍ୟଜନକ। ସୁବିସ୍ତୀର୍ଣ୍ଣ ବେଳାଭୂମି, ହିମାଳୟ ପାର୍ବତ୍ୟାଞ୍ଚଳ ସହ ଅସଂଖ୍ୟ ପାର୍ବତ୍ୟ ଉପତ୍ୟକା, ଏକାଧିକ ବାଲୁକାମୟ ସହର, ନଦୀନାଳ, ଜଳପ୍ରପାତ, ବଣପାହାଡ଼, ଐତିହାସିକ କୀର୍ତ୍ତିରାଜି, କ'ଣ ନାହିଁ ଆମ ଦେଶରେ ? ସାରାଦୁନିଆରେ ଜନସଂଖ୍ୟା ଦୃଷ୍ଟିରୁ ୨ୟ, କ୍ଷେତ୍ରଫଳରେ ୭ମ ଏବଂ ଜିଡିପିରେ ୩ୟ ସ୍ଥାନରେ ଥିବା ଭାରତର ସ୍ଥାନ ବିଶ୍ୱ ପର୍ଯ୍ୟଟନ ତାଲିକାରେ ୩୪ତମ। ଆତ୍ମନିର୍ଭରଶୀଳ ଦୃଷ୍ଟିରୁ ଏହା ଆମକୁ ବହୁ ପଛକୁ ଠେଲି ଦେଇଛି।

ପର୍ଯ୍ୟଟନ କ୍ଷେତ୍ରରେ ଯଦି ବିଶ୍ୱବ୍ୟାପୀ ତୁଳନା କରିବା, ତେବେ ସମୁଦାୟ ୨ଲକ୍ଷ ବର୍ଗ ମାଇଲର କ୍ଷେତ୍ରଫଳ ଓ ସାଢେ ୪କୋଟି ଜନସଂଖ୍ୟା ବିଶିଷ୍ଟ ସ୍ପେନ ହେଉଛି ଏକମାତ୍ର ଦେଶ ଯେଉଁଠିକୁ ଦୁନିଆର ବିଭିନ୍ନ ପ୍ରାନ୍ତରୁ ପ୍ରତିବର୍ଷ ୮କୋଟି ଲୋକ ଭ୍ରମଣରେ ଯାଇଥାନ୍ତି। ଏହି ତଥ୍ୟ ଅନୁସାରେ ସ୍ପେନ୍ ହେଉଛି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ। ସମଗ୍ର ବିଶ୍ୱରେ ଯଦି ବାର୍ଷିକ ୫୦କୋଟି ଲୋକ ଭ୍ରମଣ କରୁଥାନ୍ତି, ତେବେ ସେଥିମଧ୍ୟରୁ ୧୬% ଲୋକଙ୍କୁ ଏକାକୀ ସ୍ପେନ୍ ଟାଣି ନିଏ। ସେହିଭଳି ପାଖାପାଖି ୯% ଲୋକଙ୍କ ପ୍ରଥମ ପସନ୍ଦ ହେଉଛି ଫ୍ରାନ୍ସ, ଯାହାର ମୋଟ କ୍ଷେତ୍ରଫଳ ଅଢ଼େଇ ଲକ୍ଷ ବର୍ଗ ମାଇଲ୍। ବିଶ୍ୱ ପର୍ଯ୍ୟଟନର ଅନୁକୂଳ ଦେଶଙ୍କ ତାଲିକାରେ ଫ୍ରାନ୍ସ ଏବଂ ସ୍ପେନ୍ ପ୍ରଥମ ୨ସ୍ଥାନ ଅଧିକାର କରି ନେଇଛନ୍ତି। ତା' ପଛକୁ ୩ୟ ସ୍ଥାନରେ ରହିଛି ଯୁକ୍ତରାଷ୍ଟ୍ର ଆମେରିକା। ବିଶ୍ୱର ବୃହତ୍ତମ ବଜାର ହେତୁ ଏହା ୩ୟରେ ରହିବା ଆଶ୍ଚର୍ଯ୍ୟଜନକ ନୁହେଁ। କିନ୍ତୁ ଜନସଂଖ୍ୟା ଦୃଷ୍ଟିରୁ ୧ମ ସ୍ଥାନରେ ଥିବା ଚାଇନା ତାଲିକାର ୪ର୍ଥ ସ୍ଥାନରେ ରହିବା ଅନେକଙ୍କୁ ଚକିତ କରୁଛି। ପ୍ରତିବର୍ଷ ଦୁନିଆର ୬କୋଟିରୁ ଊର୍ଦ୍ଧ୍ୱ ଲୋକ ଚାଇନା ଭ୍ରମଣରେ ଯାଇଥାନ୍ତି। ପର୍ଯ୍ୟଟନ ଶିଳ୍ପରୁ ଫ୍ରାନ୍ସ, ସ୍ପେନ୍, ଯୁକ୍ତରାଷ୍ଟ୍ର ଆମେରିକା, ସୁଇଜରଲାଣ୍ଡ ଏବଂ ନେଦରଲାଣ୍ଡ ଭଳି ଦେଶ ବାର୍ଷିକ ବହୁ କୋଟି ଆୟ କରୁଛନ୍ତି।

କେତେକଙ୍କ ମତରେ, ଆମ ଦେଶରେ ପ୍ରତିଦିନ ସଂଖ୍ୟାଧିକ ଆପରାଧିକ ମାମଲା ଘଟୁଥିବାରୁ ଏଠାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସନ୍ତି ନାହିଁ। କାରଣ ପର୍ଯ୍ୟଟକଗଣ ନିଜ ସୁରକ୍ଷାକୁ ପ୍ରାଥମିକତା ଦେଇଥାନ୍ତି। ଏଭଳି ଯୁକ୍ତି ଅମୂଳକ ନୁହେଁ। କିନ୍ତୁ ଆପରାଧିକ ମାମଲାରେ ସାରାଦୁନିଆରେ ମେକ୍ସିକୋ ଓ ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଗ୍ରେ ରହିବେ। ହେଲେ ମେକ୍ସିକୋ ହେଉଛି ପର୍ଯ୍ୟଟକଙ୍କ ୭ମ ପସନ୍ଦଯୋଗ୍ୟ ରାଷ୍ଟ୍ର। ବାର୍ଷିକ ୪କୋଟିରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏଠାକୁ ଯାଇଥାନ୍ତି। ଏ ଦୃଷ୍ଟିରୁ ଭାରତକୁ କମ୍ ପର୍ଯ୍ୟଟକ ଆସିବା ଚିନ୍ତାର ବିଷୟ ।

ସେହିପରି କୋଳାହଳ ମଧ୍ୟ ଏକ କାରଣ। ଶାନ୍ତ ପରିବେଶକୁ ଖୋଜିଖୋଜି ଭାରତ ଆସୁଥିବା ବିଦେଶୀ ପର୍ଯ୍ୟଟକ ଆଜି ଏଠାରେ ଶାନ୍ତିରେ ସମୟ କାଟିପାରୁ ନାହାନ୍ତି। ୨୦୦୮ର ଏକ ଘଟଣା– କିଛି ବିଦେଶୀ ପର୍ଯ୍ୟଟକ ସପରିବାର ଆନ୍ଧ୍ରପ୍ରଦେଶର ଆରକୁ ଉପତ୍ୟକାର ଶାନ୍ତ ପରିବେଶରେ ସମୟ କାଟୁଥାନ୍ତି, ଉପଭୋଗ କରୁଥାନ୍ତି ଠୋକାର ପ୍ରକୃତିକୁ। ଠିକ୍ ଏହି ସମୟରେ ବାଇକ୍ ଯୋଗେ ୧୦ରୁ ୧୨ଜଣ ସଂଘବଦ୍ଧ ଯୁବକ ସେମାନେ ରହୁଥିବା ସ୍ଥାନ ନିକଟରେ ପହଞ୍ଚିଗଲେ। କିଛି କ୍ଷଣରେ ଉକ୍ତ ସ୍ଥାନଟି ଅପରିଷ୍କାର ହୋଇଗଲା। ଏମାନଙ୍କ କୋଳାହଳରୁ ବର୍ତ୍ତିବା ପାଇଁ ସେହି ବିଦେଶୀ ପର୍ଯ୍ୟଟକ ସ୍ୱତଃ ସେଠାରୁ ଚାଲିଯିବା ପାଇଁ ବାଧ୍ୟ ହୋଇଥିଲେ। ଶବ୍ଦ ପ୍ରଦୂଷଣ ହେଉଛି ଏକ ଦିଗ, ଯାହାକୁ ଆମ୍ଭମାନଙ୍କ ମଧ୍ୟରୁ କେହିକେହି ପୌରାଣିକ ଦୃଷ୍ଟିରେ ବିବେଚନା କରିଥାନ୍ତି। ନଚେତ ଏଠାକାର ବିଭିନ୍ନ ପର୍ବପର୍ବାଣି, ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଅନାବଶ୍ୟକ ଭାବେ ଖୁବ୍ ଉଚ୍ଚ ଶବ୍ଦରେ ବାଦ୍ୟଯନ୍ତ୍ର ବାଜନ୍ତା ନାହିଁ କିମ୍ବା ଡାକବାଜି ଯନ୍ତ୍ରରୁ ବିକଟାଳ ଶବ୍ଦ ଶୁଭନ୍ତା ନାହିଁ। ଆପରାଧିକ ଶ୍ରେଣୀଭୁକ୍ତ ହୋଇ ନ ଥିବାରୁ କୋଳାହଳକୁ କେହି ମାନନ୍ତି ନାହିଁ। କେତେକଙ୍କ ମତରେ ଆମ ଜନସଂଖ୍ୟାର ଘନତ୍ୱ ପର୍ଯ୍ୟଟକଙ୍କ ଆଗମନ ପଥରେ କଣ୍ଟକ ସାଜିଛି। ମାତ୍ରାଧିକ ଭିଡ଼ ଓ କୋଳାହଳ ଯୋଗୁ ଏଠାରେ ବିଦେଶୀ ପର୍ଯ୍ୟଟକ ଅସହଜ ମନେ କରୁଛନ୍ତି। ତେବେ ଜନସଂଖ୍ୟା ଦୃଷ୍ଟିରୁ ଚାଇନା ହେଉଛି ବିଶ୍ୱର ବୃହତ୍ତମ ଦେଶ, ଯିଏ ଦେଢ଼ଶହ କୋଟି ଲୋକଙ୍କୁ ପାଳୁଛି। ଅଥଚ ପର୍ଯ୍ୟଟନ ଶିଳ୍ପ ତାଲିକାରେ ଚାଇନା ଭାରତ ଉପରେ ରହିଛି। । ଆମ ଦେଶକୁ ବାର୍ଷିକ ୨କୋଟି ଲୋକ ବି ଆସନ୍ତି ନାହିଁ। ଏଭଳି ସ୍ଥିତିରେ ମାତ୍ରାଧିକ କୋଳାହଳ ଏକ କାରଣ ହୋଇ ନ ପାରେ। ଆମ ପର୍ଯ୍ୟଟନ ମନ୍ତ୍ରଣାଳୟ ସୁପ୍ତ ଅବସ୍ଥାରେ ରହିବା ଏବଂ ବିଭାଗୀୟ କର୍ମଚାରୀ କଚ୍ଛପ ଗତିରେ କାର୍ଯ୍ୟ କରିବା ହେତୁ ଏହି କ୍ଷେତ୍ରରେ ଆମେ ଆଜି ବହୁ ପଛରେ ପଡ଼ିଯାଇଛେ।

ପର୍ଯ୍ୟଟନକୁ ପ୍ରାଥମିକତା ଦେଉଥିବା ସରକାର ଗୋଟିଏ ପରେ ଗୋଟିଏ ଅଭିନବ ବିକଳ୍ପ ଓ ସୁଯୋଗ ସୃଷ୍ଟି ପାଇଁ ପରିଯୋଜନା ତିଆରି କରନ୍ତି। ଏଥିପାଇଁ ସରକାର ଲୋକଙ୍କୁ ଆକୃଷ୍ଟ କଳାଭଳି ବିଜ୍ଞାପନ ତିଆରି କରନ୍ତି, ପର୍ଯ୍ୟଟକଙ୍କୁ ଲୋଭନୀୟ ସୁବିଧା ପ୍ରଦାନର ସର୍ତ୍ତ ରଖନ୍ତି, ରିହାତି ବିଷୟ ଘୋଷଣା କରନ୍ତି, ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆଗେଇ ଆସନ୍ତି। ସାଥେସାଥେ ବିଦେଶୀ ଚଳଚ୍ଚିତ୍ରର ସୁଟିଂ ପାଇଁ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ମଧ୍ୟ କରନ୍ତି। ସମ୍ପ୍ରତି ଅଧିକାଂଶ ହଲିଉଡ୍ ଚଳଚ୍ଚିତ୍ରରେ ପର୍ଯ୍ୟଟନର ପ୍ରଚାର–ପ୍ରସାର ପାଇଁ ଦର୍ଶକଙ୍କୁ ମରକ୍କୋର ବିଭିନ୍ନ ଦୃଶ୍ୟ ଦେଖାଯାଉଛି। ନିକଟରେ ସେଠାରେ ଏକ ଚଳଚ୍ଚିତ୍ରର କ୍ଲାଇମାକ୍ସରେ ସାମୋଆକୁ ଦେଖାଯାଇଥିଲା। କାହିଁକି ଜାଣନ୍ତି ? ମାନଚିତ୍ରରେ ସାମୋଆ କେଉଁଠି ଅଛି ? ତାହା କେହି ଜାଣନ୍ତିନି। କିନ୍ତୁ ଏହାକୁ ଦେଖିବା ପରେ ଏ ବିଷୟରେ ଦର୍ଶକଙ୍କ ମନରେ ନିଶ୍ଚିତ ଭାବରେ ପ୍ରଶ୍ନ ଉଠିବ ଯେ, କେତେ ସୁନ୍ଦର ହୋଇଛି ସ୍ଥାନଟି ! ସେମାନେ ଖୋଜିବାକୁ ଲାଗିବେ, ଏହା କେଉଁଠି ଅବସ୍ଥିତ ?

ଦୁନିଆ କଥା ଛାଡ଼ନ୍ତୁ। ଟିକିଏ ଚିନ୍ତା କଲେ ଜାଣିଯିବା ଜୋୟାରେ କାହିଁକି ସ୍ପେନର ଛବି ଦେଖାଯାଇଥିଲା ? ଏହି ଚଳଚ୍ଚିତ୍ର ପରେ ଏକ ମିଲିୟନରୁ ଊର୍ଦ୍ଧ୍ୱ ଭାରତୀୟ ସ୍ପେନ ଯାତ୍ରାର ଯୋଜନା କରିଥିଲେ। ଥରେ ଭାବି ଦେଖନ୍ତୁ ତ ୧ଲକ୍ଷ ଲୋକ ଯଦି ସ୍ପେନ ଭ୍ରମଣରେ ଯିବେ ଓ ସେଠାରେ ଜଣକା ଅତିକମ୍‌ରେ ୧ହଜାର ୟୁରୋ ଲେଖାଏଁ ଖର୍ଚ୍ଚ କରବେ, ତା'ହେଲେ କେତେ ଟଙ୍କା ହେବ ? ୧ବିଲିୟନ ୟୁରୋ ଅର୍ଥାତ ଭାରତୀୟ ମୁଦ୍ରାରେ ପ୍ରାୟ ୮ହଜାର କୋଟି ଟଙ୍କା। ତା'ମାନେ କେବଳ ଗୋଟିଏ ଚଳଚ୍ଚିତ୍ରରୁ ଏତେ ପରିମାଣର ଅର୍ଥ ଆୟ ହୋଇପାରୁଛି। ଆମ ଜୈସାଲମେର୍ କୌଣସି ଗୁଣରେ ମରକ୍କୋଠାରୁ କମ୍ ନୁହେଁ। ହିମାଚଳ ପ୍ରଦେଶ ତୁଳନାରେ ସୁଇଜରଲାଣ୍ଡ କିଛି ନୁହେଁ। ବର୍ଷର ଅଧିକାଂଶ ସମୟ ଏଠାରେ ଜୀବନ ବିତାଇବା କଷ୍ଟକର କିନ୍ତୁ ଯେକୌଣସି ସମୟରେ ହିମାଚଳ ପ୍ରଦେଶକୁ ଭ୍ରମଣରେ ଯାଇପାରିବା। ଆମ ଉତ୍ତରାଖଣ୍ଡ ସହ କେହି ସମକକ୍ଷ ନୁହନ୍ତି। ସାରାଦୁନିଆ ବୁଲିଆସିଲେ ଶ୍ରୀନଗର ଭଳି ସହର ପାଇବା ନାହିଁ। ଦୁନିଆରେ ଲଦାଖର କେହି ବିକଳ୍ପ ନାହାନ୍ତି। ତଥାପି ଆମ ଦେଶକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଦେଢ଼କୋଟିରେ ସୀମିତ! ଆମକୁ ଏହାର କାରଣ ଖୋଜି ବାହାର କରିବାକୁ ପଡ଼ିବ।

ପର୍ଯ୍ୟଟନ କ୍ଷେତ୍ରରେ ପଛୁଆ ପାଇଁ କେବଳ ଆମ ସରକାର କିମ୍ବା ପ୍ରଶାସନ ଦାୟୀ ନୁହନ୍ତି, ଆମ ଜନପ୍ରତିନିଧି, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ଚଳଚ୍ଚିତ୍ର ଓ ସାହିତ୍ୟ ଜଗତ ମଧ୍ୟ ସମପରିମାଣରେ ଉତ୍ତରଦାୟୀ। ଚଳଚ୍ଚିତ୍ର ନିର୍ମାଣ ପାଇଁ ଏଠି ଟିକସ ବାବଦରେ ରିହାତି ମିଳେନାହିଁ। ଯଦିବା କାହାକୁ କିଛି ମିଳୁଛି ତାହା ଅତି କ୍ୱଚିତ। ଏଠାରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ହେଉଥିବା ଛୋଟମୋଟ ଖର୍ଚ୍ଚକୁ ଯଦି ଅପସାରଣ କରିନେବା, ତେବେ ସେହି ଅର୍ଥରେ ଚେକ୍ ରିପବ୍ଲିକର ପ୍ରାଗ୍‌ରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇପାରିବ ସିନା ଆମ ଦେଶର ବିହାରରେ ଏହା ଅସମ୍ଭବ। ଭାତହାଣ୍ଡିରୁ ଭାତଟିଏ ଟିପିଲା ଭଳି ଏସବୁକୁ ଯଦିଓ ଉଦାହରଣ କହିବା କିନ୍ତୁ ଏହା ହିଁ ହେଉଛି ବାସ୍ତବତା।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ପାଠକ ଶ୍ରେଷ୍ଠ ବିଚାରକ

### ଖରସ୍ରୋତା ପାନୀୟଜଳ ପ୍ରକଳ୍ପର ବିଚାର ହେଉ

ମହାଶୟ,

ଭଦ୍ରକ ଜିଲା ନିମନ୍ତେ ମଧୁରଜଳ ପାଇଁ ଆଖୁଆପଦା ଓ ହଦଗଡ଼ ଡ୍ୟାମରୁ ପାଇପ ଯୋଗେ ଜଳ ଯୋଗାଣରେ କିଛି ଅସୁବିଧା ନାହିଁ। ସରକାର ତାହା ନ କରି କେନ୍ଦ୍ରାପଡ଼ା ଜିଲା ଭାରିଗଦାଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ତିଆରି କରି ଅଯଥାରେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜାଇଛନ୍ତି। ଖରସ୍ରୋତାର ଉପରମୁଣ୍ଡ ବୈତାରୀପୁର ପଦନୀପାଳଠାରୁ ସିଂହପୁର ପର୍ଯ୍ୟନ୍ତ ବ୍ୟାପକ ଖୋଳା ହେବାର ଆବଶ୍ୟକତା ରହିଛି। ଭାରିଗଦାଠାରେ ଏକ ବ୍ୟାରେଜ ନିର୍ମାଣ ହେବା ଓ କରାଯିବାର ଅପରିହାର୍ଯ୍ୟତାକୁ ଏଡ଼ାଇ ଦିଆ ନ ଯାଇପାରେ। ଯେଉଁ ପାଞ୍ଚ ପ୍ରତିଶତ ଜଳ ଖରସ୍ରୋତା ଯିବ ବୋଲି କୁହାଯାଉଛି ସେଥିରେ ମଧ୍ୟ ଆଳି–କନିକାର ଜୀବନରେଖା କୁହାଯାଉଥିବା ଖରସ୍ରୋତା ନଦୀର ବ୍ୟାପକ କ୍ଷତିଗ୍ରସ୍ତ ହେବ। ସମୁଦ୍ରରୁ ଲୁଣାପାଣି ଉଠି ଆସିବ। ଫସଲ ନଷ୍ଟ ହେବ। ଭିତରକନିକାର ଜୈବ ବିବିଧତା ଗଭୀର ବାଧାପ୍ରାପ୍ତ ହେବ। ଖରସ୍ରୋତା ଏକ ମୃତ ନଦୀରେ ପରିଣତ ହେବ। ଆଜିର ମଧୁର ଜଳପୂର୍ଣ୍ଣ ଖରସ୍ରୋତା ନଦୀ ଲୁଣିଆ ଜଳରେ ପରିପୂର୍ଣ୍ଣ ହେବ। ସରକାର ଏସବୁ ବିଷୟକୁ ବିଚାରକୁ ନେଇ ପର୍ଯ୍ୟାପ୍ତ ବିଚାରବିମର୍ଷ କରି ଭାରିଗଦାଠାରେ ହେବାକୁ ଥିବା ମେଗା ପାନୀୟଜଳ ପ୍ରକଳ୍ପରୁ କ୍ଷାନ୍ତ ରହନ୍ତୁ।

**–ନୀଳମଣି ପରିଡ଼ା, ମାନପୁର, ଭୂଞ୍ଜପୁର (ଆଳି), କେନ୍ଦ୍ରାପଡ଼ା**

## ଚିରନ୍ତନୀ

ସେ ବାରତା ନ ଆସୁ ଏ ବିଜନ ପ୍ରବାସେ,
ସେ ସ୍ମୃତି ନ ଭାସୁ ଆଜି ଆଲୋକ ଆକାଶେ,
ଆଣିଛି ଯେ ସ୍ମୃତି ଧରି
ଯାଉ ସବୁ ଏଥି ମରି
ନିଭୃତ ଏ ଶୂନ୍ୟ କୋଣେ ତମସ ତରାସେ
ଆଲୋକର ରଶ୍ମି ଉଠୁ ପୁଣି ନବ ହାସେ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରି ବୃଦ୍ଧ ଗିରଫ

ବୌଦ୍ଧ,(ସ୍ୱ.ପ୍ର.): ୧୧ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଜଣେ ବୃଦ୍ଧ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ବୌଦ୍ଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ଏକ ଗ୍ରାମର ସମ୍ପୃକ୍ତ ନାବାଳିକା ଝାଡା ଯାଇ ଫେରୁଥିବା ବେଳେ ସେହି ଗ୍ରାମର ଶେଷ ଦେହୁରୀ(୫୫) ତାଙ୍କୁ ଘର ଭିତରକୁ ଟାଣି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଣସି ମତେ ଖସି ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ପୋଲିସ ନଂ୨୨୭/୨୧ରେ ମାମଲା ରୁଜୁ କରିଛି। ଶୁକ୍ରବାର ଦିନ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡିଛି।



# ଜଳସେଚନ ପ୍ରକଳ୍ପ ପାଇଁ ଗ୍ରାମସଭା

ଝାରସୁଗୁଡ଼ା ଅଫିସ,୧୬।୯

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ପୋଖରାସାଲେ ପଞ୍ଚାୟତର ଅମାଡି ଗ୍ରାମରେ ହେବାକୁ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ଜିଲା ପ୍ରଶାସନ ତରଫରୁ ଗୁରୁବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ବିଜୟ ସଏ, ତହସିଲଦାର ଦିଲୀପ ପ୍ରଧାନ, ଏସ୍‌ଡିପିଓ ନିର୍ମଳ ମହାପାତ୍ର, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ମହାନ୍ତି,ଏସ୍‌ଡିଓ ପ୍ରିୟଙ୍କା କାଲୋ, ଆଇଆଇସି ସୁକୁମାର ତ୍ରିପାଠୀ, ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ, କନିଷ୍ଠଯନ୍ତ୍ରୀ ଏସ୍.କେ. ମହାପାତ୍ର, ଭାରପ୍ରାପ୍ତ ସରପଞ୍ଚ ଜନତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଉପଜିଲାପାଳ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ୧୮କୋଟି ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅମାଡି ଗ୍ରାମ ନିକଟରେ ଏକ ଡ୍ୟାମ୍ ଓ କେନାଲ ନିର୍ମାଣ କରାଯିବ। ଡ୍ୟାମ୍‌ର ଦକ୍ଷିଣ ଓ ଉତ୍ତର ପାର୍ଶ୍ୱରେ ୨ କେନାଲ ରହିବ। ଏହି ପ୍ରକଳ୍ପ ନିର୍ମାଣ ହେଲେ ଅଞ୍ଚଳର ୪୮୬ହେକ୍ଟର ଚାଷଜମି ଜଳସେଚିତ ହେବ। କୋଲାବିରା ବ୍ଲକ୍ ପୋଖରାସାଲେ ପଞ୍ଚାୟତର ଅମାଡି, ଲରିଆପାଲି, ଗନ୍ଥାପାଲି ଓ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ୍‌ର ବଡମାଲ, ଯମୁନା, ପାନପାଲି, ହାଡିପାଲି ଆଦି ଗ୍ରାମର ଚାଷୀମାନେ ଉପକୃତ ହେବେ। ଗ୍ରାମସଭାରେ



ଗ୍ରାମସଭାର ଉପସ୍ଥିତ ଅଞ୍ଚଳବାସୀ।

### ୪୮୬ ହେକ୍ଟର ଚାଷଜମି ହେବ ଜଳସେଚିତ

କେତେକ ଲୋକେ ପ୍ରକଳ୍ପକୁ ବିରୋଧ କରି ଏହା ହେଲେ ଗାଁ ପ୍ରଭାବିତ ହେବା ସହ ଚାଷଜମି କ୍ଷତିଗ୍ରସ୍ତ ହେବ ବୋଲି କହିଥିଲେ। ଆଉ କେତେଜଣ ସପକ୍ଷରେ ମତଦେଇ ପ୍ରକଳ୍ପ ନିର୍ମାଣ ହେଲେ ଅଞ୍ଚଳର ବହୁଚାଷୀ ଉପକୃତ ହେବେ ବୋଲି କହିଥିଲେ। ସେହିଭଳି ଅନ୍ୟ କେତେଜଣ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ କି ପ୍ରକାର ସୁବିଧା ମିଳିବ ବୋଲି ପ୍ରଶ୍ନ କରିଥିଲେ। ଆଉ କେତେକ ଲୋକ ଯେମିତି କେହି ପ୍ରଭାବିତ ନ ହେବେ ସେହିଭଳି ସ୍ଥାନ ନିରୂପଣ କରିବାପାଇଁ ପ୍ରସ୍ତାବ ଦେଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମହାନ୍ତି କହିଛନ୍ତି, ଏଠାରେ ପ୍ରକଳ୍ପ ହେଲେ କୌଣସି ଗ୍ରାମ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବ ନାହିଁ। ଏହାଦ୍ୱାରା ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ସାଧିତ ହେବ। ବିରୋଧ କରୁଥିବା ଚାଷୀଙ୍କୁ ପ୍ରକଳ୍ପ ସମ୍ପର୍କରେ ବୁଝାଯିବ। ଚାଷୀଙ୍କ ସହମତିରେ ଟେଣ୍ଡର ଆହ୍ୱାନ କରାଯାଇ ପ୍ରକଳ୍ପ ନିର୍ମାଣ କରାଯିବ। ସୂଚନାଯୋଗ୍ୟ ଏହି ପ୍ରକଳ୍ପ ନିର୍ମାଣ ପାଇଁ ବିଭାଗ ତରଫରୁ ୨୦୧୯-୨୦ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାର କାମ ପାଇଥିଲେ। ସେ ସମୟରେ ଏହାକୁ କେତେକ ସ୍ଥାନୀୟ ଲୋକ ବିରୋଧ କରିବାରୁ କାମ ବନ୍ଦ ହୋଇଯାଇଥିଲା।

## ବିଧାୟକଙ୍କ ଅନୁରୋଧ ରଖିଲେ କେନ୍ଦ୍ରମନ୍ତ୍ରୀ

### ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ପ୍ରସଙ୍ଗ

ସମ୍ବଲପୁର,୧୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବିଧାୟକ ନାଉରୀ ନାଏକ ଦୂରଦର୍ଶନ କେନ୍ଦ୍ର ପ୍ରସଙ୍ଗରେ କରିଥିବା ଅନୁରୋଧକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗ୍ରହଣ କରିଛନ୍ତି। ମନ୍ତ୍ରୀ ପ୍ରଧାନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଏ ବିଷୟରେ ଅବଗତ କରି ପଦକ୍ଷେପ ଗ୍ରହଣ କରିବାକୁ ସେପ୍ଟେମ୍ବର ୧୫ ତାରିଖରେ ଚିଠି କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାବାସୀ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି କରିଆସୁଛନ୍ତି। ସେମାନଙ୍କ ଦାବି ଅନୁସାରେ ଏହି କେନ୍ଦ୍ର ୧୯୭୮ରେ ସ୍ଥାପନ ହୋଇଥିଲା। ଦେଶରେ ଅଷ୍ଟମ ଓ ରାଜ୍ୟରେ ପ୍ରଥମ କେନ୍ଦ୍ର ଭାବେ ପୂର୍ବତନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲାଲକୃଷ୍ଣ ଆଡୱାନି ଏହାକୁ ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏହି କେନ୍ଦ୍ରରେ ଲୋକଗୀତ, ପରମ୍ପରା, ଇତିହାସକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ ହୋଇଆସୁଥିଲା। ଏବେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରାଯାଇଛି। ଏହାର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସେମାନେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ବିଧାୟକ ନାଉରୀ ନାଏକ ଗତ ଅଗଷ୍ଟ ୨୮ରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଭେଟି ଦୂରଦର୍ଶନ କେନ୍ଦ୍ର ପ୍ରସଙ୍ଗରେ ଅନୁରୋଧ କରିଥିଲେ।

## ଡାଲମିଆ ବିଦ୍ୟାମନ୍ଦିର ପରିସରରେ ବିଶ୍ୱ ଓଜୋନ ଦିବସ ପାଳିତ

ରାଜଗାଙ୍ଗପୁର,୧୬।୯ (ଡି.ଏନ.ଏ.)

ରାଜଗାଙ୍ଗପୁର ଡାଲମିଆ ବିଦ୍ୟାମନ୍ଦିର ପରିସରରେ ଓଜୋନ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସହିତ ସାମୂହିକ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ରାଉରକେଲା ଆଞ୍ଚଳିକ ଅଫିସ ଏବଂ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ଏହି ଅବସରରେ ରାଉରକେଲା ଆଞ୍ଚଳିକ ଅଫିସର ପରିବେଶ ଯନ୍ତ୍ରୀ ବବିତା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର କାରଖାନା ମୁଖ୍ୟ ଚେତନ ଶ୍ରୀବାସ୍ତବ, ପରିବେଶ ବିଭାଗର ଉପ ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର ଓ ଡାଲମିଆ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ.ରାଘବେନ୍ଦ୍ର ଦ୍ୱିବେଦି ଉପସ୍ଥିତ ଥିଲେ। ଡାଲମିଆ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଚଳିତ ବର୍ଷ ଜାତିସଂଘ ଘୋଷିତ ସ୍ଲୋଗାନ "ମଣ୍ଟ୍ରିଲ ପ୍ରୋଟୋକଲ" : ଆମର ଖାଦ୍ୟ ଓ ଟିକାକୁ ଥଣ୍ଡା ରଖିବା ଉପରେ ଏକ ବାର୍ତ୍ତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଡାଲମିଆ ସିମେଣ୍ଟ ଜନ ସମ୍ପର୍କ ବିଭାଗର ପ୍ରକାଶ କୁମାର ମହାନ୍ତି, ସତ୍ୟଜିତ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାରେ ସହଯୋଗ କରିଥିଲେ।

## ଅଧ୍ୟାପକଙ୍କ ସହ ଭାବ ବିନିମୟ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ସୁନ୍ଦରଗଡ଼,୧୬।୯(ଡି.ଏନ୍.ଏ.)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଅଧ୍ୟାପିକା ଅଧ୍ୟାପକ ସେମାନଙ୍କ ମଧ୍ୟରେ ରହିଥିବା ଅଭାବବୋଧକୁ ଦୂର କରିବା ପାଇଁ ଶତତ ଚେଷ୍ଟିତ ହେବା ଉଚିତ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଗୁରୁବାର ଅପରାହ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ସାହୁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକମାନଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତରଞ୍ଜନ ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀନିବାସ ବରିହା ଉପସ୍ଥିତ ଥିଲେ।


**VSS INSTITUTE OF MEDICAL SCIENCES & RESEARCH (VIMSAR), BURLA, SAMBALPUR, ODISHA - 768017**

**Walk-in-Interview for Selection of Senior Residents (SRs)/Tutors**

**Advt. No. 712/Director/VIMSAR/Dt.15.09.2021**

No. E-441: Applications are invited from eligible candidates to fill up vacant posts of SRs and Tutors at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in**

**Sd./- Director**
**VSS Inst. of Med. Sciences & Research, Burla**

OIPR-10026/11/0010/2122

**DISTRICT EDUCATION OFFICE, JAJPUR**

**Order No. 5998** **Date: 14.09.2021**

**Advertisement**

No. n-51:- Applications are invited through Registered / Speed Post from the eligible candidates of Jajpur District in prescribed format for engagement of Supporting Staff in Girls' Hostel of Odisha Adarsha Vidyalaya, Madhapur under Sukinda Block. Applications will be sent to the address of the District Education Office, Jajpur, At/ Po- Jajpur, Dist- Jajpur, Pin-755001. For download of application form & other details please visit to the District Website: **www.jajpur.nic.in**. The last date for receiving of application form is 27.09.2021

**By the order of Collector, Jajpur**
**Sd./- District Education Oficer, Jajpur**

OIPR-27057/11/0001/2122

**MUNICIPAL OFFICE, JEYPORE**

Ph. No. 06854-321098, Fax No. 06854-230104, E-mail: jeyporem.hud@nic.in

**L. No. 4043/JM-TCN08/2021-22** **Dt.15.09.2021**

No. C-973: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | |
|---|---|
| Bid documetns including schedule of quantity available for online bidding | **https://tendersorissa.gov.in/nicgep/app**. |
| No of Works | 80 |
| Estimated Cost | As per DTCN |
| Date & Time of Bidding | From 20.09.2021 at 11.00 hours to 27.09.2021 upto 16.00 hours |
| Last date & time for receipt of bids in portal | 27.09.2021 upto 16.00 hours |
| Offline documents received through Speed Post/ Registered Post | 27.09.2021 at 16.00 hours to 30.09.2021 upto 11.00 hours (Working days only) |
| Bids received online shall be opened on | 30.09.2021 at 11.00 hours onwards |
| Offline documents shall be opened in presence of the participate bidders | 30.09.2021 at 11.00 hours onwards |

**Sd./- Executive Officer, Jeypore Municipality**

OIPR-13079/11/0035/2122

**GOVERNMENT OF ODISHA**
**INVITATIONS FOR BIDS (IFB)**
**'e' PROCUREMENT NOTICE**

**Bid Identification No. E.E. JSPR (R&B) - 08/2021-22**

No. B-396

1. Name of work : E.I. works for the year 2021-22
2. No. of works : Total:- 03 (Three) nos. Works
3. Estimated Cost : **Above Rs. 05.00 lakhs up to Rs.40.00 lakhs (Approx.)**
4. Period of completion : 30 (Thirty) days
5. Class of contractors : **HT/MV/OEM**

**Other details as follows:-**

6. **Date & time of availabilty of bid documents in Portal:- 20.09.2021 at 11.30 A.M.**
7. **Last date/time for receipt of bids in Portal:- 04.10.2021 up to 05.00 PM.**
8. **Opening of Bid documents:- 05.10.2021, at 11.30 A.M.**
9. Procurement Officer with E-mail address : Executive Engineer, Jagatsinghpur (R&B) Division, Jagatsinghpur eerbjspr@gmail.com

Further details can be seen from the Govt. website **tendersorissa.gov.in**

**Sd./- Executive Engineer, Jagatsinghpur (R&B) Division**

OIPR-34093/11/0009/2122

**Government of Odisha**
**Office of the Executive Engineer, Rural Works Division, Dhenkanal**

E-mail: **eerwdkl@yahoo.co.in**

**e-procurement Notice No. 08 / Road Work / 2021-22**

No.:- O-699:-

1. Name of the work : Road Work
2. Total No. of Works : 3 (Three) Nos.
3. Estimated Cost : 16.05 lakh to 26.25 lakh (approx.)
4. Class Contractor : "D" & "C" Class
5. Period of Completion : 1 (One) Calendar month.
   online for bidding : 20.09.2021 at 11.00 A.M to 30.09.2021 up to 5.00 P.M
6. Last Date & Time of seeking tender clarification : 29.09.2021 upto 4.00 PM
7. Date & Time of opening of tender : 01.10.2021 at 11.00AM

Other details can be seen from the website **http://tendersorissa.gov.in.**

**Sd./- Executive Engineer, R.W. Division, Dhenkanal**

OIPR-25101/11/0003/2122

**OFFICE OF THE SUPERINTENDENT**
**SCB MEDICAL COLLEGE & HOSPITAL, CUTTACK**

**E-mail: scbsuperintendent@gmail.com**

**No. 22325** **Dt.16.09.2021**

**SHORT TENDER CALL NOTICE**

No. E-442: Sealed tenders are invited from the interested Manufacturer/Authorized Dealers/Suppliers **for Supply of Portable Reverse Osmosis Plant for Functionalization of Dialysis Machine at ECMO Unit in SCB Medical College Hospital, Cuttack**. The detailed of tender papers along with terms and conditions can be obtained from Central Store Section **(NTSK Sec.)**, Office of the Superintendent, SCB Medical College Hospital, Cuttack during office hours from 11 A.M. to 4 P.M. on all working days on payment of **Rs.1,000.00 (Rupees One Thousand) only** in the Accounts Section and also obtained from website i.e. **"http://www.scbmch.in"** from 17.09.2021. The tender paper should reach the Office of the undersigned through Speed Post/Regd. Post only by **24.09.2021 by 4 P.M.** The authority reserves the right to cancel or reject any or all the tenders without assigning any reason thereof.

**Sd./- Superintendent**
**SCB Medical College Hospital, Cuttack**

OIPR-10011/11/0023/2122

**DISTRICT OFFICE, MAYURBHANJ, BARIPADA**
**ST & SC DEV. SECTION**

**E-mail: dwomayurbhanj@rediffmail.com, Phone: 06792-260763**

**No. 4097/DWO** **Date: 15.09.2021**

**NOTICE**

No. V-38: In pursuance to Advertisement No. 6534/DWO dated 30.12.2019, for engagement of Contractual Teaching Staff to be engaged in SSD High Schools, Girl's High Schools and Upgraded High Schools under ST & SC Development Department, Mayurbhanj District, **(i) Select List, (ii) Accept List & (iii) Reject List** (with reasons) are hereby published in the website **www.mayurbhanj.nic.in** in **'Recruitment/ Result'** section and in the Notice Boards of District Welfare Office, Mayurbhanj, Collectorate, Mayurbhanj, Office of all PA, ITDAs, Sub-Collectors' and BDOs in the district.

The candidates of the teaching posts in the Provisional Select List i.e. 100% are hereby directed to attend Original Certificate verification scheduled to be held on 28th & 29th Sept. 2021 (from 10.00 A.M. to 01.00 P.M.) in the District Welfare Office, Mayurbhanj, At: Murgabadi, Baripada along with all Original Certificate/Documents, Original Mark Sheets and a set of self-attested photocopies of all certificate. **Non-OSSTET Candidates** are directed to submitted affidavit for qualifying OSSTET exam within 3 years from the date of appointment.

Also 100% candidates of teaching posts coming successful in the Certificate Verification will be allowed for counselling on the choice of place of posting scheduled to be held on the same day i.e. 28th & 29th September, 2021 (from 01.30 P.M. to 05.00 P.M.) District Welfare Office, Mayurbhanj, At: Murgabadi, Baripada.

Also intimation-cum-Notice for Original Certificate Verification have been despatched through Registered Post in the address of the Provisionally Selected Candidates and if they don't receive the same, then, the Duplicate of the intimation-cum-Notice can be obtained from the Office of the District Welfare Officer, Mayurbhanj before Original Certificate Verification.

Non-attending of the candidates in the Original Certificate Verification on the scheduled date and time, shall be liable for rejection/cancellation of their candiadture without further any notification.

No further extension of time for Original Certificate Verification shall be entertained.

**Sd./- Collector & District Magistrate, Mayurbhanj**

OIPR-26027/11/0001/2122

See Career Appointment on every Wednesday & Saturday

**ODISHA MINING CORPORATION LIMITED**

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**NIT No. 32/OMC/CIVIL/2021**

No. CAD-1195:- Tender for the following work are invited on-line through e-procurement portal of Govt. of Odisha.

| Sl. No. | Name of the work | Time period of the work in month | Class of Contractor | Cost of Bid document (Rs.) Online |
|---|---|---|---|---|
| 1. | Posting of 250 units of RCC pillar for CA land of different Mines of OMC at village Peturu of Potangi Tahasil and Mushupal, Chuchukona, Pipalpadar, of Laxmipur Tahasil in the district of Koraput. | 03 Months | D & C | 6000/- + 18% GST |
| 2. | Posting of 229 Units of RCC pillar for CA land of different mines of OMC at village Khamarpadar & Padepadar of Th. Rampur Tahasil in the dist of Kalahandi | 03 Months | D & C | 6000/- + 18% GST |

**1.** Available of Bid document in Govt. portal from dt. 17/09/2021 to 27/09/2021 up to 5.00 PM. **2.** Last date of on-line submission of tender in the portal is dt. 27/09/2021 up to 5.00 PM. **3.** Date of opening of Technical Bid is dt. 28/09/2021 at 11.00 AM. All other details can be seen from DTCN available at Govt. website **www.tendersorissa.gov.in**.

**Odisha Mining Corporation Ltd. reserves the right to reject any or all tenders without assigning any reason thereof.**

OIPR-30005/11/0090/2122 **CGM (Civil)**

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
**Tel. 06766-258301(O), e-mail: se_nerwkjr@rediffmail.com**
**eProcurement Notice for Road Works**
**Identification No. Road Online NCB No.322**
**No. 3839 // Date: 14.09.2021**

No.O-695:- 1. Name of the work : Construction of Road works under DMF. 2. Total No. of work : 08 (Eight) Nos. 3. Estimated Cost : As per Annexure. 4. Class of Contractor : As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.322 | Dt.21.09.21 at 11.00 A.M. | Dt.05.10.21 upto 5.00 P.M. | Dt.04.10.21 upto 5.00 P.M. | Dt.07.10.21 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**

**Sd/- P.K. Misra, Chief Construction Engineer, R.W. Circle, Keonjhar**

OIPR-25177/11/0008/2122

ଓଡ଼ିଶା ସରକାର

**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଘୋଷଣା**

**File No. L.A.I.-80/2020-601** **Dated: 24.07.2020**

No. XXIX-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୨୯ ତା୧୩।୧୧।୨୦୧୮ରିଖ ଏବଂ ଅବଧି ପତ୍ର ସଂଖ୍ୟା ୧୧୯୩୫, ତା୧୨।୦୩।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ୍ **www.angul.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଅନୁଗୋଳ — ତହସିଲ: ପାଳଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତିଘିଞ୍ଚା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ୬୭.୫୨୦ | ଏଥିସହ ସଂଲଗ୍ନ କରଗଲା |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଅନୁଗୋଳ — ତହସିଲ: ପାଳଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

ତଫସିଲ – କ
ଭୂମି ଅଧିଗ୍ରହଣ ଅନୁସୂଚୀ
ମୌଜା: ହାତିଘିଞ୍ଚା, ତହସିଲ: ପାଳଲହଡ଼ା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳ
ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର

| ଜିଲ୍ଲା | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ରକବା | ରୟତଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ଅନୁଗୋଳ | ପାଳଲହଡ଼ା | ହାତିଘିଞ୍ଚା | ୧ | ୨୮୧ | ଶାରଦ ଜଳ ଦୁଇ | ୦.୨୪୦ | ୦.୦୨୦ | ଅନାମ ନାଏକ, ଜନକ ନାଏକ, କମଳ ନାଏକ, ପି. ନିରାକାର ନାଏକ, ଖେରିଡି ନାଏକ, ସ୍ୱା.- ନିରାକାର ନାଏକ, ଜା: ପାଣ, ବା: ଫପଣ୍ଡ |
| | | | ୨ | ୨୫୨/୩୨୫ | ଶାରଦ ଜଳ ତିନି | ୦.୫୪୦ | ୦.୩୨୦ | ଧୀରେନ ଚନ୍ଦ୍ର ପ୍ରଧାନ, ମାଗୁଣୀ ପ୍ରଧାନ, ମହେଶ୍ୱର ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ, ନିଳାମ୍ବର ପ୍ରଧାନ, ପ୍ରଫୁଲ୍ଲ କୁମାରୀ ପ୍ରଧାନ, ପି.- ଅନିରୁଦ୍ଧ ପ୍ରଧାନ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୨ | ଶାରଦ ଜଳ ତିନି | ୦.୭୦୦ | ୦.୭୦୦ | |
| | | | | ୨୫୬ | ଶାରଦ ଜଳ ଏକ | ୦.୩୧୦ | ୦.୧୫୦ | |
| | | | | ୨୬୭ | ଶାରଦ ଜଳ ଏକ | ୧.୪୮୦ | ୧.୩୧୦ | |
| | | | | ୨୫୭ | ଶାରଦ ଜଳ ଏକ | ୧.୪୬୦ | ୧.୦୦୦ | |
| | | | | ୨୬୬ | ଶାରଦ ଜଳ ତିନି | ୦.୩୯୦ | ୦.୨୩୦ | |
| | | | | ୨୫୭/୩୨୪ | ଶାରଦ ଜଳ ତିନି | ୦.୦୮୦ | ୦.୦୮୦ | |
| | | | | ୨୮୨ | ଶାରଦ ଜଳ ଦୁଇ | ୦.୧୩୦ | ୦.୧୩୦ | |
| | | | | ୨୮୪ | ଶାରଦ ଜଳ ଦୁଇ | ୧.୧୫୦ | ୦.୧୨୦ | |
| | | | ୮ | ୨୬୩ | ଶାରଦ ଜଳ ଏକ | ୦.୬୦୦ | ୦.୧୫୦ | ଚୁନ ମାହାନ୍ତ, ମନୁ ମାହାନ୍ତ, ପି.- ମଟିଆ ମାହାନ୍ତ, ଜା: ମାହାନ୍ତ, ବା: ବାଲିପଶି |
| | | | ୩୪ | ୨୬୧/୩୫୮ | ଶାରଦ ଜଳ ଏକ | ୦.୩୫୦ | ୦.୩୫୦ | ଭାମା ନାୟକ, ସ୍ୱା.- କୁର୍ତ୍ତି ନାୟକ, ଜା: ଚଷା, ବା: ବାଲିପଶି |
| | | | ୪୦ | ୨୬୧ | ଶାରଦ ଜଳ ଏକ | ୦.୦୬୦ | ୦.୦୬୦ | ଲକ୍ଷ୍ମୀଧର ରାଉତ, ପି.- କାଳିଆ ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୧୨ | ୨୬୮ | ଶାରଦ ଏକ | ୦.୧୩୦ | ୦.୦୧୦ | ନିଧି ମହାନ୍ତ, ପି.- ଜେଠୁ ମହାନ୍ତ, ଜା: ମହାନ୍ତ, ବା: ବାଲିପଶି |
| | | | | ୨୬୦ | ଶାରଦ ଏକ | ୦.୪୯୦ | ୦.୪୯୦ | |
| | | | ୪୫/୩୯ | ୨୫୯/୪୦୧ | ଶାରଦ ଜଳ ଏକ | ୦.୨୪୦ | ୦.୦୫୦ | କୁଳମଣି ରାଉତ, ପି.- ଲକ୍ଷ୍ମୀଧର ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୬୬ | ୨୫୪/୪୨୫ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ବୈକୁଣ୍ଠ ବିହାରୀ ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୭ | ୨୫୪/୪୨୬ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ଯୁଧିଷ୍ଠିର ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୮ | ୨୫୪ | ଶାରଦ ଜଳ ତିନି | ୦.୨୩୦ | ୦.୨୩୦ | ଉମାକାନ୍ତ ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୯ | ୨୫୪/୪୨୭ | ଶାରଦ ଜଳ ତିନି | ୦.୩୦୦ | ୦.୩୦୦ | ଟନୋଜ କୁମାର ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୮୧ | ୨୬୨ | ଶାରଦ ଏକ | ୦.୬୨୦ | ୦.୪୧୦ | ଡମ୍ବରୁଧର ମାହାନ୍ତ, ହରିହର ମାହାନ୍ତ, ପି.- ଚନ୍ଦ୍ରମଣି ମାହାନ୍ତ, ଜା: ମାହାନ୍ତ, ବା: ଦେହୁରୀମୁଣ୍ଡା, ଥାନା: ବାରକୋଟ, ଜି.- ଦେବଗଡ଼ |
| | | | ୪୫/୯୨ | ୨୬୧/୩୫୭ | ଶାରଦ ଜଳ ଏକ | ୦.୧୮୦ | ୦.୧୮୦ | ଶାନ୍ତିଲତା ରାଉତ, ସ୍ୱା.- ପ୍ରହ୍ଲାଦ ଚନ୍ଦ୍ର ରାଉତ, ଜା: କ୍ଷେତ୍ରୀୟ, ବା: ବାଲିପଶି |
| | | | | ୨୬୧/୪୫୯ | ଶାରଦ ଜଳ ଏକ | ୦.୧୨୦ | ୦.୧୨୦ | |
| | | | ୪୫/୯୯ | ୨୫୪/୪୬୨ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | ଉଦୟନାଥ ଗଡ଼ନାୟକ, ପି.- ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୪/୪୬୩ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | |
| | | | ୪୫/୧୦୪ | ୨୬୦/୪୬୬ | ଶାରଦ ଏକ | ୦.୦୨୦ | ୦.୦୨୦ | ତିଲେଶ୍ୱର ମହାନ୍ତ, ପି.- ସଭା ମହାନ୍ତ, ଜା: ମହାନ୍ତ, ବା: ବାଲିପଶି, ପୋ.: ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୫/୧୦୩ | ୨୫୯ | ଶାରଦ ଜଳ ଏକ | ୦.୧୪୦ | ୦.୧୪୦ | ଲମ୍ବୋଦର ମହାକୁଳ, ପି.- କମର ମହାକୁଳ, ପଦ୍ମା ମହାକୁଳ, ସ୍ୱା.- କମର ମହାକୁଳ, ଜା: ଗଉଡ଼, ବା: ବାଲିପଶି |
| | | | ୪୫/୧୦୫ | ୨୫୪/ ୪୨୭/୪୬୭ | ଶାରଦ ଜଳ ତିନି | ୦.୦୨୦ | ୦.୦୨୦ | ଯୋଗେଶ୍ୱର ଗଡ଼ଡ଼ାୟକ, ପି.- ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ସା/ପୋ.- ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୬ | ୨୫୧ | ଆଡ଼ି | ୧.୫୪୦ | ୦.୨୧୦ | ଦୁଃଖବନ୍ଧୁ ପାଳ, ପି.- ଦୟାନିଧି ପାଳ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ମୋଟ | | | ୧୨.୨୪୦ | ୭.୫୨୦ | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

OIPR-24012/14/0011/2122

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ବାପା ଜୁନାଗଡ ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାରେ ନୂଆପଡା ଜିଲା ସିନାପାଲିର ରଶ୍ମିରଞ୍ଜନ କଟା ଓରଫ ପପୁଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ନାବାଳିକା ଜଣକ ଗତ ୧୨ତାରିଖରେ ସ୍ଥାନୀୟ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଜୁନାଗଡ ଡାକ୍ତରଖାନାରେ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି।

**ସଂକ୍ଷେପରେ**

### ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ
## ୩ ଯୁବକ ପାଣିରେ ଭାସି ନିଖୋଜ

**ନୂଆପଡ଼ା ଅଫିସ,୧୬।୯:** ନୂଆପଡା ସଦର ମହକୁମାରେ ଗୁରୁବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ ଘଟିଛି। ପାଣିରେ ଭାସି ୩ଜଣ ଯୁବକ ନିଖୋଜ ଥିବା ଜଣାପଡ଼ିଛି। ସେମାନେ ହେଲେ ନିଲେସ ସିଂ (୩୫), ଅମିତ କୁମାର ଗୁପ୍ତା (୨୫) ଓ ରାଜ କୁମାର ଗୁପ୍ତା (୨୪)। ଗୁରୁବାର ନୂଆପଡା ସଦର ମହକୁମାରେ ଥିବା ଏକ ବିଦେଶୀ ମଦ ଦୋକାନର ୬ଜଣ ଯୁବକ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ପତୋରା ଡ୍ୟାମସ୍ଥିତ ଜଳପ୍ରପାତ ଗୋଧିସକୁ ଯାଇଥିଲେ। ମୂର୍ତ୍ତି ବିସର୍ଜନ ବେଳେ ଗୋଧିସରେ ପଡୁଥିବା ପାଣି ସ୍ରୋତରେ ଭାସିଯାଇଛନ୍ତି। ବିସର୍ଜନ ବେଳେ ଗୋଧିସରେ ପଡିଯିବାରୁ ୩ଜଣ ନିଖୋଜ ଥିବା ଧରମବନ୍ଧା ଥାନାରେ ମଦ ଦୋକାନର ଜଣେ କର୍ମଚାରୀ ପ୍ରେମ କୁମାର ଗୁପ୍ତା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଧରମବନ୍ଧା ଆଇଆଇସି ସଞ୍ଜୁକ୍ତା ବାର୍ଲାଙ୍କୁ ପଚାରିବାରୁ ଆମ ପାଖରେ ଅଭିଯୋଗ ହୋଇଛି। ଉଦ୍ଧାର ପାଇଁ ନୂଆପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ପହଞ୍ଚିଛନ୍ତି। ସେଠାରେ କୌଣସି ଲାଇଟ ବ୍ୟବସ୍ଥା ନ ଥିବାରୁ ଶୁକ୍ରବାର ଉଦ୍ଧାର କରାଯିବ ବୋଲି କହିଥିଲେ।

## ନନ୍ଦନକାନନରେ ଗୟଳ ଶାବକ ଜନ୍ମ

**ବାରଙ୍ଗ,୧୬।୯(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ୪୨ନମ୍ବର ଏନକ୍ଲୋଜରରେ ରହୁଥିବା ମାଈ ଭାରତୀୟ ଗୟଳ ଗୁରୁବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ହେବା ପରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୩ଟି ଅଣ୍ଡିରା ଓ ୨ଟି ମାଈ ରହିଥିବା ବେଳେ ନବଜାତ ଗୟଳ ଶାବକର ଲିଙ୍ଗ ଚିହ୍ନଟ ହୋଇନାହିଁ। ମା' ଓ ଛୁଆ ସୁସ୍ଥ ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଛନ୍ତି। ତେବେ ଏହା ପୂର୍ବରୁ ନନ୍ଦନକାନନରେ ଗତବର୍ଷ ସେପ୍ଟେମ୍ବର ୯ରେ ଏକ ଅଣ୍ଡିରା ଗୟଳ ଶାବକ ଜନ୍ମ ହୋଇଥିଲା।

# ଯୁବକଙ୍କ ଉନ୍ମତ୍ତକାଣ୍ଡରୁ ଜଣେ ଗୁରୁତର

**ବଲାଙ୍ଗୀର ଅଫିସ/ ଦେଓଗାଁ, ୧୬।୯ (ଡି.ଏନ୍.ଏ.)**

■ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର ଜିଲା ଦେଓଗାଁ ଥାନା ରାମଚନ୍ଦ୍ରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସେହି ଗାଁର ଜଣେ ଯୁବକଙ୍କ ମଳଦ୍ୱାରରେ ତିନି ଜଣ ନିଶାସକ୍ତ ଯୁବକ ଏକ ଷ୍ଟିଲ ଗ୍ଲାସ୍ ଭର୍ତ୍ତି କରି ଦେଇଥିବା ଅଭିଯୋଗ ହୋଇଛି। ଯୁବକ ଜଣକ ଗୁରୁତର ହୋଇପଡିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ରାମଚନ୍ଦ୍ରପୁରର କରୁଣା ଭୋଇ (୧୮) ବୁଧବାର ସନ୍ଧ୍ୟାରେ ଶୌଚ ପାଇଁ ଗାଁ ବନ୍ଧକୁ ଯାଇଥିଲେ। ସେଠାରେ ତିନିଜଣ ଅଚିହ୍ନା ବ୍ୟକ୍ତି ମଦ ପିଉଥିଲେ। କରୁଣାଙ୍କୁ ଦେଖିବା ପରେ ସେମାନଙ୍କ ମଧ୍ୟରୁ ଜଣେ ଏକ ବନ୍ଧୁକ ବାହାର କରି ତାଙ୍କୁ



ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ କରୁଣା ଭୋଇ।

ନେବାକୁ କହିଥିଲେ। ତେବେ ବନ୍ଧୁକ ନେବାକୁ ମନା କରିବାରୁ ଅନ୍ୟ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଜୋର ଜବରଦସ୍ତ ଧରି ପକାଇଥିଲେ। କରୁଣାଙ୍କ ପ୍ୟାଣ୍ଟ ଖୋଲି ଦେଇ ସେମାନେ ଧରିଥିବା ଏକ ଷ୍ଟିଲ ଗ୍ଲାସ୍‌କୁ ତାଙ୍କ ମଳଦ୍ୱାର ଭିତରକୁ ପଶାଇ ଦେଇଥିବା କରୁଣା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସେଠାରୁ କରୁଣା କୌଣସିମତେ ଘରକୁ ଚାଲି ଆସିଥିଲେ। ଲଜ୍ଜାରେ ଘରେ କାହାକୁ କିଛି କହି ନ ଥିଲେ। ରାତିରେ ଭୀଷଣ କଷ୍ଟ ହେବାରୁ ସେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଷ୍ଟିଲ ଗ୍ଲାସ୍‌ଟି ତାଙ୍କ ମଳଦ୍ୱାରରେ ଲାଗିଯାଇଥିବା ଏବଂ ଯେତେ ଚେଷ୍ଟା କଲେ ମଧ୍ୟ ବାହାରକୁ ନ ବାହାରିବାରୁ ତାଙ୍କୁ ରାତିରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ମେଡିକାଲ କଲେଜ ହସ୍ପିଟାଲର ସର୍ଜରୀ ବିଶେଷଜ୍ଞମାନେ ମଳଦ୍ୱାରରୁ ଉକ୍ତ ଗ୍ଲାସ୍‌କୁ ବାହାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏଥିପାଇଁ ଅସ୍ତ୍ରୋପଚାରର ଆବଶ୍ୟକତା ଥିବାରୁ କରୁଣାଙ୍କୁ ବୁର୍ଲା ଭିମସାର ମେଡିକାଲ କଲେଜ ହସ୍ପିଟାଲକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଏକ ଆମ୍ବୁଲାନ୍ସରେ କରୁଣାଙ୍କୁ ବୁର୍ଲା ପଠାଯାଇଛି। ଅଭିଯୋଗ ଅନୁଯାୟୀ ନିଶାସକ୍ତମାନେ ଯେଉଁ ଜଘନ୍ୟ କାଣ୍ଡ ଭିଆଇଛନ୍ତି ତାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଆଉ କେତେକ ବ୍ୟକ୍ତି ଏହି ଘଟଣାକୁ ନେଇ ଭିନ୍ନ ଆଲୋଚନା କରୁଥିବା ଜଣାପଡିଛି। ପ୍ରକୃତରେ କେଉଁ ଅଚିହ୍ନା ବ୍ୟକ୍ତିମାନେ ରାମଚନ୍ଦ୍ରପୁର ଗାଁ ବନ୍ଧ ରାସ୍ତାରେ ମଦ ପିଉଥିଲେ ତାକୁ ନେଇ କୌଣସି ସୂଚନା ମିଳିନାହିଁ। ତେବେ ଏହି ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଏନେଇ କିଛି ବି ସତ୍ୟାସତ୍ୟ ଜଣାପଡିନାହିଁ।

## ବନ୍ଧାହେଲେ ଜେକେଏସ୍ କଲେଜ ଅଧ୍ୟାପକ

**ସମ୍ବଲପୁର,୧୬।୯(ବ୍ୟୁରୋ)**

### ଯୁଗ୍ମ ସଚିବଙ୍କ ନାମରେ ମିଥ୍ୟା ମେଲ୍

ସମ୍ବଲପୁର ଜିଲା ପରମାଣପୁରସ୍ଥିତ ଡାକ୍ତର ଝସକେତନ ସାହୁ (ଜେକେଏସ୍) କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ପରେଶ କୁମାର ଭୋଇ (୩୬)ଙ୍କୁ ସାଇବର ଥାନା ପୋଲିସ ଗୁରୁବାର ଗିରଫ କରିଛି। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପରେଶ ଯୁଗ୍ମ ସଚିବଙ୍କ ନାମରେ ମିଥ୍ୟା ମେଲ ଆଇଡି ଖୋଲି କଲେଜ ଅଧ୍ୟକ୍ଷ ସନ୍ଧ୍ୟାରାଣୀ ମିଶ୍ରଙ୍କୁ ଚିଠି କରିଥିଲେ। ଏହି ମେଲରେ କିରାଣି ନିଯୁକ୍ତିରେ ଅନିୟମିତତା ହୋଇଛି। ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ କଲେଜକୁ ଏକ ମେଲ୍ ଆସିଥିଲା। କଲେଜ ଅଧ୍ୟକ୍ଷ ସନ୍ଧ୍ୟାରାଣୀ ଏହାକୁ ଦେଖି ସନ୍ଦେହ କରିଥିଲେ। ପରେ ସେ କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ପଚରାଉଚୁରା କରିଥିଲେ। ଘଟଣା ସମ୍ପର୍କରେ କେହି ଜାଣି ନ ଥିବା କହିଥିଲେ। ପରେ ୯ ତାରିଖରେ ସାଇବର ଥାନାରେ ଅଧ୍ୟକ୍ଷା ମିଶ୍ର ଅଭିଯୋଗ କରିଥିଲେ। ସାଇବର ଥାନା ଅଧିକାରିଣୀ ପଦ୍ମାବତୀ



ଗିରଫ ଅଧ୍ୟାପକ ପରେଶ ଭୋଇ।

ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତ କରିବା ପରେ ଉକ୍ତ ମେଲ ଆଇଡି ପରେଶ ଭୋଇଙ୍କ ନାମରେ ଥିବା ଜଣାପଡିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବରଗଡ ଜିଲା ପଦ୍ମପୁର ଜଗଦଳପୁର ଗ୍ରାମର ଅଧ୍ୟାପକ ଭୋଇ ୬ ବର୍ଷ ହେବ କଲେଜରେ ଶିକ୍ଷାଦାନ କରୁଥିଲେ। କଲେଜରେ କିଛିଦିନ ପୂର୍ବରୁ କିରାଣି ନିଯୁକ୍ତି ହୋଇଥିଲା। ଏଥିରେ ଅନିୟମିତତା ହୋଇଛି। ତେଣୁ ସତ୍ୟ ସାମନାକୁ ଆସୁ ବୋଲି ସେ ଏହି ଚିଠି କରିଥିବା କହିଥିବା ପୋଲିସ ସୂଚନା ଦେଇଛି।

## ୧୦୧୬ ଏଏସ୍ଆଇଙ୍କୁ ମିଳିଲା ନିଯୁକ୍ତି

**କଟକ ଅଫିସ,୧୬।୯**

୧୦୧୬ଜଣ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର (ଏଏସ୍ଆଇ)ଙ୍କୁ ବିଭିନ୍ନ ଜିଲାର ଥାନା ସମେତ ପୋଲିସ କାର୍ଯ୍ୟାଳୟରେ ନିଯୁକ୍ତି ମିଳିଛି। ଆପରାଧିକ ମାମଲାର ତଦନ୍ତ ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମୟରେ ଠିକ୍ ଭାବେ କାର୍ଯ୍ୟ କରିବାକୁ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ ସମୟରେ ଅନୁଷ୍ଠିତ ହୋଇଥିବା ଲିଖିତ ପରୀକ୍ଷା ଏବଂ ପରେ ଥାନା ସହିତ ସଂଲଗ୍ନ ଭଳି ପ୍ରଶିକ୍ଷଣ ସମାପ୍ତ ହେବା ପରେ ୧୦୯୨ଜଣଙ୍କ ମଧ୍ୟରୁ ୧୦୧୬ଜଣ କୃତକାର୍ଯ୍ୟ ହୋଇଥିଲେ। ପରେ ସେମାନଙ୍କୁ ବୁଧବାର ନିଯୁକ୍ତି ପ୍ରଦାନ କରାଯାଇଥିବା କଟକ ସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବରରେ ୧୦୯୨ଜଣ କନଷ୍ଟେବଳ, ହାବିଲଦାର, ଲାନ୍ସନାଏକ ପଦବୀରୁ ଏଏସ୍ଆଇ ପଦବୀକୁ ପଦୋନ୍ନତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଲିଖିତ ପରୀକ୍ଷା ଏବଂ ସର୍ଭିସ୍ ରେକର୍ଡ ଯାଞ୍ଚ ପରେ ସେମାନଙ୍କୁ ପଦୋନ୍ନତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି କ୍ରମରେ ପଦନ୍ନୋତି ପାଇଥିବା ଏଏସ୍ଆଇଙ୍କୁ ୪ ମାସ ଇନ୍‌ଷ୍ଟିଚ୍ୟୁଶନାଲ୍ ଟ୍ରେନିଂ ଏବଂ ୨ ମାସ ବିଭିନ୍ନ ଥାନା ସହିତ ସଂଲଗ୍ନ କରାଯାଇଥିଲା। ପଦୋନ୍ନତି ପାଇଥିବା ଏଏସ୍ଆଇମାନେ କୋରାପୁଟ, ନୟାଗଡ଼, ବୁର୍ଲା, ଭୁବନେଶ୍ୱର, ଅନୁଗୋଳ ଏବଂ ବୈରୀଠାରେ ତାଲିମ ଗ୍ରହଣ କରିଥିଲେ। ତାଲିମ ଶେଷ ହେବା ପରେ ସେମାନଙ୍କୁ ଏକ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେବାର ଆବଶ୍ୟକତା ରହିଥିଲା। ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ଉତ୍ତମ ସେବା ଯୋଗାଇବାରେ ଏତେ ସଂଖ୍ୟକ ତଦନ୍ତକାରୀ ଅଧିକାରୀ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।

# ରାସ୍ତା ସମସ୍ୟା ନେଇ ରାସ୍ତାରୋକୋ

**ରାଉରକେଲା ଅଫିସ,୧୬।୯**

ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ମାଲଗୋଦାମ ଛକରେ ଗୁରୁବାର ରାସ୍ତାରୋକୋ ଆନ୍ଦୋଳନ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଗଣେଷ ପ୍ରଧାନ, ଦେବବ୍ରତ ବିହାରୀ, ରାମାନନ୍ଦ ଶ୍ରୀଚନ୍ଦନ, ଇଂ ଆର.ପି ସିଂହ, ବରିୟମ ସିଂ, ଭାସ୍କର ଖିଲାର, ରୋହିତ ଯୋଶେଫ ତିର୍କୀ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଉରକେଲା ରିଂରୋଡ୍ ବିଏସଏନଏଲ ଛକଠାରୁ ବାସନ୍ତୀ କଲୋନୀକୁ ସଂଯୋଗ କରୁଥିବା



କଂଗ୍ରେସ ନେତୃବୃନ୍ଦ ରାସ୍ତାରୋକୋ କରିଛନ୍ତି।

୪ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ ପାଇଁ ରେଳବାଇ କର୍ତ୍ତୃପକ୍ଷ ଜମି ଯୋଗାଇ ଦେବାକୁ ଦାବି ହୋଇଛି। ଏହି ରାସ୍ତା ଉପରେ କଲୋନୀର ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ଏହା ଶୋଚନୀୟ ହୋଇ ପଡ଼ିରହିଛି। ୨୦୧୭ରୁ ରାଉରକେଲା ଏହି ୪ ଥାକିଆ ରାସ୍ତା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା କରାଯାଇଥିଲା। ପ୍ରାୟ ୩. ୮୨୫ କିଲୋମିଟର ରାସ୍ତାରେ ୧୨ ଶହ ମିଟର ରେଲୱେ ଜାଗା ଆସୁଥିବାରୁ ରେଲୱେ କର୍ତ୍ତୃପକ୍ଷ ଉକ୍ତ ଜାଗାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହସ୍ତାନ୍ତର ନ କରି ଏ ବାବଦକୁ ୧୧୦ କୋଟି ଟଙ୍କା ଦାବି କରୁଛନ୍ତି। ରାସ୍ତା ନିର୍ମାଣ ପାଇଁ ରେଲୱେ କର୍ତ୍ତୃପକ୍ଷ ଜମି ଛାଡୁନାହିଁ। ଏଣୁ ଏହି ରାସ୍ତାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

**ଖେଳ ଖବର**

## ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଘୁଞ୍ଚିଲା

**ୱେଲିଂଟନ, ୧୬।୯:** ଚଳିତ ବର୍ଷ ଶେଷ ଆଡକୁ ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ କୋଭିଡ୍-୧୯ କଟକଣା କାରଣରୁ ଏପରି ନିଷ୍ପତ୍ତି ନିଆଯାଇଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିଲେ ଭାରତୀୟ ଖେଳାଳିମାନଙ୍କୁ ୩ଟି ଦିନିକିଆ ମ୍ୟାଚ୍ ଖେଳିବା ପୂର୍ବରୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡିଥାନ୍ତା। ଏହି ୩ ଦିନିକିଆ ବିଶ୍ୱକପ୍ ସୁପର ସିରିଜର ଅଂଶ ବିଶେଷ। ଫଳରେ ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଆସନ୍ତାବର୍ଷ ଅର୍ଥାତ୍ ୨୦୨୨କୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଭାରତ ବିପକ୍ଷ ଦିନିକିଆ ସିରିଜ ଖେଳାଯିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ତେବେ ଆସନ୍ତା ନଭେମ୍ବରରେ ନ୍ୟୁଜିଲାଣ୍ଡ ଭାରତ ଗସ୍ତରେ ଆସି ଦୁଇଟି ଟେଷ୍ଟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବ ବୋଲି କୁହାଯାଇଛି। ନ୍ୟୁଜିଲାଣ୍ଡ ବାଂଲାଦେଶ, ନେଦରଲାଣ୍ଡ୍ସ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ସିରିଜରେ ଆୟୋଜନ କରିବ। ଏହାକୁ ବାଦ୍ ଦେଲେ ମାର୍ଚ୍ଚ-ଏପ୍ରିଲରେ ୭ଟି ଦଳକୁ ନେଇ ମହିଳା ବିଶ୍ୱକପ୍ ମଧ୍ୟ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ। ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡେଭିଡ ହ୍ୱାଇଟ୍।

## ପନ୍ତ ଦିଲ୍ଲୀ ଅଧିନାୟକ ରହିଲେ




**ଦୁବାଇ, ୧୬।୯ (ପି.ଟି.)**

ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟ ମ୍ୟାଚଗୁଡ଼ିକ ପାଇଁ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଅଧିନାୟକ ପଦ ବଜାୟ ରଖିଛନ୍ତି। ଗତବର୍ଷ ଶ୍ରେୟାସ ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ଭଲ ପ୍ରଦର୍ଶନ କରି ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ଚଳିତବର୍ଷ ଆଘାତପ୍ରାପ୍ତ ଆୟାରଙ୍କ କାନ୍ଧରେ ଅସ୍ତ୍ରୋପଚାର ଯୋଗୁ ତାଙ୍କ ଅନୁପସ୍ଥିତିରେ ପନ୍ତ ଦଳର ଅଧିନାୟକ ପଦ ସମ୍ଭାଳିଥିଲେ। ଟୁର୍ନାମେଣ୍ଟର ପ୍ରଥମ ଭାଗରେ ପନ୍ତଙ୍କ ଅଧିନାୟକତ୍ୱରେ ଦଳ ଭଲ ପ୍ରଦର୍ଶନ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୬ଟି ଗେମ୍‌ରେ ବିଜୟ ଲାଭ କରି ୧୨ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଆଇପିଏଲ୍ ୨୦୨୧ ସିଜନର ଅବଶିଷ୍ଟାଂଶ ପାଇଁ ରିଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ପଦ ବଜାୟ ରଖିଥିବା ଦଳର ସହମାଲିକ ଜେଏସ୍‌ଡବ୍ଲ୍ୟୁ-ଜିଏମ୍‌ଆର ଗୁରୁବାର ଘୋଷଣା କରିଛି। ଫ୍ରାଞ୍ଚାଇଜ୍‌ର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଏ ବିଷୟରେ ସୂଚନା ଦିଆଯାଇଛି।

# 'ଫିଟ୍ ଟୁ ଫ୍ଲାଏ' ସାର୍ଟିଫିକେଟ ଅପେକ୍ଷାରେ ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୬।୯(ପି.ଟି.)**

ୟୁନାଇଟେଡ କିଙ୍ଗଡମ୍(ୟୁକେ)ରେ ଅଟକ ରହିଥିବା ଭାରତର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ଫିଲ୍ଡିଂ କୋଚ୍ ଭରତ ଅରୁଣ ଓ ଆର. ଶ୍ରୀଧର ପ୍ରମୁଖ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିବା ପରେ 'ଫିଟ୍ ଟୁ ଫ୍ଲାଏ' ଟେଷ୍ଟ ଦେବାକୁ ପଡ଼ିବ। ଏଥିରେ ଉତ୍ତୀର୍ଣ୍ଣ ହେବା ପରେ ଯାଇ ସେମାନେ ସ୍ୱଦେଶ ଫେରିପାରିବେ। ସୂଚନାଯୋଗ୍ୟ, ଏହି ୩ଜଣ କରୋନା ସଂକ୍ରମିତ ଥିବା ଜଣାପଡ଼ିବା ପରେ ଗତ ସପ୍ତାହରେ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। ୟୁକେ ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ସେମାନେ ୧୦ ଦିନ ଆଇସୋଲେଶନ ଶେଷ କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ହେଲେ ନେଗେଟିଭ ଆରଟି-ପିସିଆର୍ ରିପୋର୍ଟ ବ୍ୟତୀତ ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ସିଟି ସ୍କାନରେ ୩୮ରୁ ଅଧିକ ସ୍କୋର କରିପାରିଲେ ଯାଇ ସେମାନଙ୍କୁ 'ଫିଟ୍ ଟୁ ଫ୍ଲାଏ 'ସାର୍ଟିଫିକେଟ ମିଳିବ। ସବୁ ଠିକ୍‌ଠାକ୍ ରହିଲେ ଆସନ୍ତା ଦୁଇ ଦିନ ଭିତରେ ସେମାନେ ସ୍ୱଦେଶ




ଆର୍. ଶ୍ରୀଧର, ଭରତ ଅରୁଣ ଓ ରବି ଶାସ୍ତ୍ରୀ।

ଫେରିପାରନ୍ତ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ସିଟି ସ୍କାନ ଦ୍ୱାରା କରୋନା ଯୋଗୁ ଫୁସ୍‌ଫୁସ୍ କେତେ ପରିମାଣରେ ପ୍ରଭାବିତ ହୋଇଛି ତାହା ଜଣାପଡ଼ିବ। ଏହି ୩ଜଣ ଭାରତୀୟ କୋଚ୍‌ଙ୍କ ନିକଟରେ ବର୍ତ୍ତମାନ କରୋନା ରୋଗର କୌଣସି ଲକ୍ଷଣ ନାହିଁ। ସେମାନେ ଫିଟ୍ ଥିବା ମଧ୍ୟ ଜଣାପଡୁଛି। ସୂଚନାଯୋଗ୍ୟ, ଓଭାଲଠାରେ ଚତୁର୍ଥ ଟେଷ୍ଟର ତୃତୀୟ ଦିବସରେ ଶାସ୍ତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଅରୁଣ ଓ ଶ୍ରୀଧର ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କୁ ପ୍ରଥମେ ଆଇସୋଲେଶନରେ ରଖାଯାଇଥିଲା। କୋଭିଡ୍ ଟେଷ୍ଟରେ ସେମାନଙ୍କ ଫଳାଫଳ ପଜିଟିଭ ଆସିଥିଲା। ସମସ୍ତଙ୍କ ୧୦ ଦିନିଆ ଆଇସୋଲେଶନ ମିଆଦ ବୁଧବାର ଶେଷ ହୋଇଛି। ପରେ ଜୁନିୟର ଫିଜିଓ ଯୋଗେଶ ପାରମର କୋଭିଡ୍ ପଜିଟିଭ ଜଣାପଡ଼ିବା ପରେ ଅଧିନାୟକ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ଓଲ୍ଡ ଟ୍ରାଫୋର୍ଡଠାରେ ୫ମ ଟେଷ୍ଟ ମ୍ୟାଚ ଖେଳିବା ଲାଗି ରାଜି ହୋଇ ନ ଥିଲେ। ଫଳରେ ଏହି ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। କୋଚିଂ ଷ୍ଟାଫ୍‌ଙ୍କ ସଂସ୍ପର୍ଶରେ ରହିଥିବାରୁ ମୁଖ୍ୟ ଫିଜିଓ ନୀତୀନ ପଟେଲ୍ ଆଇସୋଲେଶନରେ ରହିଥିଲେ। ତା'ପରଠାରୁ ପାରମର ଏକମାତ୍ର ଫିଜିଓ ଭାବେ ଭାରତୀୟ ଖେଳାଳିଙ୍କ ଦେଖାଚାହାଁ କରି ଆସୁଥିଲେ। ଶାସ୍ତ୍ରୀଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବ ସଂକ୍ରମଣର ଉତ୍ପତ୍ତି ସ୍ଥଳ ବୋଲି ବିଶ୍ୱାସ କରାଯାଇଛି। କାରଣ ଏଥିରେ ବିନା ମାସ୍କରେ ପ୍ରାୟ ୧୫୦ ଅତିଥି ଉପସ୍ଥିତ ଥିଲେ। ସେମାନେ ପରସ୍ପର ସହ ନିର୍ବିଘ୍ନରେ ମିଳାମିଶା କରିଥିଲେ।

## ଏସିଆନ ଟାଇଟଲ ବଜାୟ ରଖିଲେ ଆଡ୍‌ଭାନୀ

**ଦୋହା, ୧୬।୯ (ପି.ଟି.)**

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଏସିଆନ୍ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଗୁରୁବାର ଫାଇନାଲରେ ସେ ଇରାନର ଆମିର ସାର୍ଖୋସଙ୍କୁ ହରାଇ ଦେଇଛନ୍ତି। କୋଭିଡ୍ ଯୋଗୁ ପାଖାପାଖି ୨ ବର୍ଷ ବ୍ୟବଧାନରେ ଆଡ୍‌ଭାନୀଙ୍କର ଏହା ଥିଲା ପ୍ରଥମ ଟୁର୍ନାମେଣ୍ଟ। ଏହା ପୂର୍ବରୁ ସେ ୨୦୧୯ରେ ଏସିଆନ୍ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। କରୋନା ମହାମାରୀ ଯୋଗୁ ୨୦୨୦ରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇ ନ ଥିଲା। ଗୁରୁବାରର ଏହି ବିଜୟ ଦ୍ୱାରା ଉଭୟ




ସ୍ନୁକର ଓ ବିଲିୟାର୍ଡ୍ସରେ ଆଡ୍‌ଭାନୀଙ୍କ ମୋଟ ଏସିଆନ ଟାଇଟଲ ସଂଖ୍ୟା ୧୧ରେ ପହଞ୍ଚିଛି। ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ମଧ୍ୟ ସେ ଦୁଇଟି ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ଖେଳାଳି ଆଗକୁ ଆଇବିଏସ୍‌ଏଫ୍ ୬-ରେଡ୍ ସ୍ନୁକର ବିଶ୍ୱକପ୍‌ରେ ଭାଗ ନେବେ। ଏହା ଶୁକ୍ରବାରଠାରୁ ଆରମ୍ଭ ହେବ।

## ପଦକ ବିଜେତାଙ୍କ ପାଇଁ ମନୋଲୋଭା ପୁରସ୍କାର

**ଲାଉସେନ,୧୬।୯:** ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଗୁରୁବାର ଏକ ବଡ଼ ଘୋଷଣା କରିଛି। ଆସନ୍ତା ମାସରେ ସର୍ବିଆରେ ଆୟୋଜନ ହେବାକୁ ଯାଉଥିବା ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତାମାନଙ୍କୁ ମନୋଲୋଭା ପୁରସ୍କାର ଦେବାକୁ ଘୋଷଣା କରିଛି। ପୁରସ୍କାର ପାଣ୍ଠି ବାବଦରେ ୨.୬ ମିଲିୟନ ଆମେରିକୀୟ ଡଲାର ଦେବାକୁ ଘୋଷଣା କରାଯାଇଛି। ଏହି କ୍ରମରେ ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କୁ ୧ ଲକ୍ଷ ଆମେରିକୀୟ ଡଲାର ଚେକ୍ ପ୍ରଦାନ କରାଯିବା ନିଶ୍ଚିତ ହୋଇଛି। ବେଲଗ୍ରେଡରେ ଅକ୍ଟୋବର ୨୪ ତାରିଖରୁ ବିଶ୍ୱ ଚାମ୍ପିୟନଶିପ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ଥିବା ବକ୍ସରମାନେ ଭାରତ ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରତିନିଧିତ୍ୱ କରିବେ।

## ସାଲାଜାରଙ୍କ ବାସନ୍ଦ ଦଣ୍ଡ କାଏମ

**ଲାଉସାନେ, ୧୬।୯(ଏପି)**

ଟ୍ରାକ୍ କୋଚ୍ ଆଲବର୍ଟୋ ସାଲାଜାରଙ୍କୁ ଆଶ୍ୱସ୍ତି ମିଳିନାହିଁ। ଡୋପିଂ ନିୟମ ଉଲ୍ଲଂଘନ ପାଇଁ ୟୁଏସ୍ ଆଣ୍ଟି ଡୋପିଂ ଏଜେନ୍ସି (ଉସାଡା) ତାଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡ ଦେଇଥିଲା। ଏହାକୁ ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଚ୍ୟାଲେଞ୍ଜ କରିଥିଲେ। କାସ୍ କିନ୍ତୁ ଏହାକୁ କାଏମ ରଖିଛନ୍ତି। ସାଲାଜାରଙ୍କ ବ୍ୟତୀତ ଏଣ୍ଡୋକ୍ରିନୋଲୋଜିଷ୍ଟ ଜେଫ୍ରି ବ୍ରାଉନ୍ ମଧ୍ୟ ୨୦୧୯ରେ ଦଣ୍ଡିତ ହୋଇଥିଲେ। ସାଲାଜାର ହେଉଛନ୍ତି ଜଣେ ପୂର୍ବତନ ମାରାଥନ ଚାମ୍ପିୟନ। ନାଇକ୍ ଓରେଗନ୍ ପ୍ରୋଜେକ୍ଟର ଜଣେ କୋଚ୍



ଆଲବର୍ଟୋ ସାଲାଜାର

ଭାବେ ସେ ବହୁ ପ୍ରତିଷ୍ଠିତ ଡିଷ୍ଟାନ୍ସ ରନରଙ୍କୁ ଟ୍ରେନିଂ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ମୋ ଫାରା, ଗାଲେନ୍ ରପ୍ ଏବଂ କିଛି ସମୟ ପାଇଁ କାରା ଗୋଚର୍। ହେଲେ ତାଙ୍କର କୌଣସି ପୂର୍ବତନ ଧାବକ ଡୋପିଂ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ନାହିଁ। ସାଲାଜାର ତାଙ୍କ ଅଧୀନରେ ଟ୍ରେନିଂ ନେଉଥିବା ଆଥ୍ଲେଟମାନଙ୍କୁ କାଲ୍‌ସିୟମ ସପ୍ଲିମେଣ୍ଟ, ଆଣ୍ଟି ଇନ୍‌ଫ୍ଲାମାଟୋରି, ସ୍ଲିପ୍ ମେଡିକେଶନ ଏବଂ ମେଟାବୋଲିଜମ୍‌ରେ ବୃଦ୍ଧି ଏବଂ ଓଜନ ନିୟନ୍ତ୍ରଣ ପାଇଁ ଥାଇରଡ୍ ମେଡିସିନ ବ୍ୟବହାର ଲାଗି ପରାମର୍ଶ ଦେଉଥିଲେ ବୋଲି ଗୋଚର ଓ ଅନ୍ୟ କେତେଜଣ ଆଥ୍ଲେଟ ଅଭିଯୋଗ ଆଣିଥିଲେ।

## ବେକରେ ରଶି ଦେଇ ଯୁବକଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଯୋର ପଞ୍ଚାୟତ ନିକଟରେ ଥିବା ଗଞ୍ଜୁବସ୍ତିର କୈଳାସ ଟପ୍ପୋ(୨୬) ନାମକ ଜଣେ ଯୁବକ ଗୁରୁବାର ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘରେ କେହି ନ ଥିଲାବେଳେ କୈଳାସ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ସନ୍ଧ୍ୟାରେ ସ୍ଥାନୀୟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ କୁଆଁରମୁଣ୍ଡା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ପ୍ରଫେସର ପ୍ରଫୁଲ୍ଲ କୁମାର ପତି ସ୍ମାରକୀ ବକ୍ତୃତାମାଳା, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ବରେଇପାଲି ସଂଘ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଟାଟା ମୋଟର୍ସ ଇନ୍‌ଫିନିଟି ଶୋ'ରୁମ ଉଦ୍‌ଘାଟନୀ ଉତ୍ସବ, ପରଧିଆପାଲି, ଅପରାହ୍ନ ୪ଟା।

## ରେଳ ମଣ୍ଡଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ସମ୍ବଲପୁର,୧୬।୯ (ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଅତିଥି ଭାବେ ଯୋଗଦେଇଥିଲେ। ରେଳ ମଣ୍ଡଳ କାର୍ଯ୍ୟାଳୟଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ହୋଇଥିଲା।

# ଜଳଧାରଣ କ୍ଷମତା ନିକଟତର ଜଳସ୍ତର

ସମ୍ବଲପୁର,୧୬।୯(ବ୍ୟୁରୋ)

ଲଘୁଚାପ ବର୍ଷାରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ସର୍ବାଧିକ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖରେ ପହଞ୍ଚିଯାଇଛି। ରିପୋର୍ଟ ଅନୁସାରେ ୭ଦିନ ଭିତରେ ଡ୍ୟାମ୍‌ରେ ପ୍ରାୟ ୮ଫୁଟ୍ ଜଳ ବୃଦ୍ଧି ପାଇଛି। ଗତ ୯ତାରିଖରେ ଜଳସ୍ତର ୬୨୦.୯୫ଫୁଟ୍ ରହିଥିଲା। ଏବେ ଏହା ୬୨୮.୭୫ରେ ପହଞ୍ଚିଛି। ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଓ ସେଠାକାର ଡ୍ୟାମ୍‌ଗୁଡ଼ିକ ଖୋଲିଦିଆଯାଇଥିବାରୁ ଆଶାଠାରୁ ଅଧିକ ପରିମାଣ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ୫ ଲକ୍ଷ ୪୭ ହଜାର ୯୨୯ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୪ ଲକ୍ଷ ୮୪ ହଜାର ୩୯୬ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳ ପ୍ରବେଶ କରିବା ପରିମାଣ ଧୀରେ ଧୀରେ ବୃଦ୍ଧି ପାଉଛି। ହେଲେ ସେହି ତୁଳନାରେ ନିଷ୍କାସନ ପରିମାଣ କମ୍ ରହିଛି। ତେଣୁ ହୀରାକୁଦ ଡ୍ୟାମ୍ ବିପଦ ମୁହାଁ ହେଉଥିବା ଆଲୋଚନା


ହୀରାକୁଦ ଡ୍ୟାମ୍।

ହେଉଛି। ଏଥିପାଇଁ ପରିଚାଳନଗତ ତ୍ରୁଟି ବୋଲି ସାଙ୍ଘାତିକ ଅଭିଯୋଗ ହେଉଛି।

ମୌସୁମୀ ବର୍ଷା ଧୋକ୍କା ଦେଇଥିଲା। ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଡ୍ୟାମ୍‌ରେ ଜଳସ୍ତର କମ୍ ରହିଥିଲା। ତେଣୁ ଗେଟ ଖୋଲାଯାଇ ନ ଥିଲା। ଲଘୁଚାପ ବର୍ଷାରେ ହଠାତ୍ ଜଳସ୍ତର ବୃଦ୍ଧି ପାଇଥିଲା। ହେଲେ ଜଳସ୍ତର ପରିଚାଳନା ପାଇଁ ଗେଟ୍ ଖୋଲାଯାଇ ନ ଥିଲା। ୨ଦିନ ତଳେ ମଙ୍ଗଳବାର ଗେଟ ଖୋଲା ଯାଇଥିଲା। ସେ ସମୟରେ ଜଳସ୍ତର ୬୨୬.୮୩ ଫୁଟ୍ ରହିଥିବା ବେଳେ ୨ ଲକ୍ଷ ୧୦ ହଜାର ୩୧୨ କ୍ୟୁସେକ ଜଳ ପ୍ରବେଶ କରୁଥିଲା। କର୍ତ୍ତୃପକ୍ଷ ରୁଲକର୍ଭ ପାଳନ କରି ଡ୍ୟାମ୍‌ରେ ଜଳସ୍ତରକୁ ପରିଚାଳନ କରି ନ ଥିଲେ। ତେଣୁ ଏବେ ଜଳସ୍ତର ସର୍ବାଧିକ

**ହୀରାକୁଦ ଜଳଭଣ୍ଡାର**
- କମ୍ପାନୀ ପ୍ରୀତି, ପରିଚାଳନାରେ ତ୍ରୁଟି
- ପାର୍ଶ୍ୱ ଅଞ୍ଚଳରେ ପିଛିଲା ପାଣି
- ୭ ଦିନରେ ୮ ଫୁଟ୍ ଜଳସ୍ତର ବୃଦ୍ଧି

ଜଳଧାରଣ କ୍ଷମତା ଅର୍ଥାତ୍ ୬୩୦ଫୁଟ୍ ପାଖରେ ପହଞ୍ଚି ଯାଇଛି। ଏହାକୁ ନେଇ ବରଗଡ ଓ ଝାରସୁଗୁଡ଼ା, ସମ୍ବଲପୁର ଜିଲାର ଡ୍ୟାମ୍ ଉପାନ୍ତ ଗ୍ରାମବାସୀ ଭୟଭୀତ ରହିଛନ୍ତି। ବରଗଡ ଜିଲା ଟିକିଲି ଓ ଆଖପାଖ କେତେକ ଗ୍ରାମରେ ପିଛିଲା ପାଣି ପ୍ରବେଶ କରିଛି। ଏଥିପାଇଁ କର୍ତ୍ତୃପକ୍ଷଙ୍କୁ ଲୋକେ ଦାୟୀ କରୁଛନ୍ତି। ପୂର୍ବରୁ କୃଷି କାର୍ଯ୍ୟକୁ ନେଇ ଜଳଭଣ୍ଡାର ପରିଚାଳନା ହେଉଥିଲା। ହେଲେ ଏବେ କମ୍ପାନୀକୁ ପାଣି ଯୋଗାଇବା ପ୍ରାଥମିକତା ଦିଆଯାଉଛି। ତେଣୁ ପ୍ରତିଦିନ କମ୍ପାନୀ ଯେତେ ପରିମାଣରେ ପାଣି ନେଉଛନ୍ତି ହିସାବ କରି ବର୍ଷତମାମ ପାଇଁ ଗଚ୍ଛିତ ରଖିବାକୁ ପଡୁଛି। କମ୍ପାନୀ ପାଇଁ ଡ୍ୟାମ୍‌କୁ ମଧ୍ୟ ବିପଦ ଆଡକୁ ଠେଲି ଦିଆଯାଉଥିବା କୁହାଯାଉଛି। ଆସନ୍ତା ୧୮ରେ ପୁଣି ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି। ଏହା ଆହୁରି ଚିନ୍ତା ବଢାଇ ଦେଇଛି। ଯଦି ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି କରାଯାଏ ତା'ହେଲେ ସମ୍ବଲପୁର ସହରବାସୀ ଓ ମହାନଦୀ ତଳମୁଣ୍ଡରେ ବସବାସ କରୁଥିବା ପରିବାର ପାଇଁ ବିପଦ ରହିଛି। ଏପଟେ ବର୍ଷା ଓ ମହାନଦୀ ପିଛିଲା ପାଣିରେ ପାର୍ଶ୍ୱ ଅଞ୍ଚଳରେ ପାଣି ପଶିବା ଆରମ୍ଭ କରିଛି। ଏ ସମ୍ପର୍କରେ ଡ୍ୟାମ୍ ମୁଖ୍ୟ ନିର୍ବାହୀଯନ୍ତ୍ରୀ ଆନନ୍ଦଚନ୍ଦ୍ର ସାହୁ କହିଛନ୍ତି, ପରିଚାଳନାରେ କୌଣସି ତ୍ରୁଟି ହୋଇନାହିଁ। ଉପରମୁଣ୍ଡରେ ଜଳ ପ୍ରବେଶ କରୁଛି। ହେଲେ ଡ୍ୟାମ୍‌ରେ ପ୍ରାୟ ଦେଢଫୁଟ ଜଳ ରଖିବା କ୍ଷମତା ରହିଛି। ଏପଟେ ଜଳ ନିଷ୍କାସନ କରାଯାଉଛି। ପ୍ରବେଶ ପରିମାଣ ବୃଦ୍ଧି ହେଲେ ନିଷ୍କାସନ ମଧ୍ୟ ଅଧିକ କରାଯିବ। କୌଣସି ସମସ୍ୟା ହେବ ନାହିଁ।

## ଚୋରି ଘଟଣାରେ ଦୋକାନ କର୍ମଚାରୀ ଗିରଫ

ଝାରସୁଗୁଡ଼ା ଅଫିସ,୧୬।୯

ଏକ ଦୋକାନ ଚୋରି ଘଟଣାରେ ବେଲପାହାଡ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ନିର୍ଗୁଣପଡାର ବିଶି ଖଡିଆ(୨୪)। ତାଙ୍କ ନିକଟରୁ ଓଡି୨୩ସି-୯୯୬୩ନଂ ସ୍କୁଟି ସହ ୩୨ହଜାର ୮ଶହ ଚୋରି ଟଙ୍କା ପୋଲିସ ଜବତ କରିଛି। ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପ୍ରକାଶ ଯେ, ଗତ ରବିବାର ବେଲପାହାଡ ଫାଟକ ନିକଟ ଫଳ ଦୋକାନ ତାଲାଭାଙ୍ଗି ୨ଲକ୍ଷ ୩୦ହଜାର ଟଙ୍କା ଚୋରି ହୋଇଥିଲା। ଦୋକାନ ମାଲିକ ଅଜିତ ବହିଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏମ ମାମଲା (ନଂ୧୮୩/୨୧) ରୁଜୁକରି ତଦନ୍ତ ଚଳାଇଥିଲା।


ଗିରଫ ଅଭିଯୁକ୍ତ।

# ୧୯ଖଣ୍ଡ ମୌଜାର ୫ ଗ୍ରାମ ଜଳଘେରରେ

ଝାରସୁଗୁଡ଼ା ଅଫିସ,୧୬।୯

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମହାନଦୀ ଉପର ମୁଣ୍ଡ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। କଣ୍ଢେଇକେଲା ପଞ୍ଚାୟତର ସୁଖାଶୋଢା, ସେମିଲିଆ, ରେମତା ପଞ୍ଚାୟତର ମହୁଦି, ଚିଖିଲି ଓ ଶରଧା ଗ୍ରାମକୁ ବନ୍ୟାଜଳ ଘେରିରହିଛି। ଚିଖିଲି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରୁଥିବାରୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ୩ ପରିବାରର ୨୦ରୁ ଉର୍ଦ୍ଧ୍ୱ ବନ୍ୟାବିପନ୍ନଙ୍କୁ ଗୁରୁବାର ଚିଖିଲି ପ୍ରାଥମିକ ସ୍କୁଲରେ ଥାଇଥାନ କରାଯାଇଛି। ନଦୀକୂଳିଆ ଗ୍ରାମାଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବା ଫଳରେ



ଚିଖିଲି ଗ୍ରାମର ୩ପରିବାରକୁ ସ୍କୁଲରେ ଥଇଥାନ କରାଯାଇଛି।

୩ଦିନ ହେଲା ସମସ୍ତ ଚାଷଜମି ପାଣିରେ ବୁଡି ରହିଛି। ଫଳରେ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଲଖନପୁର ବିଡିଓ ସଞ୍ଜୀବ ପଟେଲ ଓ ତହସିଲଦାର ବିଶ୍ୱକେଶନ ପାଣ୍ଡେ,ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ, କନିଷ୍ଠଯନ୍ତ୍ରୀ ଟିକନାଥ ଭଇଁସା, ରେମତା ସରପଞ୍ଚ ଜାନକୀ ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ କଂସରାଳୀ ଓ ସାମାଜିକ କର୍ମୀ ମନୋଜ ଭୋଇ ପ୍ରମୁଖ ସକାଳେ ବନ୍ୟା ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାର ତଦାରଖ ପାଇଁ କଣ୍ଢେଇକେଲା ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ଓ ତହସିଲଦାର କ୍ୟାମ୍ପ କରି ଜଗି ରହିଛନ୍ତି। ସମସ୍ତ ଗ୍ରାମର ସ୍କୁଲ ଘରକୁ ବନ୍ୟା ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି। ମହୁଦୀ ଗ୍ରାମରେ ଥିବା ବନ୍ୟା ଆଶ୍ରୟ ସ୍ଥଳୀକୁ ବନ୍ୟାବିପନ୍ନଙ୍କ ପାଇଁ ପ୍ରସ୍ତୁତ ରଖାଯାଇଛି। ପ୍ରଶାସନ ଏ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜିଲାପାଳ କହିଛନ୍ତି।

**ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ**

# ସମ୍ବଲପୁର-ସୋନପୁର ରାସ୍ତା ବିଚ୍ଛିନ୍ନ

ସମ୍ବଲପୁର,୧୬।୯(ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରରେ ଗୁରୁବାର ୨୮ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଅନ୍ୟପଟେ କେତେକ ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ମହାନଦୀ ପିଛିଲା ପାଣିରେ ସମ୍ବଲପୁର-ସୋନପୁର ରାସ୍ତା ବିଚ୍ଛିନ୍ନ ହୋଇପଡିଛି। ଏହି ରାସ୍ତାର ଗୁଣ୍ଡେପୁର ନିକଟରେ ମାଳତୀ ନଦୀ ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ୧୦ନଂ. ରାଜ୍ୟ ରାଜପଥରେ ଯାତାୟାତ ବନ୍ଦ ହୋଇଯାଇଛି। ମହାନଦୀ ପୂର୍ଣ୍ଣଗର୍ଭା ହେବାରୁ ମାଳତୀ ନଦୀ, ହରଡଯୋରରେ ପାଣି ଫୁଲି ରହିଛି। ସହରରେ ଓ ମହାନଦୀ ତଳ ମୁଣ୍ଡରେ ସେଭଳି ବର୍ଷା ହୋଇ ନାହିଁ। ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ପାଢୀ କହିଛନ୍ତି, ଏବେ ହୀରାକୁଦ ଜଳଭଣ୍ଡାରର ଗେଟ୍ ସଂଖ୍ୟା ବୃଦ୍ଧି କରାଯାଉଛି।


ସମ୍ବଲପୁର-ସୋନପୁର ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିଶେଷ ପ୍ରଭାବ ପଡିନାହିଁ। କେବଳ ବିନାଖଣ୍ଡି ଓ ବାଲିବନ୍ଧାରେ ପାଣି ଜମିଥିବାରୁ ପମ୍ପ ଯୋଗେ ନିଷ୍କାସନ କରାଯାଉଛି। ଲୋକଙ୍କର କୌଣସି ସମସ୍ୟା ହୋଇ ନାହିଁ। ମୁକାବିଲା ପାଇଁ ୩୨ ରିଲିଫକେନ୍ଦ୍ର ଓ ୨ ବନ୍ୟା ଆଶ୍ରୟ ସ୍ଥଳ ଖୋଲାଯାଇଛି। ୨୪ ଘଣ୍ଟିଆ ସେବା ପାଇଁ ସରକାରୀ ଅଧିକାରୀ, କର୍ମଚାରୀ, ଅଗ୍ନିଶମ ବିଭାଗ, ପୋଲିସ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସଜାଗ ରହିଛନ୍ତି। ସମ୍ବଲପୁର-ସୋନପୁର ରାସ୍ତା ବନ୍ଦ ହୋଇଯାଇଛି। ମହାନଦୀ ପାଣି କମିବା ପରେ ପରିସ୍ଥିତି ସ୍ୱାଭାବିକ ହେବ। ବିକଳ୍ପ ରାସ୍ତା ଥିବାରୁ କିଛି ସମସ୍ୟା ହେଉନାହିଁ।

## ୧୧ କେଭି ତାର ସ୍ପର୍ଶରେ ଆସି ନାବାଳିକା ଗୁରୁତର

ରାଜଗାଙ୍ଗପୁର,୧୬।୯(ଡି.ଏନ୍.ଏ.)

ରାଜଗାଙ୍ଗପୁର ଲିମଲୋଇ ଅଞ୍ଚଳର ପ୍ରାଚୀ ଲୁହୁରା (୧୧) ନାମ୍ନୀ ଜଣେ ନାବାଳିକା ୧୧କେଭି ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ତାଙ୍କ ପିତାଙ୍କ ନାମ ଚାନ୍ଦ ଲୁହୁରା। ପ୍ରାଚୀ ନିଜ ଘର ଛାତଉପରେ ଝାଡୁମାରୁଥିବା ସମୟରେ ଉପରେ ଯାଇଥିବା ୧୧କେଭି ତାର ସ୍ପର୍ଶରେ ଆସିବା ଦ୍ୱାରା ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ବିଜେଡି ନେତ୍ରୀଙ୍କ ଗହଣରେ ବିଧାୟିକା କୁସୁମ

ସୁନ୍ଦରଗଡ଼,୧୬।୯(ଡି.ଏନ୍.ଏ.)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗରିବ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଗାଇଦେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୪ ତାରିଖରେ ରାଉରକେଲା ଆସି ସୁନ୍ଦରଗଡ଼ ଜିଲାର ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏଥିସହ ଜିଲାର ୧୭ଟି ବ୍ଲକ ଓ ୪ଟି ପୌରାଞ୍ଚଳରେ ରାଜ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା ଏହି ବଣ୍ଟନ କାର୍ଯ୍ୟ ଆରମ୍ଭ କରାଯାଇଛି। ମନ୍ତ୍ରୀ ଓ ବିଜେଡିର ଛାମୁଆ ନେତାମାନେ ଜିଲାର ବିଭିନ୍ନ ସ୍ଥାନରେ ଡେରା ପକାଇ ବ୍ଲକ, ପଞ୍ଚାୟତ ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ହିତାଧିକାରୀଙ୍କୁ ଏହିକାର୍ଡ ବଣ୍ଟନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁଫଳ ଲୋକଙ୍କୁ ବୁଝାଉଛନ୍ତି। ରାଜ୍ୟ ସରକାର ତଥା ବିଜେଡିର ଫୋକସ୍‌ରେ ଥିବା ସୁନ୍ଦରଗଡ଼ ଜିଲାରେ ଏଭଳି ମାରାଥନ କାର୍ଯ୍ୟକ୍ରମ ଆଗାମୀ ପଞ୍ଚାୟତ ଓ ପୌର


କୁସୁମ ଟେଟେ ହେମଗିର ବ୍ଲକରେ ବିଜେଡି ନେତ୍ରୀଙ୍କ ଗହଣରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରୁଛନ୍ତି।

ନିର୍ବାଚନରେ ଜନସାଧାରଣଙ୍କ ନିକଟତର ହେବା ପାଇଁ ସହଜ ହେବ। ହେଲେ ବିଜେଡିରୁ ଯାଇ ଭାଜପା ଟିକେଟରେ ବିଧାୟିକା ହୋଇଥିବା କୁସୁମ ଟେଟେ ବୁଧବାର ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ହେମଗିର ବ୍ଲକର କେତେକ ପଞ୍ଚାୟତରେ ବିଜେଡି ନେତ୍ରୀଙ୍କ ଗହଣରେ ଏହି ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ରାଜନୈତିକ ଆଲୋଚକଙ୍କ ମଧ୍ୟରେ ଭିନ୍ନ ଖୋରାକ ଯୋଗାଇଛି। ଜଣାଯାଇଛି ଯେ, ବିଧାୟିକା କୁସୁମ ହେମଗିର ବ୍ଲକର କିରିପସିରା, ସାନଘୁମୁଡ଼ା, କନକତୁରା ଓ ଡୁରୁବୁଗା ପଞ୍ଚାୟତରେ ହେଲଥ କାର୍ଡ ବଣ୍ଟନ କରିଥିଲେ। ତାଙ୍କ ସହିତ ବିଜେଡ଼ି ନେତ୍ରୀ ସୁଲତା ଦେଓ, ହେମଗିର ବିଡ଼ିଓ ଜଗଦିଶ ମହାନନ୍ଦିଆ ଉପସ୍ଥିତ ଥିଲେ। ଭାଜପାକୁ ଯାଇଥିଲେ ମଧ୍ୟ ବିଜେଡିରେ ଥିବା ଲୋକଙ୍କ ସ୍ନେହସମ୍ପର୍କକୁ ବିଧାୟିକା ନ ଭୁଲି ନିଜ ନିର୍ବାଚନମଣ୍ଡଳୀର ଲୋକଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସେ କାମ କରୁଥିବା କୁହାଯାଉଛି। ଏନେଇ ବିଧାୟିକା କହିଛନ୍ତି, ଏହା ସରକାରୀ କାର୍ଯ୍ୟକ୍ରମ ଥିଲା। ଏହା ମୋ ନିର୍ବାଚନମଣ୍ଡଳୀରେ ହୋଇଥିବାରୁ ବିଡ଼ିଓଙ୍କ ଅନୁରୋଧ କ୍ରମେ ସେଠାକୁ ଯାଇ କାର୍ଡ଼ ବଣ୍ଟନ କରିଥିଲି। ଏହି ସରକାରୀ କାର୍ଯ୍ୟକ୍ରମକୁ ବିଜେଡ଼ି ଦଳୀୟ ଉତ୍ସବରେ ପରିଣତ କରି ରାଜନୈତିକ ଫାଇଦା ହାସଲ କରିବା ନିନ୍ଦନୀୟ ବିଷୟ ବୋଲି କହିଛନ୍ତି।

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ**

# ରେଜିଷ୍ଟ୍ରେଶନ କାମ ବନ୍ଦ କଲା ଓକିଲ ସଂଘ

ରାଜଗାଙ୍ଗପୁର, ୧୬।୯(ଡି.ଏନ୍.ଏ.)

ରାଜଗାଙ୍ଗପୁର ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ ନେଇ ଅଭିଯୋଗ ବହୁଦିନ ଧରି ହୋଇଆସୁଥିଲା। ତହସିଲଦାର ଅଫିସକୁ ଉଚିତ ସମୟରେ ନ ଆସି ମନମୁଖୀ ଭାବେ ଅଫିସକୁ ଆସୁଛନ୍ତି, ଯାହା ଦ୍ୱାରା ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓକିଲ ମାନଙ୍କ ସହ ଠିକ ଭାବେ ବ୍ୟବହାର ପ୍ରଦର୍ଶନ କରୁନାହାନ୍ତି। ବିଭିନ୍ନ କାମରେ ପାତରଅନ୍ତର ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ ରାଜଗାଙ୍ଗପୁର ଓକିଲ ସଂଘ ଆଣିଛି। ଏହି ପରିପ୍ରେକ୍ଷୀରେ ଗତ ୩ ତାରିଖ ସଂଘର ଏକ ବୈଠକ ବସି ଏହାକୁ ନିନ୍ଦା କରିବା ସହ ସୁନ୍ଦରଗଡ଼ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଓକିଲ ସଂଘର ଏକ ଦଳ ଯାଇ ଅବଗତ କରାଇଥିଲେ। ଏହା ସହିତ ଜଣେ ଅତିରିକ୍ତ ତହସିଲଦାର ଓ କିଛି କର୍ମଚାରୀ ତହସିଲ ଅଫିସରେ ଦେବା ଓ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ କହିଥିଲେ। ଓ ସମ୍ପୂର୍ଣ୍ଣ ରେଜିଷ୍ଟ୍ରେସନ କାମକୁ ବନ୍ଦ କରିଦେଇଥିଲେ। କିନ୍ତୁ ଅଦ୍ୟାବଧି ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଠାରୁ କୌଣସି ପଦକ୍ଷେପ ନେବାର ସୂଚନା ନ ପାଇବାରୁ ଗୁରୁବାର ଓକିଲ ସଂଘର ସଭାପତି ଏମ ଡି ମୋହସିନଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଏଥିରେ ପୂର୍ବରୁ ତହସିଲଦାରଙ୍କ ବିରୁଦ୍ଧରେ ଦିଆଯାଇଥିବା ଅଭିଯୋଗ ଉପରେ କୌଣସି ପଦକ୍ଷେପ ଉଚ୍ଚ ଅଧିକାରୀ ବର୍ତ୍ତମାନ ପର୍ଯ୍ୟନ୍ତ ନେଇ ନ ଥିବାରୁ ଏହି ପରିପ୍ରେକ୍ଷୀରେ ପୁଣି ଏକ ରିମାଇଣ୍ଡର ପତ୍ର ପଠା ହେବା ପାଇଁ ନିଷ୍ପତ୍ତି ହେବା ସହ ରେଜିଷ୍ଟ୍ରେସନ କାର୍ଯ୍ୟ ପୂର୍ବପରି ବନ୍ଦ ରଖିବା ପାଇଁ ଓକିଲ ସଂଘରେ ନିଷ୍ପତ୍ତି ହୋଇଛି।

**ତହସିଲଦାରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଓକିଲ ମହଲରେ ଅସନ୍ତୋଷ**

## କର୍ମଚାରୀଙ୍କ ସମସ୍ୟାର ସମାଧାନ କଲା ଜିଲା ପ୍ରଶାସନ

ରାଜଗାଙ୍ଗପୁର,୧୬।୯(ଡି.ଏନ୍.ଏ.)

ରାଜଗାଙ୍ଗପୁର ପୌରକାର୍ଯ୍ୟାଳୟରେ ସଫେଇ କର୍ମଚାରୀଙ୍କୁ ଦୁର୍ବ୍ୟବହାର ସହ ଦରମା ପ୍ରଦାନରେ ଅବହେଳା ଓ ସାପ୍ତାହିକ ବଜାରରେ ଚାଷୀ ଶୋଷଣକୁ ନେଇ କିଛି ଦିନ ତଳେ ପୌରକାର୍ଯ୍ୟାଳୟରେ ତାଲା ପଡିଥିଲା। ଜିଲା ପ୍ରଶାସନର ଆଶ୍ୱାସନା ପରେ ତାଲା ଖୋଲିଥିଲା। କିନ୍ତୁ ଏହାର ସମାଧାନ କରିବା ପାଇଁ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରା, ରାଜଗାଙ୍ଗପୁର ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା ପୌରକାର୍ଯ୍ୟାଳୟରେ ଉପସ୍ଥିତ ରହି ଏକ ଆଲୋଚନା ବୈଠକ ଅଫିସଗୃହରେ ବସିଥିଲା ଓ ଅଭିଯୋଗ ଶୁଣିଥିଲେ। ଏଥିରେ ସମସ୍ତ ପ୍ରକାର ଆଲୋଚନା ପରେ ଅଧିକାରୀମାନେ ବାହାରକୁ ଆସି ଅପେକ୍ଷାରତ କର୍ମଚାରୀ ଓ ଅନ୍ୟମାନଙ୍କୁ କହିଥିଲେ ଯେ, ଶୁକ୍ରବାରଠାରୁ ବର୍ତ୍ତମାନର କାର୍ଯ୍ୟନିର୍ବାହୀ ଅଧିକାରୀ ଅଫିସ ଆସିବେ ନାହିଁ। ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଲେ ପର୍ଯ୍ୟାୟକ୍ରମେ ସବୁ ଧିରେ ଧିରେ ସମାଧାନ କରାଯିବ।

## ହାତୀପଲ ଘର ଭାଙ୍ଗି ଚାଉଳ ଖାଇଲେ

କୁତ୍ରା,୧୬।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକ ସିଆଲଯୋର ଅଞ୍ଚଳରେ କିଛିଦିନ ହେବ ହାତୀ ଆତଙ୍କ ଲାଗିରହିଛି। ସନ୍ଧ୍ୟା ହେବାକ୍ଷଣି ଗ୍ରାମ ଭିତରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଦୁଇଦିନ ତଳେ ସିଆଲଜୋର ଗ୍ରାମରେ ପଶି ଧାନ ଫସଲ ଖାଇବା ସହିତ ଦଳିମକଚି ନଷ୍ଟ କରିଦେଇଥିଲେ। ପୁଣି ଥରେ ଗତ ରାତିରେ ହାତୀପଲ ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଘର ଭାଙ୍ଗିବା ସହିତ ଗୋଟିଏ



ଘର ଭିତରେ ଥିବା ଚାଉଳ ସବୁ ଖାଇ ଦେଇଛନ୍ତି। ତାଙ୍କର ଘର ଗାଁ ବାହାରେ ଥିବାରୁ ସେଠି ରହୁଥିବା ଲୋକେ ସନ୍ଧ୍ୟା ହେଲେ ଭୟରେ ଘର କବାଟ ଦେଇ ଗାଁ ଭିତରକୁ ଚାଲିଯାନ୍ତି। ସେଇଥି ପାଇଁ ଘରେ ରହୁଥିବା ଲୋକେ ହାତୀ ହାବୁଡରୁ ରକ୍ଷା ପାଇଯାଇଛନ୍ତି। ଏହି ପଲରେ ୨୨ ହାତୀ ଥିବା ଜଣାପଡିଛି। ଏହି ହାତୀପଲ ସନ୍ଧ୍ୟା ହେଲେ ଜୁରାଜାମ ପାହାଡ ଓ ମହାବୀର ପର୍ବତ ପଟୁ ଆସି କେତେବେଳେ ଧାନ ଫସଲ ଖାଇବା ସହ ଦଳିମକଚି ନଷ୍ଟ କରୁଛନ୍ତି ତ କେତେବେଳେ ଗାଁ ମୁହାଁ ହୋଇ ଘର ଭାଙ୍ଗୁଛନ୍ତି। ରାତି ଅନିଦ୍ରା ହୋଇ ଗାଁ ଲୋକେ ମେଳିକରି ହାତୀ ଘଉଡାଉଛନ୍ତି। ଅନ୍ୟ ପକ୍ଷରେ ବନ ବିଭାଗ ସବୁ ଜାଣି ସୁଦ୍ଧା ହାତୀ ଘଉଡାଇବା ପାଇଁ ଉଦ୍ୟମ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ହାତୀ ଘଉଡ଼ାଇବାର ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି।

# ବାହ୍ୟଜଗତରୁ ବିଚ୍ଛିନ୍ନ ଚଇନପୁର ଗ୍ରାମ

କୁଆଁରମୁଣ୍ଡା,୧୬।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ନଦୀଗୁଡିକ ଏବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଥିଯୋଗୁ ନଦୀ ନିକଟବର୍ତ୍ତୀ ଗ୍ରାମ ଓ ବସ୍ତିରେ ବନ୍ୟାଜଳ ପ୍ରବେଶ କରିଛି। ଗୁରୁବାର ମଧ୍ୟାହ୍ନ ସୁଦ୍ଧା କୋଏଲ ନଦୀର ଜଳପତନ ବୃଦ୍ଧି ପାଇବାରୁ କୁଆଁରମୁଣ୍ଡା ବ୍ଲକର ଚଇନପୁର ଗ୍ରାମ ସମ୍ପୂର୍ଣ୍ଣଭାବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେଠାରେ ବସବାସ କରୁଥିବା ୮୦ପରିବାରର ପ୍ରାୟ ସାଢେ ୩ଶହ ଲୋକ ଜଳବନ୍ଦୀ ହୋଇଛନ୍ତି। ଉକ୍ତ ଗ୍ରାମବାସୀ ଦୈନନ୍ଦିନ ନିତ୍ୟବ୍ୟବହାର୍ଯ୍ୟ ଜିନିଷ କିଣାକିଣି ପାଇଁ କୁଆଁରମୁଣ୍ଡା ବଜାରକୁ ଆସିଥାଆନ୍ତି। ହେଲେ କୋଏଲ ନଦୀ ବନ୍ୟାଜଳ ଯୋଗୁ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣଭାବେ ବନ୍ଦ


ତହସିଲଦାର ଓ ଅନ୍ୟମାନେ ଚଇନପୁର ଗ୍ରାମର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ହୋଇଯାଇଛି। ଚଇନପୁର ଗ୍ରାମର ଶତପ୍ରତିଶତ ଲୋକ ଗରିବ ତଫସିଲଭୁକ୍ତ ଜାତି, ଜନଜାତି ସମ୍ପ୍ରଦାୟର। ପ୍ରତିଦିନ ପରିବାର ପ୍ରତିପୋଷଣ ନିମନ୍ତେ ସେମାନେ କୁଆଁରମୁଣ୍ଡାର ବିଭିନ୍ନ କଳକାରଖାନା ଆଦିକୁ କାମ କରିବାକୁ ଆସିଥାନ୍ତି। ଗାଁ ଜଳ ଘେରରେ ରହିଥିବାରୁ ଯେଉଁମାନେ ବାହାରେ ଅଛନ୍ତି ସେମାନେ ଆଉ ଗାଁକୁ ଯିବା ସମ୍ଭବ ହେଉନାହିଁ।

ପ୍ରଶାସନ ସେମାନଙ୍କ ନିକଟରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ସହ ବିପଦରେ ଥିବା ପରିବାରଗୁଡ଼ିକୁ ଉଦ୍ଧାର କରିବା ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ସାମାଜିକ କର୍ମୀ ଅର୍ଜୁନ ମିଞ୍ଜ ପ୍ରମୁଖ ଦୃଢ ଦାବି କରିଛନ୍ତି। କୁଆଁରମୁଣ୍ଡା ତହସିଲଦାର ରାଜେଶ ସାହୁ ଅନ୍ୟ କର୍ମଚାରୀଙ୍କ ସହିତ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଶୁକ୍ରବାର ବନ୍ୟାବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ ପହଞ୍ଚିବ ବୋଲି ତହସିଲଦାର ସାହୁ କହିଛନ୍ତି। ପ୍ରକାଶ ଯେ, କୋଏଲ ସହ ଶଙ୍ଖ ନଦୀର ଜଳପତନ ବୃଦ୍ଧି ପାଉଛି। ଏହି ଦୁଇ ନଦୀ ମିଶି ବେଦବ୍ୟାସଠାରୁ ବ୍ରାହ୍ମଣୀ ନଦୀ ସୃଷ୍ଟି ହୋଇଥିବାରୁ ବ୍ରାହ୍ମଣୀର ମଧ ଜଳପତନ ବଢୁଛି।

**ଉଛୁଳିଲା କୋଏଲ ନଦୀ**

## ଓଡ଼ିଶା ଗସ୍ତରେ ଆସିବେ ଇଣ୍ଡିଆନ ବ୍ୟାଙ୍କ ସିଇଓ

ଇଣ୍ଡିଆନ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତିଲାଲ ଜୈନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଚଳିତ ମାସ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପାର୍ଲାମେଣ୍ଟାରି କମିଟି ବୈଠକରେ ମଧ୍ୟ ସେ ଯୋଗଦେବେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଭାରତର ଅଭିବୃଦ୍ଧି ୭.୨% ରହିବ: ଜାତିସଂଘ

**ନୂଆଦିଲ୍ଲୀ,୧୬।୯:** ୨୦୨୧ରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୭.୨% ହାରରେ ଅଭିବୃଦ୍ଧି କରିବ। ମାତ୍ର ଆସନ୍ତା ବର୍ଷ ଅର୍ଥନୈତିକ ଅଭିବୃଦ୍ଧି ପ୍ରଭାବିତ ରହିବ ବୋଲି ଜାତିସଂଘ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। କୋଭିଡ୍-୧୯ ଉଭୟ ଖାଦ୍ୟ ମୁଦ୍ରାସ୍ଫୀତି ଏବଂ ଘରୋଇ ଚାହିଦା ଉପରେ ଗଭୀର ଭାବେ ପ୍ରଭାବ ପକାଇଛି। ୨୦୨୧ରେ ବିଶ୍ୱ ଅର୍ଥ ବ୍ୟବସ୍ଥା ଦୃଢ଼ ଭାବେ ଟ୍ରାକ୍‌କୁ ଫେରିବ ବୋଲି ଜାତିସଂଘ ଆଶାବାଦୀ ରହିଛି। ଚଳିତ ବର୍ଷ ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୫.୩% ରହିବ ବୋଲି ୟୁନାଇଟେଡ୍ ନେସନ୍ସ କନ୍‌ଫରେନ୍ସ ଅନ୍ ଟ୍ରେଡ ଆଣ୍ଡ ଡେଭଲପମେଣ୍ଟ(ୟୁଏନ୍‌ସିଟିଏଡି) ପ୍ରକାଶ କରିଛି। ୨୦୨୦ରେ ଭାରତର ଜିଡିପି -୭% ରହିଛି। ୨୦୨୨ରେ ଭାରତର ଅଭିବୃଦ୍ଧି ୭.୨% ରହିବ ବୋଲି ଏହା ଆକଳନ କରିଛି। ଏହା ୨୦୨୧ତୁଳନାରେ କମିବ। ଅଭିବୃଦ୍ଧି କମିଲେ ମଧ୍ୟ ଭାରତ ଆସନ୍ତା ବର୍ଷ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହେବ ବୋଲି ଏହି ରିପୋର୍ଟରେ କୁହାଯାଇଛି।

### ୧୫ କୃଷକଙ୍କୁ ସମ୍ବର୍ଦ୍ଧିତ କଲା ସୋନାଲିକା

**ନୂଆଦିଲ୍ଲୀ,୧୬।୯:** ଟ୍ରାକ୍ଟର କମ୍ପାନୀ ସୋନାଲିକା ପକ୍ଷରୁ ନିକଟରେ 'ସୋନାଲିକା କୃଷି ସମ୍ମାନ ଆୱାର୍ଡ ୨୦୨୧'ର ଆୟୋଜନ କରାଯାଇଥିଲା। କୃଷକଙ୍କୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ଦେଶର କୃଷି କ୍ଷେତ୍ରରେ ବିଶେଷ ଯୋଗଦାନ ରଖିଥିବା ୧୫ ଜଣ କୃଷକଙ୍କୁ ସୋନାଲିକା ପକ୍ଷରୁ ସମ୍ମାନିତ କରାଯାଇଛି। ଏଥିରେ କମ୍ପାନୀର ନୂତନ ପୁସ୍ତକ 'ମିଟ୍ଟି କେ ସପ୍‌ନେ,ମଜବୁତ୍ ଇରାଦେ: କାହାନି କିସାନୋ କି' ଉନ୍ମୋଚନ କରାଯାଇଥିଲା। ଏଥିରେ ୧୫ଜଣ କୃଷକଙ୍କ ପ୍ରେରଣାଦାୟକ କାହାଣୀ ଉଲ୍ଲେଖ ରହିଛି। ସୋନାଲିକା ସିଏସ୍‌ଆର୍‌ର ନିର୍ଦ୍ଦେଶକ, ସୁର୍‌ଭି ମିତ୍ତଲ କହିଛନ୍ତି , ଦେଶର କୃଷିକ୍ଷେତ୍ରର ବିକାଶରେ କୃଷକମାନଙ୍କର ଅତୁଳନୀୟ ଯୋଗଦାନକୁ ସ୍ୱୀକୃତି ଜଣାଉଛୁ। 'ସୋନାଲିକା କୃଷି ସମ୍ମାନ ପୁରସ୍କାର' ହେଉଛି ଦେଶର 'ଅନ୍ନଦାତା'ଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଆମର ଏକ ଛୋଟିଆ ପ୍ରୟାସ।

# ଜିଏସ୍‌ଟି ବୈଠକ ଉପରେ ନଜର

**ନୂଆଦିଲ୍ଲୀ,୧୬।୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପରିଷଦର ବୈଠକ ଶୁକ୍ରବାର ଲକ୍ଷ୍ମୌଠାରେ ଅନୁଷ୍ଠିତ ହେବ। ପ୍ରାୟ ୪୮ରୁ ଊର୍ଦ୍ଧ୍ୱ ସାମଗ୍ରୀ ଉପରେ ଲାଗୁ ହେଉଥିବା ଟିକସ ହାର ଉପରେ ଏଠାରେ ବିଚାରବିମର୍ଶ ହେବ। ସେହିଭଳି ୧୧ କୋଭିଡ୍-୧୯ ମେଡିସିନ ଉପରେ ରିହାତି ଅବଧିକୁ ଡିସେମ୍ବର ୩୧ ଯାଏ ବଢ଼ାଇବାକୁ ପରିଷଦରେ ଆଲୋଚନା ହେବ ବୋଲି କୁହାଯାଉଛି। ବୈଠକରେ ରାଷ୍ଟ୍ରମନ୍ତ୍ରୀ ଏମ୍‌ପିପି ଚୌଧୁରୀ ଏବଂ ରାଜ୍ୟଗୁଡ଼ିକର ପ୍ରତିନିଧି ମଧ୍ୟ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

### ୭ ମେଡିସିନ ଟିକସ ହାର ଉପରେ ବିଚାର

ଆମ୍ଫୋଟେରିସିନ ବି,ଟୋସିଲିଜୋମାବ, ରେମ୍‌ଡେସିଭିର, ହେପାରିନ ଆଣ୍ଟିକୋଗୋଲାଣ୍ଟ ଭଳି ମେଡିସିନ ଉପରେ ରିହାତି ଟିକସ ହାର ଲାଗୁ କରିବା ଉପରେ ମଧ୍ୟ ବିଚାର କରାଯିବ। ବର୍ତ୍ତମାନ ଏହାର ସମୟସୀମା ସେପ୍ଟେମ୍ବର ୩୦ ରହିଥିବା ବେଳେ ଏହାକୁ ଡିସେମ୍ବର ୩୧ ଯାଏ ବଢ଼ାଇବାକୁ ନିଷ୍ପତ୍ତି ଆସିବ ବୋଲି କୁହାଯାଉଛି। ଆମ୍ଫୋଟେରିସିନ ବି ଏବଂ ଟୋସିଲିଜୋମାବ ଉପରେ ଟିକସ ଲାଗୁ ନ ଥିବା ବେଳେ ରେମ୍‌ଡେସିଭିର, ହେପାରିନ ଉପରେ ଟିକସ ହାର ୫%କୁ ଖସିଛି। ସେହିଭଳି ଚଳିତ ବର୍ଷ ଡିସେମ୍ବର ଶେଷ ଯାଏ ଆଉ ୭ ମେଡିସିନ ଉପରେ ଟିକସ ହାର ୧୨ରୁ ୫%କୁ ଖସିପାରେ। ଏହା ମଧ୍ୟରେ ଆଇଟୋଲିଜୋମାବ, ପୋସାକୋନେଜୋଲ, ଇନ୍‌ଫ୍ଲିକ୍ସିମାବ, ବାମଲାନିଭିମାବ ଓ ଏଟ୍ରେଭିମାବ, କ୍ୟାସିରିଭିମାବ ଓ ଇମଡେମିମାବ, ୨-ଡିଓକ୍ସି-ଡି-ଗ୍ଲୋକୁଜ୍ ଏବଂ ଫାଭିପିରାଭିର ରହିଛି।




### ଟିକସ ହାର ପରିବର୍ତ୍ତନ, କୋଭିଡ୍ ମେଡିସିନ ରିହାତି ସୀମା ବଢ଼ିପାରେ

### ଜିଏସ୍‌ଟି ଦେବେ ସ୍ୱିଗି, ଜୋମାଟୋ

ସ୍ୱିଗି, ଜୋମାଟୋ ଭଳି ଡେଲିଭରି ଆପ୍‌ଗୁଡ଼ିକକୁ ରେଷ୍ଟୁରାଣ୍ଟ ବିଚାରକରି ସେମାନଙ୍କ ଦ୍ୱାରା ଯୋଗାଣ ହେଉଥିବା ଖାଦ୍ୟ ସାମଗ୍ରୀ ଉପରେ ୫% ଟିକସ ଲଗାଇବାକୁ ବିଚାର କରାଯାଉଛି। ପରିଷଦ ଏହା ଉପରେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ସ୍ୱିଗି ଏବଂ ଜୋମାଟୋ ଭଳି କମ୍ପାନୀ ରେଷ୍ଟୁରାଣ୍ଟଗୁଡ଼ିକର ସେବା ତାଙ୍କ ପ୍ଲାଟ୍‌ଫର୍ମରେ ଯୋଗାଉଛନ୍ତି। ଟିକସ ଠକେଇକୁ ରୋକିବା ଲାଗି ଏହି ପ୍ଲାଟ୍‌ଫର୍ମଗୁଡ଼ିକୁ ମଧ୍ୟ ଉତ୍ତରଦାୟୀ କରାଯିବ। କମ୍ପାନୀଗୁଡ଼ିକ ଜିଏସ୍‌ଟି ପ୍ରଦାନ କରିବା ନେଇ ପରିଷଦ ବିଚାର କରିବ। ଜିଏସ୍‌ଟି ପରିଷଦର ମଞ୍ଜୁରୀ ମିଳିବା ପରେ ଖାଦ୍ୟ ସାମଗ୍ରୀ ଡେଲିଭରି କରୁଥିବା କମ୍ପାନୀଗୁଡ଼ିକ ରେଷ୍ଟୁରାଣ୍ଟ ସ୍ଥାନରେ ଲୋକଙ୍କଠାରୁ ଜିଏସ୍‌ଟି ଆଦାୟକରି ସରକାରଙ୍କୁ ପଇଠ କରିବେ। ଏହାଦ୍ୱାରା ଲୋକଙ୍କ ଉପରେ କୌଣସି ଅତିରିକ୍ତ ବୋଝ ପଡ଼ିବ ନାହିଁ ବୋଲି କୁହାଯାଉଛି। ଫୁଡ୍ ଡେଲିଭରି ଆପ୍‌ଗୁଡିକ ଠିକ୍ ଭାବେ ହିସାବ ଦେଖାଉ ନ ଥିବାରୁ ରାଜକୋଷକୁ ଗତ ୨ ବର୍ଷରେ ୨ ହଜାର କୋଟି ଟଙ୍କା କ୍ଷତି ହୋଇଛି।

### ତେଲ ପାଇଁ କେନ୍ଦ୍ର-ରାଜ୍ୟ ସହମତି ଲୋଡ଼ା

ପେଟ୍ରୋଲ ଏବଂ ଡିଜେଲ ଉପରେ ଜିଏସ୍‌ଟି ଲାଗୁ କରିବା ପାଇଁ କେରଳ ହାଇକୋର୍ଟ ଶୁଣାଣି କରିଥିଲେ। ଏହି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବା ବିଶେଷ ସମ୍ଭାବନା ରହିଛି। କେନ୍ଦ୍ର, ରାଜ୍ୟ ଉକ୍ତ ପ୍ରସ୍ତାବ ଉପରେ ସହମତି ଦେଖାଇବା ପରେ ହିଁ ଲୋକଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଛି। କେନ୍ଦ୍ର ଏବଂ ରାଜ୍ୟ ତେଲ ଉପରୁ ପାଉଥିବା ରାଜସ୍ୱରେ ହ୍ରାସ ଆଶଙ୍କାକୁ ବିଚାରକୁ ନେଇ ଏହା ଉପରେ ବର୍ତ୍ତମାନ ସୁଦ୍ଧା ସହମତି ପ୍ରକାଶ ପାଇପାରିନାହିଁ। ତେଲ ଉପରେ ଜିଏସ୍‌ଟି ନେଇ ଚଳିତ ବର୍ଷ ଜୁନ୍‌ରେ କେରଳ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଏର ହୋଇଥିଲା। ଏହାର ବିଚାରକରି ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି କୋର୍ଟ ଜିଏସ୍‌ଟି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ।

### ଆନ୍ତଃ ରାଜ୍ୟ କମିଟି ରିପୋର୍ଟରେ ତର୍ଜମା

ପାନମସଲା, କମ୍ପୋଜିସନ ସ୍କିମ୍, ଷ୍ଟୋନ କ୍ରଶର, ଇଟାଭାଟି ଭଳି କ୍ଷେତ୍ରରେ କ୍ଷମତା ଭିତ୍ତିରେ ଟିକସ ଲାଗୁକରିବା ପ୍ରସଙ୍ଗ ଉପରେ ମଧ୍ୟ ପରିଷଦ ବିଚାର କରିବ। ଏହି ପ୍ରସଙ୍ଗ ଉପରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ନିକଟରେ ରିପୋର୍ଟ ପ୍ରଦାନ କରିଥିଲା। ଇଟାଭାଟି କ୍ଷେତ୍ର ଲାଗି ସ୍ୱତନ୍ତ୍ର କମ୍ପୋଜିଶନ ସ୍କିମ୍ ୨୦୨୦ ଏପ୍ରିଲ ପହିଲାରୁ ଲାଗୁ କରିବାକୁ କମିଟି ପ୍ରସ୍ତାବ ଦେଇଛି। ବିନା କୌଣସି ଇନ୍‌ପୁଟ ଟାକ୍ସ କ୍ରେଡିଟ୍‌ରେ ୫% ଜିଏସ୍‌ଟି ପ୍ରଦାନ କରିବାକୁ ପ୍ରସ୍ତାବରେ କୁହାଯାଇଛି। ସେହିଭଳି ସେବା କ୍ଷେତ୍ର ଲାଗି ମଧ୍ୟ ସମାନ ଟିକସ ହାର ଲାଗୁ କରାଯିବ। ଏପ୍ରିଲ ପହିଲାଠାରୁ ଇଟା ଯୋଗାଣ କ୍ଷେତ୍ରରେ ୫ରୁ ୧୨% ଜିଏସ୍‌ଟି ଲାଗୁ ହୋଇପାରେ। ୩୨ ସାମଗ୍ରୀ ଏବଂ ୨୯ ସେବା ଉପରେ ଲାଗୁ ହେଉଥିବା ଟିକସ ହାର ନେଇ ପରିଷଦ ବିଚାର କରିବ।

### ୫୯,୨୦୦ ପଏଣ୍ଟ ସ୍ତରରେ ସେନ୍‌ସେକ୍ସ

**ମୁମ୍ବାଇ,୧୬।୯**

ଭାରତୀୟ ପୁଞ୍ଜିବଜାରର କାରବାର ଲଗାତର ଊର୍ଦ୍ଧ୍ୱଗାମୀ ହୋଇଚାଲିଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ଇତିହାସ ରଚିଛି। ପ୍ରଥମଥର ଲାଗି ସେନ୍‌ସେକ୍ସ ୫୯,୨୦୦ ଏବଂ ନିଫ୍ଟି ୧୭,୬୦୦ ପଏଣ୍ଟ ସ୍ତର ଛୁଇଁଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସ ୪୧୮ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୫୯,୧୪୧ ପଏଣ୍ଟ ଏବଂ ନିଫ୍ଟି ୧୧୦ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୧୭,୬୩୦ ପଏଣ୍ଟରେ ବନ୍ଦ ହୋଇଛି। ପୁଞ୍ଜିବଜାର କାରବାର ବଢ଼ିବାର କେତେକ ବିଶେଷ କାରଣ ରହିଛି। ଏହା ମଧ୍ୟରେ ଶିଳ୍ପ ଜଗତକୁ ସହାୟତା କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଆଇପିଓ ବଜାର ମଧ୍ୟ ଭଲ ପ୍ରଦର୍ଶନ କରୁଛି। ବିଦେଶୀ ନିବେଶକଙ୍କ ନିବେଶ ବେଶ୍ ଉନ୍ନତ ରହିଛି। ଦ୍ୱିତୀୟ ତ୍ରୈମାସରେ ପ୍ରଦର୍ଶନ ଉନ୍ନତ ରହିବା ନେଇ ଆଶା କରାଯାଉଛି। ଜୁଲାଇରେ ଶିଳ୍ପ କ୍ଷେତ୍ରର ଉତ୍ପାଦନ ବୃଦ୍ଧି ଘଟିଛି। ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ଦର ମଧ୍ୟ ହ୍ରାସ ହୋଇଛି। ଏହାବାଦ ଟିକାକରଣ ଧାରା ତ୍ୱରାନ୍ୱିତ ହେଉଥିବାରୁ ନିବେଶକଙ୍କ ଭରସା ବଢ଼ିଥିବା ଜଣାପଡ଼ିଛି।

## ନୂଆ ଟିଭିଏସ୍ ରେଡର ମଡେଲ

**ଭୁବନେଶ୍ୱର,୧୬।୯:** ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ୧୨୫ ସିସି ବର୍ଗରେ ନୂଆ ଟିଭିଏସ୍ ରେଡର ବଜାରକୁ ଆସିଛି। ଅଭିଳାଷୀ ଯୁବବର୍ଗଙ୍କୁ ନଜରରେ ରଖି କମ୍ପାନୀ ଏହି ମଡେଲଟିକୁ ପ୍ରସ୍ତୁତ କରିଛି। ଏହି ଯୁବ ସୁଲଭ ଏବଂ ସ୍ପୋର୍ଟି ମଡେଲରେ ଏଲ୍‌ସିଡି ଡିଜିଟାଲ ସ୍ପିଡୋମିଟର, ବିକଳ୍ପ ୫ ଇଞ୍ଚ ଟିଏଫ୍‌ଟି କ୍ଲଷ୍ଟର ସହିତ ଭଏସ୍ ଆସିଷ୍ଟ, ବିବିଧ ଗାଡ଼ି ଚାଳନା ମୋଡ୍, ସିଟ୍ ତଳେ ଷ୍ଟୋରେଜ ବ୍ୟବସ୍ଥା ଭଳି ଅନ୍ୟ ଫିଚର ଲାଭ କରିପାରିବେ। ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମ୍ପାନୀର ସିଇଓ କେ.ଏନ୍. ରାଧାକ୍ରିଷ୍ଣ କହିଛନ୍ତି। ଏଥିରେ ୧୨୪.୮ ସିସିର ଅଏଲ କୁଲଡ ୩ଭି ଇଞ୍ଜିନ, ସ୍ମାର୍ଟ ଏକ୍ସୋନେଟେଡ ବ୍ଲୁଟୁଥ ସଂଯୋଗ, ନାଭିଗେଶନ ଭଳି ଅନ୍ୟ ପ୍ରମୁଖ ଫିଚର ଗ୍ରାହକ ଲାଭ କରିପାରିବେ। ମଡେଲଟିର ଏକ୍ସ ଶୋ'ରୁମ୍ ବଜାର ଦର ୭୭,୫୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ଷ୍ଟ୍ରାଇକିଂ ରେଡ୍, ବ୍ଲେଜିଂ ବ୍ଲୁ ୱିକେଡ, ବ୍ଲାକ୍ ଓ ଫିଏରି ୟେଲୋ ରଙ୍ଗରେ ଉପଲବ୍ଧ।




## ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ବଣ୍ଟନ ସମୀକ୍ଷା

**ଭୁବନେଶ୍ୱର,୧୬।୯:** ଟିପିସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପୁରୁଣା ବିଦ୍ୟୁତ୍ ବଣ୍ଟନ ନେଟ୍‌ୱର୍କର ସୁଦୃଢ଼ୀକରଣ ଦିଗରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଉଛି। ଜଗତ୍‌ସିଂହପୁର ଜିଲାରେ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବର୍ଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ସାଧାରଣ ଜନତା ଓ ପଶୁମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ନେଟ୍‌ୱର୍କରେ ବଡ଼ ଧରଣର ଉନ୍ନତୀକରଣ କରାଯାଇଛି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅବସରରେ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ରିଲାଏନ୍ସ ଜୁଏଲ୍ସର ବେଲା କଲେକ୍ସନ

**ଭୁବନେଶ୍ୱର,୧୬।୯**

ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ନୂଆ ବେଲା କଲେକ୍ସନର ଶୁଭାରମ୍ଭ ହୋଇଛି। ଏହା ଆଧୁନିକ ନାରୀମାନଙ୍କର ତତ୍ତ୍ୱର ଗୁଣଗାନ କରୁଛି। ମହିଳାଙ୍କ ପ୍ରତ୍ୟେକ ଦିନକୁ ସ୍ୱତନ୍ତ୍ର କରି ଗଢ଼ି ତୋଳିବାକୁ ଏହି ସମ୍ଭାରକୁ ଡିଜାଇନ କରାଯାଇଛି। ଅତ୍ୟନ୍ତ ନିଖୁଣ ଡିଜାଇନ ସହିତ ସବିଶେଷ ଓ ସଠିକତାର ଏକ ଉପଯୁକ୍ତ ସମ୍ମିଶ୍ରଣ ଏହି ଚମତ୍କାର ସଂଗ୍ରହ ଆପଣଙ୍କର ହଠାତ୍ ରାତ୍ରିଭୋଜନ ଯୋଜନାଠାରୁ ନେଇ ବାନ୍ଧବୀଙ୍କ ସହିତ କିଣାକିଣି କରିବାକୁ ଯିବା, ପରିବାର ସହିତ ସଂକ୍ଷିପ୍ତକାଳୀନ ଛୁଟି ମନାଇବାଠାରୁ ରବିବାରର କାର୍ଯ୍ୟକ୍ରମ, ଘରେ ଛୋଟ ଧରଣର ଉତ୍ସବ ମନାଇବା ଏବଂ ସପ୍ତାହାନ୍ତ ବନ୍ଧୁମିଳନ ଏବଂ ପ୍ରିୟଜନଙ୍କ ସହିତ ରାତ୍ରିଭୋଜନରେ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକଟି ଦିନର ମୁହୂର୍ତ୍ତଗୁଡ଼ିକ ପାଇଁ ଅତ୍ୟନ୍ତ ଉପଯୋଗୀ । ନୂଆ ଡିଜାଇନଗୁଡ଼ିକ ମଧ୍ୟରେ ୟେଲୋ ଗୋଲ୍ଡ ଏବଂ ରୋଜ ଗୋଲ୍ଡରେ ନିର୍ମିତ ଏକକ ଓ ସ୍ତରସ୍ତର ଥିବା ଲାରିଆଟ ଏବଂ ଥାକ ଥାକ କରାଯାଇଥିବା ରିଙ୍ଗ୍ ସେଟ ରହିଛି। ଏହି ସମ୍ଭାରର ମୂଲ୍ୟ ବର୍ଗମାଳା ୬୭୫୦ ଟଙ୍କାରୁ ଆରମ୍ଭ ହେଉଛି। ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ବେଲା ଗହଣା ସମ୍ଭାର ପ୍ରଚଳନକୁ ନେଇ ଅତ୍ୟନ୍ତ ଆନନ୍ଦିତ।



## ଫୁରସତ୍

## ମା' ଝିଅଙ୍କୁ ୧୪ ବର୍ଷ ପରେ ଏକାଠି କଲା ଫେସ୍‌ବୁକ୍



**ଫ୍ଲୋରିଡା:** ଫ୍ଲୋରିଡାରୁ ୨୦୦୭ରେ ନିଖୋଜ ହୋଇଯାଇଥିଲେ ଜ୍ୟାକଲିନ ହର୍ନାଡେଜ ନାମକ ଜଣେ ନାବାଳିକା। ଦୀର୍ଘ ୧୪ ବର୍ଷ ପରେ ଫେସବୁକ ମାଧ୍ୟମରେ ସମ୍ପୃକ୍ତା ଯୁବତୀ ତାଙ୍କ ମା'ଙ୍କ ପାଖକୁ ଫେରି ପାରିଛନ୍ତି। ଦୁହେଁ ସୋମବାର ଟେକ୍ସାସଠାରେ ଏକତ୍ରିତ ହୋଇଥିଲେ। ୧୯ ବର୍ଷୀୟା ଜ୍ୟାକଲିନ ଚଳିତ ମାସରେ ଫେସବୁକ୍ ଜରିଆରେ ତାଙ୍କ ମା' ଏଞ୍ଜେଲିକା ଭେନସେସ୍ ସାଲଗାଡୋଙ୍କୁ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲେ। ପରେ ସେ ମେକ୍ସିକୋରେ ରହୁଥିବା ମା'ଙ୍କୁ କହିଥିଲେ। ତେବେ ୧୪ ବର୍ଷ ପୂର୍ବରୁ ଜ୍ୟାକଲିନ୍‌ଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ପର୍ଯ୍ୟନ୍ତ ଜ୍ୟାକଲିନଙ୍କ ଅପହରଣ ମାମଲାକୁ କ୍ଲେରମେଣ୍ଟ ପୋଲିସ ବିଭାଗ କୋଲ୍ଡ କେସ ବୋଲି ଧରି ନେଇଥିଲା। ଗତ ୨ ତାରିଖରେ ଭେନସେସ୍ ସିପିଡିକୁ ଜଣାଇଥିଲେ ଯେ, ଫେସବୁକ୍‌ରେ ଜଣେ ଯୁବତୀ ତାଙ୍କ ଅପହୃତା ଝିଅ ବୋଲି ଦାବି କରୁଛନ୍ତି। ଗତ ୧୦ ତାରିଖରେ ସେ ମା'ଙ୍କୁ ଟେକ୍ସାସଠାରେ ଦେଖା କରିବାକୁ ଡାକିଥିଲେ। ଫ୍ଲୋରିଡା ଓ ଟେକ୍ସାସର ପୋଲିସ ହର୍ନାଡେଜଙ୍କ ପରିଚୟ ଯାଞ୍ଚ କରିବା ପରେ ସେ ତାଙ୍କ ଝିଅ ବୋଲି ପ୍ରମାଣିତ ହୋଇଥିଲା।

## ସାଇକେଲରେ ଦାଢ଼ି କାଟୁଛନ୍ତି ବାରିକ

**ପାଟନା:** କୁହାଯାଏ ଦେଶୀ ଷ୍ଟାଇଲରେ ରହିବା ଭାରତୀୟଙ୍କ ବେଶ୍ ପସନ୍ଦ। ବେଳେବେଳେ ସୋସିଆଲ ମିଡିଆରେ ଏପରି କିଛି ସ୍ୱଦେଶୀ ଷ୍ଟାଇଲର ଭିଡିଓ ଭାଇରାଲ ହୋଇଥାଏ, ଯାହା ବେଶ୍ ମଜାଦାର ଲାଗିଥାଏ। ଏବେ ସେମିତି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ବାରିକ ସାଇକେଲରେ ବସି ଜଣଙ୍କ ଦାଢ଼ି କାଟୁଛନ୍ତି।

ଭିଡିଓଟିରେ ଦୁଇଜଣ ସାଇକେଲରେ ବସିଥିବା ନଜର ଆସିଛନ୍ତି। ଜଣେ ବ୍ୟକ୍ତି ସାଇକେଲରେ ବସି ଆଉ ଜଣଙ୍କ ଦାଢ଼ି ଆରାମରେ କାଟୁଛନ୍ତି। ଭିଡିଓଟିକୁ ଲୋକେ ବହୁତ ପସନ୍ଦ କରିଛନ୍ତି। କିଛି ଲୋକ ବେଶ୍ ଭଲ କମେଣ୍ଟ ମଧ୍ୟ କରିଛନ୍ତି। ଜଣେ ୟୁଜର କହିଛନ୍ତି, ମୁଁ ଥରେ ନୁହେଁ, ଏହାକୁ ୫ ଥର ଦେଖିସାରିଲିଣି। ଭିଡିଓଟି ବିହାରର ବୋଲି ସୋସିଆଲ ମିଡିଆରୁ ଜଣାପଡ଼ିଛି।



**ଜନ୍ମଦିନର ଶୁଭେଚ୍ଛା**



ଶ୍ରୀମାନ୍ ଧ୍ରୁବକୁମାର (ପୁପୁ) ସୁତୁନୀ
ସମେଇ ଗଡ଼ିଆ, ଭୁବନେଶ୍ୱର-୧୦
ଆଜି ତୁମର ୪ର୍ଥ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମକୁ ଦୀର୍ଘାୟୁ, ନୀରୋଗ, ଯଶସ୍ୱୀ ତଥା ବିଦ୍ୱାନ କରନ୍ତୁ। ତୁମର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେବାପା: ଅଭିମନ୍ୟୁ, ଜେଜେମାଆ: ଡଲି, ବାପା: ନିହାର, ମାଆ: ଶୁଭଶ୍ରୀ, ପିଉସା: ମଣ୍ଟୁ, ପିଉସୀ: ଡାକ୍ତର ଭାନୁପ୍ରିୟା।
D-21638

## ରାଗିଗଲେ ମଲ୍ଲିକା

**ମୁମ୍ବାଇ:** ବଲିଉଡ୍ ନାୟିକା ମଲ୍ଲିକା ଶେରାୱତ ଏବେ ଖୁବ୍ ଚର୍ଚ୍ଚାରେ। ନିଜର ବୋଲ୍ଡ ନେସ୍ ପାଇଁ ଚର୍ଚ୍ଚାରେ ଥିବା ଏହି ଅଭିନେତ୍ରୀ ବେଶ୍ କିଛି ସମୟ ହେବ ବଡ ପରଦାରୁ ଦୂରେଇ ରହିଛନ୍ତି। ଏବେ କିନ୍ତୁ ସେ ତାଙ୍କର ୱେବ ଶୋ 'ନକାବ'କୁ ନେଇ ଖୁବ୍ ଚର୍ଚ୍ଚାରେ। ମଲ୍ଲିକା ଏଥିରେ ଜୋହର ମେହେରା ଚରିତ୍ରରେ ଅଭିନୟ କରିଛନ୍ତି ଯାହା ଶୋ'ର ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାରେକ୍ଟର। ଏବେ ଶୁଣିବାକୁ ମିଳିଛି କି ମଲ୍ଲିକା ଏକ ହରର ଫିଲ୍ମ 'ରୋଜି ଦ ସାଫର୍ନ ଚାପ୍ଟର'ରେ ନଜର ଆସିବେ। ଏଥିରେ ସେ ଅରବାଜ ଖାଁଙ୍କ ସହ ମିଶି ଅଭିନୟ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଉଛି। ତେବେ ଏମିତି ଖବରକୁ ନେଇ ଏବେ ମଲ୍ଲିକା ସାମାନ୍ୟ ରାଗି ଯାଇଛନ୍ତି। କାରଣ ସେ କହିଛନ୍ତି 'ରୋଜି ଦ ସାର୍ଫନ ଚାପ୍ଟର'ରେ ସେ କାମ କରୁ ନାହାଁନ୍ତି।

ହେଲେ କିଛିଦିନ ପୂର୍ବରୁ ଅରବାଜ କହିଥିଲେ କି 'ରୋଜି ଦ ସାଫର୍ନ ଚାପ୍ଟର'ର କଳାକାର ତାଲିକାରେ ସେ ସାମିଲ ହୋଇଛନ୍ତି। ସେ ଏକ ପୋଷ୍ଟ କରି ଲେଖିଥିଲେ, "#RosieTheSaffronChapterରେ ସେ ଏକ ପୋଲିସବାଲା ଭୂମିକାରେ ନଜର ଆସିବେ। ଯାହାକୁ ନେଇ ସେ ବହୁତ ଖୁସି ଅଛନ୍ତି। @palaktiwarii @mallikasherawat।

'ଫାଇନାଲ ଶୁଟ୍‌ର ସ୍କାଡ୍ୟୁଲ ଶୀଘ୍ର ଆରମ୍ଭ କରାଯିବ। ଟିଜର ଆଉଟ୍।' ଅରବାଜଙ୍କ ଏଭଳି ପୋଷ୍ଟରୁ ଜଣାପଡ଼ିଥିଲା ଯେ, ମଲ୍ଲିକା ବି ଏଥିରେ ଅଭିନୟ କରୁଛନ୍ତି। ହେଲେ ଏବେ ମଲ୍ଲିକା କହିଛନ୍ତି ସେ ଏହି ଫିଲ୍ମରେ ଅଭିନୟ କରୁ ନାହାନ୍ତି।

ସେ ଏବେ ରଜତ କପୁରଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି, ଅରବାଜଙ୍କ ସହ ନୁହେଁ ବୋଲି ମଲ୍ଲିକା କହିଛନ୍ତି। ପ୍ରକାଶ ଯେ, 'ରୋଜି ଦ ସାଫର୍ନ ଚାପ୍ଟର' ଏକ ସତ ଘଟଣା ଉପରେ ଆଧାରିତ। ଏହା ରୋଜି ନାମକ ଏକ ବିପିଓ କର୍ମଚାରୀଙ୍କ କାହାଣୀ ଯିଏ ହଠାତ୍ ନିଖୋଜ ହୋଇଯାଉଛନ୍ତି। ଟେଲିଭିଜନ ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ଝିଅ ପଲକ ତିୱାରୀ ଏଥିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ରୋଜି ଭୂମିକାରେ ନଜର ଆସିବେ।



**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ




✓ଗୋପାଳ ଚରଣ ଦାସ
ଆବିର୍ଭାବ : ୦୬.୦୨.୧୯୨୬
ତିରୋଧାନ : ୩୦.୦୮.୨୦୨୦
ଗ୍ରାମ : ଶଙ୍ଖୁଆ, ପୋ : ସାଇଲୋ-ଗୋବିନ୍ଦପୁର, ଜିଲ୍ଲା : କଟକ।
ଆପଣ ଛାଡ଼ି ଚାଲିଯିବାର ବର୍ଷଟିଏ ବିତିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ। ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
ଶୋକସନ୍ତପ୍ତ :
ପତ୍ନୀ - ଆଶାଲତା, କନିଷ୍ଠ ଭ୍ରାତା - ଭକ୍ତଚରଣ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତୁଣୀ-ମେଘା ଅଣନାତି-ଋଷି, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୨୧୬୫୭

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।





1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ହର୍ଷଲ ପଟେଲ

# ଆଇପିଏଲ୍ ଉତ୍କଣ୍ଠା

**ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୪ତମ ସଂସ୍କରଣର ବାକିଥିବା ମ୍ୟାଚ୍‌ଗୁଡ଼ିକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବା ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଲିଗ୍‌ର ଦ୍ୱିତୀୟ ଭାଗ ଏବେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ତାରିଖରେ ଶେଷ ହେବ...**

ଆଇପିଏଲ୍ ୧୪ର ଦ୍ୱିତୀୟ ଭାଗ ଆୟୋଜନ ପାଇଁ କ୍ଷେତ୍ର ପ୍ରସ୍ତୁତ। ବାକିଥିବା ସମସ୍ତ ମ୍ୟାଚ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ଏଥିପାଇଁ ବିଭିନ୍ନ ଦଳର ଖେଳାଳିମାନେ ସେମାନଙ୍କର କୋଚ ଏବଂ ସପୋର୍ଟ ଷ୍ଟାଫ୍‌ମାନଙ୍କ ସହିତ ୟୁଏଇରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି। କେତେକ ବିଦେଶୀ ଖେଳାଳି ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରୁ ବିଭିନ୍ନ କାରଣରୁ ଓହରି ଯାଇଛନ୍ତି। ଫଳରେ ବିଶ୍ୱର ଏହି ବ୍ୟୟବହୁଳ ଲିଗ୍ କିଛି ମାତ୍ରାରେ ତା'ର ଗ୍ଲାମର ହରାଇବା ସମ୍ଭାବନା ରହିଛି। ଆଇପିଏଲ ବନ୍ଦ ହୋଇଗଲେ ବ୍ୟାପକ ଆର୍ଥିକ କ୍ଷତି ସହିବାକୁ ଥିବାରୁ କୋଭିଡ୍‌ର ପ୍ରକୋପ ଯୋଗୁ ଭାରତ ଅପେକ୍ଷା ୟୁଏଇ ଶ୍ରେଷ୍ଠ ସ୍ଥାନ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁଭବ କରିଛି। ସୂଚନା ଯୋଗ୍ୟ ଯେ ଆଇପିଏଲ-୧୩ର ସମସ୍ତ ମ୍ୟାଚ ଗଲ୍‌ଫ ଦେଶ ୟୁଏଇରେ ଅତି ସଫଳତାର ସହିତ ଆୟୋଜିତ ହେବା ସହ ସର୍ବାଧିକ ଦର୍ଶକ ଟିଭି ମାଧ୍ୟମରେ ଏହାର ଭରପୂର ଆନନ୍ଦ ଉଠାଇଥିଲେ। ଏଥର ମଧ୍ୟ ଦର୍ଶକମାନେ ଉତ୍କଣ୍ଠାର ସହ ଆଇପିଏଲର ଅବଶିଷ୍ଟଭାଗକୁ ଅପେକ୍ଷା କରିଛନ୍ତି।

କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଭାରତରେ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପକୁ ମଧ୍ୟ ୟୁଏଇ ଏବଂ ଓମାନରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ହେବାକୁ ଥିବା ୫ମ ଟେଷ୍ଟ ମ୍ୟାଚ ବାତିଲ ହେବାରୁ ଖେଳାଳିମାନେ ନିର୍ଦ୍ଧାରିତ ସମୟଠାରୁ ଆଗୁଆ ୟୁଏଇରେ ପହଞ୍ଚି ପାରିଛନ୍ତି।

ଅନେକ ଆଶା ଏବଂ ଆଶଙ୍କା ମଧ୍ୟରେ ଆଇପିଏଲ-୧୪ ଏପ୍ରିଲ ୯ ତାରିଖରୁ ମେ ୩୦ ତାରିଖ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ହେବାକୁ ରହିଥିଲା। ୮ଟି ଟିମ୍ ଗ୍ରୁପ୍ ପର୍ଯ୍ୟାୟରେ ମୋଟ ୧୪ଟି ମ୍ୟାଚ ଖେଳିବାକୁ ଥିଲା। ଫାଇନାଲକୁ ମିଶାଇ ମୋଟ ୬୦ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଭାରତରେ ମୋଟ ୨୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଅବଶିଷ୍ଟ ୩୧ଟି ମ୍ୟାଚ୍ ୟୁଏଇର ୩ଟି ଭେନ୍ୟୁ ଦୁବାଇ, ଆବୁଧାବି ଏବଂ ଶାରଜାଠାରେ ଖେଳାଯିବ।

ପ୍ରଥମ ପର୍ଯ୍ୟାୟରେ ଖେଳାଯାଇଥିବା ୨୯ଟି ମ୍ୟାଚ ମଧ୍ୟରୁ ଯୁବଖେଳାଳିଙ୍କୁ ନେଇ ଗଠିତ ଦିଲ୍ଲୀ କ୍ୟାପିଟାଲ୍ସ ୮ ମ୍ୟାଚରୁ ୬ଟି ବିଜୟ ସହ ୧୨ପଏଣ୍ଟ ହାସଲ କରି ଟେବୁଲ ଶୀର୍ଷରେ ରହିଛି। ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୧୦ ପଏଣ୍ଟ ସହ ୨ୟ ଏବଂ ୩ୟ ସ୍ଥାନରେ ରହିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ୪ର୍ଥ ସ୍ଥାନରେ ଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ପଏଣ୍ଟ ଟେବୁଲ ଶେଷ ସ୍ଥାନରେ ରହିଛି। ବାୟୋ-ବବଲର ଚାପ ସହିତ ଘରୋଇ ଦର୍ଶକଙ୍କ ସମର୍ଥନ ପାଇ ନ ଥିବାରୁ ଦଳ ଗୁଡ଼ିକର ପ୍ରଦର୍ଶନରେ ସ୍ଥିରତା ରହି ନ ଥିଲା।

ଏପ୍ରିଲ ୯ରେ ପ୍ରଥମ ମ୍ୟାଚ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର ମଧ୍ୟରେ ଖେଳାଯାଇଥିଲା। ଏଥିରେ ବାଙ୍ଗାଲୋର ୨ ଉଇକେଟ୍‌ରେ ବିଜୟୀ ହୋଇଥିଲା। ମାର୍ଚ୍ଚ ୨୯ରେ ଶେଷ ମ୍ୟାଚ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା। ଦିଲ୍ଲୀ ୭ ଉଇକେଟରେ ପଞ୍ଜାବକୁ ହରାଇଥିଲା।

ଅଧା ଖେଳାଯାଇଥିବା ଏହି ଗ୍ଲାମର୍ସ ଲିଗ୍‌ରେ ଆରସିବିର ହର୍ଷଲ ପଟେଲ ମୋଟ ୭ଟି ମ୍ୟାଚରୁ ୧୭ଟି ଉଇକେଟ୍ ନେଇ ପର୍ପଲ୍ କ୍ୟାପ୍‌ର ଅଧିକାରୀ ହୋଇଛନ୍ତି। ଆଭେସ ଖାଁ (ଦିଲ୍ଲୀ) ଏବଂ କ୍ରିସ୍ ମୋରିସ୍ (ରାଜସ୍ଥାନ) ୧୪ଟି ଲେଖାଏ ଉଇକେଟ୍ ନେଇ ତାଙ୍କ ପଛରେ ଅଛନ୍ତି। ସେହିପରି ଶିଖର ଧାୱନ ସର୍ବାଧିକ ୩୮୦ରନ୍ କରି ଅରେଞ୍ଜ କ୍ୟାପର ଅଧିକାରୀ ହୋଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟର ୩୦ତମ ମ୍ୟାଚ୍ ସେପ୍ଟେମ୍ବର ୧୯ରେ ଦୁବାଇଠାରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବାର ଅଛି। ସେହିପରି ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ତଥା ୫୬ତମ ମ୍ୟାଚ୍ ଅକ୍ଟୋବର ୮ରେ ଦୁବାଇଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବ। ୨୧ଦିନ ମଧ୍ୟରେ ଅବଶିଷ୍ଟ ୩୧ଟି ମ୍ୟାଚ୍ ୟୁଏଇର ୩ଟି ମୁଖ୍ୟ ଷ୍ଟାଡିୟମରେ ଖେଳାଯିବ।

ଆଇପିଏଲ ମ୍ୟାଚ ଦେଖିବାକୁ ସୀମିତ ସଂଖ୍ୟକ ଦର୍ଶକଙ୍କୁ ଅନୁମତି ମିଳିବ। କେତେଜଣ ନାମୀଦାମୀ ଖେଳାଳିମାନେ ଅବଶିଷ୍ଟ ମ୍ୟାଚଗୁଡ଼ିକରେ ଭାଗ ନେଇପାରିବେ ନାହିଁ। ଫଳସ୍ୱରୂପ ରିଜର୍ଭ ବେଞ୍ଚରେ ଥିବା ଖେଳାଳିମାନେ ସୁଯୋଗ ପାଇବେ। ଇଂଲଣ୍ଡ ସହ ପାକିସ୍ତାନର ଟେଷ୍ଟ ସିରିଜ ଆରମ୍ଭ ହେଉଥିବାରୁ ଅଧିକାଂଶ ଇଂଲଣ୍ଡ ଖେଳାଳି ଆଇପିଏଲର ଅବଶିଷ୍ଟ ମ୍ୟାଚ ଖେଳିପାରିବେ ନାହିଁ। ଫଳରେ ଆରସିବି ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। କେନ୍ ରିଚାର୍ଡସନ୍, ଡାନିଏଲ୍ ସାମ୍ସ, ଆଡାମ ଜାମ୍ପା, ଫିନ୍ ଆଲେନଙ୍କ ପରି ଖେଳାଳିମାନେ ଆରସିବି ପାଇଁ ଖେଳିପାରିବେ ନାହିଁ। ରାଜସ୍ଥାନ ରୟାଲ୍ସର ବିସ୍ଫୋରକ ଉଇକେଟ କିପର ବ୍ୟାଟ୍ସମ୍ୟାନ୍ ଜୋସ ବଟଲର, ପ୍ୟାଟ କ୍ୟୁମିନ୍ସ, ରିଲେ ମେରିଡିଥ୍ (ପଞ୍ଜାବ), ଜୋଫ୍ରା ଆର୍ଚର (ରାଜସ୍ଥାନ ରୟାଲ୍ସ), ଜେ, ରିଚାର୍ଡସନ (ପଞ୍ଜାବ) ଶେଷ ମୁହୂର୍ତ୍ତରେ ବ୍ୟକ୍ତିଗତ କାରଣ ଏବଂ ଆଇସିସି ବିଶ୍ୱକପ୍ ଟି୨୦ ଏବଂ ଟେଷ୍ଟ ସିରିଜ ଯୋଗୁ ଓହରିଯିବା ଯୋଗୁ ଦଳଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି।

-ନିର୍ମଳ କୁମାର ମିଶ୍ର

# ନୂଆ ଚାମ୍ପିୟନ

**ମାତ୍ର ୧୮ ବର୍ଷରେ ୟୁଏସ୍ ଓପନ ଟାଇଟଲ ହାସଲ କରି ବ୍ରିଟେନର ଏମା ରାଡୁକାନୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୀର୍ଘ ୪୪ ବର୍ଷ ପରେ ସେ ପ୍ରଥମ ବ୍ରିଟେନ ମହିଳା ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଓ ପ୍ରଥମ କ୍ୱାଲିଫାୟର ଭାବେ ୟୁଏସ୍ ଓପନ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହି ଉଦୀୟମାନ ମହିଳା ଖେଳାଳି ଖୁବ୍‌ଶୀଘ୍ର ଟେନିସ ଜଗତରେ ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍ ଭାବେ ଉଭା ହେବେ ବୋଲି ଆଶା କରାଯାଉଛି...**

ବର୍ଷର ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍‌ରେ ଜଣେ ନୂଆ ଚାମ୍ପିୟନଙ୍କୁ ଦେଖିବାକୁ ମିଳିଛି। ସେ ହେଉଛନ୍ତି ଗ୍ରେଟ୍ ବ୍ରିଟେନର ୧୮ ବର୍ଷୀୟା ମହିଳା ଟେନିସ୍ ଖେଳାଳି ଏମା ରାଡୁକାନୁ। ମହିଳା ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲ ମୁକାବିଲାରେ ସେ କାନାଡାର ଲେଲା ଫର୍ଣ୍ଣାଣ୍ଡିଜଙ୍କୁ ୬-୪, ୬-୩ ସିଧା ସଳଖ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଥିଲେ। ଏହି କ୍ରମରେ ସେ ଚତୁର୍ଥ ସର୍ବକନିଷ୍ଠ ଖେଳାଳି ଭାବେ ୧୮ ବର୍ଷ ୩୦୨ ଦିନରେ ୟୁଏସ୍ ଓପନ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଟିନ୍ ଏଜର୍ସଙ୍କ ଏହି ଫାଇନାଲ ମୁକାବିଲାରେ ରାଡୁକାନୁ ପ୍ରଭାବ ବିସ୍ତାର କରି ଖେଳିବା ସହ ୧୯ ବର୍ଷୀୟା ଫର୍ଣ୍ଣାଣ୍ଡିଜଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ରାଡୁକାନୁ ଆର୍ଥିକ ଭାବେ ବହୁତ ଲାଭବାନ ହୋଇଛନ୍ତି।

ବିଭିନ୍ନ ଦୃଷ୍ଟିକୋଣରୁ ରାଡୁକାନୁଙ୍କ ଏହି ବିଜୟ ବେଶ୍ ମହତ୍ତ୍ୱ ରଖୁଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୫୦ତମ ସ୍ଥାନରେ ରହି ସେ କ୍ୱାଲିଫାୟର ଟୁର୍ନାମେଣ୍ଟ ଖେଳି ୟୁଏସ୍ ଓପନ ମେନ ଡ୍ର'ରେ ସାମିଲ ହୋଇଥିଲେ। ମାତ୍ର ୨ ସପ୍ତାହ ତଳେ ତାଙ୍କୁ କେହି ଜାଣି ନ ଥିଲେ। ଏବେ ସେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଛନ୍ତି। ସେ ପ୍ରଥମ କ୍ୱାଲିଫାୟର ଭାବେ ୟୁଏସ୍ ଓପନ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପୁଣି ଦୀର୍ଘ ୪୪ ବର୍ଷ ପରେ ସେ ପ୍ରଥମ ବ୍ରିଟେନ ମହିଳା ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୧୯୭୭ରେ ଶେଷଥର ପାଇଁ ଭିର୍ଜିନିଆ ୱେଡ ୱିମ୍ବଲଡନ ଜିତି ବ୍ରିଟେନ ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ସେ ଗତ ୧୦ଟି ମ୍ୟାଚ୍‌ରେ ଗୋଟିଏ ହେଲେବି ସେଟ୍‌ରେ ପରାସ୍ତ ହୋଇ ନାହାନ୍ତି ଓ କ୍ରମାଗତ ୨୦ଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ଆଧୁନିକ ଟେନିସ୍‌ରେ ଏହା ମଧ୍ୟ ଏକ ବିରଳ ସଫଳତା ବିବେଚିତ ହୋଇଛି। ନ୍ୟୁୟର୍କର ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ରାଡୁକାନୁ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ତାଙ୍କ ଗେମ୍‌ରେ ପାୱାର ଓ ଶୁଦ୍ଧତାର ମିଶ୍ରଣ ଦେଖିବାକୁ ମିଳିଥିଲା। ଯାହା ଫଳରେ ସେ ଫର୍ଣ୍ଣାଣ୍ଡିଜଙ୍କୁ ପଛରେ ପକାଇବାକୁ ସଫଳ ହୋଇଥିଲେ। ଫାଇନାଲରେ ପହଞ୍ଚିବା ପୂର୍ବରୁ ସେ କ୍ୱାର୍ଟର ଫାଇନାଲରେ ୧୧ତମ ସିଡ୍ ବେଲିଣ୍ଡା ବେନକିକ୍‌ଙ୍କ ସମେତ ଏକାଧିକ ତାରକା ଖେଳାଳିଙ୍କୁ ହରାଇଥିଲେ।

ଏହି ସଫଳତାରେ ଖୁସି ହୋଇ ବ୍ରିଟେନ ମହାରାଣୀ ଏଲିଜାବେଥ-୨ ରାଡୁକାନୁଙ୍କୁ ସ୍ୱତନ୍ତ୍ର ଭାବେ ଅଭିନନ୍ଦନ ଜଣାଇଥିଲେ। କମ୍ ବୟସରେ ସେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ବୋଲି ମହାରାଣୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିଲେ। ଗତ ୱିମ୍ବଲଡନ ଟେନିସ ଟୁର୍ନାମେଣ୍ଟରେ ମଧ୍ୟ ସେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାନାଡାର ଟରଣ୍ଟୋରେ ଜନ୍ମିତ ରାଡୁକାନୁଙ୍କୁ ୨ ବର୍ଷ ହୋଇଥିବା ବେଳେ ସେ ପରିବାର ସହିତ ଇଂଲଣ୍ଡ ଚାଲିଆସିଥିଲେ। ସେ ମଧ୍ୟ ୧୫ ବର୍ଷ ବୟସରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଲନ ଟେନିସ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଗ୍ରେଡ-୩ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଥିଲେ। ସେ ୟୁକ୍ରେନର ଡାଏନା ଖୋଡାନଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଏହି ସଫଳତା ପାଇଥିଲେ।

ୟୁଏସ୍ ଓପନ ଜିତିବାର କିଛି ଘଣ୍ଟା ମଧ୍ୟରେ ସେ ବିଶ୍ୱର ଅନ୍ୟତମ ଧନୀ ଖେଳାଳି ବନିଯାଇଥିଲେ। ବିଜୟ ସହ ସେ ୨.୫ ମିଲିୟନ ଡଲାର ଆର୍ଥିକ ପୁରସ୍କାର ହାସଲ କରିଥିଲେ। ପୂର୍ବରୁ ସେ ଉପାର୍ଜନ କରିଥିବା ଅର୍ଥର ଏହା ୮ ଗୁଣରୁ ଯଥେଷ୍ଟ ଅଧିକ। ଏବେ ବିଶ୍ୱର ଶ୍ରେଷ୍ଠ ବ୍ରାଣ୍ଡଗୁଡ଼ିକ ରାଡୁକାନୁଙ୍କ ଦ୍ୱାରସ୍ଥ ହେବେ ଓ ସେ ଖୁବ୍‌ଶୀଘ୍ର ବିଶ୍ୱର ସବୁଠାରୁ ଧନୀ ମହିଳା ଟେନିସ ଖେଳାଳି ବନିବେ ବୋଲି ଏଜେଣ୍ଟମାନେ ପୂର୍ବାନୁମାନ କରିଛନ୍ତି। ୟୁଏସ୍ ଓପନ ବିଜୟ ମୋ ପାଇଁ ଅବିଶ୍ୱସନୀୟ। ଏଥିସହ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସ୍ୱପ୍ନ ମୋର ସାକାର ହୋଇଛି। ମାତ୍ର ୧୮ ବର୍ଷରେ ପଦାର୍ପଣ କରିଥିବାରୁ ରାଡୁକାନୁ ଆଗକୁ ଆହୁରି ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିବେ ଓ ଭବିଷ୍ୟତରେ ଜଣେ କିମ୍ବଦନ୍ତୀ ମହିଳା ଟେନିସ ଖେଳାଳିର ଆଖ୍ୟା ପାଇବେ ବୋଲି କୁହାଯାଇପାରେ।

**ସଂକ୍ଷେପରେ...**

ପୂରା ନାମ: ଏମା ରାଡୁକାନୁ
ଦେଶ: ଗ୍ରେଟ ବ୍ରିଟେନ
ଜନ୍ମ: ୧୩ ନଭେମ୍ବର ୨୦୦୨, ଟରଣ୍ଟୋ, କାନାଡା
ବୟସ: ୧୮
ଉଚ୍ଚତା: ୫ ଫୁଟ ୯ ଇଞ୍ଚ
ପେସାଦାର ଟେନିସ ଆରମ୍ଭ: ୨୦୧୮
ପ୍ଲେଇଂ ଷ୍ଟାଇଲ୍: ଡାହାଣହାତୀ (ଦୁଇ ହାତରେ ବ୍ୟାକହ୍ୟାଣ୍ଡ ଶଟ୍)
କୋଚ: ଆଣ୍ଡ୍ରୁ ରିଚାର୍ଡସନ

**ସିଙ୍ଗଲ୍ସ**
କ୍ୟାରିୟର ରେକର୍ଡ: ୭୪-୨୨ (୭୭.୧ ପ୍ରତିଶତ)
କ୍ୟାରିୟର ଟାଇଟଲ୍ସ: ୧
ଉଚ୍ଚତମ ର୍‍ୟାଙ୍କିଙ୍ଗ୍ :୨୩ ନମ୍ବର
ଏବେକାର ର୍‍ୟାଙ୍କିଙ୍ଗ: ୨୩ ନମ୍ବର

**ଗ୍ରାଣ୍ଡସ୍ଲାମ**
ୱିମ୍ବଲଡନ: ଚତୁର୍ଥ ରାଉଣ୍ଡ (୨୦୨୧)
ୟୁଏସ୍ ଓପନ: ଚାମ୍ପିୟନ (୨୦୨୧)



ଏମା ରାଡୁକାନୁ

**୫ ସର୍ବ କନିଷ୍ଠ ୟୁଏସ୍ ଓପନ ବିଜୟିନୀ**

| | | | |
|---|---|---|---|
| ୧. ଟ୍ରେସି ଅଷ୍ଟିନ | (ଆମେରିକା): | ୧୯୭୯ | ୧୬ ବର୍ଷ ୨୭୦ ଦିନ |
| ୨. ମାର୍ଟିନ ହିଙ୍ଗିସ୍ | (ସୁଇଜରଲାଣ୍ଡ): | ୧୯୯୭ | ୧୬ ବର୍ଷ ୩୪୧ ଦିନ |
| ୩. ସେରେନା ୱିଲିୟମ୍ସ | (ଆମେରିକା): | ୧୯୯୯ | ୧୭ ବର୍ଷ ୩୫୦ ଦିନ |
| ୪.ଏମା ରାଡୁକାନୁ | (ଗ୍ରେଟ ବ୍ରିଟେନ): | ୨୦୨୧ | ୧୮ ବର୍ଷ ୩୦୨ ଦିନ |
| ୫. ଶ୍ୱେତଲାନା କୁଜେଁସୋଭା | (ରୁଷିଆ): | ୨୦୦୪ | ୧୯ ବର୍ଷ ୭୬ ଦିନ |

# ପୁଅ ସହ କ୍ୱାରାଣ୍ଟାଇନ୍‌କୁ ଉପଭୋଗ କରୁଛନ୍ତି ଷ୍ଟାଙ୍କୋଭିଚ୍



ପୁଅ ଅଗସ୍ତ୍ୟ ଓ ସ୍ତ୍ରୀ ନତାସା ଷ୍ଟାଙ୍କୋଭିଚ୍‌ଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା।

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୧ର ଦ୍ୱିତୀୟ ଭାଗ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଦଳ ସହ ଟ୍ରେନିଂ ଆରମ୍ଭ କରିଛନ୍ତି। ତେବେ ତାଙ୍କ ପାଇଁ ଖୁସିର କଥା ହେଉଛି କିଛି ଦିନର ବ୍ରେକ୍ ପରେ ପୁଅ ଅଗସ୍ତ୍ୟଙ୍କ ସହ ସ୍ତ୍ରୀ ନତାସା ଷ୍ଟାଙ୍କୋଭିଚ୍ ଆସି ଆବୁଧାବିରେ ପହଞ୍ଚିଛନ୍ତି। ୟୁଏଇର ନିୟମ ଅନୁସାରେ ଉଭୟ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି ଏବଂ ଏହି ସମୟକୁ ବେଶ୍ ଉପଭୋଗ କରୁଛନ୍ତି। କିଛିଦିନ ତଳେ ନତାସା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଅଗସ୍ତ୍ୟଙ୍କର ଏକ ଭିଡିଓ ଶେୟାର କରିଥିଲେ। ଏଥିରେ ଅଗସ୍ତ୍ୟ ରୁମ୍ ମଧ୍ୟରେ ଏକ ଧଳା ବଲ୍‌ରେ ଖେଳୁଥିବାର ଦୃଶ୍ୟ ଥିଲା। ମାତ୍ର ଅଗସ୍ତ୍ୟ ବେଲୁନକୁ ବଲ୍ ଭଳି ବ୍ୟବହାର କରୁଥିବା ପରିଲକ୍ଷିତ ହୋଇଥିଲା। ଆଉ ଏକ ଫଟୋରେ ଅଗସ୍ତ୍ୟ ତାଙ୍କ ପିଠିରେ ବସିଥିବାର ଦୃଶ୍ୟକୁ ମଧ୍ୟ ସେ ଶେୟାର କରିଥିଲେ।

ଆଇପିଏଲ ଶେଷ ହେବା ପରେ ଆସନ୍ତା ମାସରେ ୟୁଏଇରେ ଆଇସିସି ଟି୨୦ ବିଶ୍ୱକପ ଅନୁଷ୍ଠିତ ହେବ। ତା' ପୂର୍ବରୁ ହାର୍ଦ୍ଦିକ ସମ୍ପୂର୍ଣ୍ଣ ଫିଟ୍ ରହିବା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁମ୍ବାଇ ଇଣ୍ଡିଆନ୍ସ ଶିବିରରେ ସେ ଟ୍ରେନିଂ ଆରମ୍ଭ କରିଥିବାରୁ ବିଶ୍ୱକପ ପାଇଁ ଉପଲବ୍ଧ ହୋଇପାରିବେ ବୋଲି ଆଶା ରହିଛି। ଗତ ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜରେ ହାର୍ଦ୍ଦିକ ଆହତ ହୋଇଥିଲେ। ଭାରତରେ ଅନୁଷ୍ଠିତ ଆଇପିଏଲର ପ୍ରଥମ ଭାଗରେ ହାର୍ଦ୍ଦିକ ଭଲ ଫର୍ମରେ ନ ଥିଲେ। ସେ ୭ ମ୍ୟାଚରେ ୫୨ ରନ କରିଥିଲେ। ୟୁଏଇରେ ହାର୍ଦ୍ଦିକ ଭଲ ବ୍ୟାଟିଂ ସହ ବୋଲିଂ କରିବା ଭଳି ଫିଟ୍ ହୁଅନ୍ତୁ ବୋଲି ସମ୍ପ୍ରତି ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ଥିବା ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଚାହୁଁଛି। ଇତିମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୧୪ତମ ସଂସ୍କରଣର ଥିମ୍ ସଙ୍ଗ୍ ଉନ୍ମୋଚନ କରିଛି। ସେପ୍ଟେମ୍ବର ୧୯ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚ ଖେଳି ମୁମ୍ବାଇ ଇଣ୍ଡିଆନ୍ସ ଏହାର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଆରମ୍ଭ କରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୭/୨୦୨୧ Sambalpur, Friday, September 17/ 2021

# ବିରାଟଙ୍କ ବଡ଼ ନିଷ୍ପତ୍ତି

## ଟି୨୦ ଅଧିନାୟକ ପଦ ଛାଡ଼ିବେ

## ଦାୟିତ୍ୱ ନେବେ ରୋହିତ



ଦୁବାଇ, ୧୬।୯(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଗୁରୁବାର ଏକ ବଡ଼ ଘୋଷଣା କରି ତାଙ୍କ ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁ ଥିବା ବିଶ୍ୱକପ୍ ପରେ ସେ ଟି୨୦ ଅଧିନାୟକ ପଦ ଛାଡ଼ିବେ ବୋଲି ଘୋଷଣା କରିଛନ୍ତି। ତେବେ ସେ ଏକଦିବସୀୟ ଓ ଟେଷ୍ଟ କ୍ରିକେଟରେ ଦଳର ନେତୃତ୍ୱ ନେବେ। ସେ ଏପରି ଘୋଷଣା କରି ରୋହିତ ଶର୍ମା ଭାରତୀୟ ଟି୨୦ ଦଳର ଅଧିନାୟକ ହେବା ପଥ ପରିଷ୍କାର କରିଛନ୍ତି।

‘‘ଆସନ୍ତା ଅକ୍ଟୋବରରେ ୟୁଏଇରେ ହେବାକୁ ଥିବା ବିଶ୍ୱକପ୍ ପରେ ଟି୨୦ ଅଧିନାୟକ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛି’’ ବୋଲି ୩୨ ବର୍ଷୀୟ କୋହଲି ତାଙ୍କ ଟ୍ୱିଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଦ୍ୱିତୀୟ ପର୍ଯ୍ୟାୟ ଖେଳିବା ପାଇଁ କୋହଲି ସମ୍ପ୍ରତି ଦୁବାଇରେ ଅଛନ୍ତି। ‘‘ଗତ ୮-୯ ବର୍ଷ ଧରି କ୍ରମାଗତ ଖେଳିବା ସହ ୫ରୁ ୬ ବର୍ଷ ହେଲା ସମସ୍ତ ତିନୋଟି ଫର୍ମାଟରେ ଦଳର ନେତୃତ୍ୱ ନେଇ ଆସିଛି। କାର୍ଯ୍ୟଭାର ଅତ୍ୟଧିକ ହେଉଥିବାରୁ ମୁଁ ଏପରି ନିଷ୍ପତ୍ତି ନେଇଛି। ଟେଷ୍ଟ ଓ ଏକଦିବସୀୟ କ୍ରିକେଟରେ ନେତୃତ୍ୱ ନେବାକୁ ନିଜକୁ ଭଲଭାବେ ପ୍ରସ୍ତୁତ କରି ରଖିବା ପାଇଁ କିଛି ବ୍ୟବଧାନ ରହିବା ଆବଶ୍ୟକ ଥିବା ମୁଁ ଅନୁଭବ କରିଛି’’ ବୋଲି କୋହଲି ବର୍ଣ୍ଣନା କରିଛନ୍ତି। ରୋହିତ ଶର୍ମା ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ଥର ଚାମ୍ପିୟନ କରାଇଛନ୍ତି। ତେଣୁ ସୀମିତ ଓଭର କ୍ରିକେଟରେ କୋହଲିଙ୍କ ନେତୃତ୍ୱ ନେବାର ଭବିଷ୍ୟତକୁ ନେଇ ଗତ କିଛିଦିନ ଧରି ବେଶ୍ ଚର୍ଚ୍ଚା ହୋଇ ଆସୁଥିଲା। ୩୪ ବର୍ଷୀୟ ରୋହିତ ସୀମିତ ଓଭର କ୍ରିକେଟରେ କୋହଲିଙ୍କ ଡେପୁଟି ଦାୟିତ୍ୱ ତୁଲାଇ ଆସୁଛନ୍ତି। ତେଣୁ ଆସନ୍ତା ନଭେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଘରୋଇ ସିରିଜ ଖେଳିବା ବେଳକୁ ରୋହିତ ନେତୃତ୍ୱଭାର ଗ୍ରହଣ କରିପାରନ୍ତି। ଏହି ସିରିଜରେ ନ୍ୟୁଜିଲାଣ୍ଡ ସହିତ ଭାରତ ୩ଟି ଟି୨୦ ଓ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଜୟ ଶାହା କହିଛନ୍ତି ଯେ, ଏ ସମ୍ପର୍କରେ କୋହଲିଙ୍କ ସହିତ ବ୍ୟାପକ ଆଲୋଚନା ହୋଇଛି। ଆମେ ଟିମ୍ ଇଣ୍ଡିଆ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛୁ। କାର୍ଯ୍ୟଭାର ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ଦୃଷ୍ଟିରେ ରଖି କୋହଲି ଆସନ୍ତା ଟି୨୦ ବିଶ୍ୱକପ୍ ପରେ ଅଧିନାୟକ ପଦରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଆମେ ବିରାଟଙ୍କ ସହ ଦଳର ନେତୃତ୍ୱ ପ୍ରସଙ୍ଗରେ ଗତ ୬ ମାସ ଧରି ଆଲୋଚନା କରି ଆସୁଛୁ। ଶେଷରେ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। ତେବେ ଭାରତୀୟ କ୍ରିକେଟରେ ବିରାଟ ଭବିଷ୍ୟତରେ ଜଣେ ଖେଳାଳି ଓ ସିନିୟର ସଦସ୍ୟ ଭାବରେ ଖେଳିବା ଜାରି ରଖିବେ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ସମାନ ମତ ରଖିଛନ୍ତି। ‘‘ବିରାଟ ହେଉଛନ୍ତି ଭାରତୀୟ କ୍ରିକେଟର ପ୍ରକୃତ ସମ୍ପଦ ଏବଂ ଆତ୍ମବିଶ୍ୱାସର ସହ ଦଳର ନେତୃତ୍ୱ ନେଇଛନ୍ତି। ସମସ୍ତ ଫର୍ମାଟରେ ସେ ହେଉଛନ୍ତି ଜଣେ ଅନ୍ୟତମ ସଫଳ ଅଧିନାୟକ। ଭବିଷ୍ୟତ ରୋଡ୍‌ମ୍ୟାପ୍‌କୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଟି୨୦ ଅଧିନାୟକ ଭାବେ ବିରାଟଙ୍କ ଚମତ୍କାର ପ୍ରଦର୍ଶନକୁ ଆମେ ଧନ୍ୟବାଦ ଜଣାଉଛୁ। ଆଗାମୀ ବିଶ୍ୱକପ ପାଇଁ ତାଙ୍କୁ ଶୁଭକାମନା ଏବଂ ସେ ଅଧିକରୁ ଅଧିକ ରନ କରିବେ ବୋଲି ଆମେ ଆଶା ରଖିଛୁ।’’

ମହେନ୍ଦ୍ର ସିଂ ଧୋନୀଙ୍କ ପରେ କୋହଲି ୨୦୧୭ରେ ସୀମିତ ଓଭର କ୍ରିକେଟରେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ। ‘‘ଟି୨୦ ଅଧିନାୟକ ଭାବେ ମୋ ଦ୍ୱାରା ଯାହା ସମ୍ଭବ ମୁଁ ଦଳ ପାଇଁ କରିଛି। ଆଗାମୀ ଦିନରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ମଧ୍ୟ ମୁଁ ତାହା କରିବା ଜାରି ରଖିବି’’ ବୋଲି କୋହଲି କହିଛନ୍ତି। କୋଚ୍ ରବି ଶାସ୍ତ୍ରୀ, ତାଙ୍କ ଉତ୍ତରାଧିକାରୀ ରୋହିତ ଶର୍ମା, ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ ସହିତ ଆଲୋଚନା ପରେ ସେ ଏପରି ନିଷ୍ପତ୍ତି ନେଇଥିବା କୋହଲି ପ୍ରକାଶ କରିଛନ୍ତି। ଅକ୍ଟୋବର ୧୭ରୁ ଟି୨୦ ବିଶ୍ୱକପ୍ ୟୁଏଇରେ ଆରମ୍ଭ ହେବାକୁ ଯାଉଛି। ଟ୍ରଫି ଜିତିବା ପାଇଁ କୋହଲି ଏଥିରେ ଅତ୍ୟଧିକ ଚାପରେ ରହିବେ। କୋହଲି କ୍ୟାରିୟରରେ ୯୦ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୩୧୫୯ ରନ କରିଛନ୍ତି। ଏହା ମଧ୍ୟରେ ୨୮ଟି ଅର୍ଦ୍ଧଶତକ ସାମିଲ। ସେ ୪୫ଟି ମ୍ୟାଚରେ ଭାରତର ନେତୃତ୍ୱ ନେଇ ୨୭ଟିରେ ଦଳକୁ ଜିତାଇଛନ୍ତି ଓ ୧୪ଟିରେ ପରାଜିତ ହୋଇଛନ୍ତି। ଅଧିନାୟକ ଭାବେ ତାଙ୍କ ବିଜୟ ପ୍ରତିଶତ ହେଉଛି ୬୫.୧୧।

## ଟି୨୦ରେ ଅଧିନାୟକ ରେକର୍ଡ

ଟି୨୦ ଅଧିନାୟକ ଭାବେ ଆଗାମୀ ବିଶ୍ୱକପ୍ ହେବ ବିରାଟ କୋହଲିଙ୍କ ଶେଷ ପ୍ରତିଯୋଗିତା। ଏହି ଫର୍ମାଟରେ ନେତୃତ୍ୱ ନେବାରେ ତାଙ୍କର ଭଲ ରେକର୍ଡ ରହିଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ ଜିତିଥିଲେ ହେଁ ଅଧିନାୟକ ଭାବେ କୋହଲିଙ୍କ ସମୟରେ ଭାରତର ବିଜୟ ପ୍ରତିଶତ ଅଧିକ। କୋହଲିଙ୍କ ନେତୃତ୍ୱରେ ଭାରତ ୪୫ଟି ମ୍ୟାଚ ଖେଳିଥିବାବେଳେ ୨୭ଟିରେ ବିଜୟ ହାସଲ କରିଛି। ୨ଟି ଗେମ୍ ଟାଇ ରହିଥିବାବେଳେ ସମାନ ସଂଖ୍ୟକ ମ୍ୟାଚ ବାତିଲ ହୋଇଛି। ତାଙ୍କ ବିଜୟ ପ୍ରତିଶତ ହେଉଛି ୬୫.୧୧। କୋହଲିଙ୍କ ନେତୃତ୍ୱରେ ଭାରତ ଏ ପର୍ଯ୍ୟନ୍ତ କୌଣସି ଆଇସିସି ଟ୍ରଫି ଜିତିପାରି ନ ଥିଲେ ହେଁ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ସିରିଜ ବିଜୟ ତାଙ୍କ ଦକ୍ଷତାର ପ୍ରମାଣ ଦିଏ।

* ୨୦୧୭ରେ ଭାରତର ପ୍ରଥମ ଟି୨୦ ଦ୍ୱିପାକ୍ଷିକ ସିରିଜ ବିଜୟ କୋହଲିଙ୍କ ଅଧୀନରେ ହିଁ ହୋଇଥିଲା। ଶ୍ରୀଲଙ୍କାରେ ଏକମାତ୍ର ଗେମ୍‌ରେ ଭାରତ ବିଜୟୀ ହୋଇଥିଲା।
* ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୨-୧ରେ ସିରିଜ ବିଜୟୀ ହୋଇଥିଲା। ସେହିବର୍ଷ ଶକ୍ତିଶାଳୀ ଇଂଲଣ୍ଡକୁ ସେମାନଙ୍କ ନିଜ ମାଟିରେ ଭାରତ ୨-୧ରେ ପରାସ୍ତ କରିଥିଲା।
* ୨୦୧୯-୨୦ ସିଜନରେ ବିଦେଶ ମାଟିରେ ଭାରତର ବଡ଼ ବିଜୟ ଆସିଥିଲା। ସେତେବେଳେ କୋହଲି ବାହିନୀ ନ୍ୟୁଜିଲାଣ୍ଡକୁ ୫-୦ରେ ପରାସ୍ତ କରିଥିଲା।
* ୨୦୨୦ରେ ଦିନିକିଆ ସିରିଜ ହାରିବା ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଟି୨୦ ସିରିଜକୁ ୨-୧ରେ ଜିତିଥିଲା।
* ନିକଟ ଅତୀତରେ ତାରକା ଖେଳାଳିରେ ଖଚିତ ଇଂଲଣ୍ଡକୁ ଭାରତ ୩-୨ରେ ହରାଇଥିଲା ଏବଂ କୋହଲି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।
* କୋହଲି ଏବେ ଟି୨୦ରେ ୩୧୫୯ ରନ କରି ଅଗ୍ରଣୀ ସ୍କୋରର ଅଛନ୍ତି। ତାଙ୍କ ଆଭରେଜ ହେଉଛି ୫୨.୬୫ ଓ ସର୍ବାଧିକ ସ୍କୋର ୯୪*।

## ଏସ୍‌ଆର୍ ଅନ୍‌ଲାଇନ ଚେସ୍: ଜ୍ୟୋତ୍ସ୍ନଭ ଚାମ୍ପିୟନ



ଭୁବନେଶ୍ୱର, ୧୬।୯ (କ୍ରୀଡ଼ା ପ୍ରତିନିଧି): ଏସ୍‌ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୩୨ତମ ଅନ୍‌ଲାଇନ୍ ଚେସ୍‌ରେ ଜ୍ୟୋତ୍ସ୍ନଭ ତାଲୁକଦାର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୭ ପଏଣ୍ଟ ପାଇଛନ୍ତି। ଜୟଦିତ୍ୟ ଗନ୍ତାୟତ (୬ ପଏଣ୍ଟ) ରନର୍ସଅପ୍ ହୋଇଥିବାବେଳେ ପ୍ରତୀକ ଚୌରାସିଆ (୫) ତୃତୀୟ ଓ ସିଦ୍ଧାର୍ଥ ମିଶ୍ର (୪.୫) ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶିବାଂଶ ମିଶ୍ର, ଆଦିତ୍ୟ ନାରାୟଣ ମହାନ୍ତି, ଆଶୁତୋଷ ରାଉତରାୟ, ଆଦିତ୍ୟ ବିକ୍ରମ ମିଶ୍ର, ଦେବର୍ପିତ ମିଶ୍ର, ବିନାୟକ କୁମାର ସାମଲ, ଶୁଭସ୍ମିତା ପ୍ରିୟଦର୍ଶିନୀ, ସାଇ ଶ୍ରୀହନ, ମ୍ରିଗଙ୍କ ଶେଖର ଦାସ, ଅଦିତି ମହାରଣା ଓ ଜିତେଶ ସାମଲ ଭଲ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳନା ହୋଇଥିଲା।

## ୧୧୦ ମି. ହର୍ଡଲ୍ସ ଫାଇନାଲରେ ଜୀଭା

### ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୬୦ତମ ସଂସ୍କରଣ ତେଲଙ୍ଗାନାର ୱାରାଙ୍ଗଲଠାରେ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୫ ସିନିୟର ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ କିଶୋର କୁମାର ଜେନା (ଜାଭେଲିନ), ଅଶୋକ ଦଣ୍ଡସେନା (୧୦,୦୦୦ ମିଟର ରନ୍), ଗ୍ରାସେସନ ଜୀଭା (୧୧୦ ମିଟର ହର୍ଡଲ୍ସ), ସ୍ୱାଧୀନ କୁମାର ମାଝି (ହାଇଜମ୍ପ) ଓ ଦେବାଶିଷ ପଟ୍ଟନାୟକ (୮୦୦ ମିଟର ରନ୍)। ଗୁରୁବାର ଦ୍ୱିତୀୟ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ଜୀଭା ୧୧୦ ମିଟର ହର୍ଡଲ୍ସର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲ ଶୁକ୍ରବାର ଅପରାହ୍ଣ ୪ଟାରେ ଅନୁଷ୍ଠିତ ହେବ।

ଦେବାଶିଷଙ୍କ ଇଭେଣ୍ଟ ଶୁକ୍ରବାର ଅପରାହ୍ଣ ୩ଟାରେ ଏବଂ ସ୍ୱାଧୀନ ମାଝିଙ୍କ ହାଇଜମ୍ପ ପ୍ରତିଯୋଗିତା ଅପରାହ୍ଣ ୩ଟା ୩୦ରେ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଅନୁଷ୍ଠିତ ଜାଭେଲିନ ଥ୍ରୋରେ କିଶୋର କୁମାର ଜେନା ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୭୩.୯୦ ମିଟର ଦୂରକୁ ଜାଭେଲିନ ଫିଙ୍ଗିଥିଲେ। ଏହି ଇଭେଣ୍ଟରେ ହରିୟାଣାର ସାହିଲ (୭୭.୭୯ ମିଟର) ସ୍ୱର୍ଣ୍ଣ, ସର୍ଭିସେସର ମନୁ ଡି.ପି. (୭୪.୯୨) ରୌପ୍ୟ ଏବଂ ରେଲୱେର ରୋହିତ ଯାଦବ (୭୪.୨୮) ବ୍ରୋଞ୍ଜ ପଦକ ପାଇଥିଲେ।

## ଓଡ଼ିଶା ଜୁନିୟର ଦଳକୁ ବ୍ରୋଞ୍ଜ ପଦକ




ଝାରସୁଗୁଡ଼ାରେ ଓଡ଼ିଶା ଦଳକୁ ସ୍ୱାଗତ କରାଯାଉଛି।

### ଜାତୀୟ ଆଇସଷ୍ଟୋକ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜମ୍ମୁ-କଶ୍ମୀରର ଶେର ଇ କଶ୍ମୀର ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ଆଇସଷ୍ଟୋକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସିନିୟର ଦଳରେ ୪ ଓ ଜୁନିୟର ଦଳରେ ୪ ଜଣ ଖେଳାଳି ଭାଗ ନେଇଥିଲେ। ଓଡ଼ିଶା ଜୁନିୟର ଦଳ ଭଲ ପ୍ରଦର୍ଶନ କରି ଟିମ୍ ଟାର୍ଗେଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ହେଲେ ଅନୁଜ ଚୌଧୁରୀ, ଅଂଶୁମାନ ବେହେରା, ହିମାଂଶୁ ପଟ୍ଟନାୟକ ଓ ସେହଜାଦ ଖାଁ। ଓଡ଼ିଶା ଦଳ ଗୁରୁବାର ପ୍ରତ୍ୟାବର୍ତ୍ତନ କରିଛି। ଝାରସୁଗୁଡ଼ା ରେଲୱେ ଷ୍ଟେଶନରେ ଆଇସଷ୍ଟୋକ୍ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ରିୟାଜତ ଖାଁ ଓ ସଦସ୍ୟମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଓଡ଼ିଶା ଦଳର କୋଚ୍ ଥିଲେ ଆଶୁତୋଷ ନାୟକ ଓ ମ୍ୟାନେଜର ପ୍ରଶାନ୍ତ କୁମାର ତ୍ରିପାଠୀ।

## ଅନୁପମାଙ୍କୁ ରୌପ୍ୟ ପଦକ

### ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ପାୱାର ସ୍ପୋର୍ଟ୍ସ ଓ କମ୍ବାଟ ସ୍ପୋର୍ଟ୍ସର ତାରକା ଖେଳାଳି ଅନୁପମା ସ୍ୱାଇଁ ଏବେ ପାଇଛନ୍ତି ଆଉ ଏକ ସଫଳତା। ଆବୁଧାବିରେ ଚାଲିଥିବା ୫ମ ଏସୀୟ ଜୁ-ଜିତ୍ସୁ ପ୍ରତିଯୋଗିତାର ମହିଳା ୫୨ କେଜି ବିଭାଗରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଉତ୍କଳ କରାଟେ ସ୍କୁଲରେ ଟ୍ରେନିଂ ନେଇ ଆବୁଧାବି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲ ଫାଇଟ୍‌ରେ ସେ ଏକଦା ଅଗ୍ରଣୀ ଥିବା ସତ୍ତ୍ୱେ ପେନାଲ୍ଟି ଦ୍ୱାରା ଥାଇଲାଣ୍ଡ ପ୍ରତିଯୋଗୀଙ୍କଠାରୁ ହାରିଯାଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

ପ୍ରକାଶଯୋଗ୍ୟ ଯେ, ଅନୁପମା ୨୦୧୯ ଥାଇଲାଣ୍ଡ ଓପନ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍ ଜୁ-ଜିତ୍ସୁରେ ସ୍ୱର୍ଣ୍ଣ ପଦକ ଏବଂ କୋରିଆରେ ଆୟୋଜିତ ୱାର୍ଲ୍ଡ ମାର୍ଶିଆଲ ଆର୍ଟ୍ସ ମାଷ୍ଟରଶିପ୍ ପ୍ରତିଯୋଗିତାର ଜୁ-ଜିତ୍ସୁରେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ପ୍ରତିଯୋଗିତାରେ ସେ ଗତ ୪ ବର୍ଷ ଧରି ଜାତୀୟ ଚାମ୍ପିୟନ ଅଛନ୍ତି। ୨୦୨୨ ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସର ଜୁ-ଜିତ୍ସୁ ପାଇଁ ଯୋଗ୍ୟତା ନିମନ୍ତେ ତାଙ୍କୁ ଏହି ପଦକ ସହାୟତା କରିବା ସମ୍ଭାବନା ଅଛି। ଅନୁପମାଙ୍କୁ ଓଡ଼ିଶା ଜୁ-ଜିତ୍ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ସେ ୧୮ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।



ଆବୁଧାବିରେ ଲଢ଼େଇ ଅବସରରେ ଓଡ଼ିଶାର ଅନୁପମା ସ୍ୱାଇଁ (ଉପର)।

## ଭାରତୀୟ ବାଳିକାଙ୍କ ଗୋଲ୍ଡେନ ସୁଇପ୍

### ବିଶ୍ୱ ଟେବୁଲ ଟେନିସ୍

ନୂଆଦିଲ୍ଲୀ, ୧୬।୯

ଟ୍ୟୁନିସିଆର ଟୁନିସଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ (ଡବ୍ଲ୍ୟୁଟିଟି)ରେ ଭାରତୀୟ ବାଳିକାମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଭାରତର ସ୍ୱସ୍ତିକା ଘୋଷ ନିଜ ଦେଶର ଯଶସ୍ୱିନୀ ଘୋଣପାଡେଙ୍କୁ ୩-୨ରେ ୧୯ ବର୍ଷରୁ କମ୍ ବାଳିକା ଫାଇନାଲରେ ପରାସ୍ତ କରିଛନ୍ତି। ଯଶସ୍ୱିନୀଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି। ତେବେ ଏହାର କିଛି ସମୟ ପୂର୍ବରୁ ଯଶସ୍ୱିନୀ ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ ଇଜିପ୍ଟର ଫରିଦା ବାଡୱିଙ୍କୁ ୧୧-୬, ୧୪-୧୨, ୧୧-୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ସେହିପରି ୧୯ ବର୍ଷରୁ କମ୍ ଫାଇନାଲରେ ସ୍ୱସ୍ତିକା ୬-୧୧, ୧୧-୬, ୬-୧୧, ୧୧-୬, ୧୧-୮ରେ ଯଶସ୍ୱିନୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ଟିଟି ଖେଳାଳିମାନେ ସବୁ ବର୍ଗର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ କିଛି ରୌପ୍ୟ ଓ ବ୍ରୋଞ୍ଜ ପଦକ ମଧ୍ୟ ଜିତିଛନ୍ତି। ୧୫ ବର୍ଷରୁ କମ୍ ଇଭେଣ୍ଟରେ ସୁହାନା ସାଇନି ପ୍ରିଥା ବର୍ତ୍ତିକାରଙ୍କୁ ହରାଇ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାପୂର୍ବରୁ ସେ ସ୍ଲୋଭେନିଆରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।




ସେହିପରି ୧୩ ବର୍ଷରୁ କମ୍ ଇଭେଣ୍ଟରେ ଏମ୍. ହଂସିନୀ ୧୧-୫, ୧୧-୮, ୧୧-୮ରେ ପ୍ରିଶା ଗୋଏଲଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୧ ବର୍ଷରୁ କମ ବାଳିକା ବର୍ଗରେ ଧାନୀ ଜୈନ ୧୧-୪, ୧୧-୬, ୯-୧୧, ୧୦-୧୨, ୧୧-୭ରେ ଅନନ୍ୟା ମୁରଲୀଧରନଙ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅନ୍ୟ ବର୍ଗର ପ୍ରତିଯୋଗିତାରେ ମଧ୍ୟ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ମୋଟ ଉପରେ ଡବ୍ଲ୍ୟୁଟିଟିରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଐତିହାସିକ ସାବ୍ୟସ୍ତ ହୋଇଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୭ ସେପ୍ଟେମ୍ବର, ୨୦୨୧



## ୧୧ କେଭି ତାର ସ୍ପର୍ଶରେ ଆସି ନାବାଳିକା ଗୁରୁତର

ରାଜଗାଙ୍ଗପୁର,(ଡି.ଏନ୍.ଏ.): ରାଜଗାଙ୍ଗପୁର ଲିମଲୋଇ ଅଞ୍ଚଳର ପ୍ରାଚୀ ଲୁହୁରା (୧୧) ନାମ୍ନୀ ଜଣେ ନାବାଳିକା ୧୧କେଭି ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ତାଙ୍କ ପିତାଙ୍କ ନାମ ଚାନ୍ଦ ଲୁହୁରା। ପ୍ରାଚୀ ନିଜ ଘର ଛାତଉପରେ ଝାଡୁମାରୁଥିବା ସମୟରେ ଉପରେ ଯାଇଥିବା ୧୧କେଭି ତାର ସ୍ପର୍ଶରେ ଆସିବା ଦ୍ୱାରା ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ଦେବାଳୟ ସୁରକ୍ଷା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର ଅଫିସ, ୧୬।୯

ବଲାଙ୍ଗୀରରେ ଦେବାଳୟଗୁଡିକ ଜରାଜୀର୍ଣ୍ଣ ହୋଇ ପଡିରହିଛି। ଏଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହିଭଳି ଅଭିଯୋଗ କରି ଗୁରୁବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ୮ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ବଲାଙ୍ଗୀରର ଆରାଧ୍ୟାଦେବୀ ପାଟଣେଶ୍ୱରୀଙ୍କ ମନ୍ଦିର ୧୮୭୨ ମସିହାରୁ ସ୍ଥାପିତ ହୋଇଛି। ୧୯୧୫ ମସିହାରେ ସମଲେଶ୍ୱରୀ ମନ୍ଦିର ତିଆରି ହୋଇଥିଲା। ଏହି ମନ୍ଦିର ଏବେ ଜରାଜୀର୍ଣ୍ଣ ହୋଇ ପଡିଛି। ସାମାନ୍ୟ ବର୍ଷା ହେଲେ ଏହି ମନ୍ଦିରକୁ ପାଣି ପଶି ଯାଉଛି। ଏହି ଅଞ୍ଚଳର ପୁରୁଣା କୀର୍ତ୍ତିରାଜି ଏବଂ ମନ୍ଦିରଗୁଡିକୁ ତୁରନ୍ତ ପୁନରୁଦ୍ଧାର କରା ନ ଗଲେ ବଲାଙ୍ଗୀରବାସୀ ରାସ୍ତାକୁ ଓହ୍ଲାଇବେ ବୋଲି କୁହାଯାଇଛି। ପ୍ରଦତ୍ତ ୮ ଦଫା ଦାବିପତ୍ରରେ ମନ୍ଦିର ଭିତରକୁ ବର୍ଷାପାଣି ନ ପଶିବା, ଡ୍ରେନର ସୁବ୍ୟବସ୍ଥା କରିବା, ଉଭୟ ମନ୍ଦିରରେ ଭକ୍ତଙ୍କ ପାଇଁ ପାର୍କିଂ ବ୍ୟବସ୍ଥା ଓ ସମସ୍ତ ମନ୍ଦିର ପାଇଁ ଏକ ଟ୍ରଷ୍ଟ ନିର୍ମାଣ କରିବା ଦାବି କରାଯାଇଛି। ୟୁଥ ଆକ୍ସନ କମିଟି ସଭାପତି ବିନୋଦ କାଲସାଏଙ୍କ ନେତୃତ୍ୱରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ବିବେକା ପଟେଲ, ପଶ୍ଚିମ ଓଡିଶା ଯୁବାମଞ୍ଚ ଅଭିଶେକ ଦାଶ, ମାହେଶ୍ୱରୀରୁ ଅଙ୍କୁଶ ପାଣ୍ଡିଆ, ଯାଦବ ସାମାଜରୁ ପ୍ରଶାନ୍ତ ମହାକୁର, କୁଲତା ସମାଜରୁ ସୁରଥ ପ୍ରଧାନ, ମିଡିଆ ସେଲରୁ ନୂତନ ମିଶ୍ର ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ସାର୍ଟିଫିକେଟ ଯାଞ୍ଚ ପୂର୍ବରୁ ୨ କନିଷ୍ଠ ଶିକ୍ଷକଙ୍କ ଇସ୍ତଫା

କୋକସରା,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଶିକ୍ଷକତା କରୁଥିବା ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ତ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ ହୋଇଛି। ପ୍ରଥମ ଓ ଦ୍ୱିତୀୟ ଦିନରେ ୭ଟି କ୍ଲଷ୍ଟର ସମୁଦାୟ ୩୩୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷା ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ଶୁକ୍ରବାର ମଧ୍ୟ ଯାଞ୍ଚ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯାଞ୍ଚ ପୂର୍ବରୁ ବ୍ଲକର ୨ଜଣ କନିଷ୍ଠ ଶିକ୍ଷକ ଚାକିରୀରୁ ଇସ୍ତଫା ଦେଇଛନ୍ତି। ଉଭୟ ଶିକ୍ଷକ ନୂଆପଡା ଜିଲାରୁ ଆସି କୋକସରା ବ୍ଲକ ଢୁଢୁକାଠେଙ୍ଗା ଓ ଖଲିଗଡ଼ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେମାନେ ହେଲେ ଲେକ୍ରାମ ସତନାମୀ ଓ ରମେଶ ସତନାମୀ। ସମସ୍ତଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ଅବିକଳ ନକଲ ରଖାଯାଇ ବୋର୍ଡ, ୟୁନିଭର୍ସିଟିକୁ ପଠାଯାଇ ଯାଞ୍ଚ ପରେ ଏହା ଅସଲି ନା ନକଲି ଜଣାପଡିବ ବୋଲି କୋକସରା ଏବିଇଓ ବିଜୟ କୁମାର ବାରିକ କହିଛନ୍ତି। ବିଆର୍‌ସିସି ତେଫାନା ମାଝିଙ୍କୁ ଉଭୟ ଶିକ୍ଷକଙ୍କ ଇସ୍ତଫା ନେଇ ପଚାରିବାରୁ ରେଗୁଲାର ପିଏଚ୍‌ଡି କରିବା ପାଇଁ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ ରହିଥିବା କହିଛନ୍ତି।

# କଳାହାଣ୍ଡି ଏମ୍‌ପିଙ୍କ ବିଭିନ୍ନ ଗାଁ ଗସ୍ତ

କୋକସରା,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ବୁଧବାର କୋକସରା ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ନୂଆଁଖାଇ ଶୁଭେଚ୍ଛା ଦେବା ସହ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଛନ୍ତି। ସାରଶମାଲ, ଡଙ୍ଗରିଗୁଡା, କାଦୋପଦର, ଫୁପଗାଁ, ଗତାବନ୍ଧ, କାଶୀବାହାଲ, ତୁନଗାଁ, ଆଇଁଲି, ସୁପାଡ଼, ବରାଡଙ୍ଗା, ବଡପୋଡାଗୁଡା, ବଡକେନ୍ଦୁଗୁଡା, ଦର୍ଲିପଡା, ଡେଙ୍ଗାଗୁଡା, ବୋବରିଆ ଆଦି ଗ୍ରାମକୁ ଯାଇ ଲୋକଙ୍କୁ ଭେଟି ମୋଦି ସରକାରଙ୍କ ବିକାଶ କଥା କହିବା ସହ ଆଗାମୀ ଦିନରେ କଳାହାଣ୍ଡି ଜିଲା ପାଇଁ ଅନେକ ଜନହିତକର ଯୋଜନା ରୂପରେଖ ପ୍ରସ୍ତୁତ ରହିଛି ବୋଲି କହିଥିଲେ। ଏମ୍‌ପିଙ୍କ ଗସ୍ତରେ ଜିଲା ସାଧାରଣ ସମ୍ପାଦକ ସୁଧୀର ପାଢୀଯୋଷୀ, ନବରଙ୍ଗପୁର ଯୁବମୋର୍ଚ୍ଚା ପ୍ରଭାରୀ ହିମାଂଶୁ ପଣ୍ଡା, ଅପ୍ରେଶ ସ୍ୱାଇଁ, କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗ, ଗୋପାଳ ଅଗ୍ରୱାଲ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଗାଁରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକମାନେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଏମ୍‌ପି ପଣ୍ଡା କହିଥିଲେ।



କଳାହାଣ୍ଡି ଏମ୍‌ପି ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

# ଆତ୍ମା କର୍ମଚାରୀଙ୍କ ୫ ମାସର ଦରମା ମିଳିନି

## ଜିଲା କୃଷି ଅଧିକାରୀଙ୍କୁ ଦାବିପତ୍ର

ନୂଆପଡ଼ା ଅଫିସ,୧୬।୯

ନୂଆପଡା ଜିଲା କୃଷି ବିଭାଗରେ କାର୍ଯ୍ୟରତ ଆତ୍ମା କର୍ମଚାରୀଙ୍କ ୫ ମାସର ଦରମା ମିଳିନାହିଁ। ଏ ନେଇ ଆତ୍ମା କର୍ମଚାରୀମାନେ ଜିଲା କୃଷି ଅଧିକାରୀ ତଥା ଆତ୍ମା ଯୋଜନା ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ଦାସଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା କୃଷି ଅଧିକାରୀଙ୍କୁ ଦାବିପତ୍ର ଦେଇ ଜିଲାପାଳଙ୍କୁ ଭେଟିବ ପାଇଁ ଆସିଥିବା ବେଳେ ଜିଲାପାଳ ସରକାରୀ କାର୍ଯ୍ୟରେ ଯାଇଥିବାରୁ ଭେଟି ନ ପାରି ଫେରି ଯାଇଥିଲେ। ଜିଲାରେ ଆତ୍ମା କର୍ମଚାରୀ କୃଷିର ବିକାଶ ଏବଂ କୃଷକଙ୍କୁ ପରାମର୍ଶ ଦେଉଥିବା ବେଳେ ଫସଲ ସମୟରେ ଚାଷୀଙ୍କ ସମସ୍ୟା ସମାଧାନରେ ସହାୟକ ହୋଇଥାନ୍ତି। ନିଜ ଦାୟୀତ୍ୱକୁ ଠିକ ଭାବେ ସମ୍ପାଦନ କରୁଥିବା ବେଳେ ଠିକ୍ ସମୟରେ ଦରମା ମିଳୁ ନ ଥିବାରୁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଶ୍ଚିମ ଓଡିଶାର ପର୍ବ ନୂଆଁଖାଇ ସରି ଯାଇଥିଲେ ମଧ୍ୟ ପାଉଣା ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଜିଲାରେ ୨୦ଜଣ ଆତ୍ମା କର୍ମଚାରୀ କାର୍ଯ୍ୟ ତୁଲାଇ ଆସୁଛନ୍ତି। କର୍ମଚାରୀମାନେ ସରକାରୀ କୃଷି ଯୋଜନାକୁ କୃଷକ ପାଖରରେ ପହଞ୍ଚାଇବାରେ ଚେଷ୍ଟା କରୁଛନ୍ତି। ଆତ୍ମା, କାଳିଆ, ବଳିଆ ଭଳି ଯୋଜନାରେ କାର୍ଯ୍ୟ କରୁଛନ୍ତ। ଏସବୁକୁ ଦୃଷ୍ଟିରେ ରଖି ୫ ମାସର ଦରମା ଶୀଘ୍ର ପ୍ରଦାନ କରାଯାଉ ବୋଲି ଜିଲା କୃଷି ଅଧିକାରୀ ଦାସଙ୍କୁ ଦାବିପତ୍ର ପ୍ରଦାନ କରି ଦାବି କରିଛନ୍ତି।

# କୃତୀ ଯୁବତୀଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ

ନୂଆପଡ଼ା ଅଫିସ,୧୬।୯

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧସ୍ଥିତ ଗ୍ରାହକ ସେବା କେନ୍ଦ୍ର ସମ୍ମୁଖରେ ଶିକ୍ଷା ତାଲିମ ବିଦ୍ୟାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଦିଆଯାଇଥିବା ଜନଗଣନା ସର୍ଭେ ତାଲିମରେ କୃତି ଯୁବତୀଯୁବକମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ତ୍ରିନାଥ ରଣା ସଭାପତିତ୍ୱ କରିଥିବା ବେଳେ କୁରେଶ୍ୱର ପଞ୍ଚାୟତ ସମିତି ସଭ୍ୟ ନିମିଚନ ଅହୀର ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଟିକେଶ୍ୱର ହଂସ ଯୋଗଦେଇ ତାଲିମପ୍ରାପ୍ତ ଯୁବତୀଯୁବକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

## VSS INSTITUTE OF MEDICAL SCIENCES & RESEARCH (VIMSAR), BURLA, SAMBALPUR, ODISHA - 768017

**Walk-in-Interview for Selection of Senior Residents (SRs)/Tutors**

**Advt. No. 712/Director/VIMSAR/Dt.15.09.2021**

No. E-441: Applications are invited from eligible candidates to fill up vacant posts of SRs and Tutors at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in**

**Sd./- Director**
**VSS Inst. of Med. Sciences & Research, Burla**

OIPR-10026/11/0010/2122

## DISTRICT EDUCATION OFFICE, JAJPUR

**Order No. 5998** **Date: 14.09.2021**

**Advertisement**

No. n-51:- Applications are invited through Registered / Speed Post from the eligible candidates of Jajpur District in prescribed format for engagement of Supporting Staff in Girls' Hostel of Odisha Adarsha Vidyalaya, Madhapur under Sukinda Block. Applications will be sent to the address of the District Education Office, Jajpur, At/ Po- Jajpur, Dist- Jajpur, Pin-755001. For download of application form & other details please visit to the District Website: **www.jajpur.nic.in**. The last date for receiving of application form is 27.09.2021

**By the order of Collector, Jajpur**
**Sd./- District Education Oficer, Jajpur**

OIPR-27057/11/0001/2122

## MUNICIPAL OFFICE, JEYPORE

Ph. No. 06854-321098, Fax No. 06854-230104, E-mail: jeyporem.hud@nic.in

**L. No. 4043/UM-TCN08/2021-22** **Dt.15.09.2021**

No. C-973: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | |
|---|---|
| Bid documetns including schedule of quantity available for online bidding | https://tendersorissa.gov.in/nicgep/app. |
| No of Works | 80 |
| Estimated Cost | As per DTCN |
| Date & Time of Bidding | From 20.09.2021 at 11.00 hours to 27.09.2021 upto 16.00 hours |
| Last date & time for receipt of bids in portal | 27.09.2021 upto 16.00 hours |
| Offline documents received through Speed Post/ Registered Post | 27.09.2021 at 16.00 hours to 30.09.2021 upto 11.00 hours (Working days only) |
| Bids received online shall be opened on | 30.09.2021 at 11.00 hours onwards |
| Offline documents shall be opened in presence of the participate bidders | 30.09.2021 at 11.00 hours onwards |

**Sd./- Executive Officer, Jeypore Municipality**

OIPR-13079/11/0035/2122

## GOVERNMENT OF ODISHA
## INVITATIONS FOR BIDS (IFB)
## 'e' PROCUREMENT NOTICE

**Bid Identification No. E.E. JSPR (R&B) - 08/2021-22**

No. B-396

1. Name of work : E.I. works for the year 2021-22
2. No. of works : Total:- 03 (Three) nos. Works
3. Estimated Cost : **Above Rs. 05.00 lakhs up to Rs.40.00 lakhs (Approx.)**
4. Period of completion : 30 (Thirty) days
5. Class of contractors : **HT/MV/OEM**

**Other details as follows:-**

6. **Date & time of availabilty of bid documents in Portal:- 20.09.2021 at 11.30 A.M.**
7. **Last date/time for receipt of bids in Portal:- 04.10.2021 up to 05.00 PM.**
8. **Opening of Bid documents:- 05.10.2021, at 11.30 A.M.**
9. Procurement Officer with E-mail address : Executive Engineer, Jagatsinghpur (R&B) Division, Jagatsinghpur eerbjspr@gmail.com

Further details can be seen from the Govt. website **tendersorissa.gov.in**

**Sd./- Executive Engineer, Jagatsinghpur (R&B) Division**

OIPR-34093/11/0002/2122

## Government of Odisha
## Office of the Executive Engineer, Rural Works Division, Dhenkanal

E-mail: eerwdkl@yahoo.co.in

**e-procurement Notice No. 08 / Road Work / 2021-22**

No.:- O-699:-

1. Name of the work : Road Work
2. Total No. of Works : 3 (Three) Nos.
3. Estimated Cost : 16.05 lakh to 26.25 lakh (approx.)
4. Class Contractor : "D" & "C" Class
5. Period of Completion online for bidding : 1 (One) Calendar month. 20.09.2021 at 11.00 A.M to 30.09.2021 up to 5.00 P.M
6. Last Date & Time of seeking tender clarification : 29.09.2021 upto 4.00 PM
7. Date & Time of opening of tender : 01.10.2021 at 11.00AM

Other details can be seen from the website **http://tendersorissa.gov.in.**

**Sd./- Executive Engineer, R.W. Division, Dhenkanal**

OIPR-25101/11/0003/2122

## OFFICE OF THE SUPERINTENDENT SCB MEDICAL COLLEGE & HOSPITAL, CUTTACK

**E-mail: scbsuperintendent@gmail.com**

**No. 22325** **Dt.16.09.2021**

**SHORT TENDER CALL NOTICE**

No. E-442: Sealed tenders are invited from the interested Manufacturer/Authorized Dealers/Suppliers **for Supply of Portable Reverse Osmosis Plant for Functionalization of Dialysis Machine at ECMO Unit in SCB Medical College Hospital, Cuttack**. The detailed of tender papers along with terms and conditions can be obtained from Central Store Section **(NTSK Sec.)**, Office of the Superintendent, SCB Medical College Hospital, Cuttack during office hours from 11 A.M. to 4 P.M. on all working days on payment of **Rs.1,000.00 (Rupees One Thousand) only** in the Accounts Section and also obtained from website i.e. **"http://www.scbmch.in"** from 17.09.2021. The tender paper should reach the Office of the undersigned through Speed Post/Regd. Post only by **24.09.2021 by 4 P.M.** The authority reserves the right to cancel or reject any or all the tenders without assigning any reason thereof.

**Sd./- Superintendent**
**SCB Medical College Hospital, Cuttack**

OIPR-10011/11/0023/2122

## DISTRICT OFFICE, MAYURBHANJ, BARIPADA
## ST & SC DEV. SECTION

**E-mail: dwomayurbhanj@rediffmail.com, Phone: 06792-260763**

**No. 4097/DWO** **Date: 15.09.2021**

**NOTICE**

No. V-38: In pursuance to Advertisement No. 6534/DWO dated 30.12.2019, for engagement of Contractual Teaching Staff to be engaged in SSD High Schools, Girl's High Schools and Upgraded High Schools under ST & SC Development Department, Mayurbhanj District, **(i) Select List, (ii) Accept List & (iii) Reject List** (with reasons) are hereby published in the website **www.mayurbhanj.nic.in** in **'Recruitment/ Result'** section and in the Notice Boards of District Welfare Office, Mayurbhanj, Collectorate, Mayurbhanj, Office of all PA, ITDAs, Sub-Collectors' and BDOs in the district.

The candidates of the teaching posts in the Provisional Select List i.e. 100% are hereby directed to attend Original Certificate verification scheduled to be held on 28th & 29th Sept. 2021 (from 10.00 A.M. to 01.00 P.M.) in the District Welfare Office, Mayurbhanj, At: Murgabadi, Baripada along with all Original Certificate/Documents, Original Mark Sheets and a set of self-attested photocopies of all certificate. **Non-OSSTET Candidates** are directed to submitted affidavit for qualifying OSSTET exam within 3 years from the date of appointment.

Also 100% candidates of teaching posts coming successful in the Certificate Verification will be allowed for counselling on the choice of place of posting scheduled to be held on the same day i.e. 28th & 29th September, 2021 (from 01.30 P.M. to 05.00 P.M.) District Welfare Office, Mayurbhanj, At: Murgabadi, Baripada.

Also intimation-cum-Notice for Original Certificate Verification have been despatched through Registered Post in the address of the Provisionally Selected Candidates and if they don't receive the same, then, the Duplicate of the intimation-cum-Notice can be obtained from the Office of the District Welfare Officer, Mayurbhanj before Original Certificate Verification.

Non-attending of the candidates in the Original Certificate Verification on the scheduled date and time, shall be liable for rejection/cancellation of their candiadture without further any notification.

No further extension of time for Original Certificate Verification shall be entertained.

**Sd./- Collector & District Magistrate, Mayurbhanj**

OIPR-26027/11/0001/2122

See Career Appointment on every Wednesday & Saturday

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**NIT No. 32/OMC/CIVIL/2021**

No. CAD-1195:- Tender for the following work are invited on-line through e-procurement portal of Govt. of Odisha.

| Sl. No. | Name of the work | Time period of the work in month | Class of Contractor | Cost of Bid document (Rs.) Online |
|---|---|---|---|---|
| 1. | Posting of 250 units of RCC pillar for CA land of different Mines of OMC at village Peturu of Potangi Tahasil and Mushupal, Chuchukona, Pipalpadar, of Laxmipur Tahasil in the district of Koraput. | 03 Months | D & C | 6000/- + 18% GST |
| 2. | Posting of 229 Units of RCC pillar for CA land of different mines of OMC at village Khamarpadar & Padepadar of Th. Rampur Tahasil in the dist of Kalahandi | 03 Months | D & C | 6000/- + 18% GST |

**1.** Available of Bid document in Govt. portal from dt. 17/09/2021 to 27/09/2021 up to 5.00 PM. **2.** Last date of on-line submission of tender in the portal is dt. 27/09/2021 up to 5.00 PM. **3.** Date of opening of Technical Bid is dt. 28/09/2021 at 11.00 AM. All other details can be seen from DTCN available at Govt. website **www.tendersorissa.gov.in**.

**Odisha Mining Corporation Ltd. reserves the right to reject any or all tenders without assigning any reason thereof.**

OIPR-30005/11/0090/2122 **CGM (Civil)**

## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KEONJHAR

**Tel. 06766-258301(O), e-mail: se_nerwkjr@rediffmail.com**

**eProcurement Notice for Road Works**

**Identification No. Road Online NCB No.322**

**No. 3839 // Date: 14.09.2021**

No.O-695:- 1. Name of the work : Construction of Road works under DMF. 2. Total No. of work : 08 (Eight) Nos. 3. Estimated Cost : As per Annexure. 4. Class of Contractor : As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.322 | Dt.21.09.21 at 11.00 A.M. | Dt.05.10.21 upto 5.00 P.M. | Dt.04.10.21 upto 5.00 P.M. | Dt.07.10.21 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**

**Sd/- P.K. Misra, Chief Construction Engineer, R.W. Circle, Keonjhar**

OIPR-25177/11/0008/2122

## ଓଡ଼ିଶା ସରକାର
# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**File No. L.A.I.-80/2020-601** **Dated: 24.07.2020**

No. XXIX-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୨୯ ତା୧୩।୧୧।୨୦୧୮ରିଖ ଏବଂ ଅବଧି ପତ୍ର ସଂଖ୍ୟା ୧୧୯୩୫, ତା୧୨।୦୩।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.angul.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଅନୁଗୋଳ** **ତହସିଲ: ପାଳଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତିଘିଞ୍ଚା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏ୭.୫୨୦ | ଏଥିସହ ସଂଲଗ୍ନ କରଗଲା |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଅନୁଗୋଳ** **ତହସିଲ: ପାଳଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ଅନୁଗୋଳ**

**ତଫସିଲ – କ**
**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା: ହାତିଘିଞ୍ଚା, ତହସିଲ: ପାଳଲହଡ଼ା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳ**
**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

| ଜିଲ୍ଲା | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ରକବା | ରୟତଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| | | | ୧ | ୨୮୧ | ଶାରଦ ଜଳ ଦୁଇ | ୦.୨୪୦ | ୦.୦୨୦ | ଅନାମ ନାଏକ, ଜନକ ନାଏକ, କମଳ ନାଏକ, ପି. ନିରାକାର ନାଏକ, ଖେରିତି ନାଏକ, ସ୍ୱା.– ନିରାକାର ନାଏକ, ଜା: ପାଣ, ବା: ଫପଣ୍ଡ |
| | | | ୨ | ୨୫୨/୩୨୫ | ଶାରଦ ଜଳ ତିନି | ୦.୫୪୦ | ୦.୩୨୦ | ଧୀରେନ ଚନ୍ଦ୍ର ପ୍ରଧାନ, ମାଗୁଣୀ ପ୍ରଧାନ, ମହେଶ୍ୱର ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ, ନିଳାମ୍ବର ପ୍ରଧାନ, ପ୍ରଫୁଲ୍ଲ କୁମାରୀ ପ୍ରଧାନ, ପି.– ଅନିରୁଦ୍ଧ ପ୍ରଧାନ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୨ | ଶାରଦ ଜଳ ତିନି | ୦.୭୦୦ | ୦.୭୦୦ | |
| | | | | ୨୫୬ | ଶାରଦ ଜଳ ଏକ | ୦.୩୧୦ | ୦.୧୫୦ | |
| | | | | ୨୬୭ | ଶାରଦ ଜଳ ଏକ | ୧.୪୮୦ | ୧.୩୧୦ | |
| | | | | ୨୫୭ | ଶାରଦ ଜଳ ଏକ | ୧.୪୬୦ | ୧.୦୦୦ | |
| | | | | ୨୬୬ | ଶାରଦ ଜଳ ତିନି | ୦.୩୯୦ | ୦.୨୩୦ | |
| | | | | ୨୫୭/୩୨୪ | ଶାରଦ ଜଳ ତିନି | ୦.୦୮୦ | ୦.୦୮୦ | |
| | | | | ୨୮୨ | ଶାରଦ ଜଳ ଦୁଇ | ୦.୧୩୦ | ୦.୧୩୦ | |
| | | | | ୨୮୪ | ଶାରଦ ଜଳ ଦୁଇ | ୧.୧୫୦ | ୦.୧୨୦ | |
| | | | ୮ | ୨୬୩ | ଶାରଦ ଜଳ ଏକ | ୦.୬୦୦ | ୦.୧୫୦ | ତୁନ ମାହାନ୍ତ, ମନୁ ମାହାନ୍ତ, ପି.– ମତିଆ ମାହାନ୍ତ, ଜା: ମାହାନ୍ତ, ବା: ବାଲିପଶି |
| | | | ୩୪ | ୨୬୧/୩୫୮ | ଶାରଦ ଜଳ ଏକ | ୦.୩୫୦ | ୦.୩୫୦ | ଭାମା ନାୟକ, ସ୍ୱା.– କୁର୍ଣ୍ଣି ନାୟକ, ଜା: ଚଷା, ବା: ବାଲିପଶି |
| | | | ୪୦ | ୨୬୧ | ଶାରଦ ଜଳ ଏକ | ୦.୦୬୦ | ୦.୦୬୦ | ଲକ୍ଷ୍ମୀଧର ରାଉତ, ପି.– କାଳିଆ ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୧୨ | ୨୬୮ | ଶାରଦ ଏକ | ୦.୧୩୦ | ୦.୦୧୦ | ନିଧି ମହାନ୍ତ, ପି.– ଜେଠୁ ମହାନ୍ତ, ଜା: ମହାନ୍ତ, ବା: ବାଲିପଶି |
| | | | | ୨୬୦ | ଶାରଦ ଏକ | ୦.୪୯୦ | ୦.୪୯୦ | |
| | | | ୪୫/୩୯ | ୨୫୯/୪୦୧ | ଶାରଦ ଜଳ ଏକ | ୦.୨୪୦ | ୦.୦୫୦ | କୁଳମଣି ରାଉତ, ପି.– ଲକ୍ଷ୍ମୀଧର ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୬୬ | ୨୫୪/୪୨୫ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ବୈକୁଣ୍ଠ ବିହାରୀ ଗଡ଼ନାୟକ, ପି.– ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| ଅନୁଗୋଳ | ପାଳଲହଡ଼ା | ହାତିଘିଞ୍ଚା | ୪୫/୬୭ | ୨୫୪/୪୨୬ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ଯୁଧିଷ୍ଠିର ଗଡ଼ନାୟକ, ପି.– ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୮ | ୨୫୪ | ଶାରଦ ଜଳ ତିନି | ୦.୨୩୦ | ୦.୨୩୦ | ଉମାକାନ୍ତ ଗଡ଼ନାୟକ, ପି.– ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୯ | ୨୫୪/୪୨୭ | ଶାରଦ ଜଳ ତିନି | ୦.୩୦୦ | ୦.୩୦୦ | ଟନୋଜ କୁମାର ଗଡ଼ନାୟକ, ପି.– ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୮୧ | ୨୬୨ | ଶାରଦ ଏକ | ୦.୬୨୦ | ୦.୪୧୦ | ଡମ୍ବରୁଧର ମାହାନ୍ତ, ହରିହର ମାହାନ୍ତ, ପି.– ଚନ୍ଦ୍ରମଣି ମାହାନ୍ତ, ଜା: ମାହାନ୍ତ, ବା: ଦେହୁରୀମୁଣ୍ଡା, ଥାନା: ବାରକୋଟ, ଜି.– ଦେବଗଡ଼ |
| | | | ୪୫/୯୨ | ୨୬୧/୩୫୭ | ଶାରଦ ଜଳ ଏକ | ୦.୧୮୦ | ୦.୧୮୦ | ଶାନ୍ତିଲତା ରାଉତ, ସ୍ୱା.– ପ୍ରହ୍ଲାଦ ଚନ୍ଦ୍ର ରାଉତ, ଜା: କ୍ଷେତ୍ରୀୟ, ବା: ବାଲିପଶି |
| | | | | ୨୬୧/୪୫୯ | ଶାରଦ ଜଳ ଏକ | ୦.୧୨୦ | ୦.୧୨୦ | |
| | | | ୪୫/୯୯ | ୨୫୪/୪୬୨ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | ଉଦୟନାଥ ଗଡ଼ନାୟକ, ପି.– ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୪/୪୬୩ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | |
| | | | ୪୫/୧୦୪ | ୨୬୦/୪୬୬ | ଶାରଦ ଏକ | ୦.୦୨୦ | ୦.୦୨୦ | ଡିଲେଶ୍ୱର ମହାନ୍ତ, ପି.– ସଭା ମହାନ୍ତ, ଜା: ମହାନ୍ତ, ବା: ବାଲିପଶି, ପୋ.: ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୫/୧୦୩ | ୨୫୯ | ଶାରଦ ଜଳ ଏକ | ୦.୧୪୦ | ୦.୧୪୦ | ଲମ୍ବୋଦର ମହାକୁଳ, ପି.– କମର ମହାକୁଳ, ପଦ୍ମା ମହାକୁଳ, ସ୍ୱା.– କମର ମହାକୁଳ, ଜା: ଗଉଡ଼, ବା: ବାଲିପଶି |
| | | | ୪୫/୧୦୫ | ୨୫୪/ ୪୨୭/୪୬୭ | ଶାରଦ ଜଳ ତିନି | ୦.୦୨୦ | ୦.୦୨୦ | ଯୋଗେଶ୍ୱର ଗଡ଼ଡ଼ାୟକ, ପି.– ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ସା/ପୋ.– ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୬ | ୨୫୧ | ଆଡ଼ି | ୧.୫୪୦ | ୦.୨୧୦ | ଦୁଃଖବନ୍ଧୁ ପାଳ, ପି.– ଦୟାନିଧି ପାଳ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ମୋଟ | | | ୧୨.୨୪୦ | ୭.୫୨୦ | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ଅନୁଗୋଳ**

OIPR-24012/14/0011/2122

## ହାତିସରା ଦୁର୍ଗାପୂଜା କମିଟି ଗଠିତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରା ହରିଜନପଡାରେ ଚଳିତବର୍ଷ ୧୩ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଗୁରୁବାର ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି । ବୈଠକରେ ଗତବର୍ଷର ବିବରଣୀ ପଠନ ପରେ ସର୍ବସମ୍ମତିକ୍ରମେ ଚଳିତ ବର୍ଷ ପାଇଁ ପରିଚାଳନା କମିଟି ଗଠିତ ହୋଇଥିଲା। ସଭାପତି ରଞ୍ଜନ ସୁନା, ଉପସଭାପତି ସନ୍ତୋଷ ସୁନା,ସମ୍ପାଦକ ଜଗଦିଶ ନନ୍ଦ, ଯୁଗ୍ମ-ସମ୍ପାଦକ ଶୂନ୍ୟବାସୀ ହରପାଲ ଓ କୋଷାଧ୍ୟକ୍ଷ ଭାବେ ଅମର ବାଗ ମନୋନୀତ ହୋଇଛନ୍ତି । ଚଳିତ ବର୍ଷ ମଧ କରୋନା କଟକଣା ଅନୁସାରେ ପୂଜା ପରିଚାଳନା କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଜବତ

କୋକସରା,୧୬।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ଚିତାମୁଣ୍ଡା ଓ ଡାଲଗୁମା ମଝି ରାସ୍ତା ନିକଟରେ ଥିବା ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଡାଲଗୁମା ଗ୍ରାମର କମ୍ଭୁ ମାଝି (୩୫)। ସୂଚନା ଯେ, ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କୋକସରା ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ଡାଲଗୁମା ଗ୍ରାମର କମ୍ଭୁ ବୋଲି ଜଣାପଡ଼ିଥିଲା। ସେ ମଙ୍ଗଳବାରରୁ ନିଖୋଜ ଥିବା ବେଳେ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ମୃତଦେହ ଚିହ୍ନଟ ପାଇଁ କମ୍ଭୁଙ୍କ ସ୍ତ୍ରୀଙ୍କୁ ଡକାଇବା ପରେ ତାହା କମ୍ଭୁଙ୍କ ମୃତଦେହ ବୋଲି ଜଣାପଡିଥିଲା। ତାଙ୍କର ପୋଖରୀରେ ବୁଡି ମୃତ୍ୟୁ ଘଟିଛି ନା ଆଉ କିଛି କାରଣ ରହିଛି ତାହା ଜଣାପଡ଼ି ନାହିଁ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ କୋକସରା ହସ୍ପିଟାଲକୁ ପଠାଇଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁ ହୋଇଛି।

### ନୂଆଁଖାଇ ଭେଟ୍‌ଘାଟରେ ନୃତ୍ୟ, ଗୀତ ପ୍ରତିଯୋଗିତା

ଲୋଇସିଂହା,୧୬।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ନୂଆଁଖାଇ ଭେଟ୍‌ଘାଟ ଅବସରରେ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିନିୟର ବର୍ଗ ଗୀତରେ ପ୍ରତିଭାମୟୀ ତ୍ରିପାଠୀ ପ୍ରଥମ, ତୃପ୍ତୀମୟୀ ତ୍ରିପାଠୀ ଦ୍ୱିତୀୟ, ବର୍ଷାରାଣୀ ଥନାପତି ତୃତୀୟ ହୋଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଗିଲଡି ପଧାନ ପ୍ରଥମ, ତୃପ୍ତୀମୟୀ ମିଶ୍ର ଓ ଲୋପାମୁଦ୍ରା ମିଶ୍ର ଯୁଗ୍ମ ଦ୍ୱିତୀୟ, ଓମଶ୍ରୀ ପଧାନ ତୃତୀୟ ହୋଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଜୁନିୟର ବର୍ଗରେ ସ୍ୱାତୀ ପଧାନ ପ୍ରଥମ, ପ୍ରାଚୀ ବଗର୍ତ୍ତା ଓ ପ୍ରଜ୍ଞାପରମିତା ମିଶ୍ର ଯୁଗ୍ମ ଭାବେ ଦ୍ୱିତୀୟ, ପ୍ରିୟାଂଶୀ ପଧାନ ଓ ହୋତିଶ୍ରୀ ପଧାନ ଯୁଗ୍ମ ତୃତୀୟ ହୋଇଥିଲେ। ଗୀତରେ ମୁକ୍ତିମୟୀ ମିଶ୍ର, ଅଂଶିତା ମିଶ୍ର ଓ ସଂସ୍କାର ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହେଶ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ରାଜକିଶୋର ମିଶ୍ର, ହରିଶଙ୍କର ବାରିକ ଓ ସାନନ୍ଦ ତ୍ରିପାଠୀ ବିଚାରକ ଓ ଅତିଥିଭାବେ ଯୋଗଦେଇଥିଲେ । ପରେ କୁନିକୁନି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଶ୍ମୀରଞ୍ଜନ ପଧାନ, ଦେବ ପଣ୍ଡା ଓ ବଇ ମହାକୁର ସହଯୋଗ କରିଥିଲେ ।

### ଚାନ୍ଦେଲ ଜଙ୍ଗଲରେ ଛଡ଼ାଗଲ ଉଦ୍ଧାର ସାପ

ନୂଆପଡ଼ା ଅଫିସ,୧୬।୯: ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ କେନ୍ଦୁଭଟା ଗାଁର କିର୍ତ୍ତି ବିଭାରଙ୍କ ଘରୁ ଏକ ସାପକୁ ଉଦ୍ଧାର କରାଯାଇଛି। ପରେ ଉଦ୍ଧାର ସାପକୁ ପାଖ ଚାନ୍ଦେଲ ପାହାଡରେ ଛାଡି ଦିଆଯାଇଛି। ଲଘୁଚାପଜନିତ ଲଗାଣ ବର୍ଷାରେ ସବୁସ୍ଥାନରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ଭୟରେ ଜୀବଜନ୍ତୁ ଗାଁମୁହାଁ ହେଉଥିବା ଅନୁମାନ କରାଯାଉଛି। ବୁଧବାର ରାତିରେ କିର୍ତ୍ତିଙ୍କ ଘରେ ଏକ ସାପ ପଶି ଯାଇଥିଲା। ସାପକୁ ଦେଖି ପରିବାର ଲୋକେ ଭୟଭିତ ହୋଇ ପଡିଥିଲେ। ଖବର ପାଇ ଗାଁର ସାପ ଧରାଳି ନୀରଞ୍ଜନ ନାଗ ଆସି ବିଶଧର ସାପ ଉଦ୍ଧାର କରି ପାଖରେ ଥିବା ଚାନ୍ଦେଲ ପାହାଡରେ ନେଇ ଛାଡି ଦେଇଛନ୍ତି ।

### ଭାରତ ବନ୍ଦ ଡାକରାକୁ ସମର୍ଥନ କରିବ ଏଆଇଏସ୍‌ଏଫ୍

ଜୁନାଗଡ,୧୬।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ସାପ୍ତାହିକ ବଜାରଠାରେ ଗୁରୁବାର ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ୍) କଳାହାଣ୍ଡି ଜିଲା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୨୭ ତାରିଖ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ଏଆଇଏସଏଫ୍ କଳାହାଣ୍ଡି ଜିଲା ପରିଷଦ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରିବ ବୋଲି ଜଣାଯାଇଥିଲା। ବୈଠକରେ ଜିଲା ସଭାପତି ଜଗଦିଶ ଦୁର୍ଗା, ସମ୍ପାଦକ ରାଜାରାମ ଡଙ୍ଗରୀ, ପ୍ରଦ୍ୟୁମ୍ନ ସୁନାନୀ, ଦେବାଶିଷ କର, ମହେଶ ନିଆଲ, ଦିଗାମ୍ବର ସୁନାନୀ, ମହେନ୍ଦ୍ର ଡଙ୍ଗରୀ ପ୍ରମୁଖ ଯୋଗଦେଇଥିଲେ।

# ୬ ଦିନ ବିତିଲା, ହତ୍ୟାକାରୀ ଗିରଫ ହେଲେନି

ବଲାଙ୍ଗୀର ଅଫିସ,୧୬।୯



ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ଥାନା ଘେରାଉ ପାଇଁ ଶୋଭାଯାତ୍ରାରେ ମହିଳା ଓ ଜନସାଧାରଣ ଯାଉଛନ୍ତି।

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଜମିଦାରପଡା ନିବାସୀ ପ୍ରତିଷ୍ଠିତ ବ୍ୟବସାୟୀ ବିନୋଦ ଜୈନଙ୍କ ସ୍ତ୍ରୀ ମଞ୍ଜୁଦେବୀ ଜୈନଙ୍କୁ ଗତ ୧୧ ତାରିଖ ନୂଆଁଖାଇ ଦିନଦ୍ୱିପହରରେ କେଉଁଜଣେ ବ୍ୟକ୍ତି ତାଙ୍କ ଘରେ ପଶି ହତ୍ୟା କରିଥିଲେ। ଏହି ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରିନାହିଁ। ଏହି ହତ୍ୟାକାଣ୍ଡରେ ପୋଲିସ ବିଫଳତା ଏବଂ ବଙ୍ଗୋମୁଣ୍ଡା, ସିନ୍ଧେକେଲା ଓ କଣ୍ଟାବାଞ୍ଜି ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି, ଡକାୟତି ଏବଂ ନାରୀ ନିର୍ଯାତନା ପ୍ରତିବାଦରେ ଗୁରୁବାର ବଙ୍ଗୋମୁଣ୍ଡା ଥାନା ଘେରାଉ କରାଯାଇଥିଲା। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଶତାଧିକ ମହିଳା, ଜନସାଧାରଣ ଓ କଂଗ୍ରେସ କର୍ମୀ ବଙ୍ଗୋମୁଣ୍ଡା ଗୋଲେଇ ଛକରୁ ବଙ୍ଗୋମୁଣ୍ଡା ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାବେଳେ ପୋଲିସ ଓ ସରକାର ବିରୋଧୀ ସ୍ଲୋଗାନ ଦିଆଯାଇଥିଲା। ଥାନା ସମ୍ମୁଖରେ ପୋଲିସ ନିଷ୍କ୍ରିୟତା ଏବଂ ଅସାମାଜିକ ବ୍ୟକ୍ତିଙ୍କ ସହ ପୋଲିସର ସମ୍ପର୍କକୁ ନେଇ ବିଧାୟକ ତୀବ୍ର ସମାଲୋଚନା କରିଥିଲେ। ଦିନ ଦ୍ୱିପ୍ରପହରରେ ଜଣେ ବ୍ୟବସାୟୀଙ୍କ ଘର ପଶି ତାଙ୍କ ସ୍ତ୍ରୀକୁ ହତ୍ୟା କରିବାର ୬ ଦିନ ବିତିଯାଇଥିଲେ ମଧ୍ୟ ହତ୍ୟାକାରୀଙ୍କ ସମ୍ପର୍କରେ ସୁରାକ୍ ନ ମିଳିବା ପୋଲିସର ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ଦିନକୁ ଦିନ ବଙ୍ଗୋମୁଣ୍ଡା, ସିନ୍ଧେକେଲା ଏବଂ କଣ୍ଟାବାଞ୍ଜି ଅଞ୍ଚଳ ଅସାମାଜିକ ଲୋକଙ୍କ ଆଖଡ଼ାସ୍ଥଳୀ ପାଲଟିଲାଣି ବୋଲି ଅଭିଯୋଗ କରିଥିଲେ। କିଛିଦିନ ପୂର୍ବରୁ ସିନ୍ଧେକେଲାର ଜଣେ ବ୍ୟବସାୟୀଙ୍କ ଘରୁ ଚୋରି ହୋଇଥିଲା। ପ୍ରାୟ ପ୍ରତିଦିନ ଛୋଟବଡ ଆପରାଧିକ ଘଟଣା ଘଟୁଛି। ଚୋରି ଓ ଡକାୟତି ବଢ଼ିଛି। ବିଶେଷକରି ନାରୀ ନିର୍ଯାତନା ବଢ଼ିଛି ଓ ନାରୀମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ପୋଲିସକୁ ଜନସାଧାରଣଙ୍କ ପୋଲିସ ବୋଲି କହୁଛନ୍ତି। ତେବେ ଏହି ଅଞ୍ଚଳର ଜନସାଧାରଣ ସ୍ଥାନୀୟ ପୋଲିସକୁ ଚୋର ଡକାୟତଙ୍କ ପୋଲିସ ବୋଲି କହିଲେଣି। ଏକଥାରୁ ପୋଲିସ-ଅପରାଧି ସମ୍ପର୍କ ସ୍ପଷ୍ଟ ହୋଇଯାଉଛି ବୋଲି କହିଥିଲେ। ହତ୍ୟାକାରୀଙ୍କୁ ଧରିବା ପାଇଁ ଗତ ୩ ଦିନ ହେଲା ବଲାଙ୍ଗୀର ଏସପି କଣ୍ଟାବାଞ୍ଜିରେ କ୍ୟାମ୍ପ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଆଗାମୀ ୧୫ ଦିନ ମଧ୍ୟରେ ମଞ୍ଜୁଦେବୀ ଜୈନଙ୍କ ହତ୍ୟାକାରୀଙ୍କୁ ଗିରଫ ନକଲେ ଗଣତାନ୍ତ୍ରିକ ଆନ୍ଦୋଳନ ଆଇନ ଅମାନ୍ୟ ଆନ୍ଦୋଳନରେ ରୂପାନ୍ତରିତ ହେବ ଓ ଏଥିପାଇଁ ପୋଲିସ ବିଭାଗ ଓ ସରକାର ଦାୟୀ ରହିବେ ବୋଲି ବିଧାୟକ ସାଲୁଜା ଚେତାବନୀ ଦେଇଥିଲେ। ବହୁ ମହିଳା ନାରୀ ଅସୁରକ୍ଷା ପ୍ରସଙ୍ଗକୁ ନେଇ ଥାନା ସମ୍ମୁଖରେ ପୋଲିସକୁ କଡା ସମାଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ଘରେ ପଶି ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ହତ୍ୟା ଘଟଣା**
- ବିଧାୟକଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ଥାନା ଘେରାଉ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ବଢୁଛି ଚୋରି, ଡକାୟତି, ନାରୀ ନିର୍ଯାତନା
- ଅସାମାଜିକ ତତ୍ତ୍ୱ-ପୋଲିସ ସମ୍ପର୍କକୁ ନେଇ କଡା ସମାଲୋଚନା

# ମିଳିନି ମଜୁରି, ଉପଜିଲାପାଳଙ୍କୁ ଫେରାଦ

ଟିଟିଲାଗଡ଼, ୧୬।୯ (ଡି.ଏନ.ଏ.)

ସଇଁତଲା ଏବଂ ଟିଟିଲାଗଡ ବ୍ଲକର ୨୩ ଜଣ ଶ୍ରମିକ ବଲାଙ୍ଗୀର ରିଜର୍ଭ ପୋଲିସ ପଡିଆରେ ଓଭ୍ରାଫ କୋଠା ନିର୍ମାଣ କାମରେ ନିୟୋଜିତ ହୋଇଥିଲେ । ହେଲେ ଠିକାଦାର ଶ୍ରମିକଙ୍କ ଲକ୍ଷାଧିକ ଟଙ୍କାର ପାଉଣା ପ୍ରଦାନ କରୁନାହାନ୍ତି। ପାଉଣା ମାଗିଲେ ଚୋରି ଅଭିଯୋଗରେ ଥାନାରେ ଫସେଇ ଦେବେ ବୋଲି ଓଲଟି ଧମକ ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ଶ୍ରମିକମାନେ ଜିଲା ଆଇଏନଟିୟୁସି ସମ୍ପାଦକ ଜୟସିଂ ତାଣ୍ଡି, ଟିଟିଲାଗଡ ନଗର ସଂଘ ସଭାପତି ଅଭି ବାଗଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଉପଜିଜିଲାପାଳଙ୍କ ବ୍ୟସ୍ତତା ଯୋଗୁ ସେମାନେ ସହାୟକ ଜିଲାପାଳ ଡ. ଲଳିତ ବାଗ ଏବଂ ଟିଟିଲାଗଡ ଗ୍ରାମ୍ୟ ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଲାଙ୍ଗୀର ରିଜର୍ଭ ପୋଲିସ ପଡିଆରେ ଉଚ୍ଚ ପାଚେରି ତଥା ଗେଟ ରହିଛି। ପୋଲିସ ବାରାକରେ ଶହ ଶହ ପୋଲିସ ଯବାନ ରହୁଛନ୍ତି। ଏହି ପରିସ୍ଥିତିରେ ଆମ ଟଙ୍କା ତଞ୍ଚତା କରି ଠକି ନେବାକୁ ଠିକାଦାର ଚୋରି ଅଭିଯୋଗରେ ଗିରଫ କରିବାକୁ ଧମକ ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏ ନେଇ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପଚାରିବାରୁ ଖୁବଶୀଘ୍ର ତଦନ୍ତ ସହ ସମସ୍ତ ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଶ୍ରମିକଙ୍କ ପାଉଣା ପ୍ରଦାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ଆଇଏନଟିୟୁସି ସଭାପତି କୃଷ୍ଣଚନ୍ଦ୍ର ସାହୁ ଚେତାବନୀ ଦେଇଛନ୍ତି।


ଟିଟିଲାଗଡ ଗ୍ରାମ ଶ୍ରମ ନିରୀକ୍ଷକଙ୍କୁ ଶ୍ରମିକ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ନେଇ ଓଏସ୍ଆର୍‌ଟିସି ଅଧ୍ୟକ୍ଷଙ୍କ ସହ ଆଲୋଚନା

ବଲାଙ୍ଗୀର ଅଫିସ, ୧୬।୯

ବଲାଙ୍ଗୀର ଘରୋଇ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରଣ ନେଇ ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ଜିଲା ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଗୁରୁବାର ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ କୁମାର ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ବସଷ୍ଟାଣ୍ଡର ସ୍ଥାନାନ୍ତରଣ ନେଇ ଆଲୋଚନା କରିବା ସହ ଯାତ୍ରୀମାନଙ୍କ ସୁବ୍ୟବସ୍ଥା ପାଇଁ ୯ ଦଫା ଦାବି ପୁନଃ ଉପସ୍ଥାପନ କରିଥିଲେ। ଗତ ୨୦୧୬ ମସିହାରେ ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ଏକ ଟିମ ତତ୍କାଳୀନ ପରିବହନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କୁ ସାକ୍ଷାତ କରି ବଲାଙ୍ଗୀରରେ ବସ୍ ଟର୍ମିନାଲ ପାଇଁ ଦାବି କରିଥିଲେ। ପରେ ତତ୍କାଳୀନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ଓ ତତ୍କାଳୀନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ବସ ମାଲିକ ସଂଘ ଏବଂ ଜିଲାପାଳଙ୍କ ସହିତ ଆଲୋଚନା ପରେ ୨୦୧୭ରେ ବସ୍ ଟର୍ମିନାଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ୨୨ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବଲାଙ୍ଗୀର ବସ୍ ଟର୍ମିନାଲ ଲୋକାର୍ପିତ ହେବା କାର୍ଯ୍ୟକ୍ରମ ରହିଛି। ଉକ୍ତ ମେଗା ପ୍ରକଳ୍ପକୁ ଅନୁମୋଦନ କରିଥିବାରୁ ବଲାଙ୍ଗୀର ବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ପ୍ରତିନିଧି ଦଳରେ ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା, ସମ୍ପାଦକ ପ୍ରଦ୍ୟୁତ ମିଶ୍ର, କୋଷାଧ୍ୟକ୍ଷ ଶିବଶଙ୍କର ପଟେଲ, ଡମ୍ବରୁଧର ଆଚାର୍ଯ୍ୟ, ଦେବଦତ୍ତ ବେହେରା ପ୍ରମୁଖ ସାମିଲ ଥିଲେ।

# ଓଜୋନସ୍ତର ଜୀବଜଗତର ରକ୍ଷାକବଚ


ବିଶ୍ୱ ଓଜୋନ ଦିବସ ପାଳନ ଅବସରରେ ମଞ୍ଚାସୀନ ଶିକ୍ଷୟିତ୍ରୀ ଶିକ୍ଷକ।

ବଲାଙ୍ଗୀର ଅଫିସ, ୧୬।୯

**ବିଲେଇସର୍ଡା ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ ପାଳିତ**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ସବୁଜିମା ଇକୋ କ୍ଲବ ପକ୍ଷରୁ ଗୁରୁବାର ବିଶ୍ୱ ଓଜୋନ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଚଳିତ ବର୍ଷର ସ୍ଲୋଗାନ ମଣ୍ଟ୍ରିଲ ପ୍ରୋଟୋକଲ- କିପିଙ୍ଗ ଅସ୍, ଆୱାର ଫୁଡ୍ ଏଣ୍ଡ ଭ୍ୟାକ୍‌ସିନ କୁଲ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଣ୍ଟ୍ରିଲ ପ୍ରୋଟୋକଲ ନଥିଲେ ଆଜି ବାୟୁମଣ୍ଡଳର ତାପମାତ୍ରା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି କହିଥିଲେ । ଓଜୋନସ୍ତର ଜୀବଜଗତର ଜୀବନ ରକ୍ଷାକାରୀ କବଚ। ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଇକୋ କ୍ଲବ ଇନଚାର୍ଜ ରଞ୍ଜିତ ମିଶ୍ର ନିଜେ ସଚେତନ ରହି ଅନ୍ୟକୁ ସଚେତନ କରିବା ବୋଲି କହିବା ସହ ଓଜୋନ ବିନା ଜୀବନ ଅସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରଞ୍ଜିତ ମିଶ୍ର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ନନ୍ଦ ଧନ୍ୟବାଦ ଦେଇଥିଲେ। ଶେଷରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଛାତ୍ରୀ ସୁଚିତ୍ର ଷଡଙ୍ଗୀ, ପୂଜା ରଣା, ଇସ୍ତର ରାଣୀ ସୁନା, ସୁନିତା ସେଠ, ମିଳନ ତ୍ରିପାଠୀ, ଶିବ ବାରିକ, ସୁମନ ପାଣିଗ୍ରାହୀ, ଲୋକନାଥ ବିଶ୍ୱାଳ ପୁରସ୍କୃତ ହୋଇଥିଲେ।

# ୧୬ଦିନରେ ପହଞ୍ଚିଲା ଚିନିକଳ ପୁନଃଚାଲୁ ଦାବି ଧାରଣା

- ପହଞ୍ଚିଲେନି ପ୍ରଶାସନିକ ଅଧିକାରୀ
- ଆଖୁଚାଷୀ ସମାବେଶ ପାଇଁ ସଜବାଜ

ଦେଓଗାଁ,୧୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲିରେ ବନ୍ଦପଡିଥିବା ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ ପାଇଁ ଚଳିତ ମାସ ୧ ତାରିଖରୁ ଭିଲେଜର୍ସ ଇଣ୍ଡିଆପାର୍ଟି, ପଶ୍ଚିମ ଓଡିଶା ସେବାସଂଘ, ଚିନିକଳ କର୍ମଚାରୀ ସଂଘ ପକ୍ଷରୁ ଅନିଶ୍ଚିତକାଳୀନ ଧାରଣା ଜାରି ରହିଛି। ହେଲେ ଅଦ୍ୟାବଧି ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି। ଏହାକୁ ନେଇ ଆନ୍ଦୋଳନକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବନ୍ଦ ପଡି ଥିବାରୁ ବଲାଙ୍ଗୀର ତଥା ଆଖପାଖ ଜିଲାର ଆଖୁଚାଷୀ, କର୍ମଚାରୀ ବେରୋଜଗାର ହୋଇଛନ୍ତି । ଏହାକୁ ଆଖିଆଗରେ ରଖି ଆସନ୍ତା ୩୦ ତାରିଖରେ ଜିଲାର ସମସ୍ତ ଆଖୁଚାଷୀଙ୍କୁ ନେଇ ଏକ ସମାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଭିଲେଜର୍ସ ଇଣ୍ଡିଆପାର୍ଟି ଅଧ୍ୟକ୍ଷ ଡ. ବିପିନ କୁଶୁଲିଆଙ୍କ କହିବାନୁସାରେ ଆଖୁଚାଷୀ ସମାବେଶ ପାଇଁ ୧୯ ତାରିଖରେ ଅଞ୍ଚଳର ବୁଦ୍ଧିଜୀବୀ, ଚିନିକଳ କର୍ମଚାରୀ, ସ୍ଥାନୀୟ ନେତୃମଣ୍ଡଳୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କରାଯିବ। ଅଞ୍ଚଳବାସୀ ଦଳମତ ନିର୍ବିଶେଷରେ ଏଥିରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ତାଳପାଲି ଚର୍ଚ୍ଚର ବାର୍ଷିକ ଉତ୍ସବ



ତାଳପାଲି ଚର୍ଚ୍ଚରେ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେଓଗାଁ,୧୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତାଲପାଲି ଚର୍ଚ୍ଚର ପଞ୍ଚବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ରାଜୁ ଦୀପଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ସୁଶୀଲ କୁମାର ଚାନ୍ଦ, ସାମାଜିକ କର୍ମୀ ଡ.ଯନସନ ନାଗ, ଆଚାର୍ଯ୍ୟ ଇମ୍ମାନୟେଲ ଦାନି, ବିଜେଡି ମହିଳା ଜିଲା ସମ୍ପାଦିକା ରିବିକା ବେହେରା, ବିଜୁ ଯୁବ ଜନତାଦଳ ସମ୍ପାଦକ ଜଗନ୍ନାଥ ତାଣ୍ଡି, ଯୁବନେତା ରାଜୁ ବାଗ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବଲାଙ୍ଗୀର ଆଦର୍ଶପଡା ମଣ୍ଡଳୀ ନେତୃବୃନ୍ଦ ଓ ତାଲପାଲି ଚର୍ଚ୍ଚର କର୍ମକର୍ତ୍ତା ସହଯୋଗ କରିଥିଲେ। ବିଶ୍ୱବାଣୀ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ପାଳନ ଅବସରରେ ଜିଲା ସ୍ତରୀୟ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।

# ଅଭିଯୋଗକାରୀଙ୍କୁ ଥାନାରେ ପୋଲିସର ମାରପିଟ

ନୂଆପଡ଼ା ଅଫିସ,୧୬।୯



**ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ**

ଅଭିଯୁକ୍ତଙ୍କୁ ନ ଧରି ଅଭିଯୋଗକାରୀଙ୍କୁ ୨ ଦିନ ଥାନାରେ ଅଟକ ରଖି ମାଡ ମରାଯାଇଛି। ନୂଆପଡା ଜିଲା କୋମନା ଥାନା ପୋଲିସ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଏ ନେଇ ଅଭିଯୋଗକାରୀ ବୁଧବାର ନୂଆପଡା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିଲେ। ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନିଲ କୁମାର ଆଚାର୍ଯ୍ୟଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସୂଚନା ଯେ, କୋମନା ଥାନା ବିଲେଇଜୋର ଗାଁର ଝାଙ୍କରୀପଡାର ଡାଳିମ୍ବ ନାଗ ଅଭିଯୋଗ କରିଛନ୍ତି ଯେ, ଗତ ରବିବାର ତାଙ୍କ ଗ୍ରାମର କେତେଜଣ ବ୍ୟକ୍ତି ନିଶସକ୍ତ ଅବସ୍ଥାରେ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। କାହିଁକି ଗାଳି କରୁଛ ବୋଲି ସେ କହିବାରୁ ତାଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରିବା ସହିତ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହା ଦେଖି ତାଙ୍କ ସ୍ୱାମୀ ଧରମସିଂ ବିରୋଧ କରିବାରୁ ତାଙ୍କୁ ଓ ପରିବାର ଅନ୍ୟମାନଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ କୋମନା ଥାନାରେ ଦୁଇ ସବ୍‌ଇନ୍ସପେକ୍ଟର ଅଭିଯୁକ୍ତଙ୍କ ଗିରଫ କରିବା ପରିବର୍ତ୍ତେ ଅଭିଯୋଗକାରୀମାନଙ୍କୁ ଅଟକ ରଖି ମାଡପିଟ କରିଥିଲେ। ୨ଦିନ ଥାନାରେ ଅଟକ ରଖିବା ପରେ ଅଭିଯୋଗକାରୀଙ୍କୁ ଛାଡିଥିଲେ। କିନ୍ତୁ ଏଯାଏଁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ।

# ନୂଆଁଖାଇ ଭେଟ୍‌ଘାଟ୍‌ରେ କଳାକାର ସମ୍ମାନିତ

ନୂଆପଡ଼ା ଅଫିସ,୧୬।୯


ନୂଆପଡା ଜିଲା କୋମନା ପାଇକପଡାସ୍ଥିତ ମା' ସମଲେଶ୍ୱରୀ କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନ ଏବଂ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସୁନିଲ ସରାଫଙ୍କ ସଭାପତିତ୍ୱରେ ମାୟାଧର ସରାଫ ମୁଖ୍ୟଅତିଥି, ସମଲେଶ୍ୱରୀ ମନ୍ଦିର ପୂଜକ ସିଆରାମ ପୂଝାରୀ, ନାଟ୍ୟକାର କୁମୁଦ ସିଂ ମଲ୍ଲିକ, କୁଞ୍ଜୀ ରାଉତ, ବ୍ରଜ ମୋହନ ଦଳପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟକାର କୁମୁଦ ସିଂ ମଲ୍ଲିକ, ବାଦ୍ୟକାର ଅମରନାଥ ନାଏକ, ବାଦ୍ୟକାର ପ୍ରମାନନ୍ଦ ନାଏକ, କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ମଲ୍ଲିକ, କାର୍ତ୍ତିକ ନାଏକ, ଚିତ୍ରକର ଗୌରାଙ୍ଗ ମଲ୍ଲିକ, ମକୁନ୍ଦ ନାଏକ, ଅଭିନେତା ଚିତ୍ତ ସରାଫ ପ୍ରମୁଖଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ମନୋଜ ମୋହନ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।


କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

# ବିଡିଓଙ୍କ ଆବର୍ଜନା ସଫେଇ ନିର୍ଦ୍ଦେଶ

ଲୋଇସିଂହା,୧୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମୁଖ୍ୟାଳୟ ସଦର ଗାଁରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାପରେ ବିଡିଓ ରାମଚନ୍ଦ୍ର ଖାଡିଆ ଚିଠିସଂଖ୍ୟା ୩୪୯୩/ତା ୧୬।୯।୨୧ରିଖରେ ଲୋଇସିଂହାର ବିଭିନ୍ନ ରାସ୍ତାଘାଟରେ ପଡିଥିବା ଆବର୍ଜନାକୁ ହଟାଇବାକୁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୮ ତାରିଖ ସୁଦ୍ଧା ଅଳିଆ ଆବର୍ଜନା ହଟାଇ ସମ୍ପୃକ୍ତ ଅଞ୍ଚଳକୁ ସଫାସୁତରା ରଖିବାକୁ କୁହାଯାଇଛି। ସମସ୍ୟାର ସ୍ଥାୟୀ ସମାଧନ ପାଇଁ ଏକ ଡମ୍ପିୟାର୍ଡ ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି । ଏଥିସହ ଉକ୍ତ ଚିଠିରେ ବିଭିନ୍ନ ରାସ୍ତାଘାଟରେ ପଡିଥିବା କୁଢକୁଢ ଅଳିଆ ଆବର୍ଜନା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସଂକ୍ରମଣ ବଢାଇବାରେ ସହାୟକ ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। ପଞ୍ଚାୟତିରାଜ ବିଭାଗ ସିଏଫସି ପାଣ୍ଠିରୁ ସଫେଇ କରିବାକୁ ନିର୍ଦ୍ଦେଶାବଳୀ ରହିଛି। ହେଲେ ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବିଡିଓ ଖାଡିଆ କହିଛନ୍ତି। ଏହି ସମସ୍ୟାକୁ ଗୁରୁତର ଭାବେ ନେଇ ଆବର୍ଜନା ହଟାଇବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସେ କହିଛନ୍ତି। ଲୋଇସିଂହାର ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଜନସାଧାରଣଙ୍କ ସମେତ ବ୍ଲକ ସାମ୍ବାଦିକ ସଂଘ ଚିନ୍ତାପ୍ରକଟ କରି ଥାନାଧିକାରୀ, ତହସିଲଦାର, ବିଡିଓ ଓ ସ୍ଥାନୀୟ ସରପଞ୍ଚଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା।


ଲୋଇସିଂହା ବସ୍ତିରେ ଗଦା ହୋଇ ରହିଥିବା ଆବର୍ଜନା।

- ଦାୟିତ୍ୱ ନେବେ ପଞ୍ଚାୟତ କର୍ତ୍ତୃପକ୍ଷ
- ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଡମ୍ପିଂୟାର୍ଡ ନିର୍ମାଣ ହେବ
- ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଯୋଗାଯୋଗ କର

## ୧୧ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରି ବୃଦ୍ଧ ଗିରଫ

ବୌଦ୍ଧ,(ସ୍ୱ.ପ୍ର.): ୧୧ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ଜଣେ ବୃଦ୍ଧ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ବୌଦ୍ଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ଏକ ଗ୍ରାମର ସମ୍ପୃକ୍ତ ନାବାଳିକା ଝାଡା ଯାଇ ଫେରୁଥିବା ବେଳେ ସେହି ଗ୍ରାମର ଶେଷ ଦେହୁରୀ(୫୫) ତାଙ୍କୁ ଘର ଭିତରକୁ ଟାଣି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଣସି ମତେ ଖସି ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ପୋଲିସ ନଂ୨୨୭/୨୧ରେ ମାମଲା ରୁଜୁ କରିଛି। ଶୁକ୍ରବାର ଦିନ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡିଛି।

## ଦୁଇ ମାସ ପରେ ରାଜସ୍ଥାନରୁ ନାବାଳିକା ଉଦ୍ଧାର: ୪ ଅଭିଯୁକ୍ତ ଗିରଫ

ବୌଦ୍ଧ,୧୬।୯(ସ୍ୱ.ପ୍ର.)

୨ ମାସ ତଳୁ ନିଖୋଜ ଥିବା ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ସମାପାଲୁ ଗ୍ରାମର ଆଦିବାସୀ ସଂପ୍ରଦାୟର ଜଣେ ନାବାଳିକାଙ୍କୁ ପୋଲିସ ଗତ ୧୪ ତାରିଖ ଦିନ ରାଜସ୍ଥାନରୁ ଉଦ୍ଧାର କରିଛି । ଏହି ମାମଲାରେ ପଦ୍ମା କହଁର, ସୁଦାମ କହଁର, ରୁପା କହଁର ଓ ମନୀଷ ନାଗରଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଏସଆଇ ତପନ ସ୍ୱାଇଁ ପ୍ରକାଶ କରିଛନ୍ତି। ନାବାଳିକା ଜଣକ ମାଆ ବାପାଙ୍କ ଦେହାନ୍ତ ପରେ ମାମୁଁ ଘରେ ଆଈ ପାଖରେ ରହି ଆସୁଥିଲେ । ଗତ ଜୁଲାଇ ୬ ତାରିଖ ଦିନ ଗ୍ରାମର କିଛି ପଡୋଶୀଙ୍କ ସହିତ ଆମ୍ୱଝରୀ ଗ୍ରାମ ପଞ୍ଚାୟତର ପାବୁଲିପଡା ଗ୍ରାମକୁ ଭୋଜି ଖାଇବାକୁ ଯାଇ ନିଖୋଜ ଥିଲେ। ଏ ନେଇ ଆମ୍ୱଝରୀ ଗ୍ରାମ ପଞ୍ଚାୟତ ବବଡା ଗ୍ରାମରେ ରହୁଥିବା ନାବାଳିକାଙ୍କ କାକା ରାଧାକାନ୍ତ କହଁର ଘଟଣାର ୨୦ ଦିନ ପରେ ଗତ ଜୁଲାଇ ୨୬ ତାରିଖ ଦିନ ବଘିଆପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ ଘଟଣାକୁ ଦୁଇ ମାସ ବିତିବାକୁ ବସିଥିବା ବେଳେ ନାବାଳିକାଙ୍କ ସନ୍ଧାନ ମିଳି ନ ଥିଲା। ଫଳରେ ନ୍ୟାୟ ପାଇଁ ନାବାଳିକାଙ୍କ କାକା ରାଧାକାନ୍ତ ଓ ଆଈ ଗତ ୩ ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ବୀରମହାରାଜପୁର ଅଞ୍ଚଳରେ ସେକ୍ସ ର୍ୟାକେଟ

### ୨ ଦେହଜୀବୀ ଉଦ୍ଧାର, ସ୍ଥାନୀୟ ଅଞ୍ଚଳର ୨ ଯୁବକ ଗିରଫ



ଅମରପାଲି,୧୬।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ପୋଲିସ ଏକ ସେକ୍ସ ର୍ୟାକେଟ ଠାବ କରିଛି। ଏହି ର୍ୟାକେଟରେ ସମ୍ପୃକ୍ତ ଦୁଇ ଜଣ ଦେହଜୀବୀଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଦୁଇଜଣ ଗ୍ରାହକଙ୍କୁ ପୋଲିସ ଗିରଫ କରିଛି। ଦୁଇ ଦେହଜୀବୀ ସୋନପୁରର ଜଣେ ଦଲାଲଙ୍କ ମାଧ୍ୟମରେ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ର୍ୟାକେଟର ପିଛା କରିଥିଲା। ସେମାନେ ଧର୍ମଶାଳା ଅଞ୍ଚଳରୁ ବୀରମହାରାଜପୁର ଅଞ୍ଚଳକୁ ଆସୁଥିବା ବେଳେ ବୀରମହାରାଜପୁର ଥାନା ଏସଆଇ ସୁଦର୍ଶନ ଦେହୁରୀ ଓ ବିଜୟ ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ସେମାନଙ୍କୁ ଧରିଥିଲା। ଭୁବନେଶ୍ୱର ଅଞ୍ଚଳରୁ ଦେହ ବେପାର ପାଇଁ ଆସିଥିବା ଦୁଇଜଣ ଦେହଜୀବୀଙ୍କ ସହ ସୁବଳୟାର ସୁରେଶ ମେହେର ଓ ବୀରମହାରାଜପୁର ଥାନା ଅନ୍ତର୍ଗତ ଭଜବଲପୁର ଗ୍ରାମର ଦୀପକ ମିଶ୍ର ନାମକ ଦୁଇଜଣ ଗ୍ରାହକଙ୍କୁ ପୋଲିସ ଧରିଥିଲା। ଏମାନଙ୍କ ବ୍ୟତୀତ ଏହି ର୍ୟାକେଟରେ ଆହୁରି ୮ରୁ ୯ଜଣ ଯୁବକ ସମ୍ପୃକ୍ତ ଥିବା କୁହାଯାଉଛି। ଉକ୍ତ ଘଟଣା ବୀରମହାରାଜପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଦେହଜୀବୀଙ୍କ ସହ ଗ୍ରାହକଙ୍କୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୧୮୮/୨୧)ରୁଜୁ କରାଯାଇଛି। ଶୁକ୍ରବାର ଦୁଇ ଗ୍ରାହକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ ପ୍ରକାଶ କରିଛନ୍ତି। ସେକ୍ସ ର୍ୟାକେଟରେ ଆଉ କିଏ ଥିଲେ ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୀରମହାରାଜପୁର ଅଞ୍ଚଳରେ ଦୀର୍ଘଦିନ ହେଲା ଭୁବନେଶ୍ୱର, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ବ୍ରହ୍ମପୁର, ସମ୍ବଲପୁର ସମେତ କୋଲକତା, ରାୟପୁର ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ଦେହଜୀବୀଙ୍କୁ ଆଣି ଏଠାରେ ଦେହ ବ୍ୟବସାୟ ହେଉଥିବା ଅଭିଯୋଗ ହେଉଥିଲା। ବୀରମହାରାଜପୁର ଅଞ୍ଚଳରେ କେତେକ ଦଲାଲ ଉକ୍ତ ର୍ୟାକେଟକୁ ଚଳାଉଥିବା କୁହାଯାଉଛି।

# ଦଣ୍ଡନୃତ୍ୟର ପୁନରୁଦ୍ଧାର, କଳାକାରଙ୍କୁ ଭତ୍ତା ଦାବି

ସୋନପୁର,୧୬।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଦଣ୍ଡ ଲୋକନୃତ୍ୟ କଳାକାର ସଂଘ ପକ୍ଷରୁ ଗୁରୁବାର ସୋନପୁରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ କଳାକାର ବ୍ଲକ ଛକଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୭ଦଫା ଦାବି ପୂରଣ ପାଇଁ ପାରମ୍ପରିକ ଦଣ୍ଡନୃତ୍ୟ କଳାକାରମାନେ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଲୋପ ପାଇବାକୁ ବସିଥିବା ଏହି ପାରମ୍ପରିକ ଲୋକକଳାକୁ ସ୍ଥାନୀୟ କଳାକାର ବହୁ କଷ୍ଟରେ ବଞ୍ଚାଇ ରଖିଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ କଳାକାରଙ୍କୁ କୌଣସି ପ୍ରୋତ୍ସାହନ ଯୋଗାଇ ଦିଆଯାଉନି। ତେଣୁ ଦଣ୍ଡନୃତ୍ୟ କଳାକାରଙ୍କୁ ଚିହ୍ନଟ କରାଯାଇ କଳାକାର ଭତ୍ତା ପ୍ରଦାନ ପାଇଁ ସଂଘ ଦାବି କରିଛି। ସେହିପରି ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର, ସାଂସ୍କୃତିକ ମହୋତ୍ସବରେ ଦଣ୍ଡନୃତ୍ୟ କଳାକାରଙ୍କୁ ସାମିଲ କରିବା ପାଇଁ ଦାବି ହୋଇଛି। ସଂଘ ସଭାପତି କର୍ଣ୍ଣରାଜ ପ୍ରଧାନଙ୍କ ନେତୃତ୍ୱରେ ଉପଦେଷ୍ଟା ଗୋବିନ୍ଦ ମହାରଣା, ମନୋଜ ପାତ୍ର, ସୁଦାମ ସାହୁ, ସୁରଥ ବଢିଆ, ଶତ୍ରୁଘ୍ନ ମେହେର, ସଂଗ୍ରାମ ସିଂ ଓ ସଙ୍ଗୀତା ବାଗଙ୍କ ସମେତ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଶତାଧିକ କଳାକାର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ୮୫ କିଲୋ ଗଞ୍ଜେଇ ସହ ଦୁଇ କାର ଜବତ

ବୌଦ୍ଧ,୧୬।୯(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ଓ କାରବାର ଥମିବାର ନାଁ ନେଉନି। ଗତ ତିନି ଦିନ ଭିତରେ ୮୫ କିଲୋ ଗଞ୍ଜେଇ ଜବତ ହେବା ସହ ଦୁଇଟି କାର ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗତ ୧୩ ତାରିଖ ଦିନ ବଘିଆପଡା ପଟରୁ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବୌଦ୍ଧ ଥାନା ପକ୍ଷରୁ ସବ୍ ଇନ୍ସପେକ୍ଟର ରାମ ସୁବ୍ରମଣ୍ୟମ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ରାସ୍ତାରେ ଜଗି ରହିଥିଲେ। ଏହି ସମୟରେ ବଘିଆପଡା ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ କାରକୁ ଦେଖି ଅଟକାଇବା ପରେ ଗାଡି ଚାଳକ ଓ ଅନ୍ୟ ଦୁଇଜଣ ପୋଲିସକୁ ଦେଖି ଗାଡି ଛାଡିଫେରାର ହୋଇ ଯାଇଥିଲେ। ଗାଡିକୁ ଯାଞ୍ଚ କରାଯିବା ପରେ ସେଥିରୁ ଏକ ଜରି ବସ୍ତାରେ ଭର୍ତ୍ତି ହୋଇଥିବା ୩୫ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଫେରାର ହେବାରେ ସଫଳ ହୋଇଥିଲେ ହେଁ ସେମାନଙ୍କୁ ପୋଲିସ ପକ୍ଷରୁ ଚିହ୍ନଟ କରାଯାଇଛି। ଏହି ଘଟଣାରେ ବୌଦ୍ଧ ବ୍ଲକ ଓଲଣ୍ଡା ଗ୍ରାମର ସୁଜିତ ସ୍ୱାଇଁ ଓରଫ ବାବୁ (୩୫) ଓ ଇଛାପୁର ଗ୍ରାମର ବିକାଶ ଭୋଇ(୨୦) ଏବଂ ହରଭଙ୍ଗା ବ୍ଲକ ବନ୍ଧାପଥର ଗ୍ରାମର ସୁରୁ ବାରିକ(୪୫)ଙ୍କ ନାମରେ ମାମଲା ରୁଜୁ ହୋଇଛି । କେଶ ନମ୍ବର ୨୨୫/୨୧ । ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର(ନମ୍ବର ଓଡି୦୨ ଏସି- ୧୩୪୮)କୁ ପୋଲିସ ଜବତ କରିଛି। ସେହିପରି ଗତ ୧୫ ତାରିଖ ଦିନ କନ୍ଧମାଳ ଜିଲାରୁ ବୌଦ୍ଧ ଦେଇ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ବୌଦ୍ଧ ଥାନା ସବ୍‌ଇନ୍ସପେକ୍ଟର ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ପୁରୁଣାକଟକ ବୌଦ୍ଧ ରାସ୍ତାରେ ଯାନବାହାନ ଯାଞ୍ଚ କରିଥିଲେ। ବୌଦ୍ଧ ଥାନା ଅନ୍ତର୍ଗତ ରାଧାନଗର ଗ୍ରାମ ନିକଟରେ ପୁରୁଣାକଟକ ପଟରୁ ବୌଦ୍ଧ ଆଡକୁ ଆସୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରାଯିବା ପରେ ସେଥିରୁ ଦୁଇଟି ଜରି ବସ୍ତାରେ ଥିବା ୫୦ କିଲୋ ଗଞ୍ଜେଇ ଓ ଅନ୍ୟ ଏକ ବସ୍ତାରେ ଥିବା ପାନମସଲା ପ୍ୟାକେଟଗୁଡିକ ପୋଲିସ ଜବତ କରିଥିଲା। ଏହି ଘଟଣାରେ ବ୍ୟବହୃତ କାର (ଓଡ଼ି ୦୨ ଏଟି ୮୯୬୫) ଜବତ ହୋଇଛି। ଏଥିସହିତ ଡ୍ରାଇଭର ସୀତାରାମ ମାଣ୍ଡୋଇ(୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା କେସ ନମ୍ବର ୨୨୬/୨୧। ଏହିଘଟଣାରୁ ଗଞ୍ଜେଇ ବ୍ୟବସାୟୀମାନେ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 32/OMC/CIVIL/2021**

No. CAD-1195:- Tender for the following work are invited on-line through e-procurement portal of Govt. of Odisha.

| Sl. No. | Name of the work | Time period of the work in month | Class of Contractor | Cost of Bid document (Rs.) Online |
|---|---|---|---|---|
| 1. | Posting of 250 units of RCC pillar for CA land of different Mines of OMC at village Peturu of Potangi Tahasil and Mushupal, Chuchukona, Pipalpadar, of Laxmipur Tahasil in the district of Koraput. | 03 Months | D & C | 6000/- + 18% GST |
| 2. | Posting of 229 Units of RCC pillar for CA land of different mines of OMC at village Khamarpadar & Padepadar of Th. Rampur Tahasil in the dist of Kalahandi | 03 Months | D & C | 6000/- + 18% GST |

**1.** Available of Bid document in Govt. portal from dt. 17/09/2021 to 27/09/2021 up to 5.00 PM. **2.** Last date of on-line submission of tender in the portal is dt. 27/09/2021 up to 5.00 PM. **3.** Date of opening of Technical Bid is dt. 28/09/2021 at 11.00 AM. All other details can be seen from DTCN available at Govt. website **www.tendersorissa.gov.in**.
**Odisha Mining Corporation Ltd. reserves the right to reject any or all tenders without assigning any reason thereof.**
OIPR-30005/11/0090/2122 **CGM (Civil)**

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
**Tel. 06766-258301(O), e-mail: se_nerwkjr@rediffmail.com**
**eProcurement Notice for Road Works**
**Identification No. Road Online NCB No.322**
**No. 3839 // Date: 14.09.2021**

No.O-695:- 1. Name of the work : Construction of Road works under DMF. 2. Total No. of work : 08 (Eight) Nos. 3. Estimated Cost : As per Annexure. 4. Class of Contractor : As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No.322 | Dt.21.09.21 at 11.00 A.M. | Dt.05.10.21 upto 5.00 P.M. | Dt.04.10.21 upto 5.00 P.M. | Dt.07.10.21 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in
**Sd/- P.K. Misra, Chief Construction Engineer, R.W. Circle, Keonjhar**
OIPR-25177/11/0008/2122

**VSS INSTITUTE OF MEDICAL SCIENCES & RESEARCH (VIMSAR), BURLA, SAMBALPUR, ODISHA - 768017**
**Walk-in-Interview for Selection of Senior Residents (SRs)/Tutors**
**Advt. No. 712/Director/VIMSAR/Dt.15.09.2021**
No. E-441: Applications are invited from eligible candidates to fill up vacant posts of SRs and Tutors at VIMSAR. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in**
**Sd./- Director**
**VSS Inst. of Med. Sciences & Research, Burla**
OIPR-10026/11/0010/2122

**DISTRICT EDUCATION OFFICE, JAJPUR**
**Order No. 5998** **Date: 14.09.2021**
**Advertisement**
No. n-51:- Applications are invited through Registered / Speed Post from the eligible candidates of Jajpur District in prescribed format for engagement of Supporting Staff in Girls' Hostel of Odisha Adarsha Vidyalaya, Madhapur under Sukinda Block. Applications will be sent to the address of the District Education Office, Jajpur, At/ Po- Jajpur, Dist- Jajpur, Pin-755001. For download of application form & other details please visit to the District Website: **www.jajpur.nic.in**. The last date for receiving of application form is 27.09.2021
**By the order of Collector, Jajpur**
**Sd./- District Education Oficer, Jajpur**
OIPR-27057/11/0001/2122

**MUNICIPAL OFFICE, JEYPORE**
Ph. No. 06854-321098, Fax No. 06854-230104, E-mail: jeyporem.hud@nic.in
**L. No. 4043/JM-TCN08/2021-22** **Dt.15.09.2021**
No. C-973: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app**.

| | |
|---|---|
| Bid documetns including schedule of quantity available for online bidding | **https://tendersorissa.gov.in/nicgep/app**. |
| No of Works | 80 |
| Estimated Cost | As per DTCN |
| Date & Time of Bidding | From 20.09.2021 at 11.00 hours to 27.09.2021 upto 16.00 hours |
| Last date & time for receipt of bids in portal | 27.09.2021 upto 16.00 hours |
| Offline documents received through Speed Post/ Registered Post | 27.09.2021 at 16.00 hours to 30.09.2021 upto 11.00 hours (Working days only) |
| Bids received online shall be opened on | 30.09.2021 at 11.00 hours onwards |
| Offline documents shall be opened in presence of the participate bidders | 30.09.2021 at 11.00 hours onwards |

**Sd./- Executive Officer, Jeypore Municipality**
**OIPR-13079/11/0035/2122**

**GOVERNMENT OF ODISHA**
**INVITATIONS FOR BIDS (IFB)**
**'e' PROCUREMENT NOTICE**
**Bid Identification No. E.E. JSPR (R&B) - 08/2021-22**
**No. B-396**
1. Name of work : E.I. works for the year 2021-22
2. No. of works : Total:- 03 (Three) nos. Works
3. Estimated Cost : **Above Rs. 05.00 lakhs up to Rs.40.00 lakhs (Approx.)**
4. Period of completion : 30 (Thirty) days
5. Class of contractors : **HT/MV/OEM**

**Other details as follows:-**
6. **Date & time of availabilty of bid documents in Portal:- 20.09.2021 at 11.30 A.M.**
7. **Last date/time for receipt of bids in Portal:- 04.10.2021 up to 05.00 PM.**
8. **Opening of Bid documents:- 05.10.2021, at 11.30 A.M.**
9. Procurement Officer with E-mail address : Executive Engineer, Jagatsinghpur (R&B) Division, Jagatsinghpur eerbjspr@gmail.com

Further details can be seen from the Govt. website **tendersorissa.gov.in**
**Sd./- Executive Engineer, Jagatsinghpur (R&B) Division**
OIPR-34093/11/0009/2122

**Government of Odisha**
**Office of the Executive Engineer, Rural Works Division, Dhenkanal**
E-mail: **eerwdkl@yahoo.co.in**
**e-procurement Notice No. 08 / Road Work / 2021-22**
**No.:- O-699:-**
1. Name of the work : Road Work
2. Total No. of Works : 3 (Three) Nos.
3. Estimated Cost : 16.05 lakh to 26.25 lakh (approx.)
4. Class Contractor : "D" & "C" Class
5. Period of Completion : 1 (One) Calendar month. online for bidding : 20.09.2021 at 11.00 A.M to 30.09.2021 up to 5.00 P.M
6. Last Date & Time of seeking tender clarification : 29.09.2021 upto 4.00 PM
7. Date & Time of opening of tender : 01.10.2021 at 11.00AM

Other details can be seen from the website **http://tendersorissa.gov.in.**
**Sd./- Executive Engineer, R.W. Division, Dhenkanal**
OIPR-25101/11/0003/2122

**OFFICE OF THE SUPERINTENDENT SCB MEDICAL COLLEGE & HOSPITAL, CUTTACK**
**E-mail: scbsuperintendent@gmail.com**
**No. 22325** **Dt.16.09.2021**
**SHORT TENDER CALL NOTICE**
No. E-442: Sealed tenders are invited from the interested Manufacturer/Authorized Dealers/Suppliers **for Supply of Portable Reverse Osmosis Plant for Functionalization of Dialysis Machine at ECMO Unit in SCB Medical College Hospital, Cuttack**. The detailed of tender papers along with terms and conditions can be obtained from Central Store Section **(NTSK Sec.)**, Office of the Superintendent, SCB Medical College Hospital, Cuttack during office hours from 11 A.M. to 4 P.M. on all working days on payment of **Rs.1,000.00 (Rupees One Thousand) only** in the Accounts Section and also obtained from website i.e. **"http://www.scbmch.in"** from 17.09.2021. The tender paper should reach the Office of the undersigned through Speed Post/Regd. Post only by **24.09.2021 by 4 P.M.** The authority reserves the right to cancel or reject any or all the tenders without assigning any reason thereof.
**Sd./- Superintendent**
**SCB Medical College Hospital, Cuttack**
**OIPR-10011/11/0023/2122**

**DISTRICT OFFICE, MAYURBHANJ, BARIPADA**
**ST & SC DEV. SECTION**
**E-mail: dwomayurbhanj@rediffmail.com, Phone: 06792-260763**
**No. 4097/DWO** **Date: 15.09.2021**
**NOTICE**
No. V-38: In pursuance to Advertisement No. 6534/DWO dated 30.12.2019, for engagement of Contractual Teaching Staff to be engaged in SSD High Schools, Girl's High Schools and Upgraded High Schools under ST & SC Development Department, Mayurbhanj District, **(i) Select List, (ii) Accept List & (iii) Reject List** (with reasons) are hereby published in the website **www.mayurbhanj.nic.in** in **'Recruitment/ Result'** section and in the Notice Boards of District Welfare Office, Mayurbhanj, Collectorate, Mayurbhanj, Office of all PA, ITDAs, Sub-Collectors' and BDOs in the district.
The candidates of the teaching posts in the Provisional Select List i.e. 100% are hereby directed to attend Original Certificate verification scheduled to be held on 28th & 29th Sept. 2021 (from 10.00 A.M. to 01.00 P.M.) in the District Welfare Office, Mayurbhanj, At: Murgabadi, Baripada along with all Original Certificate/Documents, Original Mark Sheets and a set of self-attested photocopies of all certificate. **Non-OSSTET Candidates** are directed to submitted affidavit for qualifying OSSTET exam within 3 years from the date of appointment.
Also 100% candidates of teaching posts coming successful in the Certificate Verification will be allowed for counselling on the choice of place of posting scheduled to be held on the same day i.e. 28th & 29th September, 2021 (from 01.30 P.M. to 05.00 P.M.) District Welfare Office, Mayurbhanj, At: Murgabadi, Baripada.
Also intimation-cum-Notice for Original Certificate Verification have been despatched through Registered Post in the address of the Provisionally Selected Candidates and if they don't receive the same, then, the Duplicate of the intimation-cum-Notice can be obtained from the Office of the District Welfare Officer, Mayurbhanj before Original Certificate Verification.
Non-attending of the candidates in the Original Certificate Verification on the scheduled date and time, shall be liable for rejection/cancellation of their candiadture without further any notification.
No further extension of time for Original Certificate Verification shall be entertained.
**Sd./- Collector & District Magistrate, Mayurbhanj**
**OIPR-26027/11/0001/2122**

See Career Appointment on every Wednesday & Saturday

ଓଡ଼ିଶା ସରକାର
**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**
**File No. L.A.I.-80/2020-601** **Dated: 24.07.2020**

No. XXIX-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୨୯ ତା୧୩।୧୧।୨୦୧୮ରିଖ ଏବଂ ଅବଧି ପତ୍ର ସଂଖ୍ୟା ୧୧୯୩୫, ତା୧୨।୦୩।୨୦୨୦ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇନାହିଁ।
ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.angul.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।
ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଅନୁଗୋଳ ତହସିଲ: ପାଳଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତିଘିଞ୍ଚା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ଏଥିସହ ସଂଲଗ୍ନ କରଗଲା | ୧୭.୫୨୦ | ଏଥିସହ ସଂଲଗ୍ନ କରଗଲା |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଅନୁଗୋଳ ତହସିଲ: ପାଳଲହଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

ତଫସିଲ – କ
ଭୂମି ଅଧିଗ୍ରହଣ ଅନୁସୂଚୀ
ମୌଜା: ହାତିଘିଞ୍ଚା, ତହସିଲ: ପାଳଲହଡ଼ା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ଜିଲ୍ଲା: ଅନୁଗୋଳ
ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର

| ଜିଲ୍ଲା | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ରକବା | ରୟତଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ଅନୁଗୋଳ | ପାଳଲହଡ଼ା | ହାତିଘିଞ୍ଚା | ୧ | ୨୮୧ | ଶାରଦ ଜଳ ଦୁଇ | ୦.୨୪୦ | ୦.୦୨୦ | ଅନାମ ନାଏକ, ଜନକ ନାଏକ, କମଳ ନାଏକ, ପି. ନିରାକାର ନାଏକ, ଖେରିଡି ନାଏକ, ସ୍ୱା.- ନିରାକାର ନାଏକ, ଜା: ପାଣ, ବା: ଫପଣ୍ଡ |
| | | | ୨ | ୨୫୨/୩୨୫ | ଶାରଦ ଜଳ ତିନି | ୦.୫୪୦ | ୦.୩୨୦ | ଧୀରେନ ଚନ୍ଦ୍ର ପ୍ରଧାନ, ମାଗୁଣୀ ପ୍ରଧାନ, ମହେଶ୍ୱର ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ, ନିଳାମ୍ବର ପ୍ରଧାନ, ପ୍ରଫୁଲ୍ଲ କୁମାରୀ ପ୍ରଧାନ, ପି.- ଅନିରୁଦ୍ଧ ପ୍ରଧାନ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୨ | ଶାରଦ ଜଳ ତିନି | ୦.୭୦୦ | ୦.୭୦୦ | |
| | | | | ୨୫୬ | ଶାରଦ ଜଳ ଏକ | ୦.୩୧୦ | ୦.୧୫୦ | |
| | | | | ୨୬୭ | ଶାରଦ ଜଳ ଏକ | ୧.୪୮୦ | ୧.୩୧୦ | |
| | | | | ୨୫୭ | ଶାରଦ ଜଳ ଏକ | ୧.୪୬୦ | ୧.୦୦୦ | |
| | | | | ୨୬୬ | ଶାରଦ ଜଳ ତିନି | ୦.୩୯୦ | ୦.୨୩୦ | |
| | | | | ୨୫୭/୩୨୪ | ଶାରଦ ଜଳ ତିନି | ୦.୦୮୦ | ୦.୦୮୦ | |
| | | | | ୨୮୨ | ଶାରଦ ଜଳ ଦୁଇ | ୦.୧୩୦ | ୦.୧୩୦ | |
| | | | | ୨୮୪ | ଶାରଦ ଜଳ ଦୁଇ | ୧.୧୫୦ | ୦.୧୨୦ | |
| | | | ୮ | ୨୬୩ | ଶାରଦ ଜଳ ଏକ | ୦.୬୦୦ | ୦.୧୫୦ | ଚୁନ ମାହାନ୍ତ, ମନୁ ମାହାନ୍ତ, ପି.- ମତିଆ ମାହାନ୍ତ, ଜା: ମାହାନ୍ତ, ବା: ବାଲିପଶି |
| | | | ୩୪ | ୨୬୧/୩୫୮ | ଶାରଦ ଜଳ ଏକ | ୦.୩୫୦ | ୦.୩୫୦ | ଭାମା ନାୟକ, ସ୍ୱା.- କୁର୍ତ୍ତି ନାୟକ, ଜା: ଚଷା, ବା: ବାଲିପଶି |
| | | | ୪୦ | ୨୬୧ | ଶାରଦ ଜଳ ଏକ | ୦.୦୬୦ | ୦.୦୬୦ | ଲକ୍ଷ୍ମୀଧର ରାଉତ, ପି.- କାଳିଆ ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୧୨ | ୨୬୮ | ଶାରଦ ଏକ | ୦.୧୩୦ | ୦.୦୧୦ | ନିଧି ମହାନ୍ତ, ପି.- ଜେଠୁ ମହାନ୍ତ, ଜା: ମହାନ୍ତ, ବା: ବାଲିପଶି |
| | | | | ୨୬୦ | ଶାରଦ ଏକ | ୦.୪୯୦ | ୦.୪୯୦ | |
| | | | ୪୫/୩୯ | ୨୫୯/୪୦୧ | ଶାରଦ ଜଳ ଏକ | ୦.୨୪୦ | ୦.୦୫୦ | କୁଳମଣି ରାଉତ, ପି.- ଲକ୍ଷ୍ମୀଧର ରାଉତ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ୪୫/୬୬ | ୨୫୪/୪୨୫ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ବୈକୁଣ୍ଠ ବିହାରୀ ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୭ | ୨୫୪/୪୨୬ | ଶାରଦ ଜଳ ତିନି | ୦.୩୨୦ | ୦.୩୨୦ | ଯୁଧିଷ୍ଠିର ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୮ | ୨୫୪ | ଶାରଦ ଜଳ ତିନି | ୦.୨୩୦ | ୦.୨୩୦ | ଉମାକାନ୍ତ ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୬୯ | ୨୫୪/୪୨୭ | ଶାରଦ ଜଳ ତିନି | ୦.୩୦୦ | ୦.୩୦୦ | ଟନୋଜ କୁମାର ଗଡ଼ନାୟକ, ପି.- ନିତ୍ୟାନନ୍ଦ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | ୪୫/୮୧ | ୨୬୨ | ଶାରଦ ଏକ | ୦.୬୨୦ | ୦.୪୧୦ | ଡମ୍ବରୁଧର ମାହାନ୍ତ, ହରିହର ମାହାନ୍ତ, ପି.- ଚନ୍ଦ୍ରମଣି ମାହାନ୍ତ, ଜା: ମାହାନ୍ତ, ବା: ଦେହୁରୀମୁଣ୍ଡା, ଥାନା: ବାରକୋଟ, ଜି.- ଦେବଗଡ଼ |
| | | | ୪୫/୯୨ | ୨୬୧/୩୫୭ | ଶାରଦ ଜଳ ଏକ | ୦.୧୮୦ | ୦.୧୮୦ | ଶାନ୍ତିଲତା ରାଉତ, ସ୍ୱା.- ପ୍ରହ୍ଲାଦ ଚନ୍ଦ୍ର ରାଉତ, ଜା: କ୍ଷେତ୍ରୀୟ, ବା: ବାଲିପଶି |
| | | | | ୨୬୧/୪୫୯ | ଶାରଦ ଜଳ ଏକ | ୦.୧୨୦ | ୦.୧୨୦ | |
| | | | ୪୫/୯୯ | ୨୫୪/୪୬୨ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | ଉଦୟନାଥ ଗଡ଼ନାୟକ, ପି.- ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ଫପଣ୍ଡ |
| | | | | ୨୫୪/୪୬୩ | ଶାରଦ ଜଳ ତିନି | ୦.୦୪୦ | ୦.୦୪୦ | |
| | | | ୪୫/୧୦୪ | ୨୬୦/୪୬୬ | ଶାରଦ ଏକ | ୦.୦୨୦ | ୦.୦୨୦ | ଡିଲେଶ୍ୱର ମହାନ୍ତ, ପି.- ସଭା ମହାନ୍ତ, ଜା: ମହାନ୍ତ, ବା: ବାଲିପଶି, ପୋ.: ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୫/୧୦୩ | ୨୫୯ | ଶାରଦ ଜଳ ଏକ | ୦.୧୪୦ | ୦.୧୪୦ | ଲମ୍ୱୋଦର ମହାକୁଳ, ପି.- କମର ମହାକୁଳ, ପଦ୍ମା ମହାକୁଳ, ସ୍ୱା.- କମର ମହାକୁଳ, ଜା: ଗଉଡ଼, ବା: ବାଲିପଶି |
| | | | ୪୫/୧୦୫ | ୨୫୪/ ୪୨୭/୪୬୭ | ଶାରଦ ଜଳ ତିନି | ୦.୦୨୦ | ୦.୦୨୦ | ଯୋଗେଶ୍ୱର ଗଡ଼ନାୟକ, ପି.- ବୈକୁଣ୍ଠ ବିହାରୀ ଗଡ଼ନାୟକ, ଜା: ଚଷା, ବା: ସା/ପୋ.- ଫପଣ୍ଡ, ଥାନା: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ |
| | | | ୪୬ | ୨୫୧ | ଆଡ଼ି | ୧.୫୪୦ | ୦.୨୧୦ | ଦୁଃଖବନ୍ଧୁ ପାଳ, ପି.- ଦୟାନିଧି ପାଳ, ଜା: କ୍ଷତ୍ରୀୟ, ବା: ବାଲିପଶି |
| | | | ମୋଟ | | | ୧୨.୨୪୦ | ୭.୫୨୦ | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ମୌଜା: ହାତିଘିଞ୍ଚା, ଥାନା: ପାଳଲହଡ଼ା, ଥାନା ନଂ. ୫୦, ତହସିଲ: ପାଳଲହଡ଼ା, ଜିଲ୍ଲା: ଅନୁଗୋଳ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

OIPR-24012/14/0011/2122
ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଅନୁଗୋଳ

**ଫେରାର ହତ୍ୟା ଅଭିଯୁକ୍ତ ଗିରଫ**

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଥାନା କୁମୁନାବାହାଲି ଗ୍ରାମରେ ଗତ ୧୨ତାରିଖରେ ସଂଘଟିତ କନ୍ଦର୍ପ ବେହେରା ହତ୍ୟାକାଣ୍ଡରେ ଗୁରୁବାର ପୋଲିସ ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଅନ୍ତର ଭୁଏ । ଏହି ଘଟଣାରେ ପୋଲିସ ବୁଧବାର ୨ଅଭିଯୁକ୍ତ ଧନପତି ନାଗ ଏବଂ ସମ୍ପଦ ନାଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟ ଫେରାର ଅଭିଯୁକ୍ତ ନୟନଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଥିବା ଥାନାଧିକାରୀ ରାଜେନ୍ଦ୍ର ସିଆଲ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜର୍ଜଗଡ଼ରେ ଚିତାବାଘ ଆତଙ୍କ

**ପାଇକମାଲ,୧୬।୯(ଡି.ଏନ.ଏ):** ପାଇକମାଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡର ନୃସିଂହନାଥ ନିକଟସ୍ଥ ଜର୍ଜଗଡ ଗ୍ରାମରେ ଗତ କିଛିଦିନ ହେଲା ଚିତାବାଘ ଆତଙ୍କ ସୃଷ୍ଟି ହୋଇଛି। ଏଥିଯୋଗୁ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ସନ୍ଧ୍ୟା ହେଲେ ଗ୍ରାମରେ ତାଟିକବାଟ ପଡୁଛି। ଉକ୍ତ ବାଘ ଗ୍ରାମର ଅନେକ ଲୋକଙ୍କ କୁକୁଡା, ହଂସ ଓ କୁକୁର ମାରି ଖାଇ ଦେଇଥିବା ବେଳେ ନାରାୟଣ ଯୋଶୀଙ୍କ ଘୁଆଳରୁ ଗୋଟିଏ ବାଛୁରିକୁ ନେଇ ଖାଇଦେଇଛି। ପୂର୍ଣ୍ଣଚନ୍ଦ୍ର ଧଳଙ୍କ ଏକ ଗାଈକୁ ଆକ୍ରମଣ କରି ଆହତ କରିଦେଇଛି। ଗାଁ ଭିତରେ ବିଭିନ୍ନ ସ୍ଥାନରେ ଚିତାବାଘର ପାଦ ଚିହ୍ନ ପଡିଥିବା ଦେଖିବାକୁ ମିଳିଛି। ଗାଁର ଯୁବକମାନେ ରାତିରେ ମିଳିତ ହୋଇ ଠେଙ୍ଗାବାଡି ଓ ଲାଇଟ୍ ଧରି ଗାଁ ଚାରିପାଖ ଜଗି ରହୁଛନ୍ତି। ଏ ନେଇ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ କେହି ଜର୍ଜଗଡ ଗାଁକୁ ଯାଇ ନାହାନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

### ବରିଷ୍ଠ ନାଗରିକ ସଂଘ ବୈଠକ

**ପାଇକମାଲ,୧୬।୯(ଡି.ଏନ.ଏ):** ପାଇକମାଲ ବ୍ଲକ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଗୁରୁବାର ଧର୍ମଶାଳାରେ ସଂଘ ସଭାପତି ନନ୍ଦଲାଲ ପ୍ରସାଦ ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଇକମାଲ ଅଞ୍ଚଳର ବିଦ୍ୟୁତ୍ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଲୋକଙ୍କୁ ପିଇବାକୁ ପାଇପ ପାଣି ମିଳୁନାହିଁ। ଏ ନେଇ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗତ ତିନିଦିନ ଧରି ଲଘୁଚାପ ଜନିତ ପ୍ରବଳ ବର୍ଷାରେ ପାଇକମାଲ ଅଞ୍ଚଳରେ ଅନେକ ଲୋକର ଘର ଭାଙ୍ଗି ଯାଇଥିବାରୁ ପ୍ରଶାସନ ତୁରନ୍ତ ଘର ଭଙ୍ଗା ସାହାଯ୍ୟ ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା।

### କଫ ସିରପ ଚାଲାଣ ହେଉଥିବା ଚାରିଚକିଆ ଗାଡ଼ିରେ ବାଇକ୍ ନମ୍ବର

**ତରଭା,୧୬।୯(ଡି.ଏନ.ଏ):** କଫ ସିରପ ଚୋରା ଚାଲାଣ ଅଭିଯୋଗରେ ତରଭା ପୋଲିସ ଅସ୍‌ଲାମ୍ ଖାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଚୋରା ଚାଲାଣରେ ବ୍ୟବହୃତ କାରରୁ କଫ ସିରପ ଜବତ ହୋଇଛି। ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳରେ କଫ ସିରପ୍ ଚାଲାଣ ହେଉଥବା ଖବର ପାଇ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ନୂଆଁପଡା ଛକଠାରେ ଏକ ନାଲି ରଙ୍ଗର କାରକୁ ଅଟକାଇ ତନଖି କରିଥିଲା। ତନଖି ବେଳେ ଉକ୍ତ ଗାଡି ଭିତରୁ ୪ଟି କଫ ସିରପ ଓ ୩ ଟି ଖାଲି କଫ ସିରପ ବୋତଲ ଦେଖିବାକୁ ମିଳିଥିଲା । ପୋଲିସ ଏହି ଗାଡି ଥାନାକୁ ଆଣି ତଦନ୍ତ କରିଥିଲା । ତେବେ ଗାଡିରେ ଲାଗିଥିବା ନମ୍ବର ପ୍ଲେଟ ( ଓଡି ୦୨ ବିଏସ ୭୨୨୮ ) ଯାଞ୍ଚ କରିବାରୁ ଏହା ଜାଲ୍ ବୋଲି ଜଣାପଡିଥିଲା। ଉକ୍ତ ନମ୍ବର ଜଗତସିଂହପୁର ଜିଲା ମଣିଜଙ୍ଗା ଗ୍ରାମର ବୈକୁଣ୍ଠ ମଲ୍ଲିକଙ୍କ ପ୍ୟାସନ ପ୍ରୋ ମୋଟର ସାଇକେଲ ନମ୍ବର ବୋଲି ଜଣାପଡିଥିଲା । ପରେ ସେହି ଗାଡିର ଅସଲି କାଗଜପତ୍ର ଯାଞ୍ଚ ବେଳେ ଏହା ରାଉରକେଲା ଛେଣ୍ଡ କଲୋନୀର ଜଣେ ବ୍ୟକ୍ତିଙ୍କ ଗାଡି (ନଂ.ଏଚ୍‌ଆର ୨୬ ବିଜି/୪୭୦୨) ବୋଲି ଜଣାପଡିଥିଲା । ଏହାକୁ ଗତ ଫେବୃୟାରୀ ୧୮ରେ ଅଭିଯୁକ୍ତ ଅସ୍‌ଲାମ କିଣିଥିବା ଜଣାପଡିଛି। ଏ ନେଇ ତରଭା ଥାନାରେ ଏକ ମାମଲା (ନଂ. ୧୯୩/୨୧) ରୁଜୁ ହୋଇଛି। ଅନ୍ୟ ଜଣେ ଫେରାର ଅଛନ୍ତି।

### ଦୁର୍ଘଟଣାରେ ୧୩ ତୀର୍ଥଯାତ୍ରୀ ଆହତ

**ବରଗଡ଼ ଅଫିସ୍,୧୬।୯:** ବରଗଡ଼ ସହର ଉପକଣ୍ଠ ଘୁଲିପାଲି ଛକ ଫୋରଲେନ୍ ରାଜପଥରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୩ଜଣ ତୀର୍ଥଯାତ୍ରୀ ଆହତ ହୋଇଥିଲେ। ସମସ୍ତ ତୀର୍ଥଯାତ୍ରୀ ଛତିଶଗଡ଼ ରାଜ୍ୟର ଏବଂ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୪ଜଣ ଶିଶୁ ରହିଛନ୍ତି। ତୀର୍ଥଯାତ୍ରୀମାନେ ଏକ ବୋଲେରୋରେ ପୁରୀ ତୀର୍ଥଯାତ୍ରାରେ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଘୁଲିପାଲି ଛକ ନିକଟରେ ଗାଡ଼ି ସମ୍ମୁଖକୁ ଏକ ଗାଈ ଆସିଯାଇଥିଲା। ତାକୁ ରକ୍ଷା କରିବାକୁ ଯାଇ ବୋଲେରୋଟି ଡିଭାଇଡର ଉପରକୁ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ କିଛି ସ୍ୱେଚ୍ଛାସେବୀ ଘଟଣାସ୍ଥଳକୁ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ଆହତଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେହିପରି ଜଣେ ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ଚିଖିଲିକୁ ପଶିଲା ହୀରାକୁଦ ପଛୁଆ ପାଣି

- **୬ଶହ ହେକ୍ଟର ଚାଷଜମି ଜଳମଗ୍ନ**
- **ଉଦ୍ଧାର କାର୍ଯ୍ୟ ଜାରି, ରନ୍ଧାଖାଦ୍ୟ ବଣ୍ଟନ**
- **ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ ଭାସିଗଲା**

**ବରଗଡ଼ ଅଫିସ୍/ଅମ୍ବାଭୋନା, ୧୬।୯**

ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁ ମହାନଦୀ ସାଙ୍ଗକୁ ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଗୁରୁବାର ସୀମାନ୍ତ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଚିଖିଲି ଗ୍ରାମକୁ ଜଳଭଣ୍ଡାରର ପଛୁଆ ପାଣି ପଶିଛି। ଫଳରେ ଉକ୍ତ ଗ୍ରାମ ପାଣି ଘେରରେ ରହିଛି। ସେହିପରି ଚିଖିଲି ସମେତ ପାର୍ଶ୍ୱବର୍ତ୍ତୀ ଅନ୍ତରାଡ଼ି, ବେନିଆଁପାଲି, ଘୁଘୁରାପାଲି, ଗଣ୍ଡିଆପାଲି ଗ୍ରାମର ୬୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇପଡ଼ିଛି । ଖବର ପାଇ ଅତିରିକ୍ତ ଜିଲାପାଳ ନବୀନ ପଟେଲ, ବିଡ଼ିଓ ଆଲଫ୍ରାନ୍ସ ବିଲୁଙ୍ଗ, ତହସିଲଦାର ସୀତାରାମ ପଟେଲ ପ୍ରମୁଖ ଚିଖିଲିକୁ ପହଞ୍ଚି ସ୍ଥିତି ନିରୀକ୍ଷଣ କରୁଛନ୍ତି। ଅଗ୍ନିଶମ, ପୋଲିସ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ପ୍ରଭାବିତ ଅଞ୍ଚଳ ଉପରେ ସତର୍କ ଦୃଷ୍ଟି ରଖିବା ସହ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଖବର ଲେଖାହେବା ସୁଦ୍ଧା (ଅପରାହ୍ନ ସାଢ଼େ ୪ଟା) ଚିଖିଲି ଗ୍ରାମର ୯୦ଜଣଙ୍କୁ ଗଣ୍ଡିଆପାଲି ସ୍କୁଲରେ ହୋଇଥିବା ଅସ୍ଥାୟୀ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି ।

ପ୍ରକାଶ ଯେ, ଗତ ୨ଦିନ ଧରି ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇଛି। ଫଳରେ ଛତିଶଗଡ଼ର ଗଙ୍ଗରେଲ ଡ୍ୟାମ୍, ସାରାଡ଼ିହି ଏବଂ କଲମା ବ୍ୟାରେଜରୁ ମାତ୍ରାଧିକ ବର୍ଷାଜଳ ନିଷ୍କାସନ ହେଉଛି। ଏଣୁ ମହାନଦୀ ଫୁଲି ଉଠିବା ସହିତ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଗୁରୁବାର ଭୋର୍‌ରୁ ଚିଖିଲି ଗ୍ରାମକୁ ଜଳଭଣ୍ଡାର ପାଣି ମାଡ଼ି ଆସିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଧାନ ସମେତ ବାଇଗଣ, କଲରା ଆଦି ପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଜଳଭଣ୍ଡାରକୁ ଡଙ୍ଗା, ଜାଲ ଆଦି ଭାସି ଯାଇଥିବା ମତ୍ସ୍ୟଜୀବୀମାନେ କହିଛନ୍ତି।


ହୀରାକୁଦ ଜଳଭଣ୍ଡାର ପଛୁଆପାଣି ଘେରରେ ଚିଖିଲି ଗ୍ରାମ।

### ବର୍ଷା ବିପ୍ୱାତ: କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କଲେ ତହସିଲଦାର

**ଡୁଙ୍ଗୁରିପାଲି,୧୬।୯(ଡି.ଏନ.ଏ.)**

ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳର ଅବସ୍ଥା ବେହାଲ୍ ହୋଇପଡିଛି। ବିଶେଷ କରି ନଦୀକୂଳରେ ରହିଥିବା ପଡା ଗାଁ ତଳି ଅଞ୍ଚଳଗୁଡିକ ଅଧିକ ପ୍ରଭାବିତ ହୋଇଛି । ଅନେକ ଘର ଭିତରେ ବର୍ଷା ଜଳ ପ୍ରବେଶ କରି ବହୁ ଜିନିଷପତ୍ର ନଷ୍ଟ ହୋଇଛି। ଚାଷ ଜମି ଜଳମଗ୍ନ ହୋଇପଡିଛି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଦିଗସିରା, କର୍ଲାଜୁରି, ହଳଦି, ଡାହୁକବୁଡ ଆଦି ତଳି ଅଞ୍ଚଳ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ବୁଝିଥିଲେ। କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପ୍ରକାଶ କରିଥିଲେ । ଲଗାଣ ବର୍ଷା ପରେ ଅଙ୍ଗ ନଦୀରେ ବନ୍ୟା ଜଳ ଦୁଇ କୂଳ ଖାଇ ଦିଗସିରା ଗାଁର କିଛି ତଳ ଅଂଶକୁ ପ୍ରବେଶ କରିଥିଲା । ଯଦି ବନ୍ୟା ହୁଏ ଦିଗସିରା ବନ୍ୟା ଆଶ୍ରୟସ୍ଥଳୀକୁ ଯିବା ସହ ପ୍ରଶାସନ ସହ ଯୋଗାଯୋଗ କରିବାକୁ କହିଥିଲେ। ଏହି ଅବସରରେ ବର୍ଷା ପ୍ରଭାବିତ ଗାଁର ଲୋକଙ୍କ ସମସ୍ୟା ଉପରେ ନଜର ରଖି ସାହାଯ୍ୟ କରିବା ପାଇଁ ତହସିଲଦାର ମିର୍ଦ୍ଧା ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

### ଧୋଇଗଲା କେଲଗାଁ-ଗୋଧନେଶ୍ୱର ରାସ୍ତା


ଗୋଧନେଶ୍ୱର ରାସ୍ତା ଲଗାଣ ବର୍ଷାରେ ଧୋଇ ହୋଇଯାଇଛି।

**ଅମରପାଲି,୧୬।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଗା ପଞ୍ଚାୟତର କେଲଗାଁ-ଗୋଧନେଶ୍ୱର ରାସ୍ତା ଲଗାଣ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉକ୍ତ ରାସ୍ତାଦେଇ ବୀରମହାରାଜପୁର, ରେଢାଖୋଲ, ବୌଦ୍ଧ ଅଞ୍ଚଳର ଲୋକେ ଗୋଧନେଶ୍ୱର ଶିବ ମନ୍ଦିରକୁ ଯାଇଥାନ୍ତି। ରବିବାରଠାରୁ ହୋଇଥିବା ଲଗାଣ ବର୍ଷା ପ୍ରଭାବରେ ଉକ୍ତ ରାସ୍ତାର ଅଧା ଅଂଶ ଧୋଇ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗାର୍ଡୱାଲ ମଧ ଭାଙ୍ଗିଯାଇଛି। ରାସ୍ତା ଧୋଇ ଯିବାରୁ ଏବେ ମନ୍ଦିରକୁ ଶ୍ରଦ୍ଧାଳୁ ଯିବାରେ ହଇରାଣ ହେଉଛନ୍ତି।ତେଣୁ ଯଥାଶିଘ୍ର ଉକ୍ତ ରାସ୍ତାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### ହିକୁଡ଼ି-ଧର୍ମଶାଳାର କୁଲଥିଯୋର ପୋଲ ଉପରେ ପାଣି

**ସୋନପୁର,୧୬।୯(ନି.ପ୍ର.)**

ଲଘୁଚାପଜନିତ ଲଗାଣ ବର୍ଷା ସାଙ୍ଗକୁ ହୀରାକୁଦ ଜଳଭଣ୍ଡାର ଉପର ମୁଣ୍ଡରେ ବର୍ଷା କାରଣରୁ ମହାନଦୀ ଫୁଲି ଉଠିଛି। ହୀରାକୁଦ ଜଳଭଣ୍ଡାରରୁ ୨୮ଟି ଗେଟ୍ ଦେଇ ଏବେ ବି ବନ୍ୟାଜଳ ନିଷ୍କାସନ ହେଉଛି। ଦୁଇଦିନ ଧରି ବର୍ଷା ନ ଥିଲେ ମଧ୍ୟ ସୁବର୍ଣ୍ଣପୁର ଜିଲାର ମହାନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜିଲାର ବିନିକା, ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକର ବିଭିନ୍ନ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ନଦୀ ଆଡି ବନ୍ଧଗୁଡିକ ବିଭିନ୍ନ ସ୍ଥାନରେ ମୁକୁଳା ପଡିଛି।

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲାର ୧୨୪୦ ହେକ୍ଟର ଚାଷ ଜମି ଜଳମଗ୍ନ ରହିଥିବା କୃଷି ବିଭାଗର ପ୍ରାଥମିକ ଆକଳନରୁ ଜଣାପଡିଛି। ସ୍ୱଳ୍ପ ବୃଷ୍ଟି ଯୋଗୁଁ ଜିଲାର ୭ହଜାର ହେକ୍ଟର ଚାଷ ଜମି ପଡିଆ ପଡିଥିଲା। ଜମି ଫାଟି ଆଁ କରିଥିଲା। ଅନେକ ସ୍ଥାନରେ ଚାଷ କାର୍ଯ୍ୟ ଅଧାରେ ରହିଥିଲା। ଏଭଳି ସ୍ଥିତିରେ ଲଗାଣ ବର୍ଷା ଯୋଗୁଁ ତଳିଆ ଅଞ୍ଚଳ ଓ ନଦୀପାର୍ଶ୍ୱ ଚାଷ ଜମି ଜଳମଗ୍ନ ହେବା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ସେହିପରି ଉଲୁଣ୍ଡା ବ୍ଲକର କଳାପଥର ପଞ୍ଚାୟତରେ ନାଳରେ ବନ୍ୟା ଜଳ ଆସି ଶତାଧିକ ଏକର ଚାଷ ଜମିରେ ବାଲିଚର ମାଡିଯାଇଛି। ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ପଞ୍ଚାୟତର ମୁଣ୍ଡୋଘାଟ, ବିଜେପୁର ଓ ହିକୁଡି ଗାଁର ଚାଷ ଜମି ଜଳ ଘେରରେ ରହିଛି। ନଦୀକୂଳିଆ ଆପଟ ନୂଆଗଡ, ନୂଆପାଲି, ବୁରୋଘାଟ, ଖମ୍ବେଶ୍ୱରୀପାଲି, ଦେଉଳି, ଫୁଲଚରା, ନୂଆଗଡ ଓ ତେଲଗାଁର ଅଧିବାସୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହିକୁଡି-ଧର୍ମଶାଳା ରାସ୍ତାର କୁଲଥି ଯୋର ଉପରେ ବୁଧବାର ବିଳମ୍ବିତ ରାତିରୁ ୩ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ତେଣୁ ବୀରମହାରାଜପୁର-ସୋନପୁର ରାସ୍ତାରେ ଯାତାୟତ ବନ୍ଦ ରହିଛି। ସେହିପରି ସୋନପୁର-ସମ୍ବଲପୁର ରାସ୍ତାର ମାଳତୀଯୋର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ରାସ୍ତାରେ ମଧ ଯାତାୟତ ବନ୍ଦ ଅଛି। ଅନ୍ୟପକ୍ଷେ ମହାନଦୀର ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ସୁବର୍ଣ୍ଣପୁର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ ପ୍ରାଚୀର ୩ଟି ସ୍ଥାନରେ ଭାଙ୍ଗି ଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ଖଇରମାଳ ନିକଟରେ ୬ଲକ୍ଷ ଘନଫୁଟ ଉପରେ ଜଳ ପ୍ରବାହିତ ହେଉଛି। ହୀରାକୁଦ୍‌ରୁ ଛଡା ଯାଇଥିବା ବନ୍ୟା ଜଳ ୧୧୫କିଲୋମିଟର ଦୂର ଖଇରମାଳ ପହଞ୍ଚିବା ପାଇଁ ୧୨ରୁ ୧୮ଘଣ୍ଟା ସମୟ ଲାଗିଥାଏ ।


ମହାନଦୀ ଉଚ୍ଛୁଳିବା ଯୋଗୁଁ ମୁଣ୍ଡୋଘାଟ ନିକଟସ୍ଥ କୁଲଥି ଯୋର ପୋଲ ଉପରେ ୩ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି।

**ଶତାଧିକ ଏକର ଚାଷଜମି ଜଳମଗ୍ନ**

### ମଦ ଜବତ, ୩ ଗିରଫ

**ତରଭା, ୧୬।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ବୁଧବାର ତିନି ପୃଥକ ସ୍ଥାନରେ ଚଢାଉ କରି ୩୫ଲିଟର ମଦ ଜବତ କରିଛି। ମଦ ଚାଲାଣ କରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପୋଲିସ ଝାରତରଭା ରାସ୍ତାରେ ଜଣେ ଯୁବକଙ୍କଠାରୁ ୧୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ସମ୍ପୃକ୍ତ ଯୁବକ ହେଲେ ବଡଭଇଁରୋ ପଞ୍ଚାୟତ ଗୁଞ୍ଜିମୁଣ୍ଡା ଗ୍ରାମର ମିଥୁନ ଦଳବେହେରା। ପୋଲିସ ଏ ନେଇ ଏକ ମାମଲା(ନଂ.୧୯୫/୨୧)ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି କମସରା ଫାଣ୍ଡି ପୋଲିସ ଜଡାପାଲ ଗ୍ରାମର ନବଘନ ରଣା(୫୫)ଙ୍କ ଘରେ ଚଢାଉ କରି ୧୦ ଲିଟର ମଦ ଜବତ କରିଛି। ଉକ୍ତ ପୋଲିସ ଦଳ ବନକେଡା ବ୍ରିଜ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ବଘିଆବାହାଲି ଗ୍ରାମର ବ୍ରଜ ଷାଣ୍ଢ(୨୫) ଏକ ବାଇକ( ନଂ.ଓଡି ୩୧ ଡି ୬୧୨୪)ରେ ମଦ ଆଣୁଥିବା ଦେଖି ତାଙ୍କୁ ଧରିଥିଲେ। ତାଙ୍କଠାରୁ ଜରିବସ୍ତାରେ ଭର୍ତ୍ତି ୬୦ପାଉଚ (୧୫ ଲିଟର) ମଦ ଜବତ କରାଯାଇଥିଲା।

### କମ୍ପରା ଉପସ୍ୱାସ୍ଥ୍ୟକେନ୍ଦ୍ର ଜନ ଆରୋଗ୍ୟ ସମିତି ବୈଠକ

**ବାଉଁଶୁଣୀ, ୧୬।୯(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ କମ୍ପରା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଷ୍ଠୀସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆୟୁଷ୍ମାନ ଭାରତ ଅଧୀନରେ ଜନ ଆରୋଗ୍ୟ ସମିତି ବୈଠକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ତେଜସ୍ୱୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତେଲିବନ୍ଧ ସରପଞ୍ଚ ନଳିନୀ ପଲିଆ, ଜହ୍ନାପଙ୍କ ପିଏଚସିର ଡା ସୁଶୋଭନ ଜେନା, ପ୍ରଫୁଲ୍ଲ କୁମାର ସାହୁ, ବୌଦ୍ଧ ବ୍ଲକ ମ୍ୟାଲେରିଆ ଅଧିକାରୀ ମନୋଜ ସାହୁ, ସ୍ୱାସ୍ଥ୍ୟକର୍ମୀ ସୁଜାତା ଭଞ୍ଜ, ତେଲିବନ୍ଧ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶମ୍ଭୁ ଗିରି, ଶିକ୍ଷକ ଲମ୍ବୋଦର ବେହେରା ଯୋଗଦେଇ ଆରୋଗ୍ୟ ସମିତି ମାଧମରେ ବିଭିନ୍ନ ରୋଗର ଚିକିତ୍ସା ଓ ମାଗଣା ଔଷଧ ଯୋଗାଣ ପାଇଁ ରହିଥିବା ସରକାରୀ ସୁବିଧା ସମ୍ପର୍କରେ ଉପସ୍ଥିତ ସଭ୍ୟାସଭ୍ୟଙ୍କୁ ଅବଗତ କରାଇଥିଲେ। ତୁରନ୍ତ କମ୍ପରା ଅଙ୍ଗନବାଡି କେନ୍ଦ୍ରରେ ଏହି ସେବା ଯୋଗାଇ ଦେବାକୁ ପ୍ରସ୍ତାବ ଆଗତ ହୋଇଥିଲା। ପରବର୍ତ୍ତୀ ସମୟରେ ତେଲିବନ୍ଧଠାରେ ସ୍ଥାୟୀ ଭାବରେ ଉକ୍ତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲିବା ପାଇଁ ସ୍ଥିରୀକୃତ ହୋଇଥିଲା। ଏଥିପାଇଁ ଏକ ସମିତି ଗଠନ କରାଯାଇଛି। ସମିତି ସଭାପତି ଭାବେ ସରପଞ୍ଚ ନଳିନୀ ପଲିଆ, ଉପସଭାପତି ଡା ସୁଶୋଭନ ଜେନା, ସମ୍ପାଦକ ତେଜସୀ ପଟ୍ଟନାୟକ, ସହସମ୍ପାଦକ ସୁଜାତା ଭଞ୍ଜ ଓ ପ୍ରଶାନ୍ତ ପାଣିଗ୍ରାହୀ, ଶିକ୍ଷକ ଶମ୍ଭୁ ଗିରି ଅଛନ୍ତି । ଶେଷରେ ସ୍ୱାସ୍ଥ୍ୟ କର୍ମୀ ସୁଜାତା ଭଞ୍ଜ ଧନ୍ୟବାଦ ଦେଇଥିଲେ।

### ଫୁଟ୍‌ବଲ: ଲେଣ୍ଡା ଚାମ୍ପିୟନ

**ବରଗଡ଼ ଅଫିସ୍/ବରପାଲି,୧୬।୯**


ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ବରପାଲି ବ୍ଲକ କନବାର ପଞ୍ଚାୟତ ସାହୁଟିକ୍ରାରେ ଗୁରୁବାର ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଖୁଣ୍ଟପାଲି, ଗ୍ରୀଣ୍ଡୋଲା, ଲେଣ୍ଡା, ମାଲିପାଲି, ପୁଟୁରୁପାଲି, ଜାଲପାଲି, ରେମତା ଏବଂ ଲାଉନସରା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ଲେଣ୍ଡା ଏବଂ ଜାଲପାଲି ଦଳ ଉନ୍ନୀତ ହୋଇଥିଲେ। ଏଥିରେ ଲେଣ୍ଡା ୧-୦ ଗୋଲରେ ଚାମ୍ପିୟନ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଫୁଟବଲ ଦଳକୁ ଟ୍ରଫି ସହିତ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ସାହୁ, ଅଧିକାରୀ ବାରିକ, ମୁକେଶ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିତୁ ସାହୁ, ସୁମନ ସାହୁ, ନିରୋଜ ସାହୁ, କନର ବିଶ୍ୱାଳ, ଦିନେଶ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ। ଅନୁରୋଧ ପ୍ରଧାନ, ଦୀପେଶ ପ୍ରଧାନ, ରମ ବିଶି ଖେଳ ପରିଚାଳନା କରିଥିଲେ।

### ଚୋରି ଉଦ୍ୟମ ବେଳେ ଗ୍ରାମବାସୀ ଦୁଇ ଯୁବକଙ୍କୁ କାବୁକଲେ

**ବାଉଁଶୁଣୀ,୧୬।୯(ଡି.ଏନ.ଏ.)**

ଚୋରି କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମବାସୀଙ୍କ ହାତରେ ଦୁଇ ଜଣ ଚୋର ଧରା ପଡିଛନ୍ତି । ସେମାନଙ୍କୁ କଣ୍ଟାମାଳ ପୋଲିସ ଜିମା ଦିଆଯାଇଛି । ମଙ୍ଗଳବାର ରାତିରେ କଣ୍ଟାମାଳ ଥାନା ଲମ୍ବସରୀ ଗ୍ରାମରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଦୁଇ ଜଣ ଯୁବକ ଏକ ବାଇକ୍ ଯୋଗେ ଲମ୍ବସରୀ ଗ୍ରାମକୁ ଆସିଥିଲେ । ଗ୍ରାମର ସମସ୍ତେ ଖାଇପିଇ ଶୋଇଥିବା ସମୟରେ ସେମାନେ ମହରଗୁ ଦେହୁରୀଙ୍କ ଘର ବାହାରେ ଜଳୁଥିବା ବିଦ୍ୟୁତ୍ ବଲବ ଲିଭାଇ ଚୋରି ଉଦ୍ୟମ କରିଥିଲେ । ଏହି ସମୟରେ ଘର ଲୋକ ଉଠିଯାଇ ଚୋର ଚୋର ବୋଲି ପାଟି କରିଥିଲେ । ପାଟି ଶୁଣି ଗ୍ରାମବାସୀ ଆସି ଉଭୟ ଯୁବକଙ୍କୁ ମାଡ ମାରିବା ସହ କାବୁ କରିଥିଲେ। ଖବର ପାଇ ପୋଲିସ ରାତି ପ୍ରାୟ ୨ଟାରେ ଲମ୍ବସରୀ ଗ୍ରାମରେ ପହଞ୍ଚି ଦୁହିଁଙ୍କୁ କଣ୍ଟାମାଳ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି । ଏହି ଯୁବକଦ୍ୱୟଙ୍କ ଘର କଣ୍ଟାମାଳ ଥାନା ଘଣ୍ଟାପଡା ଫାଣ୍ଡି ଅନ୍ତର୍ଗତ କୋଡିବାହାଲ ଗ୍ରାମରେ ବୋଲି ଜଣାଯାଇଛି।

### ମହାନଦୀରୁ ମୃତ ଶିଶୁ ଉଦ୍ଧାର

**ବିନିକା,୧୬।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ମହାନଦୀ ବ୍ରିଜ ତଳୁ ଗୁରୁବାର ସନ୍ଧ୍ୟାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଏକ ମୃତ ଶିଶୁ ଉଦ୍ଧାର କରିଛନ୍ତି । ଶିଶୁ ୨ରୁ ୩ ଦିନର ହୋଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଗତ ୬ ମାସ ତଳେ ମହାନଦୀରୁ ଏକ ମୃତ ଶିଶୁ ଉଦ୍ଧାର ହୋଇଥିଲା।

### ଉନ୍ନୟନ କାର୍ଯ୍ୟ ସମୀକ୍ଷା


ଓବ୍ଲ୍ୟୁଓଡିସି ସିଇଓ ଉନ୍ନୟନ କାର୍ଯ୍ୟଗୁଡ଼ିକର ସମୀକ୍ଷା କରୁଛନ୍ତି ।

**ବରଗଡ଼ ଅଫିସ୍,୧୬।୯**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ(ସିଇଓ) ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ଅଧିକାରୀ ପ୍ରେମଚନ୍ଦ୍ର ଚୌଧୁରୀ ଗୁରୁବାର ବରଗଡ଼ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ହୋଇଥିବା ପ୍ରକଳ୍ପ ଉପରେ ସେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ସେହିପରି ଗୋବିନ୍ଦପୁର, କନଗାଁ ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଚୌଧୁରୀ ଯାଇଥିଲେ। ପରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଜିଲାର ମତ୍ସ୍ୟ, କୃଷି, ଉଦ୍ୟାନ, ପଶୁ ସମ୍ପଦ ବିଭାଗର ସମୀକ୍ଷା କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### କଂଗ୍ରେସର ମାରାଥନ ଶୋଭାଯାତ୍ରା


ଉଦେପୁର ଗ୍ରାମରେ କଂଗ୍ରେସର ଶୋଭାଯାତ୍ରା।

**ଅତାବିରା,୧୬।୯(ଡି.ଏନ.ଏ)**

ଆଗକୁ ପଞ୍ଚାୟତ ଭୋଟ୍ ଆସୁଛି। ଏହାକୁ ଦୃଷ୍ଟିରେ ସବୁ ରାଜନୈତିକ ଦଳ ପଡିଆରା ଜାହିର୍ ପାଇଁ ଲାଗି ପଡ଼ିଛନ୍ତି। ଗୁରୁବାର କଂଗ୍ରେସ ପକ୍ଷରୁ ଅତାବିରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ଶୋଭାଯାତ୍ରା କରାଯାଇଥିଲା। ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଭେଡ଼େନ ବ୍ଲକ ଉଦେପୁର ଗ୍ରାମକୁ ଶୋଭାଯାତ୍ରାରେ ଯାଇ ଲୋକଙ୍କୁ ଭେଟିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ଦୀର୍ଘଦିନର ସମସ୍ୟା ମହାନନ୍ଦଙ୍କୁ ଜଣାଇଥିଲେ। ଦଳୀୟ ନେତା ଟୁକୁ ପାଢ଼ୀ, ପ୍ରଦୀପ ସେଣ, ପ୍ରଶାନ୍ତ ସେଣ, ସୁନୀଲ ଦନ୍ତା ପ୍ରମୁଖ ଉପସ୍ଥିତ ଥିଲେ।